ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar



ମୋଟାପଣ ନେଇ ମୋଦୀଙ୍କ ଚିନ୍ତା | ୬



ପୁଣି ତାହିରାଙ୍କୁ କ୍ୟାନ୍‌ସର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮ Vol. 22 No-8 8 APRIL 2025 TUESDAY BHUBANESWAR ମଙ୍ଗଳବାର, ୮ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ୨୨ରେ ମିଳିବ 'ସୁଭଦ୍ରା' ଟଙ୍କା

ଭୁବନେଶ୍ୱର, ୭।୪ (ଭାସ୍କର ନ୍ୟୁଜ): ଚଳିତ ୨୨ ଓ ୨୩ ତାରିଖରେ ଯୋଗ୍ୟ ହିତାଧିକାରୀଙ୍କୁ 'ସୁଭଦ୍ରା ଯୋଜନାର ଟଙ୍କା ଦିଆଯିବ। ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନାରେ ୧ କୋଟି ୬୫ ହଜାର ୮୭୭ ମହିଳା ପ୍ରଥମ କିସ୍ତି ପାଇଛନ୍ତି। ସେହିଭଳି ଦ୍ୱିତୀୟ କିସ୍ତି ପାଇଛନ୍ତି ୯୮ ଲକ୍ଷ ୮୨ ହଜାର ୯୨ ଜଣ ମହିଳା। ପ୍ରଥମ କିସ୍ତିରେ ସରକାର ୫ ହଜାର ୩୨ କୋଟି ୯୩ ଲକ୍ଷ ୮୫ ହଜାର ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଇଛନ୍ତି । ଦ୍ୱିତୀୟ କିସ୍ତିରେ ୪ ହଜାର ୯୪୧ କୋଟି ୪ ଲକ୍ଷ ୬୦ ହଜାର ଟଙ୍କା ପଠାଯାଇଛି।


### ବିଷ ପିଇ ପରିବାରର ୩ ମୃତ

ବ୍ରହ୍ମପୁର, ୭।୪ (ଭାସ୍କର ନ୍ୟୁଜ): ଗଞ୍ଜାମ ପାଲିବନ୍ଧ ପଞ୍ଚାୟତର ଗୋଟିଏ ପରିବାରର ୩ଜଣ ବିଷ ପିଇ ଜୀବନ ହାରିଥିବା ସୂଚନା ରହିଛି। ଗୁରୁତର ଅବସ୍ଥାରେ ମାଆ, ଝିଅ ଓ ପୁଅକୁ ଗ୍ରାମବାସୀ ଏମକେସିଜିକୁ ସ୍ଥାନାନ୍ତର କରିଥିଲେ। ହସ୍ପିଟାଲରେ ଡାକ୍ତର ଜଣଙ୍କ ପରେ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପୁଅର ବୟସ ୨୩ ବର୍ଷ ଓ ଝିଅର ବୟସ ୨୦ ବର୍ଷ ବୋଲି ଜଣାଯାଇଛି। ଏଭଳି କରିବା ପଛରେ କାରଣ ଅସ୍ପଷ୍ଟ ରହିଛି। ଏନେଇ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସେନ୍‌ସେକ୍ସ: ୭୩,୧୩୭.୯୦
ସର୍ବାଧିକ: ୩୫.୨ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

**୭।୪ ।୨୦୨୫ ର ମତାମତ**

ଟ୍ରମ୍ପଙ୍କ ବିରୋଧରେ ଆନ୍ଦୋଳନ ତାଙ୍କ ଗାଦି ପ୍ରତି ବିପଦ ସୃଷ୍ଟି କରିବ କି?




**ଆଜିର ପ୍ରସଙ୍ଗ**

ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ହେଲେ ଓଡ଼ିଶାର ଯୁବକଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦିଆଯିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଇନ୍ କରନ୍ତୁ www.odishabhaskar.com

## ଦିଲ୍ଲୀ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ୧୧ ଏମ୍‌ଓୟୁ ସ୍ୱାକ୍ଷରିତ



**ଏଚ୍‌ସିଏଲ୍ ଟେକ୍ କ୍ୟାମ୍ପ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ**

**୧୪ଟି କମ୍ପାନୀ ବିନିଯୋଗ କରିବେ ୩୦ ହଜାର କୋଟି**

**ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ**

**ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ଦେବ ବଡ଼ ଯୋଗଦାନ**

ନୂଆଦିଲ୍ଲୀ/ଭୁବନେଶ୍ୱର,୭।୪ (ବ୍ୟୁରୋ): ଓଡ଼ିଶା ଆସିବ ଏଚ୍‌ସିଏଲ୍ ଟେକ୍। ଏ ନେଇ ସୋମବାର ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦିଲ୍ଲୀରେ ଆୟୋଜିତ ନିବେଶକ ସମ୍ମିଳନୀରେ ଯୋଗ ଦେବାପରେ ଏହି ବୟାନ ରଖିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ରବିବାରଠାରୁ ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୋମବାର ନୂଆଦିଲ୍ଲୀରେ ଆୟୋଜିତ ନିବେଶକ ସମ୍ମିଳନୀରେ ଯୋଗ ଦେଇ ବିଭିନ୍ନ କମ୍ପାନୀର ମୁଖ୍ୟଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିଥିଲେ। ଆଲୋଚନା ପରେ ବିଭିନ୍ନ କ୍ଷେତ୍ରପାଇଁ ୧୧ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ୧୪ଟି କମ୍ପାନୀ ଓଡ଼ିଶାରେ ୩୦ହଜାର କୋଟି ଟଙ୍କାର ନିବେଶ କରିବେ ବୋଲି ପ୍ରସ୍ତାବ ରଖିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଏଚସିଏଲ ଟେକ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। ସେଠାରେ କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ସହ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଆଲୋଚନା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ଏଚ୍‌ସିଏଲ୍ ଟେକ୍ କ୍ୟାମ୍ପ ପରିଦର୍ଶନ କରିଥିଲୁ ଏବଂ ସେମାନଙ୍କ ଅଧିକାରୀଙ୍କ ସହ • ପୃଷ୍ଠା ୫ ଦେଖନ୍ତୁ

## ଏପ୍ରିଲ ଆରମ୍ଭରୁ ମହଙ୍ଗା ମାଡ଼


# ଘରୋଇ ସିଲିଣ୍ଡର ଦରରେ ୫୦ଟଙ୍କା ବୃଦ୍ଧି



ନୂଆଦିଲ୍ଲୀ,୭।୪: ଏପ୍ରିଲ ଆରମ୍ଭରୁ ଆରମ୍ଭ ହୋଇଯାଇଛି ଗ୍ରାହକଙ୍କୁ ମହଙ୍ଗା ମାଡ଼। ପ୍ରତିଦିନ ସେୟାର ମାର୍କେଟ କ୍ରାସ କରୁଥିବାବେଳେ ସୋମବାର କେନ୍ଦ୍ର ସରକାର ଘରୋଇ ଏଲପିଜି ସିଲିଣ୍ଡର ଦରରେ ୫୦ଟଙ୍କା ବୃଦ୍ଧି ଘଟାଇଛନ୍ତି। ଉଭୟ ସବ୍‌ସିଡି ଓ ଅଣ ସବ୍‌ସିଡି ଗ୍ରାହକଙ୍କ ପାଇଁ ଏହି ବର୍ଦ୍ଧିତ ଦର ଲାଗୁ ହେବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଅନ୍ୟପକ୍ଷରେ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ମିଳୁଥିବା ରୋଷେଇ ଗ୍ୟାସ ସିଲିଣ୍ଡରର ଦାମ ୫ଶହ ଟଙ୍କାରୁ ୫ଶହ ୫୦ଟଙ୍କା ହୋଇଛି। ଦରବୃଦ୍ଧି ପରେ ଦିଲ୍ଲୀରେ ୧୪ କେଜିଆ ଗ୍ୟାସ୍ ସିଲିଣ୍ଡର ଦର ୮୦୩ ଟଙ୍କାରୁ ୮୫୩ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଭୁବନେଶ୍ୱରରେ ଏହି ଦର ୮୨୯ ଟଙ୍କାରୁ ବୃଦ୍ଧି ପାଇ ୮୭୯ ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି ଯେ ଅନ୍ତର୍ଜାତୀୟ ବଜାରକୁ ନଜରରେ ରଖି ଗ୍ୟାସ୍ ସିଲିଣ୍ଡର ଦରରେ ବୃଦ୍ଧି କରାଯାଇଛି। ଆଗାମୀ ଦିନରେ ଏହାର ସମୀକ୍ଷା କରାଯିବ। ସୂଚନାଯୋଗ୍ୟ ଯେ ଗତ କିଛିମାସ ତଳେ ୧୯ କେଜିଆ କମର୍ସିଆଲ ଗ୍ୟାସ ସିଲିଣ୍ଡର ଦରରେ ୪୧ଟଙ୍କା ହ୍ରାସ କରାଯାଇଥିଲା। ଗତବର୍ଷ ଅଗଷ୍ଟରେ ଶେଷଥର ପାଇଁ ଗ୍ୟାସ୍ ସିଲିଣ୍ଡର ଦରରେ ପରିବର୍ତ୍ତନ ଘଟିଥିଲା। ଅନ୍ୟପକ୍ଷରେ କେନ୍ଦ୍ର ସରକାର ସୋମବାର ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି କରିଛନ୍ତି। ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ୨ ଟଙ୍କା ଲେଖାଏଁ ଉତ୍ପାଦ ଶୁଳ୍କ ବୃଦ୍ଧି କରାଯାଇଛି। ତେବେ ଏହି ଶୁଳ୍କ ଗ୍ରାହକମାନଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ଅର୍ଥାତ ସାଧାରଣ ଗ୍ରାହକଙ୍କ ପାଇଁ ପେଟ୍ରୋଲ ଓ ଡିଜେଲ ଦରରେ ମୂଲ୍ୟବୃଦ୍ଧି ଘଟିବ ନାହିଁ ।

## ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି

# ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା



ଭୁବନେଶ୍ୱର,୭।୪(ଭାସ୍କର ନ୍ୟୁଜ): ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଧିରେ ଧିରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ୮ ତାରିଖ ପର୍ଯ୍ୟନ୍ତ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ପରେ ଗତି ପରିବର୍ତ୍ତନ କରିବାର ଦେଖାଦେଇଛି। ଏହା ୪୭ ଘଣ୍ଟା ପାଇଁ ସାମାନ୍ୟ ଉତ୍ତର ଦିଗକୁ ଗତି କରିବାର ସୂଚନା ମିଳିଥିବାରୁ ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି। ଫଳରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଛି। ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ ବର୍ଷା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ଏହାସହିତ ୩୦ରୁ ୪୦ କିଲୋମିଟର ବେଗରେ ପବନ ବୋହିବ ବୋଲି ବିଭାଗ ସୂଚନା ଦେଇଛି। ୯ ଓ ୧୦ ତାରିଖରେ ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ସୋମବାର ଝାରସୁଗୁଡ଼ା ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହରଭାବେ ବିବେଚିତ ହୋଇଛି। ଦିନର ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୨୪ ଘଣ୍ଟାରେ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ । ତେବେ ବର୍ଷା ଯୋଗୁ ବିଭିନ୍ନ ଜିଲ୍ଲାରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ ଗତ କିଛିଦିନ ହେବ ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ସ୍ଥିତି ସଂଗୀନ ରୂପ ଧାରଣ କରିଛି। ଏସବୁ ଭିତରେ ଲଘୁଚାପ ଜନିତ ବର୍ଷା ଗ୍ରୀଷ୍ମ ସ୍ଥିତିକୁ କିଛି ପରିମାଣରେ ନରମ କରିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେବେ ବର୍ଷା ପରେ ପୁଣି ତାତିର ପ୍ରଭାବ ଦେଖାଦେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୱକଫ ଭୋଟିଂକୁ ନେଇ ନବୀନ ନିବାସରେ ହାଇଡ୍ରାମା

# ସପକ୍ଷ-ବିପକ୍ଷବାଦୀ ମୁହାଁମୁହିଁ

ଭୁବନେଶ୍ୱର,୭।୪(ଭାସ୍କର ନ୍ୟୁଜ): ସଂସଦରେ ୱକଫ ସଂଶୋଧନ ବିଲ୍ ପାରିତ ସମୟରେ ବିଜେଡିର ସଦସ୍ୟମାନଙ୍କ ଭୋଟିଂକୁ ନେଇ ନବୀନ ନିବାସରେ ହାଇଡ୍ରାମା ଚାଲୁ ରହିଛି। ନବୀନଙ୍କ ମୁଖ୍ୟ ପରାମର୍ଶଦାତାଙ୍କୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁମୁହିଁ ହୋଇଛନ୍ତି। ଯାହାକି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି ବୋଲି କୁହାଯାଉଛି। ସୋମବାର ନବୀନ ନିବାସରେ ବିଜେଡି ସାଂସଦ ମୁନ୍ନା ଖାଁଙ୍କ ନେତୃତ୍ୱରେ ମୁସଲିମମାନଙ୍କ ଏକ ଟିମ୍ ମୁଖ୍ୟ ପରାମର୍ଶଦାତା ଓଡ଼ିଶା ଛାଡ଼ନ୍ତୁ ବୋଲି ସ୍ଲୋଗାନ ଦେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଭୋଟିଂ ପଛରେ ମୁଖ୍ୟ ପରାମର୍ଶଦାତାଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ସେମାନେ ଅଭିଯୋଗ କରିଥିଲେ। ତେବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମୁନ୍ନା ଖାଁଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳକୁ କହିଥିଲେ ଯେ ସଂଖ୍ୟାଲଘୁଙ୍କ ସ୍ୱାର୍ଥ ହେଉଛି ଆମର • ପୃଷ୍ଠା ୫ ଦେଖନ୍ତୁ

### ସଂଖ୍ୟାଲଘୁଙ୍କ ସହ ରହିଛି ବିଜେଡି: ନବୀନ



ଭୁବନେଶ୍ୱର,୭।୪(ଭାସ୍କର ନ୍ୟୁଜ): ବିଜେଡି ସାଂସଦ ମୁନ୍ନା ଖାଁ ସୋମବାର ବହୁସଂଖ୍ୟକ ସଂଖ୍ୟାଲଘୁ ପ୍ରତିନିଧିଙ୍କ ସହ ନବୀନ ନିବାସ ଯାଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ମୁନ୍ନା ଖାଁ ନବୀନ ପଟ୍ଟନାୟକଙ୍କୁ ଭେଟି ୱକଫ୍ ବିଲ୍‌କୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ସମ୍ପର୍କରେ ଜଣାଇଥିଲେ। ଆଲୋଚନା ପରେ ମୁନ୍ନା ଖାଁଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ସେ କହିଛନ୍ତି, ସଂଖ୍ୟାଲଘୁଙ୍କ ସ୍ୱାର୍ଥ ଆମର ପ୍ରାଥମିକତା। ଦୁଇ ଦିନ ଭିତରେ ରାଜ୍ୟସଭାରେ ୱକଫ୍ ବିଲ୍ ସମର୍ଥନରେ ବିଜେଡିର କେତେକ ସାଂସଦ ଭୋଟ୍ ଦେବା ଘଟଣାର ସମାଧାନ କରିବି। ରାଜ୍ୟସଭା ସାଂସଦ ସସ୍ମିତ ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନେବି। ସୂଚନାଯୋଗ୍ୟ, ସୋମବାର ଭୁବନେଶ୍ୱର ଫେରି ସସ୍ମିତଙ୍କ ଉପରେ ଗର୍ଜିଥିଲେ ରାଜ୍ୟସଭା ସାଂସଦ ମୁନା ଖାଁ । ସେ କହିଥିଲେ, ସଂସଦୀୟ ଗଣତନ୍ତ୍ରରେ ସମର୍ଥନ କିମ୍ବା ବିରୋଧ କରାଯାଏ ନହେଲେ କକ୍ଷତ୍ୟାଗ ଭଳି ନିଷ୍ପତ୍ତି ନିଆଯାଏ। ଆମ ସଂସଦୀୟଦଳ ନେତା ସସ୍ମିତ ବାବୁ ବିବେକ ଅନୁସାରେ ଭୋଟ୍ ଦେବାକୁ କହିବା ସଂସଦ ଇତିହାସରେ ବିରଳ ଘଟଣା । ଯାହାର ବିବେକ କିମ୍ବା ଆତ୍ମା ବିଜେପିକୁ ସମର୍ଥନ କରିବାକୁ କହୁଛି, ସେ ବିଜେପିକୁ ଚାଲିଯାଉନାହାନ୍ତି କାହିଁକି? ବିଜେଡିରେ ଦୋମୁହାଁ ନୀତି ରଖିଥିବା ଲୋକଙ୍କର ଜାଗା ନାହିଁ ବୋଲି ପରୋକ୍ଷରେ ସସ୍ମିତଙ୍କୁ କହିଛନ୍ତି ମୁନା । ବିଜୁ ବାବୁଙ୍କ ନାଁରେ ତିଆରି ହୋଇଥିବା ବିଜେଡି ହେଉଛି ଧର୍ମ ନିରପେକ୍ଷ ଦଳ। ନବୀନ ବାବୁ ହେଉଛନ୍ତି ଧର୍ମ ନିରପେକ୍ଷ ନେତା। ପାର୍ଲାମେଂଟ ଆରମ୍ଭ ପୂର୍ବରୁ ନବୀନ ନିବାସରେ ସଂସଦୀୟଦଳ ବୈଠକ ବସିଥିଲା ଏବଂ ୱାକଫ୍ ବିଲକୁ ବିରୋଧ କରିବ ବିଜେଡି ବୋଲି ସବୁ ରାଜ୍ୟସଭା ସଦସ୍ୟଙ୍କୁ ସୁପ୍ରିମୋ କହିଥିଲେ । ଏପରିକି ବିଲ୍ ବିରୋଧରେ ଭୁବନେଶ୍ୱରରେ ଏକ ରାଲି କରିବାକୁ ଆମ ନେତା ମୋତେ ଅନୁମତି • ପୃଷ୍ଠା ୫ ଦେଖନ୍ତୁ

## ରିଜର୍ଭ ବ୍ୟାଙ୍କର ସୂଚନା


# ଆସିବ ନୂଆ ନୋଟ୍ ବଦଳିବ ରୂପରଙ୍ଗ




ନୂଆଦିଲ୍ଲୀ,୭।୪: ପୁଣି ବଦଳିବ ନୋଟ୍‌ର ଚେହେରା, ଆସିବ ନୂଆ ନୋଟ୍। ମହାତ୍ମା ଗାନ୍ଧୀଙ୍କ ଫଟୋସହ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ସ୍ୱାକ୍ଷର ସମ୍ବଳିତ ଏହି ନୂଆ ନୋଟ୍ ଆସିବ । ୧୦ଟଙ୍କିଆ, ୧୦୦ ଟଙ୍କିଆ, ୨୦୦ ଟଙ୍କିଆ ଓ ୫୦୦ ଟଙ୍କିଆ ନୋଟ୍‌ର ନବ କଳେବର ହେବ। ମହାତ୍ମା ଗାନ୍ଧୀଙ୍କ ନୂଆ ଫଟୋ ଏବଂ ଆରବିଆଇ ଗଭର୍ଣ୍ଣରଙ୍କ ଦସ୍ତଖତ ସହ ନୂଆ ୧୦ ଟଙ୍କିଆ ଓ ୫୦୦ ଟଙ୍କିଆ ନୂଆ ନୋଟ୍ ଜାରି କରାଯିବ। ତେବେ ଏହି ନୋଟ୍‌ରେ କୌଣସି ପରିବର୍ତ୍ତନ ହେବ ନାହିଁ । ଆରବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ନୂଆ ନୋଟ୍ ଜରି ହେଲେ ବି ପୁରୁଣା ନୋଟ୍ ଉପରେ କୌଣସି ପ୍ରଭାବ • ପୃଷ୍ଠା ୫ ଦେଖନ୍ତୁ

## ଶେୟାର ବଜାରରେ ହାହାକାର

# କିଛି ସେକେଣ୍ଡରେ ୨୦ଲକ୍ଷ କୋଟି ସ୍ୱାହା




ମୁମ୍ବାଇ,୭।୪: ଭାରତୀୟ ଶେୟାର ବଜାରରେ ହାହାକାର ଦେଖିବାକୁ ମିଳିଛି। ସୋମବାର ଶେୟାର ବଜାରରେ ବଡ଼ଧରଣର କ୍ଷତି ଘଟିଛି। ସୋମବାର ଶେୟାର ମାର୍କେଟ ଖୋଲିବାମାତ୍ରେ ଏହା ତଳକୁ ଖସିବାରେ ଲାଗିଥିଲା। କାରବାର ଆରମ୍ଭ ହେବାକ୍ଷଣି ସେନସେକ୍ସ ୩,୯୩୯.୬୯ ଅଙ୍କ ହ୍ରାସ ପାଇ ୭୧,୪୨୫.୦୧ରେ ପହଞ୍ଚିଥିଲା। ସେହିପରି ନିଫ୍ଟି ୧,୧୬୦.୮ ପଏଣ୍ଟରୁ ହ୍ରାସ ପାଇ ୨୧,୭୭୪.୬୫ରେ ପହଞ୍ଚିଥିଲା। ଗତ ୧୦ମାସ ମଧ୍ୟରେ ଶେୟାର ମାର୍କେଟରେ କେବେ ବି ଏପରି କ୍ଷତି ଘଟିନଥିଲା। ସେନସେକ୍ସ ଓ ନିଫ୍ଟି ହ୍ରାସ ପାଇବା ଯୋଗୁ ନିବେଶକମାନେ ଲକ୍ଷାଧିକ କୋଟିର କ୍ଷତି ସହିବାରେ ଲାଗିଛନ୍ତି। ବିଏସ୍‌ଇରେ ତାଲିକାଭୁକ୍ତ ହୋଇଥିବା ଓ କମ୍ପାନୀରେ ନିବେଶ କରିଥିବା ଲୋକମାନେ ମାତ୍ର କିଛି ସେକେଣ୍ଡରେ ୨୦.୧୬ ଲକ୍ଷ କୋଟି କ୍ଷତି ସହିଛନ୍ତି। ଏବେ ଶେୟାର ବଜାରରେ କେବଳ ୩୮୩.୯୫ଲକ୍ଷ କୋଟି ରହିଛି। ଶେୟାର ମାର୍କେଟ କ୍ରାସ ହେଉଥିବାରୁ ଲୋକମାନେ ଆଗକୁ କ୍ଷତି ସହିବାର ଆଶଙ୍କା ରହିଛି। କେବଳ ଭାରତୀୟ ଶେୟାରବଜାର ନୁହେଁ, ଅନ୍ୟ ଏସିଆନ ମାର୍କେଟରେ ମଧ୍ୟ ବ୍ୟାପକ କ୍ଷତି ଘଟିଛି। ହଂକଂର ହାଙ୍ଗ୍‌ସେଙ୍ଗ୍ ମାର୍କେଟ ୧୧ ପ୍ରତିଶତ, ଟୋକିଓର ନିକେଇ ୨୨୫ ପଏଣ୍ଟ, ସାଂଘାଇର ଏସଏସଇ ୬ ପ୍ରତିଶତ ଓ ଦକ୍ଷିଣ କୋରିଆର କୋସ୍ପି ଇଣ୍ଡେକ୍ସ ୫ ପ୍ରତିଶତ ହ୍ରାସ • ପୃଷ୍ଠା ୫ ଦେଖନ୍ତୁ

## ୨୦୨୭ସୁଦ୍ଧା ସବୁ ପୌରାଞ୍ଚଳକୁ

# ୨୪ ଘଣ୍ଟିଆ ବିଶୁଦ୍ଧ ପାଣି



ଭୁବନେଶ୍ୱର,୭।୪(ଭାସ୍କର ନ୍ୟୁଜ): ରାଜ୍ୟର ସମସ୍ତ ପୌରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସଂପର୍କରେ ଗୃହନିର୍ମାଣ ଓ ନଗର ଉନ୍ନୟନମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି। ପରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ୨୦୨୭ ମାର୍ଚ୍ଚ ମାସସୁଦ୍ଧା ସମସ୍ତ ପୌରାଞ୍ଚଳରେ ଗୁଣାତ୍ମକ ପାନୀୟଜଳ ବ୍ୟବସ୍ଥା କରାଯାଇ ପ୍ରତ୍ୟେକ ଘରେ ୨୪ ଘଣ୍ଟା ମଧ୍ୟରେ ବିଶୁଦ୍ଧ ପାନୀୟଜଳ ପହଞ୍ଚାଯିବ। ନଦୀଜଳକୁ ଅଧିକ ବ୍ୟବହାର ପାଇଁ ବ୍ୟାରେଜ କରାଯିବ। ଓଡବ୍ଲୁଏସ୍‌ଏସ୍‌ବି, ୱାଟ୍‌କୋ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ସହିତ ଏ ନେଇ ଆଲୋଚନା କରାଯାଇଛି। ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପଗୁଡ଼ିକ ସଂପର୍କରେ ଆଲୋଚନା କରାଯାଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ କରିବା ନିମନ୍ତେ ନିୟମିତ ସମୀକ୍ଷା ଓ ତଦାରଖ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଯେଉଁସବୁ ପ୍ରକଳ୍ପ ସଂପୂର୍ଣ୍ଣ ହୋଇପାରିନି ଏବଂ କେଉଁ କେଉଁ ସମସ୍ୟାପାଇଁ ସେଗୁଡ଼ିକ ଅଟକି ରହିଛି ଏବଂ କାମ କିପରି ତ୍ୱରାନ୍ୱିତ ହୋଇପାରିବ ସେ ନେଇ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ ୨୦୨୫-୨୬ ବଜେଟ୍ ଏପ୍ରିଲ ଆରମ୍ଭରୁ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ଚିନ୍ତାପ୍ରକଟ କରିଛୁ। ଏ ନେଇ ବିଭାଗୀୟ ପଦାଧିକାରୀମାନଙ୍କୁ ଯୋଜନା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅଚ୍ଛିତ ଅନିର୍ବାଣ**



ଟାର୍ଗେଟରେ ଏବେ ପାଣ୍ଡିଆନ ବାବୁ
ହୋ'ହାଲ୍ଲା ଦଳ ଭିତରୁ,
ବିଜେପି, କଂଗ୍ରେସ ମଜା ଦେଖୁଛନ୍ତି
ବିଜେଡିରେ ଭରା ଶତ୍ରୁ ।
ବିରୋଧ ଆଗରୁ ପଛରୁ,
କେମିତି କେଜାଣି ଉଠି ଠିଆ ହେବେ
ଗହିରିଆ ଏହି ଖାତରୁ ?



କେନ୍ଦୁଝର(ଭାସ୍କର ନ୍ୟୁଜ): ଅଖିଳ ଭାରତୀୟ ରେଳ ଚାଳକ ସଂଘ ଖୋର୍ଦ୍ଧା ରୋଡ଼ରେଳ ମଣ୍ଡଳର କାର୍ଯ୍ୟକାରୀ ସମିତିର ନିଷ୍ପତ୍ତି ଅନୁସାରେ ମଣ୍ଡଳର ସମସ୍ତ ସିସି ଅଫିସ ସାମ୍ନାରେ ଶନିବାର ଏକ ଦିନିକିଆ ଧାରଣା ଅନୁଷ୍ଠିତ ହୋଇଯାଇଛି। ରେଲୱେ ବୋର୍ଡର ନିୟମକୁ ବେଖାତିର କରି ରେଳ ଚଳାଚଳ ଓ ସହ ଚାଳକ ମାନଙ୍କୁ ନିଜର ମୁଖ୍ୟାଳୟ ଠାରୁ ୩୬ ଘଣ୍ଟାରୁ ଅଧିକ ତଥା ତିନି ରୁ ଚାରି ଦିନ ଦୂରରେ ରଖା ଯାଉଛି। ଯାହାଦ୍ୱାରା ରେଳ ଚାଳକ ମାନଙ୍କ ଶାରୀରିକ, ମାନସିକ ଓ ପାରିବାରିକ ସମସ୍ୟା ଦେଖା ଦେଉଛି। ଯାହାକି ପରବର୍ତ୍ତୀ ସମୟରେ ରେଳ ଦୁର୍ଘଟଣାର କାରଣ ସାଜୁଛି। ଲୋକ ପାଇଲଟଙ୍କୁ ୯ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବାର ନିୟମ ନଥିବାବେଳେ ଏହାଠାରୁ ଢେର ଅଧିକ ସମୟ କାମ କରାଇ ବେନିୟମ ଭାବେ ଡ୍ୟୁଟି ସମୟକୁ କମ୍ପ୍ୟୁଟରର ସିଏମଏସ ମାଧ୍ୟମରେ କାଟି ଦିଆ ଯାଉଛି ନଚେତ ଡ୍ୟୁଟିକୁ ଭାଗ ଭାଗ କରି ପର୍ଦ୍ଦର୍ଶିତ କରାଯାଉଛି ଯେମିତିକି ରେଲୱେ ବୋର୍ଡ ବା ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଦୀର୍ଘ ସମୟର ବେନିୟମ ଡ୍ୟୁଟି ବିଷୟରେ ଅବଗତ ହୋଇ ପାରିବେ ନାହିଁ। କୌଣସି ଷ୍ଟେସନ ରେ ଡ୍ୟୁଟିରୁ ରିଲିଭ ହେଲେ ଷ୍ଟେସନ ମାଷ୍ଟରଙ୍କ ନିକଟରୁ ବେନିୟମ ଭାବେ ଷ୍ଟାମ୍ପ ନେବାକୁ ବାଧ କରାଯାଉଛି। ଅଖିଆ ଅଫିଆ ଭାବେ ଦୀର୍ଘ ସମୟର ଡ୍ୟୁଟି ପରେ ଷ୍ଟେସନ ମାଷ୍ଟର ଏକ ଘଣ୍ଟା ପାଞ୍ଚ ମିନିଟ ଅପେକ୍ଷା କରାଇବା ପରେ ଷ୍ଟାମ୍ପ ମାରି ଟିକେଟ ଫେରାଉଛନ୍ତି। ରେଳବାଇର କୌଣସି ନିୟମ ନ ଥିଲେ ମଧ୍ୟ ଏକ ଗୁଗୁଲ ସିଟରେ ନାମ ପଞ୍ଜିକରଣ କରିବାକୁ ବାଧ କରାଯାଉଛି।



# ମାଇନିଂ ଇଞ୍ଜିନିୟରିଂ ସ୍କୁଲରେ ୨ ନୂଆ ବ୍ରାଞ୍ଚ ଖୋଲିଲା

## ଉପକୃତ ହେବେ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝରର ଛାତ୍ରଛାତ୍ରୀ




କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାର ସଦର ମହକୁମାରେ ଅବସ୍ଥିତ ତଥା ରାଜ୍ୟର ସୁନାମଧନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ଓଡିଶା ଖଣିଯାନ୍ତ୍ରିକ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରୁ ୨ଟି ନୂଆ ବ୍ରାଂଚ କୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ଅଧିନ ଅଲ୍ ଇଣ୍ଡିଆ କାଉନସିଲ ଫର ଟେକନିକାଲ ଏଜୁକେସନ(ଏଆଇସିଟିଇ) ଅନୁମୋଦନ କରିଛି ଏବଂ ଏହା ମଧ୍ୟ ଓଡିଶା ସରକାରଙ୍କ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟର ଆଫିଲେସନ ପାଇଛି। ଅଟୋମୋବାଇଲ ଇଞ୍ଜିନିୟରିଂରେ ୬୦ଜଣ ଏବଂ କମ୍ପ୍ୟୁଟର ଇଞ୍ଜିନିୟରିଂ ଏଣ୍ଡ ଆଇଓଟିରେ ୬୦ଜଣ ଛାତ୍ରଛାତ୍ରୀ ୨୦୨୫-୨୬ ଶିକ୍ଷା ବର୍ଷରେ ଆଡମିଶନ କରିବେ। ଫଳରେ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀ ଉପକୃତ ହେବେ। ପୂର୍ବରୁ ଏହି ବିଦ୍ୟାଳୟରେ ୬ଟି ବିଭାଗରେ ପାଠ ପଢା ହେଉଥିବାବେଳେ ଚଳିତ ଶିକ୍ଷା ବର୍ଷରୁ ୮ଟି ବିଭାଗରେ ପାଠ ପଢା ହେବ। ୬ଟି ବିଭାଗରେ ପୂର୍ବରୁ ୨୭୦ ସିଟ୍ ଥିବାବେଳେ ୮ଟି ବିଭାଗରେ ଏବେ ଏହା ବୃଦ୍ଧି ପାଇଁ ମୋଟ ୪୮୦ ସିଟ୍ ହୋଇଛି। ସିଭିଲ ଇଞ୍ଜିନିୟରିଂରେ ୩୦ ସିଟ ଥିବାବେଳେ ଏହା ବୃଦ୍ଧି ପାଇଁ ୬୦ଟି ସିଟ ଅନୁମୋଦନ ପାଇଛି। ଡ୍ରିଲିଂ ଇଞ୍ଜିନିୟରିଂରେ ୩୦ରୁ ୬୦ସିଟ୍, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ୩୦ରୁ ୬୦ ସିଟ୍କୁ ବୃଦ୍ଧି ପାଇଛି ବୋଲି ଓଡିଶା ଖଣି ଯାନ୍ତ୍ରୀକ ବିଦ୍ୟାଳୟର ଅଧକ୍ଷ ଇଂ କୃଷ୍ଣଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ବର୍ଦ୍ଧିତ ପିଲା ସଂଖ୍ୟାକୁ ଆଖି ଆଗରେ ରଖି ଆଗକୁ ଅନୁଷ୍ଠାନରେ ଛାତ୍ରାବାସ ଏବଂ ଶ୍ରେଣୀଗୃହର ଆବଶ୍ୟକତା ପୂରଣ ପାଇଁ ସରକାର ପଦକ୍ଷେପ ନେବାକୁ ଦାବୀ ହୋଇଛି। ଓଡିଶାର ମର୍ଯ୍ୟାଦାଜନକ ବୈଷୟିକ ବିଦ୍ୟାଳୟ ଭାବରେ ସୁନାମ ଅର୍ଜନ କରିଥିବା ଓଡିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ୧୯୫୬ ମସିହାରେ ପ୍ରତିଷ୍ଠାଲାଭ କରିଛି। ଏହି ଅନୁଷ୍ଠାନ ଗତ ୭୦ବର୍ଷ ମଧ୍ୟରେ ଅନେକ ଯୋଗ୍ୟ ତଥା ବୈଷୟିକ ଜ୍ଞାନ ସଂପନ୍ନ ବ୍ୟକ୍ତିବିଶେଷଙ୍କୁ ତିଆରି କରିଛି, ଯେଉଁମାନେ ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଛନ୍ତି। ଏହି ଶିକ୍ଷାନୁଷ୍ଠାନଟି ଐତିହ୍ୟ ସମ୍ପନ୍ନ ଓ ସୁନାମଧନ୍ୟ ଅନୁଷ୍ଠାନ ଭାବରେ ରାଜ୍ୟରେ ଖ୍ୟାତି ରହିଛି। ଦେଶର ଅଗ୍ରଗତି ପାଇଁ ଯୁବ ଇଞ୍ଜିନିୟରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀମାନେ ବୈଷୟିକ ଶିକ୍ଷା ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁଥିବାରୁ ଏହି ୨ଟି ନୂଆ ବିଭାଗ ସେମାନଙ୍କ ଶିକ୍ଷାଦାନରେ ବେଶ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ନୂତନ ବ୍ରାଂଚ ଏବଂ ବିଭିନ୍ନ ବିଭାଗରେ ସିଟ୍ ସଂଖ୍ୟା ବୃଦ୍ଧି ପାଇଁ ଜିଲ୍ଲାବାସୀ ଆନନ୍ଦିତ ହେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିଭାଗୀୟ ଅଧିକାରୀଙ୍କ ଠାରୁ ଅଭିଯୋଗକାରୀଙ୍କ ସଂଖ୍ୟା କମ୍

- ପ୍ରଚାର-ପ୍ରସାର ଅଭାବରୁ ପ୍ରହସନରେ ପରିଣତ ଜନଶୁଣାଣି
- ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଅନୁପସ୍ଥିତ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକଙ୍କ ଅଧକ୍ଷତାରେ ପରିଚାଳିତ ଶିବିରରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରାଜୀବ ଲୋଚନ ବେହେରା, ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ,ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ଏସ୍ପି ବିଷ୍ଣୁପ୍ରସାଦ ପତି,ବିଡ଼ିଓ ସୁଶ୍ରୀ ଶସ୍ମିତା ବେହେରା ତଥା ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପଶୁ ସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ଆଇନର ପରିସରରେ ସାଧାରଣ ଲୋକଙ୍କର ସମସ୍ୟାର ସମାଧାନ ସମ୍ପୂର୍ଣ୍ଣ କରିବା ହେଉଛି ଅଭିଯୋଗ ଶୁଣାଣି ଶିବିର ଆଭିମୁଖ୍ୟ। କିନ୍ତୁ ଉପଯୁକ୍ତ ସୂଚନା, ପ୍ରଚାର ଓ ପ୍ରସାର ଅଭାବରୁ ଏହା ସହ ଡାକବାଜି ଯନ୍ତ୍ରରେ ପ୍ରଚାର ନ ହେବାରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶତାଧିକ ଲୋକେ ମିଳିତ ଜନଶୁଣାଣି ସମ୍ପର୍କରେ ଜାଣିପାରିଲେ ନାହିଁ। ବ୍ଲକସ୍ତରୀୟ ଜିଲ୍ଲାପାଳ ପୁରୀଙ୍କ ମିଳିତ ଜନଶୁଣାଣି ଶିବିରରେ ସମ୍ମିଳନୀ କକ୍ଷରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କ ଠାରୁ ଅଭିଯୋଗକାରୀ ସମ୍ପୂର୍ଣ୍ଣ କମ୍। ଯାହାଫଳରେ ଲୋକ ଦେଖାଣିଆ ଜନଶୁଣାଣି ଶିବିର କରିବା କେବଳ ଧର୍ମକୁ ଆଖି ଠାର ସଦୃଶ। ବାରମ୍ବାର ଏପରି ଜନଶୁଣାଣି ମଧ୍ୟ ହେଉଛି ପୂର୍ବବର୍ଷ ନଭେମ୍ବର ମାସରେ ଏମିତି ମଧ୍ୟ ବିନା ପ୍ରଚାର ପ୍ରସାରରେ ଜିଲ୍ଲାପାଳ ପୁରୀଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ପୁରୀଙ୍କ ମିଳିତ ଜନଶୁଣାଣି ଆୟୋଜନ କରାଯାଇଥିଲା। ମିଳିତ ଜନଶୁଣାଣି ଶିବିରରେ ପୁରୀ ଜିଲ୍ଲାପାଳ ଅନୁପସ୍ଥିତ ରହିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଓ ଉପଜିଲ୍ଲାପାଳ ରାଜକିଶୋର ଜେନା ମୁଖ୍ୟ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଏହା ସହ ଅଭିଯୋଗକାରୀମାନେ ଅବଗତ ସେତେଟା ନଥିବାରୁ ଦିନ ୭ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଘ ୩୦ମିନିଟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନପରେ ବନ୍ଦ କରାଯାଇଥିଲା। ପ୍ରଶାସନ ଖାମଖିଆଲ ଭାବ ଜନଶୁଣାଣି ଆୟୋଜନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସମାଲୋଚନା କରାଯାଇଛି। ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୩୯ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ଅନେକ ବ୍ୟକ୍ତିଗତ ଅଭିଯୋଗ ଓ ଅନେକ ସମୂହ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣିରେ ଆବାସ ଯୋଜନା, ଭିନ୍ନକ୍ଷମଙ୍କୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଅନ୍ତ୍ୟୋଦୟ ଗୃହରୁ ବଂଚିତ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ବିଭିନ୍ନ କାର୍ଯ୍ୟର ବିଲ ପୈଠ ସମ୍ବନ୍ଧୀୟ ସହ ଭତ୍ତା ସମ୍ବନ୍ଧୀୟ ଅଭିଯୋଗରେ ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହ ଅନ୍ୟ ଅଭିଯୋଗ ସମ୍ପର୍କରେ ଅଭିଯୋଗ ଗୁଡିକ ପଞ୍ଜିକୃତ ହୋଇଥିଲା।ଏହି ଶିବିର ରେ ଜିଲ୍ଲାସ୍ତରୀୟ ସହ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।



# କର୍କଟ ପୀଡିତ ରତ୍ନାକର ଦାସଙ୍କୁ ଆର୍ଥିକ ସହାୟତା

ଏରସମା : ପବିତ୍ର ରାମନବମୀ ଉପଲକ୍ଷେ, ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ପୋଖରିଆପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶ୍ରୀଚନ୍ଦନପୂର୍ ଗ୍ରାମର କର୍କଟ ରୋଗରେ ପୀଡ଼ିତ ରତ୍ନାକର ଦାସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ରତ୍ନାକର କିଛି ମାସ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି। ସେ ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ଏବଂ ପର ଘରେ ମୁଲ ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି। ଘର କହିଲେ ଭଙ୍ଗା ଚାଳ ଛପର ଘର। ବର୍ତ୍ତମାନ ଅର୍ଥାଭାବରୁ ଏହି ଦୁଃଖୀ ପରିବାର ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍କେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ସୂର୍ଯ୍ୟକାନ୍ତ ରାଉତ, ନନ୍ଦନନ୍ଦନ ଜୟସିଂ, ସୁଧାକର ମହାନ୍ତି ଏବଂ ରାଜେଶ ତରାଇ ପ୍ରମୁଖ ରତ୍ନାକରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର(୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ଏବଂ ଏକ ମାସର ରାସନ ସାମଗ୍ରୀ ଯୋଗାଇ ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ରତ୍ନାକର ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟୀୟସୀ ପ୍ରଶଂସା କରାଯାଇଛି।



# ମହାବୀର ହନୁମାନ ଓ ମାତା ବୈଷ୍ଣୋଦେବୀ ମନ୍ଦିରର ବାର୍ଷିକ ଉତ୍ସବ

ବୋଲଗଡ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସଦର ମହକୁମା ଗୋପବନ୍ଧୁ ବିହାର ସ୍ଥିତ ମହାବୀର ହନୁମାନ ଓ ମାତା ବୈଷ୍ଣୋଦେବୀ ମନ୍ଦିରର ବାର୍ଷିକ ଉତ୍ସବ ପବିତ୍ର ରାମନବମୀ ତିଥିରେ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ବାର୍ଷିକ ଉତ୍ସବ ଅବସରରେ ମନ୍ଦିରରେ ପ୍ରଭୁ ଶ୍ରୀ ରାମଙ୍କ ସପ୍ତଦଶ ବାର୍ଷିକ ଜନ୍ମୋତ୍ସବ ଓ ମାତା ବୈଷ୍ଣୋଦେବୀ ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିନେଇ ଆୟୋଜିତ ଯଜ୍ଞ ଅନୁଷ୍ଠାନ ପାଇଁ ଶନିବାର ସନ୍ଧ୍ୟା ସମୟରେ ନୀତି ନିଷ୍ଠାର ସହ ଅଧିବାସ, ଅଙ୍କୁରାରୋପଣ ଓ ବେଦୀ ମଣ୍ଡନ କାର୍ଯ୍ୟକ୍ରମ ସମାପନ ହୋଇଥିଲା। ରବିବାର ପ୍ରାତଃ ୬ ଘଣ୍ଟା ସମୟରେ ସ୍ଥାନୀୟ ଅଂଚଳର ମହିଳାପୁରୁଷ ଶ୍ରଦ୍ଧାଳୁ ମାନେ ଶୁଦ୍ଧପୁତ ଭାବେ କଳସଯାତ୍ରାରେ ଯାଇ ପୂଜାର୍ଚ୍ଚନା ପରେ ନିକଟସ୍ଥ ନୂଆପୋଖରୀର ପବିତ୍ର ଜଳପୂର୍ଣ୍ଣ କଳସ ମୁଣ୍ଡାଇ ଆଣି ଯଜ୍ଞବେଦୀ ନିକଟରେ ଘଟସ୍ଥାପନ କରିଥିଲେ। ପରେ ବ୍ରାହ୍ମଣ ପଣ୍ଡିତମାନେ ଯଜ୍ଞ ଅନୁଷ୍ଠାନ ପରିଚାଳନା କରିଥିଲେ।ଏହି ଯଜ୍ଞରେ କର୍ତ୍ତା ଭାବେ ପରିଷଦର ସଭାପତି ବୈଦ୍ୟନାଥ ହୋତା ଉପବିଷ୍ଟ ଥିଲେ। ଯଜ୍ଞ ପୂର୍ଣ୍ଣାହୁତି ପରେ ପୁଷ୍ପାଞ୍ଜଳି ଅବସରରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ବିଭୁ କୃପାଭିକ୍ଷା କରିଥିଲେ। ସନ୍ଧ୍ୟା ପରେ ନାମ ସଙ୍କୀର୍ତ୍ତନ ଓ ଭାଗବତ ପରାୟଣ ଆଦି ଧାର୍ମିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲୁ ରହିଥିଲା ବେଳେ ସୋମବାର ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଗୋପବନ୍ଧୁ ବିକାଶ ପରିଷଦର କାର୍ଯ୍ୟକର୍ତ୍ତା କୃତିବାସ ସାଥୁଆ,ଜନାର୍ଦ୍ଦନ ସାହୁ,ଅନ୍ନଦା ପ୍ରସାଦ ପଟ୍ଟନାୟକ, ଧନଞ୍ଜୟ ମାଝୀ,ତପନ ଜେନା, ଜିତେନ୍ଦ୍ରସାହୁ, ଶୁଭ୍ରାଂଶୁ ସାହୁ, ବିଭୂତି ଭୂଷଣ ଜେନା ପ୍ରମୁଖଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# 'ବର୍ଣ୍ଣବୋଧ ଉତ୍ସବ' ପାଳିତ

କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସରେ ଓଡ଼ିଆ ଭାଷା ଓ ସଂସ୍କୃତିରେ ସଚେତନତା ଏବଂ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ 'ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ' ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଏବଂ ଅନ୍ୟାନ୍ୟ ଅଧିକାରୀ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଅବସ୍ଥାପିତ ବିଦ୍ୟାଳୟଗୁଡ଼ିକରେ ଉପସ୍ଥିତ ରହି ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଭାଷାର ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଭାଷାଗତ ଶିକ୍ଷଣ ଓ ବିକାଶର ପରିବେଶ ସୃଷ୍ଟି କରିବା ଦିଗରେ ଏହି ଦିବସଟିକୁ ଉତ୍କଳକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ନିମନ୍ତେ ଉତ୍ସର୍ଗୀକୃତ କରାଯାଇଛି। ଏଠାରେ ସୂଚନା ଥାଉକି, ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଉକ୍ତ ଦିବସଟିକୁ ଆୟୋଜିତ କରାଯାଇଥିଲା।



# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର: କମୁଛି ଅଭିଯୋଗ ସଂଖ୍ୟା

ରଘୁନାଥପୁର(ଭାସ୍କର ନ୍ୟୁଜ): ପ୍ରତି ୨/୩ମାସ ବ୍ୟବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟରେ ଜନଶୁଣାଣି କରାଯାଇ ଅଞ୍ଚଳର ସାଧାରଣ ଲୋକ ମାନଙ୍କର ଆପତ୍ତି ଅଭିଯୋଗ ଗୁଡିକୁ ସମାଧାନ କରିବାପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ ବେଳେବେଳେ ପ୍ରଚାର ପ୍ରସାର ଅଭାବରୁ ଏହି ସୁବିଧାରୁ ଲୋକମାନେ ବଞ୍ଚିତ ହୋଇଥାନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ପ୍ରଶାସନ ପକ୍ଷରୁ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟର ଜ୍ୟୋତିମହାସଂଘ ଗୃହରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ପ୍ରଶାସନ ଏହାକୁ ସକାଳ ୭ଟାରୁ ୧୦ଟା ସମୟ ଶେଷ କରିଥିଲା। ସକାଳୁଆ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଥିବାରୁ ଅଞ୍ଚଳରେ ଅନେକ ଲୋକ ଜାଣିନପାରି ୧୦/୧୧ଟାରେ ପହଞ୍ଚି ନିରାଶ ହୋଇ ଫେରୁଥିବାର ଦେଖିବାକୁ ମିଳିଥିଲା। ଏଥିପାଇଁ ଜନଶୁଣାଣିରେ ଅଭିଯୋଗ ସଂଖ୍ୟା ହ୍ରାସପାଇ ମାତ୍ର ୫୮ଟି ଦାଖଲ ହୋଇଥିଲା। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜ୍ୟୋତିଶଙ୍କର ରାୟ, ଜିଲ୍ଲାପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ବିଡିଓ ବିରଞ୍ଚି ନାରାୟଣ ବେହେରା,ଜିଲ୍ଲାସ୍ତରୀୟ ଅଧିକାରୀ କ୍ଷତ୍ରିୟ ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କର ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ଦିବ୍ୟାଙ୍ଗମାନଙ୍କ ସାର୍ଟିଫିକେଟ ସମ୍ପର୍କୀୟ, ଅନ୍ତ୍ୟୋଦୟ ଗୃହ ଯୋଜନା,ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ରାସ୍ତା, ସରକାରୀ ଜମି ଜବର ଦଖଲ ଉଚ୍ଛେଦ, ପାନୀୟ ଜଳ ସମ୍ପର୍କିତ ଅଭିଯୋଗ ଶୁଣାଣି କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ଚିକିଣିଆ ଏସ୍‌କେ ଗୁଲାମ ମୁସ୍ତାଫା ଙ୍କ ୮୦% ଭିନ୍ନକ୍ଷମ ପ୍ରମାଣ ପତ୍ର, ରେଢୁଆ ଗହ୍ମପୁରର ମହେନ୍ଦ୍ର ଗୋଛାୟତ ଙ୍କ ୭୫% ଓ ଚିକିଣିଆ କଳାଧାରୀ ଗ୍ରାମର ବିଭୂତି ନାୟକଙ୍କର ୬୦% ଭିନ୍ନକ୍ଷମ ପ୍ରମାଣ ପତ୍ର ଥିଲେବି ସେମାନେ ଅନ୍ତ୍ୟୋଦୟ ଆବାସଯୋଜନାରୁ ବାଦପଡିଥିବାକୁ ନେଇ ଅଭିଯୋଗ ହୋଇଥିଲା। ସେହିପରି ତରିକୁନ୍ଦ ଗ୍ରାମର ବିଜୟ କୁମାର ରାଉତ ପକ୍ଷଘାତରେ ଅପଙ୍ଗ ହୋଇଥିଲେବି ତାଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳୁନାହିଁ। ବିଦ୍ୟାଧରପୁର ସରପଞ୍ଚ ପ୍ରତିନିଧି ରହିମ ଖାଁ ଏଏନମ୍ ସେଣ୍ଟର ଟେଣ୍ଡର ହୋଇଥିଲେ ମଧ୍ୟ ୪ମାସ ହେବ କାର୍ଯ୍ୟହେଉନଥିବା ଓ ଡ୍ରେନେଜ ସମସ୍ୟା ଉପରେ ଏବଂ ତଅାଁରା ସରପଞ୍ଚ ବଟକୃଷ୍ଣ ନାୟକ ୭ନଂ କେନାଲ ବନ୍ଧ ଗନେଇଲୋଳ ଠାରୁ ତଅାଁରା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହେବା ସମ୍ପର୍କରେ ଅଭିଯୋଗ କରିଥିଲେ। ଧରାଧରପୁର କୁତାମଚଣ୍ଡି ନିକଟରେ ୨୮ଗୋଟି ଆଦିବାସୀ ପରିବାର ଭୂମିହୀନ ସରକାରୀ ଜାଗାରେ ବସବାସ କରୁଥିଲେବି ତାଙ୍କୁ ସ୍ଥାୟୀ ପଟ୍ଟା ମିଳିନଥିବା ଅଭିଯୋଗ ହୋଇଥିଲା। ଏହି ଶିବିର ବ୍ଲକ ଅତିରିକ୍ତ ବିଡିଓ ଜ୍ଞାନନ୍ଦା ନାୟକ ଓ ବ୍ଲକ କର୍ମଚାରୀମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।




# ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଦହି ପଣା ବଣ୍ଟନ



ଫୁଲନଖରା(ଭାସ୍କର ନ୍ୟୁଜ୍): ବୟାଳିଶମୌଜା ଅନ୍ତର୍ଗତ ବେଣ୍ଟକାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ତରଫରୁ ପବିତ୍ର ରାମନବମୀ ଉପଲକ୍ଷେ ମା କନକଦୁର୍ଗାଙ୍କ ମନ୍ଦିର ସମ୍ମୁଖରେ ଦହିପଣା ବଣ୍ଟନ କରାଯାଇଥିଲା। ଶିଶୁମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ତଥା ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ଶହ ଶହ ବାଟୋଇ ଦହିପଣା ପାନ କରି ନିଜର ତୃଷ୍ଣା ମେଣ୍ଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଭୂଷଣ ପତି,ମନୋରଂଜନ ଶତପଥି, ପ୍ରାଧାପକ ସେକ କଲିମୁଲ୍ଲା, ଦୀପ୍ତି ରଂଜନ ଶତପଥୀ,ରମେଶ ଜେନା, ଅନନ୍ତ ବେହେରା, କଲ୍ୟାଣି ଦାସ, ଚିତ୍ରରେଖା ମହାନ୍ତି, ସସ୍ମିତା ସେନାପତି, ରୋଜାଳିନ ପଂଚାୟତ, ନମିତା ଦେବତା, ମୋନାଲିସା ମଲିକ,ରଶ୍ମିତା ଭୋଇ, ଅନିତା ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସନାତନୀ ସେନା ପକ୍ଷରୁ ସନ୍ଥ ଦର୍ଶନ

ଫୁଲନଖରା(ଭାସ୍କର ନ୍ୟୁଜ): କଟକ ସଦର ୪୨ ମୌଜା ବ୍ରହ୍ମପୁର ସ୍ଥିତ ଥାନପତି ମନ୍ଦିର ପ୍ରାଙ୍ଗଣରେ ସନାତନି ସେନା ରାଜ୍ୟ ସଭାପତି ସମୀର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ବିରାଟ ସନ୍ଥ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ ର ବିଭିନ୍ନ ପ୍ରାନ୍ତରୁ ସାଧୁ ସନ୍ଥ ମାନେ ଆସି ଯୋଗଦେଇଥିଲେ। ରଣା ଷଣ୍ଢ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ସାଧୁ ସନ୍ଥ ମାନଙ୍କୁ ଥାନପତି ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା। ବିଭିନ୍ନ ପାରମ୍ପାରିକ ବାଦ୍ୟରେ ଅଞ୍ଚଳ ଉତ୍ସବ ମୁଖରିତ ହୋଇଥିଲା। ମା ଥନପତି ମନ୍ଦିର ପ୍ରାଙ୍ଗଣରେ ଏକ ଭବ୍ୟ ସଭାର ଆୟୋଜନ କରାଯାଇଥିଲା।ଏହି ଅବସରରେ ମଞ୍ଚାସୀନ ସାଧୁ ସନ୍ଥ ମାନଙ୍କ ଦ୍ୱାରା ରାଷ୍ଟ୍ର ନିର୍ମାଣରେ ସାଧୁଙ୍କ ଭୂମିକା ଶୀର୍ଷକ ଆଲୋଚନା କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମ ରେ ସନାତନି ସେନା ରାଜ୍ୟ ସଭାପତି ସମୀର ପଣ୍ଡା କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋ ଚନା କରିବା ସହ ଆଗାମୀ ଦିନରେ ସନାତନ ସେନା ରାଜ୍ୟରେ ସଂଗଠନ ବିସ୍ତାର ସହ ଗୋ ସୁରକ୍ଷା, ସନ୍ଥ ସମ୍ମାନ,ଶ୍ରୀମଦ୍ ଭଗବତ ଗୀତାର ପ୍ରଚାର ପ୍ରସାର, ହିନ୍ଦୁରାଷ୍ଟ୍ର ଘୋଷଣା ଏବଂ ମଠ ମନ୍ଦିର ସୁରକ୍ଷା ଆମର ଲକ୍ଷ୍ୟ ବୋଲି ବିଚାର ରଖିଥିଲେ।ରାଜ୍ୟ ସମ୍ପାଦକ ରଘୁନାଥ ଚୌଧୁରୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହ ଖୁବ୍ ଶୀଘ୍ର କଟକ ବାଲିଯାତ୍ରା ପଡ଼ିଆରେ ଏକ ବିଶାଳ ସନ୍ଥ ସମ୍ମିଳନୀ ଆୟୋଜନ ହେବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ସନାତନି ସେନାର ରାଜ୍ୟ କାର୍ଯ୍ୟାଳୟ ଉପସ୍ଥିତ ସାଧୁ ସନ୍ଥଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସନାତନି ସେନାର ବହୁ ଯୁବ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସନ୍ଥ ବିଶ୍ୱନାଥ ଦାସ ମହାରାଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ସାଧୁସନ୍ଥ ଯୋଗଦାନ କରିଥିଲେ।

# ପାଣି ନଥାଇ ଜଳକର ଦେଉଛନ୍ତି ଚାଷୀ

## ୫ବର୍ଷ ହେବ ଖନନ ହୋଇନି ଅନେକ କେନାଲ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ଦେଇ ଯାଇଥିବା କେନାଲ ପ୍ରାୟ ୫ରୁ ୬ବର୍ଷ ହେଲାଣି ଖନନ କରାଯାଇନାହିଁ। ଫଳରେ ସମଗ୍ର କେନାଲ ଦଳରେ ଭର୍ତ୍ତି ହୋଇଗଲାଣି, କେଉଁଠି ଶୁଖିଲା ପଡିଛି। ଫଳରେ ଖରିଫ ଚାଷ କରି ଜୀବିକାନିର୍ବାହ କରୁଥିବା ଅସ୍ତରଙ୍ଗ ବ୍ଲକଅନ୍ତର୍ଗତ ୧୦ରୁ ଊର୍ଦ୍ଧ୍ୱ ପଂଚାୟତର ଚାଷୀ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ଷାର ଅନିୟମିତତା ବେଳେ ଟୋପାଏ ପାଣି ପାଇବା ଚାଷୀଙ୍କୁ କଷ୍ଟକର ହୋଇପଡୁଛି। ତେଣେ ଜମିକୁ ଜଳ ନମାଡିବାରୁ ବି ଚାଷୀଙ୍କୁ ଜଳକର ଦେବାକୁ ପଡୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳକୁ ଶସ୍ୟଶାମଳା କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ଦେଇ କେନାଲ ହୋଇଥିଲା। ଏହା ଅସ୍ତରଙ୍ଗ ଉପକଣ୍ଠ ଅସ୍ତରଙ୍ଗ, କେନ୍ଦ୍ରାପଟି ପଂଚାୟତ ଦେଇ ପାଖାପାଖି ୨୦କିଲୋମିଟର ଅତିକ୍ରମ କରି କେନାଲ ତିଆରି ହୋଇଛି ସତ କିନ୍ତୁ ଅନେକ ସ୍ଥାନରେ ଦଳଭର୍ତ୍ତି କେଉଁଠି ଭାଙ୍ଗି ରୁଜି ଗଲାଣି। ତେଣୁ ସମ୍ପୃକ୍ତ କେନାଲ ଅସ୍ତରଙ୍ଗ ବ୍ଲକଅଞ୍ଚଳର ଜୀବନରେଖା ବୋଲି କୁହାଯାଉଥିଲା। ଏହି ଅଞ୍ଚଳର ଚାଷୀଙ୍କ କହିବା କଥା ୧୫ପଂଚାୟତ ମଧ୍ୟରୁ ଅସ୍ତରଙ୍ଗ ଓ କେନ୍ଦ୍ରାପଟି ପଂଚାୟତର ଅନେକ ଚାଷୀଙ୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ଜଳକର ଦେବା ପାଇଁ ଫୋନ୍ କଲ ଯାଉଛି। ଏହି ଅଞ୍ଚଳଚାଷୀଙ୍କ କହିବା କଥା, ଅସ୍ତରଙ୍ଗ ବ୍ଲକ ଅଂଚଳର କିଛି ପଂଚାୟତ ଦେଇ ୫ହଜାର ହେକ୍ଟର ଜମି ଚାଷ କରିବାକୁ ଏହି କେନାଲ ଉପରେ ଭରସା କରନ୍ତି। କିନ୍ତୁ ପ୍ରାୟ ୫ରୁ ୬ବର୍ଷ ଧରି କେନାଲ ସଂସ୍କାର କାର୍ଯ୍ୟହୋଇ ନଥିବାରୁ କେନାଲ ଗୁଡିକ କେଉଁଠି ଦଳ କେଉଁଠି ଭାଙ୍ଗି ଗଲାଣି। କେଉଁଠି ମଧ୍ୟ ପୋତି ହୋଇ ଗଲାଣି। ଏପରିକି ବହୁସ୍ଥାନରେ ଲୋକେ କେନାଲ ବନ୍ଧକୁ ଜବରଦଖଲ କରି ନେଲେଣି। ଏ ନେଇ ବାରମ୍ବାର ଦାବି ସତ୍ତ୍ୱେ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ରାପଟି ଗାଁର ରତିକାନ୍ତ ଦାଶ କହିଛନ୍ତି ଦୀର୍ଘଦିନ ଧରି କେନାଲ ପୁନଃଉଦ୍ଧାର କରାଯାଉନି। କେନାଲ ପାଣି ଆସୁନି। ଅନ୍ୟପଟେ ଜଣେ ଚାଷୀ ଅଭିଯୋଗ କରିଛନ୍ତି କେନାଲ ପାଣି ନପାଇଁ ମଧ୍ୟ ରାଜସ୍ୱ ନିରୀକ୍ଷକ କଥା ମାନି ପାଣି ପାଇଁ କର ଗଣୁଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀ କହିଲେ ମଧ୍ୟ କେବଳ ଥରେ ଥରେ ଲୋକ ଦେଖାଣିଆ କେନାଲ ସଫା କରି ଫଟୋ ଉଠାଇ ଦେଉଥିବା ବେଳେ ବାସ୍ତବସ୍ଥିତି ସମ୍ପୂର୍ଣ୍ଣ ଓଲଟା। ଏବେ ଗ୍ରୀଷ୍ମଋତୁ ରେ କେନାଲ ରେ ପାଣି ନାହିଁ। ଏ ସମ୍ପର୍କରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି ଜଳକର ସମସ୍ୟା ସମ୍ପର୍କ ରେ ଯାହାର କିଛି ଅଭିଯୋଗ ଅଛି ଜଣାଇଲେ ଜଳକର ସମ୍ବନ୍ଧୀୟ ତଦନ୍ତ କରାଯିବ। କିନ୍ତୁ ଚାଷୀମାନେ ଦାବି କରିଛନ୍ତି ସମ୍ପୂର୍ଣ୍ଣ ଜଳକର ଛାଡ଼ ପାଇଁ।



ଓଡ଼ିଶା ଭାସ୍କର

# ମହାନଗର



କଟକ(ଭାସ୍କର ନ୍ୟୁଜ୍): ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ବିରୋଧରେ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାକୁ ମେ'୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ଓଡ଼ିଶା ହାଇକୋର୍ଟ। ଏକ ସରକାରୀ କମ୍ପାନି ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍ ସହିତ ଜଡିତ ଏକ ଲାଞ୍ଚ ମାମଲାରେ ହାଇକୋର୍ଟ ସୋମବାର ବିଷ୍ଣୁପଦ ସେଠୀଙ୍କ ବିରୋଧରେ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷାକୁ ବଢାଇଛନ୍ତି। ବିଷ୍ଣୁପଦ ସେଠୀଙ୍କ ସହ ତାଙ୍କ ପତ୍ନୀ ଏବଂ ଝିଅଙ୍କ ମଧ୍ୟବର୍ତୀକାଳୀନ ସୁରକ୍ଷା ମଧ ବୃଦ୍ଧି କରିଛନ୍ତି ହାଇକୋର୍ଟ। ସୂଚନାଯୋଗ୍ୟ, ଡିସେମ୍ବର ୮ ତାରିଖରେ ଭୁବନେଶ୍ୱରରେ ଏକ ରିଅଲ୍ ଇଷ୍ଟେଟ୍ କମ୍ପାନିରୁ କାର୍ଯ୍ୟାଦେଶ ପ୍ରତିଶ୍ରୁତି ଦେଇ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ ହୋଇଥିବା ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନି (ଇଣ୍ଡିଆ) ଲିମିଟେଡ୍ ଗ୍ରୁପ୍ ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ପଚରାଉଚରା ସମୟରେ ତାଙ୍କ ନାମ ନେବା ପରେ ବିଷ୍ଣୁପଦ ସେଠୀ ସିବିଆଇ ସ୍କାନରକୁ ଆସିଥିଲେ।



ପାନୀୟ ଜଳଯୋଗାଣ ବ୍ୟବସ୍ଥା ସଂପର୍କରେ ମନ୍ତ୍ରୀଙ୍କ ସମୀକ୍ଷା

# ୨୦୨୭ ମାର୍ଚ୍ଚ ସୁଦ୍ଧା ମିଳିବ ବିଶୁଦ୍ଧ ପାନୀୟ ଜଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ସମସ୍ତ ପୌରାଂଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସଂପର୍କରେ ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି । ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି ଯେ ୨୦୨୭ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ପୌରାଞ୍ଚଳରେ ଗୁଣାତ୍ମକ ପାନୀୟ ଜଳ ବ୍ୟବସ୍ଥା କରାଯାଇ ପ୍ରତ୍ୟେକ ଘରେ ୨୪ ଘଣ୍ଟା ପହଞ୍ଚିବ ବିଶୁଦ୍ଧ ପାନୀୟ ଜଳ। ନଦୀ ଜଳକୁ ଅଧିକା ବ୍ୟବହାର କରିବାକୁ ବ୍ୟାରେଜ୍ ତିଆରି କରାଯିବ। ଓଡବ୍ଲୁଏସଏସବି



ୱାଟକୋ ଏବଂ ଜନ ସ୍ୱାସ୍ଥ୍ୟ ତିନି ବିଭାଗ ସହ ଆଲୋଚନା କରାଯାଇଛି। ଲୋକଙ୍କ ନିକଟରେ ୨୪ ଘଣ୍ଟିଆ ବିଶୁଦ୍ଧ ପାଣି ପହଞ୍ଚିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଛି ।ନିର୍ମାଣାଧିନ ପାନୀୟଜଳ ପ୍ରକଳ୍ପ ଗୁଡିକ ସଂପର୍କରେ ଆଲୋଚନା କରାଯାଇ ନିର୍ଦ୍ଧାରିତ ସମୟ ସୀମାମଧରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ନିୟମିତ ସମୀକ୍ଷା ଓ ତଦାରକ କରିବାକୁ ଅଧିକାରୀମାନଙ୍କୁ ପାରାମର୍ଶ ଦିଆଯାଇଛି। ଯେଉଁ ସବୁ ପକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନି କେଉଁ କେଉଁ ସମସ୍ୟା ପାଇଁ ଅଟକିଛି , କାମ କିପରି ତ୍ୱରାନିତ ହେବ ସେ ନେଇ ଆଲୋଚନ ହୋଇଛି ଓ ନିର୍ଦ୍ଦେଶ ମଧ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ୨୦୨୫-୨୬ ବଜେଟ ଏପ୍ରିଲ ଆରମ୍ଭରୁ କେମିତି କାର୍ଯ୍ୟକାରୀ ହେବ ସେ ନେଇ ଚିନ୍ତା କରୁଛୁ। ଏ ନେଇ ବିବାଗୀୟ ପଦାଧିକାରୀ ମାନଙ୍କୁ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। ଉନ୍ନତି ଭବନ ୨ୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ, ୱାଟକୋ ପରିଚାଳନା ନିର୍ଦ୍ଦେଶକ ଗୁରୁ ଚରଣ ଦାସ, ଇଆଇସି ଓ ଓଡବ୍ଲୁଏସଏସବି ରତିନ୍ଦ୍ର ନାରାୟଣ ମଲ୍ଲିକ, ଇଆଇସି ପିଏଚ୍‌ଇଓ ବିକାସ ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ରାଜ୍ୟ ବିଧି ଆୟୋଗ କାର୍ଯ୍ୟାଳୟ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ବିଧି ଆୟୋଗ କାର୍ଯ୍ୟାଳୟ ଆଜି ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ତୋଷାଳୀ ଭବନ ପରିସରରେ ସ୍ଥାପିତ ଆୟୋଗଙ୍କ କାର୍ଯ୍ୟାଳୟ ରାଜ୍ୟରେ ପ୍ରଚଳିତ ଆଇନର ତର୍ଜମା, ପରିବର୍ତ୍ତନ ଓ ସଂଶୋଧନ କରିବା ଦିଗରେ ସରକାରଙ୍କୁ ପରାମର୍ଶ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏଥିସହ ୧୯୬୯ରେ ଗଠିତ ରାଜ୍ୟ ଆଇନ ସଂଶୋଧନ କମିଟିକୁ ଅଧିକ କାର୍ଯ୍ୟକ୍ଷମ କରିବା ସହ ରାଜ୍ୟର ପ୍ରଚଳିତ ଆଇନ ଏବଂ ସମକାଳିନ ତାଲିକାରେ ଆସୁଥିବା ଆଇନଗୁଡିକର ପରିବର୍ତ୍ତନ ଏବଂ ସଂଶୋଧନର ଆବଶ୍ୟକତା କୁ ଦୃଷ୍ଟି ରେ ରଖି ରାଜ୍ୟ ସରକାର 'ଓଡିଶା ରାଜ୍ୟ ବିଧି ଆୟୋଗ' ଗଠନ କରିଛନ୍ତି । ଏହା ଓଡିଶା ସରକାରଙ୍କ ଦ୍ୱାରା ଏକ ଯୁଗାନ୍ତକାରୀ ଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଅଟେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି । ଏହି ଅବସରରେ ଆୟୋଗ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ, ଆୟୋଗର ପଦ ପ୍ରଯୁକ୍ତ ସଦସ୍ୟ ତଥା ମହାଧିବକ୍ତା ପିତାମ୍ବର ଆଚାର୍ଯ୍ୟ ଓ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକଙ୍କ ସହିତ ଆୟୋଗର ସଦସ୍ୟ ତଥା ପ୍ରଫେସର ଲଳିତ କୁମାର ଦେବ, ସୂର୍ଯ୍ୟ ପ୍ରସାଦ ମିଶ୍ର ଓ ସୌର ଚନ୍ଦ୍ର ମହାପାତ୍ର, ଆୟୋଗର ସଦସ୍ୟ ସଚିବ ଗଙ୍ଗାଧର ସେଠି ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନର ସଭାପତି ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏତଦବ୍ୟତୀତ ବିଧି ଚେତକ ତଥା ସ୍ୱତନ୍ତ୍ର ଶାସନ ସଚିବ, ପ୍ରଣବ କୁମାର ପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ପ୍ରସାଦ ସାହୁ, ଦ୍ୱିତୀୟ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## 'ହରିତ ଯୋଗ' ଉଭୟ ମନୁଷ୍ୟ ଓ ପ୍ରକୃତିକୁ ସୁରକ୍ଷିତ ରଖିଥାଏ: କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସୋମବାର ସାଧାରଣ ଯୋଗ ଅଭ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬,୦୦୦ରୁ ଅଧିକ ଯୋଗପ୍ରେମୀ ଯୋଗାଭ୍ୟାସ କରିଛନ୍ତି । ଏହି ଅବସରରେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଧବ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଦ୍ୱାରା 'ହରିତ ଯୋଗ' ନାମକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଔଷଧୀୟ ଉଦ୍ଭିଦ ରୋପଣ ସହ ଅଂଶଗ୍ରହଣକାରୀଙ୍କୁ ଔଷଧୀୟ ଉଦ୍ଭିଦ ବିତରଣ କରାଯାଇଛି । ଏଥିସହ ଆସନ୍ତା ୨୧ ଜୁନ୍ ଅନ୍ତର୍ଜାତୀୟ ଯୋଗଦିବସ ନିମନ୍ତେ ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଛି। ସମାବେଶକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଯୋଗ ଗତ ୧୦ ବର୍ଷ ମଧ୍ୟରେ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି ଏବଂ ବର୍ତ୍ତମାନ ଏହା ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ୨୦୨୫ ମାର୍ଚ୍ଚ ୩୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ମନ୍ କି ବାତ୍'ରେ ଏହା କହିଥିଲେ। ଶ୍ରୀ ମୋଦୀ ଦୈନନ୍ଦିନ ଜୀବନରେ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅନ୍ତର୍ଜାତୀୟ ଯୋଗ ଦିବସ ଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏକ ସୁସ୍ଥ ବିଶ୍ୱ ପାଇଁ ଭାରତର ବିଚାର ବାଣ୍ଟିବା ଲାଗି ପ୍ରଧାନମନ୍ତ୍ରୀ ଯୋଗ ଦିବସ ୨୦୨୫ର ବିଷୟବସ୍ତୁ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ରଖିଛନ୍ତି। କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଧବ ଶୁଭାରମ୍ଭ କହିଥିଲେ 'ହରିତ ଯୋଗ' ଯୋଗଦିବସ ୨୦୨୫ର ୧୦ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅଂଶବିଶେଷ। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମିଶି ହରିତ ଯୋଗର ଶୁଭାରମ୍ଭ ଅବସରରେ ଔଷଧୀୟ ବୃକ୍ଷରୋପଣ କରିଥିଲେ। ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗର ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଯୋଗ ଆମକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ। ସମସ୍ତେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ଭଗବାନ ଜଗନ୍ନାଥଙ୍କ ଦିବ୍ୟତାରୁ ଶକ୍ତି ଆହରଣ ଲାଗି ସେ ଆହ୍ୱାନ ଦେଇଥିଲେ। ପୁରୀ ସାଂସଦ ସମ୍ବିତ ପାତ୍ର ବିଶ୍ୱସ୍ତରରେ ଯୋଗର ପ୍ରଭାବକୁ ସ୍ୱୀକାର କରିବା ସହ ଯୋଗ ଦିବସର ସଫଳତା ଉପରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାସ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଆୟୁଷ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ନିଶାନ୍ତ ମେହରାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଯୋଗାଭ୍ୟାସରେ ଯୋଗ ନିଦ୍ରା, ପ୍ରାଣାୟାମ, ଧ୍ୟାନ ଆଦି ପ୍ରଦର୍ଶନ କରାଯାଇଥିଲା।

## ଓଡ଼ିଶାରେ ପାଇଲଟ୍ ଭାବେ ଆରମ୍ଭ ହେଲା ଏଆଇ ଆନ୍ଥ୍ରୋପୋମେଟ୍ରିକ୍ ଟୁଲ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୋମବାର ଭୁବନେଶ୍ୱରର ଆଇସିଏମଆର ଅଡିଟୋରିୟମ ହଲରେ ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରାଳୟ, ୱାଧୱାନୀ ଏଆଇ, ଆଇସିଏମଆର-ଆରଏମଆରସି ଭୁବନେଶ୍ୱର ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ମିଳିତ ସହଭାଗିତାରେ ଶିଶୁଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ ଏଆଇ ଉପକରଣ ଶୀର୍ଷକ ଏକ ପାଞ୍ଚଦିନିଆ ତାଲିମ ତଥା କର୍ମଶାଳା ଉଦ୍‌ଘାଟନ ହୋଇଯାଇଛି । ତାଲିମ କାର୍ଯ୍ୟକ୍ରମକୁ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା। ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆଇସିଏମଆର-ଆରଏମଆରସି, ଭୁବନେଶ୍ୱର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି, ଜାତୀୟ କାର୍ଯ୍ୟକ୍ରମର ମୁଖ୍ୟ ଡକ୍ଟର ସ୍ନେହା ନିକମ, ଆଇସିଏମଆର-ଆରଏମଆରସି, ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ୱାଧୱାନୀ ଏଆଇର ମୁଖ୍ୟ ଡକ୍ଟର ମକରନ୍ଦ ତପସ୍ୱୀ, ରାଜ୍ୟ ମହିଳା ଓ ଶିଶୁ ବିକାଶର ଅତିରିକ୍ତ ସଚିବ ଶ୍ରୀ ଏନ.ସି. ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତା ଆଧାରିତ ଟେକ୍ନୋଲୋଜିକୁ ବ୍ୟବହାର କରି ଅଙ୍ଗନବାଡି କେନ୍ଦ୍ରରେ ଶିଶୁମାନଙ୍କ ଆନ୍ଥ୍ରୋପୋମେଟିକ ତଥା ଓଜନ ଓ ଉଚ୍ଚତା ମାପ କରାଯିବା ସହ ଶିଶୁମାନଙ୍କର କୁପୋଷଣକୁ ପ୍ରାରମ୍ଭିକ ଅବସ୍ଥାରେ ହିଁ ଚିହ୍ନଟ କରାଯାଇପାରିବ । ଏହି ଅଭିନବ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ସମଗ୍ର ଦେଶରେ ପ୍ରଥମ । ଏହି ପାଞ୍ଚଦିନିଆ ତାଲିମ ତଥା କର୍ମଶାଳାରେ କ୍ଷେତ୍ର ଅନୁସନ୍ଧାନକାରୀ ନିର୍ଦ୍ଧାରିତ ପ୍ରୋଟୋକୋଲ ବ୍ୟବହାର କରି ଶିଶୁଙ୍କ ଓଜନ ଓ ଉଚ୍ଚତା ସୂଚକ ମାପ କରିବା ଉପରେ ବ୍ୟାପକ ତାଲିମ ପାଇବେ । ଆଇସିଏମଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ନ୍ୟୁଟ୍ରିସନ (ଏନଆଇଏନ), ଆଇସିଏମଆର- ଆରଏମଆରସି ଭୁବନେଶ୍ୱର ଏବଂ ୱାଧୱାନୀ ଏଆଇର ବିଶେଷଜ୍ଞ ପ୍ରଶିକ୍ଷକମାନେ ସେମାନଙ୍କୁ ତାଲିମ ପ୍ରଦାନ କରିବେ । ତାଲିମ ପରେ କ୍ଷେତ୍ର ଅନୁସନ୍ଧାନକାରୀ ପାଇଲଟ୍ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ଏବଂ କାର୍ଯ୍ୟକାରିତା ପାଇଁ ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରେ ୩-୪ ମାସ ଧରି ତଥ୍ୟ ସଂଗ୍ରହ ଓ ଆକଳନ କରିବେ ।

## ନର୍ସିଂ ମାନବ ଜାତିର ସେବା କରିବାର ଗଭୀର ପ୍ରତିବଦ୍ଧତା: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନର୍ସିଂ କେବଳ ଏକ ଆଦର୍ଶ ବୃତି ନୁହେଁ, ବରଂ ଦୟା, ଯତ୍ନ ଓ ନିଷ୍ଠାର ସହ ମାନବ ଜାତିର ସେବା କରିବାର ଗଭୀର ପ୍ରତିବଦ୍ଧତା ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ସୋମବାର ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ରିର୍ସଚ ସେଣ୍ଟର ଅଡିଟୋରିୟମଠାରେ କଳିଙ୍ଗ ନର୍ସିଂ କଲେଜର ଦୀପ ପ୍ରଜ୍ୱଳନ ଓ ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଉତ୍ସବରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ ଦୀପ ପ୍ରଜ୍ୱଳନ ସମାରୋହ ଗଭୀର ପ୍ରତୀକାତ୍ମକ ଏବଂ ଏହା ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କୁ ସ୍ମରଣ କରିବାର ଅବସର ଆଣେ ଓ ଏହା ପୀଢ଼ି ପୀଢ଼ିକୁ ପ୍ରେରଣ ଦେଇ ଆସୁଛି। ଦୀପ ପ୍ରଜ୍ୱଳନ ଜ୍ଞାନର ପ୍ରସାରଣ, ଜୀବନବ୍ୟାପୀ ଶିକ୍ଷାର ଆରମ୍ଭ ଏବଂ ରୋଗୀ ଯତ୍ନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ ଗମ୍ଭୀର ପ୍ରତିଜ୍ଞାର ପ୍ରତୀକ। ନର୍ସିଂ ଏକ ବୃତି ନୁହେଁ, ଏହା ଏକ ଆହ୍ୱାନ। ଏହା କେବଳ ବିଜ୍ଞାନ ଭିତିକ ଜ୍ଞାନ ଏବଂ କ୍ଲିନିକାଲ୍ ଦକ୍ଷତା ନୁହେଁ, ଏହା ମାନବିକ ସ୍ପର୍ଶ-ସହାନୁଭୂତି, ଧୈର୍ଯ୍ୟର ବୃତି। ନର୍ସିଂ ବୃତିଧାରୀମାନେ ସାଧାରଣତଃ ପ୍ରଥମେ ରୋଗୀଙ୍କ ପାଖରେ ପହଂଚନ୍ତି ଏବଂ ଚିକିତ୍ସା ଶେଷ ପର୍ଯ୍ୟନ୍ତ ରୁହନ୍ତି । ସେମାନେ ଦୁଃଖରେ ସାନ୍ତ୍ୱନା ଏବଂ ହତାଶରେ ଆଶା ଆଣନ୍ତି ବୋଲି ରାଜ୍ୟପାଳ କହିଥିଲେ। ଏପରି ଉତ୍ସର୍ଗୀକୃତ ନର୍ସିଂ ବୃତିଧାରୀମାନଙ୍କୁ ଗଢ଼ିବା, ନୈତିକ ମୂଲ୍ୟବୋଧ ପ୍ରଦାନ କରିବା କ୍ଷେତ୍ରରେ କଳିଙ୍ଗ ହସ୍ପିଟାଲ ଓ କଳିଙ୍ଗ ନର୍ସିଂ କଲେଜର ପ୍ରଚେଷ୍ଟାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ କଳିଙ୍ଗ ହସ୍ପିଟାଲର ଟ୍ରଷ୍ଟି ଏସ୍.ସି.ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାରତୀୟ ବିଦ୍ୟା ଭବନର ଚେୟାରମ୍ୟାନ (ଭୁବନେଶ୍ୱର) ଜୟନ୍ତ କୁମାର ମହାନ୍ତି, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନର ଅଧକ୍ଷ ଡ଼ ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଓବିଜିର ଏଚ୍.ଓ.ଡି. ଡା. ସୁଜାତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସୁସ୍ଥ ଓଡ଼ିଶା ନିର୍ମାଣ ପ୍ରତି ପ୍ରତିବଦ୍ଧତା ଦୋହରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ପାଇଁ ପ୍ରତିବଦ୍ଧତା ଦୋହରାଇଛନ୍ତି । ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ମାଝୀ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ମଜବୁତ କରିବା ଓ ସମସ୍ତ ନାଗରିକଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ନିକଟରେ ପହଂଚାଇବା ସୁନିଶ୍ଚିତ କରିବା ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି । ସେ ଏହା ବି କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇଥାନ୍ତି, ଏହାକୁ ସମୃଦ୍ଧ ଓ ବିକଶିତ ଓଡ଼ିଶା ପାଇଁ ଏକ ମଜବୁତ ଆଧାର ମାନି ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିକୁ ଉତମ କରିବା ପାଇଁ ନିରନ୍ତର ପ୍ରୟାସରତ ଅଛନ୍ତି ।

## ଅଂଶୁଘାତ ଜନିତ ସଚେତନତା ରଥର ଶୁଭାରମ୍ଭ କଲେ ପ୍ରଭାତୀ ପରିଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଂଶୁଘାତ ଜନିତ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ସୋସିଆଲ ମିଡିଆ ଏକ୍ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୀତ ଗୋବିନ୍ଦ ସଦନ ଠାରେ ୟୁଥ ଫର ୱାଟର ପ୍ଲସ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଂଶୁଘାତ ଜନିତ ସଚେତନତା ରଥର ଶୁଭ ଉଦ୍ଘାଟନ କଲି। ଖରା ସମୟରେ ସାବଧାନ ରହିଲେ ସଚେତନ ରହିଲେ ଅଂଶୁଘାତରୁ ସୁରକ୍ଷିତ ରହିବେ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଶୁଭେଚ୍ଛା ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ସୁସ୍ଥ ଦେହ ଓ ମନ ହେଉଛି ଏକ ସୁନ୍ଦର ଜୀବନର ଆଧାର। ଆସନ୍ତୁ, ଏହି ଦିନରେ ଏକ ସୁସ୍ଥ ଭବିଷ୍ୟତ ଗଢ଼ିବାକୁ ସଙ୍କଳ୍ପ ନେବା।

## ସମସ୍ତଙ୍କୁ ସ୍ୱାସ୍ଥ୍ୟ ଅଧିକାର ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କଟକ(ଭାସ୍କର ନ୍ୟୁଜ୍): ଭାରତୀୟ ସମ୍ବିଧାନ ବ୍ୟବସ୍ଥା ଅନୁସାରେ ସମସ୍ତ ନାଗରିକଙ୍କୁ ସ୍ୱାସ୍ଥ୍ୟ ଅଧିକାର ପ୍ରଦାନ କରିବାକୁ ଗାନ୍ଧୀବାଦୀ ଗଣ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଗାନ୍ଧୀବାଦୀ ଗଣ ସଙ୍ଗଠନ ସମୂହଙ୍କ ପକ୍ଷରୁ ପ୍ରସନ୍ନ ମହାପାତ୍ର, ପ୍ରଭାତ କୁମାର ସାହୁ, ବିଜୟ ଓଝା, ପ୍ରତାପ ସାହୁ, ନାରାୟଣ ଚନ୍ଦ୍ର ଜେନା ପ୍ରମୁଙ୍କଙ୍କୁ ହନଇ ଏକ ପ୍ରତିନିଧି ମଣ୍ଡଳୀ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ ।

ରତ୍ନଭଣ୍ଡାର ଚାବି ହଜିବା ଓ ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀବୀ ମାମଲା

## କ୍ୟାବିନେଟ୍‌ରେ ରିପୋର୍ଟ ଉପସ୍ଥାପିତ ନେଇ ସତ୍ୟପାଠ

କଟକ(ଭାସ୍କର ନ୍ୟୁଜ୍): ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ଓ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପାଇଁ ରୁଜୁ ମାମଲାରେ ସୋମବାର ହାଇକୋର୍ଟରେ ରାଜ୍ୟ ସରୀକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି । ଦାଖଲ ସତ୍ୟପାଠରେ କ୍ୟାବିନେଟ୍‌ରେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ କମିଶନଙ୍କ ରିପୋର୍ଟ ଦାଖଲ କରାଯିବ ବୋଲି ଦର୍ଶାଯାଇଛି । ଆଜି ହାଇକୋର୍ଟରେ ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ଏପରି ସତ୍ୟପାଠ ଦାଖଲ କରିଛନ୍ତି । ରାଜ୍ୟ ସରକାରଙ୍କ ଏପରି ସତ୍ୟପାଠ ଆଧାରରେ ଆସନ୍ତା ମଇ ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲଇ ହାଇକୋର୍ଟ କହିଛନ୍ତି । ଏହି ପ୍ରସଙ୍ଗରେ ପୂର୍ବରୁ ହାଇକୋର୍ଟରେ ପୃଥକ ପୃଥକ ସତ୍ୟପାଠ ଦାଖଲ କରାଯାଇଥିବାରୁ ଏହାକୁ ନେଇ ଦ୍ୱନ୍ଦ ଦେଖାଦେଇଥିଲା । ବିଶେଷ କରି ରତ୍ନଭଣ୍ଡାର ଚାବି ହଜିବା ଓ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ତରଫରୁ ଦୁଇଟି ପୃଥକ ପୃଥକ ସତ୍ୟପାଠ ଦାଖଲ କରାଯାଇଥିବାରୁ ହାଇକୋର୍ଟ ଏହାର ସ୍ପଷ୍ଟକରଣ ମାଗିଥିଲେ । କୋର୍ଟ ଅଫ୍ ଇନ୍‌କ୍ୱାରୀ ଆଇନ ଅନୁସାରେ ରତ୍ନଭଣ୍ଡାର ଚାବି ହଜିବା ଓ ଜଷ୍ଟିସ୍ ରଘୁବୀର୍ ଦାସ ତଦନ୍ତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିବାର ଆବଶ୍ୟକତା ରହିଛି ବୋଲି ରୁଜୁ ମାମଲାରେ ଦର୍ଶାଯାଇଥିଲା ।

## ମହିଳାଙ୍କୁ ଭୋଟ୍ ବ୍ୟାଙ୍କ ହିସାବରେ ଦେଖାଯାଉଛି: ସୋଫିଆ ଫର୍ଦ୍ଦୋସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମିଶନ ଶକ୍ତିକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବୟାନ ଉପରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସ ପ୍ରତିକ୍ରିୟା ରଖିଛନ୍ତି । ମହିଳାଙ୍କୁ ସର୍ବଦା ଭୋଟ ବ୍ୟାଙ୍କ ହିସାବରେ ଦେଖା ଯାଉଛି । ଯେଉଁଥିପାଇଁ ତାଙ୍କର ବିକାଶ ହେଉନାହିଁ । ୪୦, ୫୦ ବର୍ଷ ମହିଳାଙ୍କୁ କାଢି ଦେଲେ ଏବେ ସେମାନେ କେଉଁଠିକୁ ଯିବେ । ମହିଳାଙ୍କ ଭୋଟ ପାଇଁ ସରକାରକୁ ଆସିଛି ବିଜେପି । ଭୟଭୀତ ନ ହୋଇ ନୂଆ ମହିଳାଙ୍କୁ ଯୋଡିବା ଦରକାର ବୋଲି ସେ କହିଛନ୍ତି ।

## ଚଳିତ ମାସ ଶେଷ ସୁଦ୍ଧା ଦଳର ସାଂଗଠନିକ ନିର୍ବାଚନ ସଂପୂର୍ଣ୍ଣ ହେବ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ମାସ ଶେଷ ସୁଦ୍ଧା ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ସଂପୂର୍ଣ୍ଣ ହେବ ବୋଲି ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜୁ ଜନତା ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ତଥା ବିରୋଧୀ ଦଳର ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ । ଶ୍ରୀ ଦେବ କହିଥିଲେ ଯେ, ୬ଟି ପର୍ଯ୍ୟାୟରେ ହେବାକୁ ଥିବା ଦଳର ସାଂଗଠିକ ନିର୍ବାଚନ ମଧ୍ୟରୁ ୩ୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି । ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟା ନିମନ୍ତେ ଆଜି ୩୩ଟି ସାଂଗଠନିକ ଜିଲ୍ଲାର ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଖୁବଶୀଘ୍ର ଜିଲ୍ଲା ସଭାପତି ଚୟନ କାର୍ଯ୍ୟ ସମାପ୍ତ ହେବ । ଏହା ପରେ ୫ମ ପର୍ଯ୍ୟାୟରେ ରାଜ୍ୟ ପରିଷଦ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଦଳର ସଭାପତି ନିର୍ବାଚନ କାର୍ଯ୍ୟ ସଂପୂର୍ଣ୍ଣ ହେବ । ଏହି ନିର୍ବାଚନ ପ୍ରକ୍ରିୟାରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତର ଯାଏଁ ଦଳର ଯୁବ, ଛାତ୍ର, ମହିଳା ଓ ସାଧାରଣ ଛାମୁଆଁ ସଂଗଠନର ସଦସ୍ୟମାନେ ସକ୍ରିୟ ଭାବେ ଭାଗ ନେଉଛନ୍ତି । ରାଜ୍ୟର ସମସ୍ତ ପଂଚାୟତ, ବ୍ଲକ ଓ ସହରାଂଚଳର ୱାର୍ଡ ଏବଂ ସହରାଞ୍ଚଳ ସଭାପତି ଓ ସମସ୍ତ କମିଟି ଗଠନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଯାଇଛି । ଦଳର ଅଦ୍ୱିତୀୟ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ରାଜ୍ୟବାସୀଙ୍କ ପାଇଁ ସର୍ବଦା କାର୍ଯ୍ୟ କରୁଥିଲା, କରୁଛି ଏବଂ ଆଗାମୀ ଦିନରେ ମଧ ଏହି କାର୍ଯ୍ୟ ଦୃଢତାର ସହ ଜାରି ରହିବ । ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟି ଅଧକ୍ଷ ଦେବୀ ପ୍ରସାଦ ମିଶ୍ର, ଗଣମାଧ୍ୟମ ମୁଖ୍ୟ ସଂଯୋଜକ ପ୍ରତାପ ଜେନା, କାର୍ଯ୍ୟକ୍ରମ ରୂପାୟନ କମିଟି ଅଧକ୍ଷ ସଞ୍ଜୟ କୁମାର ଦାସବର୍ମା, ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ରହି ସାଂଗଠନିକ ନିର୍ବାଚନ ଉପରେ ଆଲୋକପାତ କରିଥିଲେ ।

ବିଜେଇମ୍ ସ୍କୁଲ ଅଭିଭାବକ ସଂଘର ୪୫ ଦିନର ଲମ୍ବା ଲଢ଼େଇ

## ଶୋଭାଯାତ୍ରାରେ ଯାଇ ବିଧାୟକଙ୍କ ସହ ଆଲୋଚନା କଲା ଅଭିଭାବକ ସଂଘ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜିକୁ ୪୫ ଦିନ ଧରି ଅଭିଭାବକ ସଂଘ ପକ୍ଷରୁ ଚାଲିଛି ସଂଘର୍ଷ । ରାତିଦିନ ଏକ କରି ଅଭିଭାବକ ଲଢୁଥିବା ଦେଖାଦେଇଛି। ବଡଗଡ ଥାନାରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିଛି । ୪ହଜାର ପରିବାର ଆଜି ବି ନ୍ୟାୟ ଆଶାରେ ସରକାରଙ୍କୁ ଗୁହାରି କରି ଚାଲିଛନ୍ତି । ମୂକ, ବଧିର ପାଲଟି ଯାଇଛି ରାଜ୍ୟ ଗଣଶିକ୍ଷା ବିଭାଗ । ସେପଟେ ଚଞ୍ଚଗ ମିଟିଂ ନା ରେ ଅଭିଭାବକ ମାନଙ୍କ ଜାଲି ଦସ୍ତଖତ କରି ସ୍କୁଲ ଫି ବୃଦ୍ଧି କରି ଚାଲିଛି ସ୍କୁଲ । ମିଛ ହାଇକୋର୍ଟ ଅର୍ଡର ଦେଖେଇ ଫି ବୃଦ୍ଧିକୁ ଥାନାରେ ଅଭିଯୋଗ ପରେ ବି, ପୋଲିସ ନୀରବ ଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗ ହୋଇଛି । ଆଜି ସ୍କୁଲରେ ଆକ୍ୱାଗାର୍ଡ, ଶୀତତାପ ଯନ୍ତ୍ର ଲାଗିଲା ବୋଲି ସ୍କୁଲ ତାର ସୋସିଆଲ ମିଡ଼ିଆରେ ଫଟୋ ଛାଡୁଛି । ବହୁତ ଦିନ ପରେ ମନେ ପଡ଼ିଲା, ପିଲାଙ୍କୁ ଭଲ ପାଣି ଟିକେ ପିଇବା ଦରକାର । ଏପଟେ ବଡ ପିଲାଙ୍କ ପାଇଁ ଲଗୁଛି ଶୀତ ତାପ ଯନ୍ତ୍ର କିନ୍ତୁ ଛୋଟ ପିଲାଙ୍କ ପାଇଁ ନାହିଁ ବିଜୁଳି ଇନଭଟର । ବିଜୁଳି ଗଲେ ପିଲା ଗରମରେ ହେଉଛନ୍ତି ଛଟପଟ । ସିବିଏସ୍‌ଇ ନିୟମ ଅନୁଯାୟୀ ଗୋଟିଏ ରୁମ୍‌ରେ ଯେତିକି ପିଲା ବସିବା କଥା, ଦୁଇ ଗୁଣ ବସୁଛନ୍ତି । ମିଛ କାଗଜପତ୍ରର ଚାଲୁଛି ସ୍କୁଲ ବୋଲି ଅଭିଯୋଗ କରିଛି ଅଭିଭାବକ ସଂଘ । ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରୀ ହେଉଛି ସିଟ । ଆଜି ସକାଳେ ସଂଘ ଏକ ପ୍ରତିନିଧି ଦଳ ସଭାପତି ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ବିଧାୟକ ବାବୁ ସିଂଙ୍କୁ ଭେଟି ଆସନ୍ତା କାଲି ଉଚ୍ଚସ୍ତରୀୟ ତଦନ୍ତ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସ୍କୁଲର ମ୍ୟାନେଜର ପ୍ରତାପ ଜେନା ସ୍କୁଲ ଅଭିଭାବକ ସଂଘର ସଭାପତି ରଞ୍ଜନ କୁମାର ଦାସ ଓ ସଂପାଦକ ନିତ୍ୟାନନ୍ଦ ବେହେରା ଆଲୋଚନାରେ ନ ବସିବା ପାଇଁ ବିଧାୟକଙ୍କୁ କହିଥିଲେ ବୋଲି ଜଣାପଡ଼ିବା ପରେ । ଆସନ୍ତାକାଲି ସ୍କୁଲ ସଂଘ ଏକ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ ସ୍କୁଲର ମ୍ୟାନେଜର ପ୍ରତାପ ଜେନା ନ ବସିବା ଲିଖିତ ଅଭିଯୋଗ କରିଥିଲେ । ବିଧାୟକ ଅଭିଭାବକଙ୍କୁ ଡାକି ଡିଇଓ, ଖୋର୍ଦ୍ଧାଙ୍କ ସହ ଆଲୋଚନା କରି, କହିଲେ, ଆପଣ ମାନଙ୍କର ସଭାପତି, ସଂପାଦକଙ୍କ ସହ ଆଉ ଦୁଇ ଜଣ ଅଭିଭାବକ ମଧ ଉପସ୍ଥିତ ରହିବେ । ଆସନ୍ତା କାଲି ସକାଳ ୯ଟାରେ ହେବାକୁ ଥିବା ତଦନ୍ତ ପାଇଁ ଅଭିଭାବକ ସଂଘ ସମସ୍ତ ପ୍ରମାଣପତ୍ର ସହ ତଦନ୍ତ କାରି ଅଫିସରଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ପ୍ରସ୍ତୁତ ବୋଲି କହିବା ସହ ସଂଘର ସଭାପତି ଶ୍ରୀ ଦାସ ଫି ବୃଦ୍ଧି ବନ୍ଦ ନ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଜଣାଇଛନ୍ତି ।

## ୪୨ ମୌଜାରେ ମହାସତ୍‌ସଙ୍ଗ ଲୀଳା

କଟକ(ଭାସ୍କର ନ୍ୟୁଜ୍): ୪୨ ମୌଜା ଥାନା ଅନ୍ତର୍ଗତ ଝାରକଟା ପଞ୍ଚାୟତ ଅଧିନ ଶିଶୁଆ, ପଟଣା, ଝାରକଟା ମଧ୍ୟ ସ୍ଥଳରେ ଥିବା ପରମହଂସନାଥ ଆଦିପୀଠ ତଥା ମାଳିକା ପ୍ରସିଦ୍ଧ ବାଣିଆ ପୀଠରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହାସତସଙ୍ଗ ଲୀଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶ୍ରୀଗୁରୁ ଡ. ପ୍ରଦ୍ୟୁମ୍ନ କିଶୋର ଦେବ ଆର୍ଯ୍ୟ ସଂସ୍କୃତି ପରମ୍ପରା ଓ ବିଶ୍ୱ ଭାତୃତ୍ୱଭାବ ସୃଷ୍ଟିର ଗୁଢତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସେ ସତ୍ୟ, ସଂସ୍କାର, ସଦାଚାର, ସଂଯମ, ନାମତତ୍ତ୍ୱ, ବ୍ରହ୍ମତତ୍ତ୍ୱ ଆଦି ମାତୃଗର୍ଭ ଜ୍ଞାନ ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ଆଲୋକପାତ କରିଥିଲେ । ଭୂମିକମ୍ପ, ମହାବାତ୍ୟା, ପ୍ରାକୃତିକ ବିପର୍ଯ୍ୟୟ, ଦୈବୀ ଦୁର୍ବିପାକ ଆଦିରୁ ରକ୍ଷା ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ନାମ ସଂକୀର୍ତ୍ତନ ଭଜନ, ଜଣାଣ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅପର୍ଣ୍ଣା ଦେବୀ, ସୂପର୍ଣ୍ଣା ଦେବୀ, ଦୀପ୍ତି ଦାଶ, କସ୍ତୁରୀ ସ୍ୱାଇଁ, କରୁଣାକର ନାୟକ, ପଣ୍ଡିତ ପ୍ରମୋଦ କୁମାର ନାୟକ, ୪୨ ମୌଜା ଉନ୍ନୟନ ପରିଷଦ ସଭାପତି ଅନିଲ ଦାସଙ୍କ ସମେତ ଶ୍ରୀଗୁରୁ ପ୍ରଦ୍ୟୁମ୍ନ କିଶୋର ଦେବ ଚାରିଟେବୁଲ ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଲିଙ୍ଗରାଜ ମହୋତ୍ସବ ତୃତୀୟ ସନ୍ଧ୍ୟା

# ନୃତ୍ୟରେ ବିମୋହିତ କଲେ କଳାକାର





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ନୃତ୍ୟରେ ବିମୋହିତ କରିଥିଲେ ବିଭିନ୍ନ କଳାକାରମାନେ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତାକର୍ଷକ ନୃତ୍ୟକୁ ଦେଖି ଦର୍ଶକ ବିମୁଗ୍ଧ ହୋଇଥିଲେ। ପ୍ରଥମେ ଗୁରୁ ମନୋରଞ୍ଜନ ପ୍ରଧାନ ଓ ତାଙ୍କ ଦଳ ଦ୍ୱାରା ଓଡ଼ିଶୀ ନୃତ୍ୟରେ ପରିବେଷଣ କରିଥିଲେ। ପରେ ଇଷ୍ଟର୍ନ୍ ଜୋନ୍ କଲଚରାଲ ସେଣ୍ଟର ପକ୍ଷରୁ ବିହାରର ସାକର କଳା କ୍ରିତି ପକ୍ଷରୁ ଲୋକ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ବଲାଙ୍ଗୀର ଶଙ୍କର ବେହେରା ଓ ଦଳ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଶତ ହୋଇଥିଲା। କୋଲକତାରୁ ଆସିଥିବା ଝିନୋକ ମୁଖାର୍ଜି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା କରିଏଟିଭ ପରିବେଷଣ କରାଯାଇଥିଲା। ପରେ ଚତିଶଗଡ଼ରୁ ଆସିଥିବା କଳାକାରଙ୍କ ଦ୍ୱାରା ଝୁମର ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଏଥିରେ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ପୂର୍ବତନ ସ୍ୱରାଷ୍ଟ୍ର ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ନିଯୁକ୍ତ ୭ ର ବାଙ୍ଗାଲୋର ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ ଏବଂ ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା, ଉପଦେଷ୍ଟା ଶିବାନନ୍ଦ ରାୟ, ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଏଥିରେ ଅନୁଷ୍ଠାନର କୋଷାଧକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧନା କରିଥିଲେ।



“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



## ଭାରତ-ଶ୍ରୀଲଙ୍କା ସଂପର୍କରେ ନୂଆ ଦିଗନ୍ତ

### ପ୍ରଧାନମନ୍ତ୍ରୀ ମୋଦିଙ୍କ ଫଳପ୍ରଦ ଗସ୍ତ

ସୁଦୂର ଅତୀତର ‘ସିଂହଳ’ ବା ବର୍ତ୍ତମାନର ଶ୍ରୀଲଙ୍କା ସହ ଭାରତର ସଂପର୍କ ବହୁ ପୁରାତନ । ରାମାୟଣ ଯୁଗରୁ ଶ୍ରୀଲଙ୍କା ଆମର ଇତିହାସ, ପୁରାଣ ଓ ସଂସ୍କୃତି ସହିତ ଅଙ୍ଗାଙ୍ଗୀ ଭାବରେ ଜଡିତ ହୋଇଆସିଛି। ତେବେ ମଝିରେ ମଝିରେ ଶ୍ରୀଲଙ୍କାର ଶାସନ ଗାଦିକୁ ଆସିଥିବା କିଛି ରାଷ୍ଟ୍ରନେତାଙ୍କ ଭାରତ ବିରୋଧୀ ମନୋଭାବ ଯୋଗୁଁ ଦୁଇ ଦେଶର ସଂପର୍କ ତିକ୍ତ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ପୁଣି ଏଥିରେ ଉନ୍ନତି ଘଟିଥିବାର ଲକ୍ଷ୍ୟ କରାଯାଇଥାଏ। ଏହି ପୃଷ୍ଠଭୂମିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାଂପ୍ରତିକ ଶ୍ରୀଲଙ୍କା ଗସ୍ତ ଯଥେଷ୍ଟ ଗୁରୁତ୍ୱ ବହନ କରିଥିବାବେଳେ ଦୁଇ ଦେଶର ସଂପର୍କରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଗତ ବର୍ଷର ନିର୍ବାଚନରେ ବିଜୟ ହାସଲ କରି ଶ୍ରୀଲଙ୍କାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିଥିବା ଅନୁରା ଦିସାନାୟକେ ଭାରତ ପ୍ରତି କିଭଳି ମନୋଭାବ ପୋଷଣ କରୁଛନ୍ତି ଏବଂ ମୋଦିଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ସଂପର୍କ ବୃଦ୍ଧିରେ କେତେଦୂର ସହାୟକ ହେଉଛି, ତାକୁ ସମସ୍ତେ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ସେହି ଦୃଷ୍ଟିରୁ ବିଚାର କଲେ ଭାରତର ପ୍ରଧାନମନ୍ତ୍ରୀଙ୍କ ତିନିଦିନିଆ ଗସ୍ତ ଖୁବ୍ ଫଳପ୍ରଦ ହୋଇଛି ଏବଂ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ଅଧିକ ଦୃଢ଼ୀଭୂତ ହେବ ବୋଲି ଆଶା କରାଯାଉଛି। ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍ ଗସ୍ତରୁ ଫେରି ଶ୍ରୀଲଙ୍କା ମାଟିରେ ଅବତରଣ କରିବା ମାତ୍ରେ ମୋଦିଙ୍କୁ ଯେପରି ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା ଏବଂ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ‘ମିତ୍ର ବିଭୂଷଣ’ ପ୍ରଦାନ କରାଯାଇ ସମ୍ମାନିତ କରାଗଲା, ତାହା ସେଠାକାର ନୂଆ ସରକାରଙ୍କ ଭାରତ ସପକ୍ଷବାଦୀ ମନୋଭାବକୁ ପ୍ରତିଫଳିତ କରୁଛି। ଦୁଇ ଦେଶର ରାଷ୍ଟ୍ରନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ପରେ ଦଶଟି ରାଜିନାମା ସ୍ୱାକ୍ଷରିତ ହେବା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେହେଉଛି। ସର୍ବୋଚ୍ଚ ସମ୍ମାନ ଗ୍ରହଣ କରିବା ପରେ ମୋଦି ଗଣମାଧ୍ୟମକୁ କହିଥିଲେ ଯେ, ଭାରତ ସବୁ ଜଟିଳ ସମୟରେ ଶ୍ରୀଲଙ୍କା ସହ ଦୃଢ଼ ଭାବରେ ରହିଆସିଛି। ମହାମାରୀ କରୋନା ଏବଂ ୨୦୧୯ ମସିହାର ବୋମା ବିସ୍ଫୋରଣ ବେଳେ ଭାରତ କିଭଳି ସହାୟତାର ହାତ ବଢ଼ାଇଥିଲା, ତାହା ସେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀଲଙ୍କା ମାଟିକୁ ଭାରତ ବିରୋଧରେ ବ୍ୟବହାର ପାଇଁ କଦାପି ସୁଯୋଗ ଦିଆଯିବ ନାହିଁ ବୋଲି ରାଷ୍ଟ୍ରପତି ଦିସାନାୟକେ ଆମ ପ୍ରଧାନମନ୍ତ୍ରୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଭାରତ ମହାସାଗର ଅଞ୍ଚଳରେ ଚୀନ୍‌ର ପ୍ରଭାବ ବିସ୍ତାରକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ପରେ ପ୍ରତିରକ୍ଷା, ଶକ୍ତି, ସ୍ୱାସ୍ଥ୍ୟ, ବାଣିଜ୍ୟ ଓ ଡିଜିଟାଲ ଆଦି କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଏସବୁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିବା ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ ନିୟମିତ ବ୍ୟବଧାନରେ ଦୁଇଦେଶ ଭିତରେ ମିଳିତ ସମରାଭ୍ୟାସ କରାଯିବା ସହ ପ୍ରତିରକ୍ଷା ଅଧିକାରୀ ଓ ଯବାନଙ୍କୁ ତାଲିମ ପ୍ରଦାନର ବ୍ୟବସ୍ଥା ରହିଛି। ସେହିପରି ଦୁଇ ଦେଶର ପ୍ରତିରକ୍ଷା ଅଧିକାରୀଙ୍କୁ ନେଇ ଉଚ୍ଚସ୍ତରୀୟ ବୈଠକର ଆୟୋଜନ ମଧ୍ୟ କରାଯିବ। ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ୨୮୫ ଏକର ପରିମିତ କଚ୍ଛତିଭୁ ଦ୍ୱୀପରେ ମାଛଧରା ଅଧିକାରକୁ ନେଇ ଦୁଇ ଦେଶ ମଧ୍ୟରେ ଦୀର୍ଘବର୍ଷ ହେଲା ବିବାଦ ଲାଗି ରହିଛି। ତାମିଲନାଡୁର ମତ୍ସ୍ୟଜୀବୀଙ୍କ ପାଇଁ ଏହା ଏକ ଭାବପ୍ରବଣ ପ୍ରସଂଗ ହୋଇଥିବାବେଳେ ଶ୍ରୀଲଙ୍କା ଅଧିନରୁ ଏହି ଦ୍ୱୀପକୁ ଫେରାଇ ଆଣିବା ନିମନ୍ତେ ଏଇ ନିକଟରେ ତାମିଲନାଡୁ ବିଧାନସଭାରେ ଏକ ସଂକଳ୍ପ ପାରିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଏହି ଗସ୍ତ ସମୟରେ ତାମିଲନାଡୁ ମତ୍ସ୍ୟଜୀବୀଙ୍କ ସମସ୍ୟା ଉତ୍‌ଥାପନ କରି ସେମାନଙ୍କୁ ତୁରନ୍ତ ମୁକ୍ତ କରିବା ସଂଗେସଂଗେ ସେମାନଙ୍କ ଡଙ୍ଗାଗୁଡିକୁ ଫେରାଇଦେବାକୁ ସେଠାକାର ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ସୁଖର କଥା ଶ୍ରୀଲଙ୍କା ସରକାର ଏଥିପାଇଁ ରାଜି ହୋଇଛନ୍ତି, ଯଦ୍ୱାରା ଦୀର୍ଘ ବର୍ଷର ଏକ ବିବାଦର ଅନ୍ତ ଘଟିବାକୁ ଯାଉଛି।

## ଭାରତର ସ୍ୱତନ୍ତ୍ର ପୁଞ୍ଜିବାଦର ଅସ୍ତିତ୍ୱକୁ ନେଇ ସନ୍ଦେହ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଏଇ ମାତ୍ର ୬ ମାସ ତଳେ ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ ଏଲନ ମସ୍କଙ୍କ କମ୍ପାନୀ ସ୍ପେସ ଏକ୍ସକୁ ବିରୋଧ କରୁଥିଲେ। ପ୍ରସଙ୍ଗ ଥିଲା ଭାରତରେ ଉପଗ୍ରହ ଇଣ୍ଟରନେଟ ସେବା ଦେବା ପାଇଁ ସ୍ପେସ ଏକ୍ସକୁ ସୁଯୋଗ ଦିଆନଯାଉ। ଏଲନ ମସ୍କଙ୍କ ସ୍ପେସ ଏକ୍ସର ଷ୍ଟାରଲିଙ୍କ ଭାରତରେ ଉପଗ୍ରହ ଇଣ୍ଟରନେଟ ସେବା ଦେବା ପାଇଁ ପ୍ରସ୍ତୁତି ଚଳାଇଛି ଓ ଏବେ ଜିଓ ଏବଂ ଏୟାରଟେଲ ଦୁଇ କମ୍ପାନୀ ଷ୍ଟାରଲିଙ୍କ ସହ ବୁଝାମଣା କରିଛନ୍ତି। ୬ମାସ ତଳେ ବିରୋଧ କରୁଥିବା ଜିଓ ଓ ଏୟାରଟେଲ କାହିଁକି ଷ୍ଟାରଲିଙ୍କ ସହ ବୁଝାମଣା କଲେ ସେ କଥା ତର୍ଜମାର ବିଷୟ ଏପରିକି ଏନେଇ ଅନେକ କଥା ଚର୍ଚ୍ଚା ହେଉଛି। ରିଲାଏନ୍ସ ଜିଓ ଭାରତରେ ତାର କର୍ତ୍ତୃତ୍ୱ ବୃଦ୍ଧି କରିବାର ଯେଉଁ ମହତ୍ୱାକାଂକ୍ଷା ରହିଛି ତାହା ସମସ୍ତଙ୍କୁ ଜଣା। ସେତେବେଳେ ରିଲାଏନ୍ସ ଜିଓ କହୁଥିଲା ଯେ ସ୍ପେକ୍ଟ୍ରମ ନିଲାମ କରାଯାଉ। ଗତ ୨୦୨୪ ଅକ୍ଟୋବର ମାସରେ ଭାରତୀ ଏୟାରଟେଲ ମଧ୍ୟ ସରକାରଙ୍କ ନିକଟରେ ଏହି ଦାବି କରିଥିଲା। ଇଣ୍ଟରନେଟ ସେବା ପ୍ରଦାନକାରୀ ଏ ଦୁଇ ବୃହତ୍ କମ୍ପାନୀଙ୍କ ଦାବିକୁ ଏକ ବଡ଼ ଘଟଣା ବୋଲି କୁହାଯାଉଥିଲା। ସେତେବେଳେ କୁହାଯାଉଥିଲା ଯେ ସ୍ପେସ ଏକ୍ସ ଭାରତକୁ ଆସିଲେ ସାଟେଲାଇଟ ଇଣ୍ଟରନେଟ କ୍ଷେତ୍ରରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବ। ପ୍ରଥମତଃ ସ୍ପେକ୍ଟ୍ରମ କ୍ରୟରେ ପ୍ରତିଦ୍ୱନ୍ଦ୍ୱିତା ଏବଂ ଦ୍ୱିତୀୟତଃ ବଜାରରେ ନିଜର ଆଧିପତ୍ୟ ବିସ୍ତାରକୁ ନେଇ ପ୍ରତିଦ୍ୱନ୍ଦ୍ୱିତା। ସମୟ ଥିଲା ଯେତେବେଳେ ପୁଞ୍ଜିବାଦକୁ ସମର୍ଥନ କରୁଥିବା ଲୋକେ ପ୍ରତିସ୍ପର୍ଦ୍ଧାକୁ ଆର୍ଥିକ ବ୍ୟବସ୍ଥାର ଏକ ଖାସ୍ ଗୁଣ ବୋଲି କହୁଥିଲେ। କୁହାଯାଉଥିଲା ଯେ ପ୍ରତିସ୍ପର୍ଦ୍ଧୀ କାରଣରୁ କମ୍ପାନୀମାନେ ସେମାନଙ୍କ ଉତ୍ପାଦ ବା ସେବାରେ ଗୁଣବର୍ତ୍ତାକୁ ସୁଧାରିବା ପାଇଁ ବାଧ୍ୟ ହେବେ ଏପରିକି ସେମାନେ ନିଜ ନିଜର ଉତ୍ପାଦ ବା ସେବାକୁ କମ୍ ମୂଲ୍ୟରେ ଉପଲବ୍ଧ କରାଇବା ପାଇଁ ଉଦ୍ୟମ କରିବେ। ଏଣୁ ଉପଭୋକ୍ତାଙ୍କର ଲାଭ ହେବ।

ଭାରତର ଦୂର ସଞ୍ଚାର ବଜାରରେ ଏକ ସମୟରେ (୨୦୦୦ ରୁ ୨୦୧୧-୧୨ ପର୍ଯ୍ୟନ୍ତ) ବିଭିନ୍ନ କମ୍ପାନୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଉପଭୋକ୍ତା ବା ବ୍ୟବହାରକାରୀମାନେ ମଧ୍ୟ ଏହାର ଲାଭ ଉଠାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ କମ୍ପାନୀ ବଜାରରୁ ଉଭେଇଗଲେ ଏବଂ ମୋଟାମୋଟି ଭାବେ ଦୂର ସଞ୍ଚାର କ୍ଷେତ୍ରରେ ଜିଓ ଓ ଏୟାରଟେଲ ତାଙ୍କ ସ୍ଥିତିକୁ ମଜବୁତ କରି ରହିଛନ୍ତି। ଯଦିଏ ବିଏସ୍‌ଏନ୍‌ଏଲ୍ ଏବଂ ଭୋଡାଫୋନ ରହିଛି କିନ୍ତୁ ଜିଓ ଓ ଏୟାରଟେଲଙ୍କ ସ୍ଥିତି ବେଶ୍ ଭଲ। ଏ ଦୁଇ କମ୍ପାନୀ ଦୂର ସଞ୍ଚାର କ୍ଷେତ୍ରକୁ ପୁରାପୁରି ଅକ୍ତିଆର କରି ନେଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଏବେ ଉପଗ୍ରହ ଇଣ୍ଟରନେଟ ସେବା ଉପଲବ୍ଧ ହେବାକୁ ଯାଉଛି ଓ ଆଶା କରାଯାଉଥିଲା ଜିଓ ଓ ଏୟାରଟେଲ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ଉପଭୋକ୍ତାମାନଙ୍କର ଲାଭ ହେବ ବୋଲି ଆଶା କରାଯାଉଥିଲା। କେତେକ ଜାତୀୟ ଗଣ ମାଧ୍ୟମରେ ଚର୍ଚ୍ଚା ହେଲା ଯେ ସ୍ପେକ୍ଟ୍ରମ ଆବଣ୍ଟନ ପ୍ରସଙ୍ଗରେ ମୋଦି ସରକାରଙ୍କ ସାମନାରେ ଅନେକ ଚାଲେଞ୍ଜ ରହିଛି। କୁହାଗଲା ଯେ ଗୋଟିଏ ପଟେ ଭାରତୀୟ କମ୍ପାନୀ ଓ ଅନ୍ୟପଟେ ଆମେରିକାର କମ୍ପାନୀ ଯାହାର ମାଲିକ ବିଶ୍ୱର ଧନୀ ନଂ ଓ୍ୱାନ ହୋଇଥିବା କାରଣରୁ ସରକାରଙ୍କୁ ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି କିନ୍ତୁ ଗତ ଜାନୁୟାରୀ ମାସରେ ଡୋନାଲଡ୍‌ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ମସ୍କଙ୍କୁ ସରକାରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଗଲା ଓ ସ୍ପେସଏକ୍ସର ଷ୍ଟାରଲିଙ୍କ ପାଇଁ ଭାରତ ତାର ବଜାର ଖୋଲିଦେଲା। ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା କ’ଣ ସେ ବାବଦରେ କିଛି କହିବା ପାଇଁ ଆମ ପାଖରେ ଠୋସ୍ ପ୍ରମାଣ ନାହିଁ। କିନ୍ତୁ ଅନେକ ଆଶଙ୍କା ରହିଛି।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ବିଶ୍ୱର ଅନେକ ଦେଶ ଉପରେ ଟାରିଫ ବୃଦ୍ଧି ହୋଇଛି। ଏଥିରୁ ବର୍ତ୍ତିବା ପାଇଁ ଭାରତ ସରକାର ଆମେରିକାର ସ୍ପେସ୍ ଏକ୍ସ କମ୍ପାନୀ ଆଗରେ ମୁଣ୍ଡ ନୁଆଁଇଛନ୍ତି ବୋଲି କୁହାଯାଇପାରେ। କିନ୍ତୁ ସ୍ପେସ ଏକ୍ସର ଷ୍ଟାରଲିଙ୍କ ସହ ବୁଝାମଣା କରି ମଧ୍ୟ ଦେଶର ଲାଭ କ’ଣ ହେବ ସେକଥା ବୁଝାପଡୁନାହିଁ। ମୋଦୀ ସରକାର ସମର୍ଥକ ଅର୍ଥଶାସ୍ତ୍ରୀମାନେ ଏହାକୁ ରାଷ୍ଟ୍ରୀୟ ବିକାଶର ମଡେଲ ବୋଲି କୁହୁଛନ୍ତି। କିନ୍ତୁ ପ୍ରକୃତରେ ଏହା ଦକ୍ଷିଣ କୋରିଆର ମଡ଼େଲର ଅନୁକରଣ ଅଟେ ଯେଉଁଥିରେ ସରକାର ବଡ଼ ବଡ଼ କମ୍ପାନୀଙ୍କ ସ୍ୱାର୍ଥପାଇଁ ନୀତି ନିର୍ମାଣ କରି ଅର୍ଥବ୍ୟବସ୍ଥାର ଆଧାରକୁ ମଜବୁତ କରିଥିଲେ। ସାମସଙ୍ଗ, ଏଲଜି ଭଳି କମ୍ପାନୀ ମାନେ ଏହି ମଡ଼େଲର ପ୍ରତୀକ। ସମ୍ଭବତଃ ଏହି ମଡ଼େଲର ଅନୁରୂପ ସରକାରଙ୍କ ସହଯୋଗରେ ରିଲାଏନ୍ସ, ଆଦାନୀ, ଟାଟା, ଆଦିତ୍ୟ ବିରଳା, ଭାରତୀ ଏୟାରଟେଲ, ଜିନ୍ଦଲ ଆଦିର ମନୋପଲି ଅର୍ଥବ୍ୟବସ୍ଥାକୁ ଅଲଗା ଅଲଗା କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନିଜେ ଏମାନଙ୍କୁ ପ୍ରଶଂସା କରୁଛନ୍ତି। ଏସବୁ କମ୍ପାନୀ ମାନେ ବିକଶିତ ଭାରତର ମାଧ୍ୟମ ବୋଲି କୁହାଯାଉଛି।

ଏବେ ବିଚାର କରାଯିବା କଥା ଯେ ସରକାରୀ ସହଯୋଗରେ ବଢ଼ିଥିବା ଏହି ଶିଳ୍ପପତି ପରିବାର ପ୍ରକୃତପକ୍ଷେ କେତେ ‘ରାଷ୍ଟ୍ରୀୟ’ ଅଟନ୍ତି। ରାଷ୍ଟ୍ରୀୟ ପୁଞ୍ଜିବାଦ / ପୁଞ୍ଜିପତି ଶବ୍ଦର ଏକ ସ୍ୱତନ୍ତ୍ର ଅର୍ଥ ରହିଛି। ଏହା ସେହି ଲୋକମାନଙ୍କର ଯେଉଁମାନେ ଆନ୍ତର୍ଜାତୀୟ ପ୍ରତିସ୍ପର୍ଦ୍ଧାରେ କୌଣସି ରାଷ୍ଟ୍ର ବିଶେଷର ଆର୍ଥିକ ସ୍ୱାର୍ଥର ବାହକ ହୋଇଥାନ୍ତି। ସିଦ୍ଧାନ୍ତ ହେଉଛି ଏହି ଲୋକମାନେ ବା ଗୋଷ୍ଠୀ ନିଜର ସଫଳତା ସହ ଅର୍ଥ ଉପାର୍ଜନ କରନ୍ତି। ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସେମାନଙ୍କ ଲାଭ ସେହି ଦେଶର ସମସ୍ତ ଜନସାଧାରଣଙ୍କ ନିକଟରେ ପହଞ୍ଚିଥାଏ। ଯେ ପର୍ଯ୍ୟନ୍ତ ଦୁନିଆରେ ସାମ୍ରାଜ୍ୟବାଦ ରହିଛି - ଅର୍ଥାତ୍ ଐତିହାସିକ କାରଣରୁ ଧନୀ ହୋଇଥିବା ଦେଶର ଏମିତି ବ୍ୟବସାୟୀ, ଶିଳ୍ପପତି ଯେଉଁମାନେ ସାରା ବିଶ୍ୱର ସଂଶାଧନ ଏବଂ ବଜାରକୁ ହାସଲ କରିବାର ମହତ୍ୱାକାଂକ୍ଷା ରଖିଥାନ୍ତି ସେତେବେଳେ ରାଷ୍ଟ୍ରୀୟ ପୁଞ୍ଜିପତିଙ୍କ ସହ ଆନ୍ତର୍ଜାତୀୟ ବା ବହୁରାଷ୍ଟ୍ରୀୟ ବ୍ୟବସାୟୀଙ୍କ ମଧ୍ୟରେ ଲଢ଼େଇ ବା ପ୍ରତିଦ୍ୱନ୍ଦ୍ୱିତା ଅପରିହାର୍ଯ୍ୟ ହୋଇପଡ଼େ। କିନ୍ତୁ ଏବେ ଯାହା ହେଲା ଏହାର ବିପରୀତ। ସ୍ପେସ ଏକ୍ସ ଭାରତରେ ପ୍ରବେଶ କରିବାର ଉଦ୍ୟମ ବେଳେ ଭାରତୀୟ ଦୁଇ କମ୍ପାନୀ ରିଲାଏନ୍ସ ଜିଓ ଏବଂ ଭାରତୀ ଏୟାରଟେଲ ପାଇଁ ଏହାର ମୁକାବିଲା କରିବାର ସୁଯୋଗ ଥିଲା। କିନ୍ତୁ ଏହି ଦୁଇ କମ୍ପାନୀ ମାନେ ମୁକାବିଲା କରିବା ପରିବର୍ତ୍ତେ ପ୍ରଥମରୁ ପରାଜୟ ସ୍ୱୀକାର କରିନେଲେ ଯାହାକୁ ଆତ୍ମସମର୍ପଣ ବୋଲି ମଧ୍ୟ କୁହାଯିବ। ଏ ଦୁଇ କମ୍ପାନୀ ଏବେ ଷ୍ଟାରଲିଙ୍କର ସହାୟକ (ସବସାଇଡାରି) ପାଲଟି ଯାଇଛନ୍ତି। ଏହାର ଅର୍ଥ ହେଉଛି ଏମାନେ ଷ୍ଟାର ଲିଙ୍କ ସେବା ଦେବା ପାଇଁ ଜରୁରି ଉପକରଣ ବିକ୍ରି କରିବେ ଓ ସେବା ପ୍ରଦାତା (ଷ୍ଟାରଲିଙ୍କ)ର ଏଜେଣ୍ଟ ଭୂମିକା ତୁଲାଇବେ। ଅନ୍ୟ ଅର୍ଥରେ ଆମ ଦେଶର ନମ୍ବର ଓ୍ୱାନ ମାନେ ଏବେ ବହୁରାଷ୍ଟ୍ରୀୟ କମ୍ପାନୀର ଏଜେଣ୍ଟ। ଏହାଦ୍ୱାରା ଭାରତୀୟ ପୁଞ୍ଜିପତିଙ୍କ ସ୍ଥିତି ବା ଛବିକୁ ନେଇ ବିଦେଶରେ କ’ଣ ଚର୍ଚ୍ଚା ହେବ ସେକଥା ଅନୁମେୟ। ଏ ପ୍ରସଙ୍ଗରେ ଭାରତୀୟ ରାଜନୀତି ପୁରା ନୀରବ। କେବଳ କଂଗ୍ରେସ ସୁରକ୍ଷା ପ୍ରସଙ୍ଗ ଉଠାଇଛି ଓ ପ୍ରଶ୍ନ କରିଛି ଯେ ଷ୍ଟାରଲିଙ୍କ ସେବା କେଉଁଠାରୁ ଚାଲିବ? ଯଦି ବିଦେଶରୁ ଚାଲିବ ଏବଂ ସୁରକ୍ଷା ଆବଶ୍ୟକତା ବେଳେ ଯଦି ଏହିସେବାକୁ ନିୟନ୍ତ୍ରିତ କରାଯିବା ବା ବନ୍ଦ କରି ଦିଆଯିବାର ଆବଶ୍ୟକତା ପଡେ ତେବେ ସରକାର କ’ଣ କରିବେ ବୋଲି ମଧ୍ୟ କଂଗ୍ରେସ ପ୍ରଶ୍ନ କରିଥିଲା। ସରକାର ଏବାବଦରେ ସ୍ପଷ୍ଟୀକରଣ ଦେଇକହିଛନ୍ତି ଯେ ଷ୍ଟାରଲିଙ୍କର ସଂଚାଳନ କେନ୍ଦ୍ର ଭାରତରେ ହିଁ ହେବ। କିନ୍ତୁ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଶ୍ନ କରାଯାଇଛି। ସେଥିରୁ ସୁରକ୍ଷା ପ୍ରସଙ୍ଗ ସହ ଅନ୍ୟ କେତେକ ପ୍ରସଙ୍ଗ ମଧ୍ୟ ରହିଛି। ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ପ୍ରଶ୍ନ କରିଛି ଯେ ସ୍ପେକ୍ଟ୍ରମର ପ୍ରଶାସନିକ ଆବଣ୍ଟନ କରିବେ ନା ନାହିଁ ? ଘରୋଇ କମ୍ପାନୀଙ୍କୁ ଉପଗ୍ରହୀୟ କକ୍ଷରେ ଉପଯୋଗ ପାଇଁ ଅନୁମତି ଦେଲେ ଏହାର ଅର୍ଥ ହେଉଛି ପ୍ରତିରକ୍ଷା ସମ୍ପର୍କରେ, ପାଣିପାଗ ସୂଚନା ପର୍ଯ୍ୟନ୍ତ ପହଞ୍ଚିବାର ଅନୁମତି ଦେବା ଯାହା ରାଷ୍ଟ୍ରୀୟ ସ୍ୱାର୍ଥବିରୋଧୀ।

ଏସବୁ ପରେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏୟାରଟେଲ ଓ ଜିଓ ଆତ୍ମସମର୍ପଣ ପରେ ଷ୍ଟାରଲିଙ୍କର ଏକଛତ୍ରବାଦ ବଢ଼ିବାର ସମ୍ଭାବନା ମଧ୍ୟ ରହିଛି। ଭାରତର ଲୋକଙ୍କର ଏକଛତ୍ରବାଦ ସହିବାର ଅନୁଭବ ରହିଛି। କୋରେନା ମହାମାରୀ ସମୟ ପରେ ଦରଦାମ ବୃଦ୍ଧିର ପ୍ରମୁଖ କାରଣ ହେଉଛି ପୁଞ୍ଜିପତିଙ୍କ ଏକଛତ୍ରବାଦ ବା ମନୋପଲି ଓ ଏହି କାରଣରୁ ସେମାନେ ଅଧିକ ଲାଭ ପାଉଛନ୍ତି। କିନ୍ତୁ ସଦ୍ୟ ଘଟଣାକ୍ରମ (ଷ୍ଟାରଲିଙ୍କ ସହ ବୁଝାମଣା) ପରେ ଭାରତୀୟ / ରାଷ୍ଟ୍ରୀୟ ଧନପତିମାନେ ବହୁରାଷ୍ଟ୍ରୀୟ ପୁଞ୍ଜିର ସେବକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଏହି ଶିଳ୍ପପତିମାନେ କ’ଣ ପ୍ରକୃତରେ ‘ରାଷ୍ଟ୍ରୀୟ’ ଅଟନ୍ତି ? ଏମାନଙ୍କ ଭରସାରେ ଶିଳ୍ପ/ ବ୍ୟବସାୟ ର ବିକାଶ ହୋଇପାରିବ କି ? ଏମାନଙ୍କ ଯୋଗଦାନ ରାଷ୍ଟ୍ରୀୟ ବିକାଶ ଆଧାର ହୋଇ ପାରିବକି ? ମାର୍କ୍ସବାଦୀ ବିମର୍ଷରେ ଦଲାଲ ପୁଞ୍ଜିବାଦ/ ପୁଞ୍ଜିପତି ଶବ୍ଦର ପ୍ରଚଳନ ଅଧିକଥିଲା। ବିମର୍ଷର ପ୍ରସଙ୍ଗ ଥିଲା ଭାରତୀୟ ପୁଞ୍ଜିବାଦ ଚରିତ୍ର ସ୍ୱତନ୍ତ୍ର ରାଷ୍ଟ୍ରୀୟ ନା ଏହା ସାମ୍ରାଜ୍ୟବାଦୀ ଦେଶର ପୁଞ୍ଜିବାଦର ଦଲାଲ। ପ୍ରତ୍ୟକ୍ଷ ଉପନିବେଶବାଦର ବିଲୋପ ପରେ ପୁଞ୍ଜିବାଦର ଚରିତ୍ର କୌଣସି ଦେଶର ଅର୍ଥବ୍ୟବସ୍ଥା ଏବଂ ରାଜସତ୍ତା (ଶାସନବ୍ୟବସ୍ଥା) ବା ଅନ୍ୟ ଅର୍ଥରେ ପଲିଟିକାଲ ଇକୋନୋମିର ସ୍ୱରୂପ ନିର୍ଦ୍ଧାରକ ତତ୍ତ୍ୱ ଅଟେ। ସଦ୍ୟ ଘଟଣାକ୍ରମେ ଭାରତରେ ଏଭଳି ହେବାର ଆଶଙ୍କାକୁ ଅଧିକ ବଳବତ୍ତର କରିଛି। ଯେତେବେଳେ ରାଷ୍ଟ୍ରୀୟ କୁହାଯାଉଥିବା ଶିଳ୍ପ ପତିମାନେ ଏଜେଣ୍ଟ ହେବାପାଇଁ ପ୍ରସ୍ତୁତ ସେତେବେଳେ ଭାରତରେ ସ୍ୱତନ୍ତ୍ର ପିବାଦର ଅସ୍ତିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ ଅର୍ଥବ୍ୟବସ୍ଥା (ଯାହା ଏବେ ଅନିବାର୍ଯ୍ୟପରେ ପୁଞ୍ଜିବାଦୀ ଭାବେ ଉଭାହୋଇଛି ଓ ସ୍ୱତନ୍ତ୍ର ଅସ୍ତିତ୍ୱ ରଖିବାରେ ଅସମର୍ଥ ହେଇଛି। ଏଣୁ ଏଥିରୁ ରାଜସତ୍ତା (ଶାସନବ୍ୟବସ୍ଥା)ର କେଉଁ ଚରିତ୍ର ଜଣାପଡୁଛି ? ଏହାକୁ ନେଇ ମଧ୍ୟ ଅନେକ ପ୍ରଶ୍ନ ଉଠୁଛି। ଏସବୁ ପ୍ରସଙ୍ଗ ଉପରେ ଜାତୀୟ ଗଣମାଧ୍ୟମ ମଧ୍ୟ ନୀରବ। ଅଧିକାଂଶ ରାଜନୈତିକ ଦଳ ଏ ପ୍ରସଙ୍ଗକୁ ମଧ୍ୟ ଏଡ଼ାଇ ଚାଲିଛନ୍ତି। ଦୁର୍ଭାଗ୍ୟର କଥା ଯେ ଦେଶର ବୁଦ୍ଧିଜୀବୀ ବର୍ଗ ମଧ୍ୟ ଏହାକୁ ନେଇ ଚର୍ଚ୍ଚା କରୁନାହାଁନ୍ତି। କିନ୍ତୁ ଭାରତକୁ ସଙ୍କଟଗ୍ରସ୍ତ ସମୟରୁ ଉଦ୍ଧାର କରିବାକୁ ହେଲେ ଏ ପ୍ରସଙ୍ଗରେ ବ୍ୟାପକ ବିମର୍ଷ ହେବାର ଆବଶ୍ୟକତା ରହିଛି। ଏହା ଛଡା କୌଣସି ବିକଳ୍ପ ନାହିଁ।

## ଦୁର୍ନୀତି, ହିଂସା ଓ ଧ୍ୱଂସ ମୁଖରୁ ସୁରକ୍ଷାର ମାର୍ଗ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଆଜିର ସୂଚନାପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି । ମହାଶୂନ୍ୟରେ ବିଚରଣ କରୁଛି । ସୁନିତା ଉଇଲିଅମ୍‌ସ୍ ପରି ମାସ ମାସ ଧରି ଅବସ୍ଥାନ ବି କରିପାରୁଛି । ଚନ୍ଦ୍ରରେ ତ କେବେଠୁ ପହଞ୍ଚିସାରିଲାଣି । କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଞ୍ଚି ପାରୁନାହିଁ । ଘଣ୍ଟାକଣ୍ଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ । କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା। କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ। ତ୍ୟାଗଭରା ସ୍ନେହମମତା ବି ନାହିଁ । ସର୍ବୋପରି ମାନବିକତା ବି ନାହିଁ । ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି। ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜିହଜି ଯାଉଛି । ଯେ କୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି । ନୃଶଂସ ଭାବେ ରକ୍ତର ହୋଲି ଖେଳୁଛି । ଇଏ ହେଉଛି ସେଇ ଅମୃତସ୍ୟ ପୁତ୍ରାଃ । ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛି ? ଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି । ଛତୁ ଫୁଟିଲା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ । ଶିକ୍ଷା ଉପହାସ କରୁଛି । ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃଶଂଶ ହତ୍ୟାକାଣ୍ଡ ଘଟାଉଛି । ସାମାନ୍ୟ କେତୋଟି ଟଙ୍କା ଆଉ ବୋତଲେ ମଦରେ ଜଣେ ଅପରିଚିତ ଲୋକବି ଜଣଙ୍କ ଜୀବନ ନେଇପାରୁଛି । ଯେଉଁଠି ଜଣଙ୍କୁ ଜୀବନ ଦେବାର କ୍ଷମତା ବି ନାହିଁ ।

ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସଜ୍ଜିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଅଶାନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏ ? ଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି । ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି । ନିର୍ଯାତନାର ଘଟଣା ତ ଅତି ମାମୁଲି । ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜଲା । ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶୀ ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି । ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି । ତେବେ ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତ୍ତନ କିପରି ହେବ ? ଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତ୍ତନ ଓ ଉନ୍ନତି ଲୋଡ଼ା । ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧ୍ୟମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା । ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ତ୍ୱବିତ୍‌ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସାପ୍ରତିହିଂସା, ପାଶବିକତା, ତୃପ୍ତିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି । ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ । ପଶୁତ୍ୱର ପ୍ରବୃତ୍ତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା’ର ପ୍ରବୃତ୍ତିକୁ ସୁନିୟନ୍ତ୍ରିତ କରୁ । ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ । ପ୍ରବୃତ୍ତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ । ପଞ୍ଚମାନବୀୟ ମୂଲ୍ୟବୋଧକୁ ନିଜ ଜୀବନର ବ୍ରତ ଭାବେ ପାଳନ କରି ମଣିଷ ସମାଜ ନିଜ ଜୀବନର ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୁଅନ୍ତା ।

## ସିପାହୀ ବିଦ୍ରୋହର ପ୍ରଥମ ସହିଦ: ମଙ୍ଗଳ ପାଣ୍ଡେ

ଡକ୍ଟର ସୁରେଶ କୁମାର ନାୟକ
ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ
ସେକ୍ଟର-୯, ସିଡିଏ, କଟକ

ପିଲାମାନେ, ଆଜିର ଦିନରେ ଆମ ଭାରତ ମାତାର ସୁଯୋଗ୍ୟ ସନ୍ତାନ, ଦେଶପ୍ରେମୀ ତଥା ସିପାହୀ ବିଦ୍ରୋହର ପ୍ରଥମ ସହିଦ କହିଲେ ଯାହାଙ୍କୁ ବୁଝାଏ ସେହି କ୍ରାନ୍ତିବର୍ଷି ମହାନ ଦେଶ ସେବକ ମଙ୍ଗଳ ପାଣ୍ଡେ ଆତ୍ମବଳୀ ପ୍ରଦାନ କରିଥିଲେ। ସେ ବ୍ରିଟିଶ ସେନାରେ ସାଧାରଣ ସୈନିକ ଭାବେ ଚାକିରି କରିଥିଲେ । ପରେ ସେନା ବାହିନୀରେ ଚାଲିଥିବା ହିନ୍ଦୁ-ମୁସଲମାନ ବିରୋଧୀ କାର୍ଯ୍ୟକଳାପଗୁଡ଼ିକୁ ପସନ୍ଦ କରିନପାରି, ବିଦ୍ରୋହୀ ହୋଇଉଠିଥିଲେ । ଉପରିସ୍ଥ କର୍ମଚାରୀମାନଙ୍କ ନିର୍ଦ୍ଦେଶ ପାଳନ ନକରିବା ପାଇଁ ସିପାହୀମାନଙ୍କୁ ଆହ୍ୱାନ ଦେଇ ସେ ବ୍ରିଟିଶ ସେନା ଅଫିସରମାନଙ୍କ ବିଷ ଦୃଷ୍ଟିରେ ପଡ଼ିଥିଲେ । ଏହାର ପରିଣାମ ସ୍ୱରୂପ ସେ ଅସ୍ତ୍ର ଧାରଣ କରି ଦୁଇ ଜଣ ବ୍ରିଟିଶ ସେନା ଅଧିକାରୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ ହୋଇଥିଲେ। ବିଚାର ପରେ ତାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିଲା। ତତ୍‌କାଳୀନ ଆଗରା ଓ ଅଓ୍ୱଧ ରାଜ୍ୟ ଅନ୍ତର୍ଗତ ବଲିୟାର ନାଗଓ୍ୱା ଗ୍ରାମର ଏକ ଭୂମିହାର ବ୍ରାହ୍ମଣ ପରିବାରରେ ମଙ୍ଗଳ ଜନ୍ମ ହୋଇଥିଲେ । ଅଠର ବର୍ଷ ବୟସରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀର ସେନା ବାହିନୀରେ ଯୋଗଦେଇଥିଲେ ।

ଚଉତିରିଶ ବେଙ୍ଗଲ ନେଟିଭ୍ ଇନ୍‌ଫାଣ୍ଟ୍ରିରେ କାମ କରୁଥିବା ବେଳେ ସେ ଏନ୍‌ଫିଲଡ୍ ରାଇଫଲରେ ବ୍ୟବହାର କରାଯାଉଥିବା ଗୁଳି ଗ୍ରହଣ ନକରିବା ପାଇଁ ମନା କରିଦେଇଥିଲେ । ଗୁଳିରେ ଗାଈ ଓ ଘୁଷୁରି ଚର୍ବି ବ୍ୟବହାର କରାଯାଉଥିଲା । ଏହା ଦ୍ୱାରା ଧର୍ମ ନଷ୍ଟ ହେବାର ଆଶଙ୍କା ଯୋଗୁଁ ସେ ବିରୋଧ କରିଥିଲେ । ଶାନ୍ତିପୂର୍ଣ୍ଣ ପ୍ରତିବାଦ କ୍ରମେ ହିଂସାତ୍ମକ ହୋଇଥିଲା ଏବଂ ରାଗରେ ସେ ଜର୍ନୈକ ଲେଫ୍‌ଟନାଣ୍ଟ ବଗ ଓ ସର୍ଜେଣ୍ଟ ମେଜର୍ ହ୍ୟୁସନ୍‌ଙ୍କୁ ହତ୍ୟା କରିବା ପାଇଁ ଗୁଳି ଚଳାଇଥିଲେ । ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହେବା ପରେ ମଙ୍ଗଳ ତରବାରିରେ ଆକ୍ରମଣ କରିଥିଲେ । ତେବେ ଦୁହେଁ ବର୍ତ୍ତି ଯାଇଥିଲେ । ମଙ୍ଗଳଙ୍କୁ ସମର୍ଥନ ଦେଇଥିଲେ ଜିମାଦାର ଈଶ୍ୱରୀ ପ୍ରସାଦ । ୧୮୫୭ ଏପ୍ରିଲ ଆଜିର ଦିନରେ ବାରକପୁରରେ ମଙ୍ଗଳଙ୍କୁ ଫାଶୀ ଦିଆଯାଇଥିଲା । ତେର ଦିନ ପରେ ଈଶ୍ୱରୀଙ୍କୁ ମଧ୍ୟ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା । ମଙ୍ଗଳଙ୍କୁ ଯେଉଁଠାରେ ଫାଶୀ ଦିଆଯାଇଥିଲା ଏବେ ସେଠାରେ ରହିଛି ତାଙ୍କ ସ୍ମୃତିରେ ବିକଶିତ ସହିଦ ମଙ୍ଗଳ ପାଣ୍ଡେ ମହା ଉଦ୍ୟାନ । ଭାରତ ସରକାର ୧୯୮୪ରେ ତାଙ୍କ ନାମରେ ଏକ ଡାକ ଟିକେଟ୍ ପ୍ରଚଳନ ପୂର୍ବକ ତାଙ୍କୁ ସମ୍ମାନିତ କରିଥିଲେ । ପିଲାଏ ଆଜିର ଦିନରେ ତୁମେ ମାନେ ଦେଶ ମାତୃକାର ସେବାରେ ଏବଂ ସମାଜ ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ ଭାବନା ରଖିପାରିଲେ ଏହା ହେବ ଦେଶପ୍ରେମୀ ମଙ୍ଗଳ ପାଣ୍ଡେଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

## ଆହୁରି କେତେ ଦିନ ?



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୯୩୭୯୦୨୦୬୬

ସରିତାଙ୍କ (ଛଦ୍ମ ନାମ ) ପ୍ରତିଦିନ ବଞ୍ଚିବା ପାଇଁ ସଂଘର୍ଷ ତାଙ୍କ ଜୀବନର ଏକ ଅସୀମ ଧାରା ରେ ପରିଣତ ହୋଇଛି । ୧୬ ବର୍ଷ ବୟସରେ ସରିତା ଯେଉଁ ଝିଅକୁ ଜନ୍ମ ଦେଇଥିଲେ, ସେ ମଧ୍ୟ ମା’ ଭଳି ଯନ୍ତ୍ରଣା ଭୋଗିବାକୁ ଅଭିଶପ୍ତ ହୋଇଗଲେ । ବାଲ୍ୟ ବିବାହର ଶିକାର ହୋଇଥିବା ସରିତାଙ୍କ ଝିଅ ମଧ୍ୟ କମ୍ ବୟସରେ ବିବାହ କରିଥିଲେ। ଝିଅ ତାଙ୍କ ଶ୍ୱଶୁର ଘରେ ଗୁରୁତର ରୋଗରେ ପୀଡ଼ିତ ହୋଇ ଚିକିତ୍ସା ଅଭାବରୁ ମୃତ୍ୟୁ ବରଣ କରିଥିଲେ। ଜ୍ୱାଇଁ ମଧ୍ୟ ମଦ ନିଶାରେ ରହି କିଛି ଦିନ ପରେ ମୃତ୍ୟୁବରଣ କଲେ । ସରିତାଙ୍କ କାନ୍ଧରେ ଏବେ ଝିଅର ସନ୍ତାନକୁ ପାଳିବା ଦାୟିତ୍ୱ। ଅନ୍ୟ ଘରେ କାମ କରି ଗୁଜୁରାଣ ମେଣ୍ଟାଉଥିବା ସରିତା ନିଜେ କଷ୍ଟ ସହିବା ସହିତ ନିଜ ଝିଅକୁ ମଧ୍ୟ ସୁନ୍ଦର ଭବିଷ୍ୟତ ଦେଇପାରିନଥିଲେ। ବାଲ୍ୟ ବିବାହ ପରେ ଉପୁଜିଥିବା ଅସୀମ ଦୁଃଖର ଶୃଙ୍ଖଳକୁ ଭାଙ୍ଗି ପାରିନଥିଲେ ସରିତା । ଏହା କୌଣସି କାଳ୍ପନିକ କାହାଣୀ ନୁହେଁ।

ବାସ୍ତବରେ, ବାଲ୍ୟ ବିବାହ ସମାଜ ଉପରେ ସୁଦୂରପ୍ରସାରୀ ପ୍ରଭାବ ପକାଇଥାଏ, ଯାହା କେବଳ କମ୍ ବୟସରେ ବିବାହ କରୁଥିବା ଝିଅର ଜୀବନକୁ ପ୍ରଭାବିତ କରେ ନାହିଁ, ବରଂ ଭବିଷ୍ୟତ ପିଢ଼ିର ବିକାଶରେ ମଧ୍ୟ ବାଧା ସୃଷ୍ଟି କରେ । ବାଲ୍ୟ ବିବାହ ଶିଶୁ ଏବଂ ମାନବାଧିକାରର ଉଲ୍ଲଙ୍ଘନ ଅଟେ । ଏହା ଏକ ପ୍ରକାର ଦୁଷ୍କର୍ମ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫ ଅନୁଯାୟୀ, ଦେଶରେ ବାଲ୍ୟ ବିବାହ ହାର ୨୩.୩ ପ୍ରତିଶତ ରହିଛି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ନାବାଳିକା ବିବାହ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ୨୦୨୪ ନଭେମ୍ବର ୨୭ରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଘୋଷଣା କରିଥିଲା। ବାସ୍ତବରେ ନାରୀ ଓ ଶିଶୁ ଅଧିକାର ପରସ୍ପର ସହ ଜଡ଼ିତ । ଉଭୟଙ୍କର ସମାନ ଅଧିକାର ଥିବା ବେଳେ ସେମାନଙ୍କ ଶୋଷଣ ପ୍ରସଙ୍ଗ ଜଟିଳ। ସେମାନଙ୍କୁ ଭିନ୍ନ ଭିନ୍ନ ଚଷମା ମାଧ୍ୟମରେ ଦେଖାଯାଇପାରିବ ନାହିଁ । ଶୋଷଣର ଚକ୍ର ଶୈଶବରୁ ଆରମ୍ଭ ହୋଇ ସାରା ଜୀବନ ଓ ପିଢ଼ି ପରେ ପିଢ଼ି ଚାଲିଥାଏ। ଦାରିଦ୍ର୍ୟ, ଲିଙ୍ଗଗତ ଭେଦଭାବ, ସାମାଜିକ ଦୂରତା ଏବଂ ସମ୍ବଳର ଅଭାବ ଏହି ଚକ୍ରକୁ ଜାରି ରଖିଛି, ଦୁର୍ବଳ ସମ୍ପ୍ରଦାୟଗୁଡ଼ିକୁ ଆହୁରି କବଳିତ କରୁଛି। ଗରିବ ସମ୍ପ୍ରଦାୟରେ ଖର୍ଚ୍ଚରୁ ବର୍ତ୍ତିବା ପାଇଁ ଝିଅମାନଙ୍କୁ ଶୀଘ୍ର ବିବାହ କରାଯାଏ । କମ୍ ବୟସରେ ବିବାହ କରିବା ଦାରିଦ୍ର୍ୟର ସଙ୍କେତ ଓ ଏହାର କାରଣ। ବିବାହ ପରେ ଝିଅର ପାଠପଢ଼ା ଓ ଶିକ୍ଷାର ଆଶା ବହୁଦୂର ହୋଇଥାଏ। ଏଭଳି ପରିସ୍ଥିତିରେ ଝିଅ ଟିଏ ମାନସିକ ସ୍ତରରେ ଦୁର୍ବଳ ହୋଇଥାଏ ଏବଂ ପରିବାର ପାଇଁ କୌଣସି ପ୍ରକାର ଆର୍ଥିକ ସହାୟକ ହୋଇପାରେନାହିଁ ।

ଯଦି କିଛି ଅପ୍ରୀତିକର ଘଟଣା ଘଟେ, ପରିବାର ଚଳାଉଥିବା ବ୍ୟକ୍ତି ଅସୁସ୍ଥ ହୋଇପଡ଼ନ୍ତି କିମ୍ବା ଚାକିରି ହରାଇଦିଅନ୍ତି, ତେବେ ପରିବାରର ଆର୍ଥିକ ସ୍ଥିତି ଖରାପ ହୋଇଯାଏ। ଘରେ ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅନୁପସ୍ଥିତିରେ ରୋଷେଇ ଘରେ ବନ୍ଦୀ ହୋଇ ରହିଥିବା ଜଣେ ମହିଳାଙ୍କ ପାଇଁ ବାହାରେ କାମ କରିବା ଏକ ଚାଲେଞ୍ଜ। ମହିଳା ଶିକ୍ଷିତ ନ ହେଲେ ପରିବାର ଦାରିଦ୍ର୍ୟର ଶିକାର ହେବାର ସମ୍ଭାବନା ଅଧିକ ଥାଏ। ମହିଳାମାନଙ୍କୁ ପ୍ରାୟତଃ ‘ଅର୍ଥନୈତିକ ବୋଝ’ ଭାବରେ ଦେଖାଯାଏ, ଯାହା ଦାରିଦ୍ର୍ୟର ଦୁଷ୍ଟଚକ୍ରକୁ ସୁଦୃଢ଼ କରିଥାଏ, ଯେଉଁଠାରେ ସେମାନେ ଶୀଘ୍ର ବିବାହ କରନ୍ତି ଏବଂ ପରେ ନିର୍ଭରଶୀଳତା ଏବଂ ଦାରିଦ୍ର୍ୟ ଭୟରେ ଜୀବନଯାପନ କରିବାକୁ ବାଧ୍ୟ ହୁଅନ୍ତି । କମ୍ ବୟସରେ ବିବାହ ମଧ୍ୟ ମହିଳାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଇଥାଏ । ବିବାହ କରିବାକୁ ବାଧ୍ୟ ହୋଇଥିବା ଝିଅ ଅକାଳ ବୟସ୍କ ହୋଇଯାଏ । ଦୁନିଆ ବିଷୟରେ ତାଙ୍କର ଯଥେଷ୍ଟ ବୁଝାମଣା ନଥାଏ ଏବଂ ତାଙ୍କ କାନ୍ଧରେ ଗୁରୁ ଦାୟିତ୍ୱ ରହେ । ଉପଯୁକ୍ତ ଶିକ୍ଷା ଅଭାବରୁ ଝିଅ ଆତ୍ମନିର୍ଭରଶୀଳ ହୋଇପାରନ୍ତି ନାହିଁ । ତାଙ୍କୁ ନିରନ୍ତର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଏହି କାରଣରୁ ସେ ହୀନତାର ଶିକାର ହୁଅନ୍ତି। ଶିକ୍ଷା ଓ କର୍ମ ସୁଯୋଗରୁ ବଞ୍ଚିତ ଯୁବତୀମାନେ ସୀମିତ ଜୀବନ ଓ ସମ୍ବଳ ଅଭାବରୁ ବୟସ୍କ ହୋଇଥାନ୍ତି। ଯୌତୁକ ଦାବି ସମସ୍ୟାକୁ ଆହୁରି ଜଟିଳ କରୁଛି। ଯୌତୁକ ସଙ୍କଟକୁ ଏଡ଼ାଇବା ପାଇଁ ପରିବାର ଲୋକ ତରବରିଆ ଭାବେ ଝିଅକୁ ବିବାହ କରାନ୍ତି, ଯାହାଦ୍ୱାରା ସେମାନଙ୍କର ଆର୍ଥିକ ବୋଝ ହ୍ରାସ ପାଇଥାଏ । ଯୌତୁକ ପ୍ରଥା ମହିଳାମାନଙ୍କୁ ଅଧିକାର ଓ ସାମର୍ଥ୍ୟ ଦେବା ପରିବର୍ତ୍ତେ ‘ଦାୟିତ୍ୱ’ ଏବଂ ଅର୍ଥନୈତିକ ବିନିମୟର ବସ୍ତୁ ଧାରଣାକୁ ସୁଦୃଢ଼ କରିଥାଏ। ଝିଅମାନଙ୍କର ଏହି ଅବମୂଲ୍ୟାୟନ ପିତାମାତାଙ୍କୁ ଶୀଘ୍ର ବିବାହ କରିବାକୁ ପ୍ରେରଣା ଦେଇଥାଏ, ଯାହା ଏହି ଦୁଷ୍କର୍ମ ଚକ୍ରକୁ ସୁଦୃଢ଼ କରେ ।

ଏହାକୁ ଭାଙ୍ଗିବା କଷ୍ଟକର । ଲିଙ୍ଗଗତ ଭେଦଭାବ ଉଭୟ ମହିଳା ଓ ଶିଶୁଙ୍କ ପରିସ୍ଥିତିକୁ କଷ୍ଟକର କରିଦେଇଛି। ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟରେ ଭ୍ରୂଣର ଲିଙ୍ଗ ନିର୍ଦ୍ଧାରଣ ଯୋଗୁଁ ଲିଙ୍ଗ ଅନୁପାତ ଖରାପ ହୋଇଛି। ଏହି ସବୁ ରାଜ୍ୟରେ ମହିଳାଙ୍କ ଅଭାବ ଯୋଗୁଁ ବିବାହ ସଙ୍କଟ ଦେଖାଦେଇଛି । ବାଲ୍ୟ ବିବାହରୁ ସୃଷ୍ଟି ହୋଇଥିବା ଶୋଷଣର ଚକ୍ରକୁ ଭାଙ୍ଗିବା ପାଇଁ ଏକ ସୁଦୃଢ଼ ନିୟମର ଆବଶ୍ୟକତା ରହିଛି। ଶିକ୍ଷା ସହ ଜଡ଼ିତ କାର୍ଯ୍ୟକ୍ରମ, ଚାକିରି ସୁଯୋଗ ଏବଂ ଅବହେଳିତ ପରିବାରପାଇଁ ଆର୍ଥିକ ସହାୟତା ଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ । ପଢ଼ିବା ଲେଖିବାର ସୁଯୋଗ ମିଳିଲେ ଝିଅମାନେ ଆତ୍ମବିଶ୍ୱାସର ସହ ନିଜେ ନିଷ୍ପତ୍ତି ନେଇପାରିବେ ଏବଂ ନିଜ ଅଧିକାର ପାଇଁ ଲଢ଼ି ପାରିବେ। ବାଲ୍ୟ ବିବାହ ବିରୋଧରେ ଆଇନକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରାଯିବା ଉଚିତ୍, ବିଶେଷକରି ଯେଉଁ ଅଞ୍ଚଳରେ ଏହି ସମସ୍ୟା ସବୁଠାରୁ ଅଧିକ ।



ଏରସମା(ଭାସ୍କର ନ୍ୟୁଜ): ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗର ପ୍ରସିଦ୍ଧ କୁଞ୍ଜବିହାରୀ ଜଗନ୍ନାଥ ମନ୍ଦିରରେ ପବିତ୍ର ରାମ ନବମୀ ମହାରୀତି ନିତି ପରମ୍ପରା ଅନୁଯାୟୀ ପାଳନ କରାଯାଇଛି। ଗଡ଼କୁଜଙ୍ଗ ନରେନ୍ଦ୍ର ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ଆସିବା ପରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଇ ନିଷ୍ଠା ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ରାମ ନବମୀରେ ହଜାର ହଜାର ଭକ୍ତମାନେ ଯୋଗଦେଇ ଶ୍ରୀ କୁଞ୍ଜବିହାରୀ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ କୃପା ଲାଭ କରିଥିଲେ। ତତ୍ ସହିତ ମନ୍ଦିର ପରିସରରେ ମର୍ଯ୍ୟାଦା ପୁରୁଷୋ ପ୍ରଭୁ ରାମଚନ୍ଦ୍ରଙ୍କ ଭଜନ କୀର୍ତ୍ତନ ସହିତ ରାମାୟଣ ପାଠନ କରିଥିଲେ। ଭକ୍ତିମୟ ପରିବେଷରେ ମନ୍ଦିର ପ୍ରକୋମ୍ପିତ ହୋଇଥିଲା। ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗଡ଼କୁଜଙ୍ଗ କୁଞ୍ଜବିହାରୀ ମନ୍ଦିର ମ୍ୟାନଜିଂ ଟ୍ରଷ୍ଟିର ସଭାପତି ରାଜେନ୍ଦ୍ର ବେହେରା, ସଂପାଦକ ପୀତାମ୍ବର ରାଉତ, ଟ୍ରଷ୍ଟିର ସଭ୍ୟ ଦେବେନ୍ଦ୍ର ମହାପାତ୍ର, ବିଜୟ ଚାନ୍ଦ ନାୟକ, ଯଦୁନାଥ ଖଟୁଆ, ଭୋଳାନାଥ ସ୍ୱାଇଁ, ପ୍ରକାଶ ଦାସ, ବୁଲାରାମ ପରିଡ଼ାଙ୍କ ସମେତ ସମସ୍ତ ମେମ୍ବର ମାନେ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ। ପରମ୍ପରା ଅନୁଯାୟୀ ରାମ ନବମୀ ଦିନଠାରୁ ରାବଣ ମରିବା ପର୍ଯ୍ୟନ୍ତ ଗଡ଼କୁଜଙ୍ଗ ମନ୍ଦିର ବଡଦାଣ୍ଡରେ ରାତି ୧୦ ଘଟିକା ଠାରୁ ଭୋର ୫ ଘଟିକା ପର୍ଯ୍ୟନ୍ତ ପୌରାଣିକ ରାମାୟଣ ଗୀତିନାଟ୍ୟ କାର୍ଯ୍ୟକ୍ରମ ୧୨ ଦିନ ବ୍ୟାପୀ ଚାଲୁରହବ ବୋଲି କୁଞ୍ଜବିହାରୀ ମନ୍ଦିର ଟ୍ରଷ୍ଟିବୋର୍ଡ ସମ୍ପାଦକ ଶ୍ରୀ ରାଉତ ସୂଚନା ଦେଇଛନ୍ତି।

# ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ କାର୍ଯ୍ୟକ୍ରମ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀର ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ବାଚନ ମଣ୍ଡଳୀରେ ଜନ ହିତକର କାର୍ଯ୍ୟ କରି ଚାଲିଥିବା ବେଳେ ନିର୍ବାଚନ ମଣ୍ଡଳୀରେ ଅନେକ ବିକାଶ ହୋଇଛି । ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟକ ଜନସାଧାରଣଙ୍କୁ ଦେଖିବାକୁ ମିଳିଛି । ନିମାପଡ଼ା ପଂଚାୟତ ସମିତି ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହି ବୈଠକରେ ବିକଶିତ ଗାଁ-ବିକଶିତ ଓଡ଼ିଶାର ୨୦୨୪-୨୫ ଆର୍ଥିକ ବର୍ଷର ବ୍ଲକ୍ ଉନ୍ନୟନ ଯୋଜନାର ତାଲିକା ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ର ୬ଟି ପଞ୍ଚାୟତର ୭ ଗୋଟି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ୩୯ ଲକ୍ଷ ୯୫ ହଜାର ଟଙ୍କ ବ୍ୟୟ ବରାଦରେ ଦକ୍ଷିଣରାଢ଼ସ, ସାଇଁଶ ଶାସନ ଏସ୍‌ଏସ୍‌ପି ଉଚ୍ଚ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ, ଗ୍ରନ୍ଥାଗାର, ପ୍ରୟୋଗଶାଳା, ଶଗଡ଼ା ପଞ୍ଚାୟତ ଓଳିକଣ୍ଡି ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ୧୧ଲକ୍ଷ ୭୬ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ, ଧନୁଆଁ ପଞ୍ଚାୟତ ସୁନୁଗୋରଡ଼ି ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ୧୧ ଲକ୍ଷ ୮୬ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ, ଡମାଳୋ ଦାମୋଦର ଉଚ୍ଚ ବିଦ୍ୟାଳୟରେ ୪୩ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ, ଗ୍ରନ୍ଥାଗାର ଓ ପ୍ରୟୋଗ ଶାଳା, ଭୋଦର ପଞ୍ଚାୟତ ଉଦୟ ଉଚ୍ଚ ବିଦ୍ୟାଳୟରେ ୩୯ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ, ଗ୍ରନ୍ଥାଗାର ଓ ପ୍ରୟୋଗଶାଳା, ଅର୍ଣ୍ଣପୂର୍ଣ୍ଣା ବିଦ୍ୟାପାଠରେ ୯ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଯାଇଛି । ଶିଳାନ୍ୟାସ ସମୟରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶିଳାନ୍ୟାସ କରାଯାଇଥିବା ବିଦ୍ୟାଳୟରେ ସାଇକେଲ ଷ୍ଟାଣ୍ଡ, ଶୌଚାଳୟ, ପାଚେରୀ, ଖେଳ ପଡ଼ିଆ ଆଦି ନଥିବା ପର୍ଯ୍ୟାୟ କ୍ରମେ ଅନୁଦାନ ଯୋଗାଇ ଦିଆଯିବ ବୋଲି କହିଥିଲେ । ବିଭିନ୍ନ ସ୍ଥାନରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ୍ ସଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସି ସାଂସଦ ପ୍ରତିନିଧି ମାନସଲୋ ମହାନ୍ତି, ବିଡ଼ିଓ ଡ଼ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମନୋଜ କୁମାର ପ୍ରଧାନ, ବିଇଓ ଦ୍ୱିଟୀକାନ୍ତ ପ୍ରଧାନ, ଏଇଇଓ ସୁଦର୍ଶନ ଭୋଇ, ସନ୍ତୋଷ ପରିଡ଼ା, ଦୁର୍ଯ୍ୟୋଧନ ମହାନ୍ତି, ନିରନ ନାୟକ, ଭକ୍ତବନ୍ଧୁ ବିଶ୍ୱାଳ, ମହେନ୍ଦ୍ର କୁମାର ମହାପାତ୍ର, ପ୍ରଶାନ୍ତ କୁମାର ବେହେରା, ବ୍ରଜମୋହନ ଦାସ, ଭଗବାନ ମିଶ୍ର, କୈଳାସ ଚନ୍ଦ୍ର କର, ବ୍ରଜ କିଶୋର ନାୟକ, ପ୍ରଭାତ କୁମାର ନାୟକ, ସଂଜୟ ବାରିକ, କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଉକ୍ତ ସମସ୍ତ କାର୍ଯ୍ୟ ୨ ମାସ ଭିତରେ ସାରିବାକୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରୀରାମ ମନ୍ଦିର ନିମନ୍ତେ ଶିଳାନ୍ୟସ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଶିକ୍ଷମନ୍ତ୍ରୀ



ପାରାଦ୍ୱୀପ(ଭାସ୍କର ନ୍ୟୁଜ): ପବିତ୍ର ରାମ ନବମୀର ଶୁଭ ଅବସରରେ ପାରାଦ୍ୱୀପ ପୌରାଞ୍ଚଳ ଅନ୍ତର୍ଗତ ଶ୍ରୀରାମ ନଗର ବିଜୟଚନ୍ଦ୍ରପୁର (ତାରିଣୀଗଡା)ଠାରେ ଶ୍ରୀରାମ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବରେ ପାରାଦ୍ୱୀପ ବିଧାୟକ ତଥା ଓଡିଶାର ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀରାମ ମନ୍ଦିର ନିମନ୍ତେ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ସତ୍ୟ, ଧର୍ମ ଓ ତ୍ୟାଗର ପ୍ରତୀକ ଓ ଆଜି ହେଉଛି ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶକୁ ସ୍ମରଣ କରିବାର ଦିନ । ଶେଷରେ ପ୍ରଭୁ ଶ୍ରୀରାମଙ୍କ ଚରଣରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ବୋଲି କହିଥିଲେ । ରାମମନ୍ଦିର ଟ୍ରଷ୍ଟର ସଭାପତି ଅମରଜିତ ଜେନା ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ସୂର୍ଯ୍ୟ ନାରାୟଣ ଶତପଥୀ ସମାଜରେ ଜନ୍ମ ହୋଇ ସାମାଜିକ ନୀତିନିୟମ ତଥା ଅନୁଶାସନ ଭିତରେ ରହି ଜଣେ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ହୋଇପାରିଥିବା ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଗ୍ରାମବାସୀମାନେ ଏହି ଦିବସକୁ ପାଳନ କରି ଶାନ୍ତି ବଜାୟ ରଖିବାକୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମକୁ ଶ୍ରୀରାମ ମନ୍ଦିର ଟ୍ରଷ୍ଟର ସମସ୍ତ ସଦସ୍ୟ ସଫଳତାର ସହ ପରିଚାଳନା କରିଥିଲେ ଏବଂ ମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ ।

## ତାଲିମ ଶିବିର ପ୍ରହସନ
## ଶିକ୍ଷକ,ଶିକ୍ଷୟିତ୍ରୀ ହନ୍ତସନ୍ତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ୟୁଏସ ତାଲିମ ଶିବିର ପ୍ରହସନରେ ପରିଣତ ହୋଇଥିବା ଶିକ୍ଷକ ମହଲରେ ଅଭିଯୋଗ ହୋଇଛି । ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅତ୍ୟନ୍ତ ନିମ୍ନମାନର ଓ ଅରୁଚିକର ଖାଦ୍ୟ ପରିବେଷଣ କରାଯାଇଥିବା କାରଣରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ତାଲିମ ଶିବିରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସରକାରୀ ଉଚ୍ଚବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସର୍ବୋପରି ସିଆରସିସିମାନେ ଯୋଗଦାନ କରିଥିଲେ । ତେବେ ସରକାରଙ୍କ ନିୟମାନୁଯାଇ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଠିକ୍ ଭାବେ ଖାଦ୍ୟ ଦିଆଯାଇ ନଥିବା କାରଣରୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଗଭୀର ଅସନ୍ତୋଷ ବ୍ୟକ୍ତ କରି ଭୋକ ଉପାସରେ ଫେରିବାକୁ ବାଧ୍ୟ ହୋଇଥିଲେ । ବ୍ଲକ୍‌ରେ ଶିକ୍ଷାଧିକାରିଣି ଛୁଟିରେ ଥିବାରୁ ଦାୟିତ୍ୱ ନିର୍ବାହ କରୁଥିବା କାମଚଳା ସିଆରସିସି ଶୁଶିଲ ଚକ୍ରବର୍ତ୍ତୀ ଅନ୍ୟ କେତେକ କର୍ମଚାରୀଙ୍କ ସହ ହାତମିଳାଇ ଠାକୁର ଖାଇ ଖଟୁଲି ଖାଇବା ନୀତିରେ ଏପରି ତାଲିମ ଶିବିର କରିଥିବା ବହୁ ଶିକ୍ଷକ ଶିକ୍ଷୟିତ୍ରୀ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି । ତେବେ ଏହି ତାଲିମ ଶିବିର ଏକରକମ ପ୍ରହସନରେ ପରିଣତ ହୋଇଥିବାରୁ ଏହାର ସଫଳତା ନେଇ ଆଶଙ୍କା ପ୍ରକାଶ ପାଇଛି । ଏସମ୍ପର୍କରେ ଆମ ପ୍ରତିନିଧି ଶ୍ରୀ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ଏବାବଦରେ କେତେଟଙ୍କା ଆସିଛି ସେ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି । ଶିକ୍ଷକଙ୍କୁ ଭାତ ଡାଲମା ଖଟା ଦିଆଯାଇଥିବା ପ୍ରକାଶ କରିଥିଲେ ।

# ଡିଷ୍ଟ୍ରିକ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ଜଗତସିଂହପୁର ପକ୍ଷରୁ ୨ଦଫା ଦାବିପତ୍ର




ଜଗତସିଂହପୁର(ଭାସ୍କର ନ୍ୟୁଜ): ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ଦ୍ୱାରା ପରିଚାଳିତ ଡିଷ୍ଟିକ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ, ଜଗତସିଂହପୁର ପକ୍ଷରୁ ପୁରୀ ଜିଲ୍ଲାର ବଡ଼ ଖବର ଜିଲ୍ଲା ପ୍ରତିନିଧି ଲୀନୁ ନାୟକ ଓ କ୍ୟାମେରାମ୍ୟାନ ଶିବ କିଶୋର ପଲାଇଙ୍କ ଉପରେ କଥାକଥିତ କିଛି ଗୁଣ୍ଡା ଶ୍ରେଣୀର ସେବାୟତ ସଂଘବଦ୍ଧ ମରଣାତ୍ମକ ଆକ୍ରମଣ କରିଥିଲେ । ଘଟଣାକୁ ଡିଷ୍ଟିକ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହିତ ଆକ୍ରମଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ରାଜ୍ୟ ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଆଦି ୨ଦଫା ଦାବିନେଇ ଡିଷ୍ଟିକ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା କାର୍ଯ୍ୟକାରୀ ସଭାପତି ତପନ ରାଉତରାୟ, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପରିଡା, ନୃସିଂହ ଚନ୍ଦ୍ର ମହାନ୍ତି, ସରୋଜ ନାୟକ, ଶଶାଙ୍କ ଶେଖର ପଣ୍ଡା, ଯମେସ ଗୋଛାୟତ, ମହେଶ ସ୍ୱାଇଁ, ଅନୁପ ମହାନ୍ତି, ପ୍ରଭାତ ମହାନ୍ତି, ଈଶ୍ୱର ଦାସ, ସାରଦା ଦାସ, ନଳିନି କାନ୍ତ ମଲ୍ଲିକ, ଶିବଦ ଭାରତ, ଅମୟ ବେହେରା, ଅକ୍ଷୟ ଦାସ, ଚନ୍ଦନ ପରିଜା, ଲୋକନାଥ ସାହୁ, ତାପସ ମହାରଣା, କଲ୍ୟାଣ ସେନ୍, ପ୍ରଦୀପ୍ତ ନାୟକ ପ୍ରମୁଖ ସାମ୍ବାଦିକ ଉପସ୍ଥିତ ଥିଲେ ।

## ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା
## ପୁନର୍ଗଠନ ହେବ ସ୍ୱୟଂସହାୟକ ଗୋଷ୍ଠୀ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସାରା ରାଜ୍ୟରେ ମିଶନ ଶକ୍ତିକୁ ନେଇ ରାଜ୍ୟ ସରକାରଙ୍କ ବଡ଼ ଯୋଜନା ରହିଥିବା ବେଳେ ବଦଳିବେ ପୁରୁଣା ସଭାପତି ଓ ସଂପାଦକ । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ପାଇଁ ଚଳିତ ମାସରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁର୍ନଗଠନ ହେବ । ଜିପିଏଲ୍‌ଏଫ୍ ଓ ସିପିଏଲ୍, ବିଏଲ୍‌ଏଫ୍‌ଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ନୂଆ ନିଯୁକ୍ତି ଦିଆଯିବା ପାଇଁ ସରକାର ଯୋଜନା କରିଛନ୍ତି । ପ୍ରତି ପରିବାରକୁ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ିବାକୁ କେନ୍ଦ୍ର ସରକାର ପୂର୍ବରୁ କହିଥିଲେ । ପୂର୍ବ ସରକାର ସମୟରେ ବହୁତ ପରିବାର ବଂଚିତ ହୋଇଛନ୍ତି । ଏବେ ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ପ୍ରୟାସ କରି ସବୁ ଘରକୁ ଗ୍ରୁପ୍ ସହ ଯୋଡ଼ିବାକୁ ପ୍ରୟାସ ଆରମ୍ଭ କରିଛି । ପୂର୍ବ ସରକାର ଅମଳରେ ବହୁ ବ୍ୟତିକ୍ରମ ଥିବାବେଳେ ବର୍ତ୍ତମାନର ସରକାର ସମସ୍ତ ପରିବାରଙ୍କୁ ଯୋଡ଼ି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ପୂର୍ବରୁ ଯେଉଁମାନେ ସଭାପତି ଓ ସଂପାଦକ ଅଛନ୍ତି ସେମାନଙ୍କୁ ବାହାର କରି ନୂଆ ମହିଳାଙ୍କୁ ତୃଣମୂଳ ସ୍ତରରେ ନେତୃତ୍ୱ ସୃଷ୍ଟି କରିବା ପାଇଁ ଚେଷ୍ଟା କରାଯିବ ବୋଲି ଜଣାପଡ଼ିଛି । ଯେଉଁମାନେ ଦୁଇଥର ଚାରିବର୍ଷରୁ ଅଧିକ ରହି ସାରିଛନ୍ତି ସେମାନେ ଆଉ ରହିପାରିବେ ନାହିଁ । ପୂର୍ବ ସରକାର ସେମାନଙ୍କ ଭୋଟ ପାଇଁ ରାଜନୀତିକ ଉଦ୍ଦେଶ୍ୟ ରଖିଥିବା ଜଣାପଡ଼ିବା ପରେ ହଟଚମଟ ସୃଷ୍ଟି ହୋଇଛି । ବିନା ରେଜିଷ୍ଟ୍ରେସନ୍ ଗ୍ରୁପ୍‌କୁ କୋଟି କୋଟି ଟଙ୍କା ଦିଆଯାଇଛି । ରେଜିଷ୍ଟ୍ରେସନ୍ ନଥିବାରୁ ଅଡ଼ିଟ୍ ନାହିଁ । ଯେଉଁଠି ରେଜିଷ୍ଟ୍ରେସନ୍ ନାହିଁ ସେଠି ଅଡ଼ିଟ୍ ନାହିଁ ତାହାର ଉଦ୍ଦେଶ୍ୟ କ'ଣ ବୋଲି ପ୍ରଶ୍ନ କରାଯାଇଛି । ରାଜ୍ୟ ସରକାରଙ୍କର ଏପରି ପଦକ୍ଷେପକୁ ଅନେକ ପରିବାର ସାଧୁବାଦ ଜଣାଇଛନ୍ତି । ନିମାପଡ଼ାରେ ମଧ ପୁର୍ନଗଠନ ହେବ ସ୍ୱୟଂସହାୟକ ଗୋଷ୍ଠୀ ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




କଟକ(ଭାସ୍କର ନ୍ୟୁଜ): ସ୍ଥାନୀୟ ବିଦ୍ୟାଧରପୁର ୩ ନଂ ୱାର୍ଡସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ, ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟ, ସ୍ୱାସ୍ଥ୍ୟସେବା ପରିଚାଳନା ଓ ଚର୍ଚ୍ଚିକା କ୍ଲବ୍‌ରୁ ଅଙ୍କୁର ହସ୍ପିଟାଲ ଏବଂ ନାଇନ୍ ଏମ୍ ଫର୍ଟିଲିଟି ସହଯୋଗରେ ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏଥିରେ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସକାଳେ ପିଣ୍ଟୁ ମହାତୋ ଏବଂ ଟିମ୍ ପ୍ରାୟ ୨୦୦ ଅଂଶଗ୍ରହଣକାରୀଙ୍କୁ ଜୁମ୍ବା ତଥା ଏରୋବିକ୍ସ ପ୍ରଶିକ୍ଷଣ ଦେଇଥିଲେ । ନର୍ସିଂ ଛାତ୍ରୀମାନେ ସ୍ୱାସ୍ଥ୍ୟ ପ୍ରଦର୍ଶନୀ ଏବଂ ଉପସ୍ଥିତ ଡାକ୍ତର ଦ୍ୱାରା ବ୍ଲଡ୍ ଗ୍ରୁପିଂ, ରକ୍ତଚାପ ପରୀକ୍ଷା, ବିଏମଆଇ ମାପିବା ଏବଂ ଏସପିଓଟୁ ଚେକ୍ ଭଳି ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ । ବିଶ୍ୱବିଦ୍ୟାଳୟ ଆୟୁର୍ବେଦ ଚିକିତ୍ସକ ଆଗନ୍ତୁକଙ୍କ ନାଡ଼ି ପରୀକ୍ଷା କରିଥିଲେ । ଏକ ପୋଷ୍ଟର ପ୍ରତିଯୋଗିତାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସମେତ କଟକସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଶହେରୁ ଊର୍ଦ୍ଧ୍ୱ ଛାତ୍ରୀ ଖୁବ୍ ସୁନ୍ଦର ସୁନ୍ଦର ପୋଷ୍ଟରମାନ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ତେଜପ୍ରତାପ ଉଦଘାଟନ କରିଥିବା ବେଳେ ଅଙ୍କୁର ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ଗୁରୁପ୍ରସାଦ ଜି. ଅତିଥି ଭାବେ ଯୋଗ ଦେଇଥିଲେ । ଅପରାହ୍ନରେ ନର୍ସିଂ ବିଭାଗ ଡିନ୍ ପ୍ରଫେସର ଡଃ. ଜୋୟିତା ମଣ୍ଡଳ ବ୍ୟକ୍ତିଗତ ସ୍ୱଚ୍ଛତା ଉପରେ ମତ ରଖିଥିବା ବେଳେ ସୁସ୍ଥ ଜୀବନଚର୍ଯ୍ୟା ପାଇଁ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ସୁବ୍ରତ ଦେ ସୂଚନା ଦେଇଥିଲେ । ଏହାପରେ ଯୋଗ ଏବଂ ପ୍ରାଣାୟାମ ପ୍ରଦର୍ଶନ କରାଯାଇଥିଲା । ଅପରାହ୍ନରେ ଉଦଯାପନୀ ଉତ୍ସବରେ କୁଳପତିଙ୍କ ସମେତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଯୋଗ ଦେଇଥିଲେ । କର୍ମଶାଳାରେ ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଡିନ୍ ପ୍ରଫେସର ଡ.ତୀର୍ଥଙ୍କ ଘୋଷ'କ୍ୟାରିଅର ଗାଇଡାନ୍ସ ଓ କାଉନସେଲିଂ ଉପର, ଅଙ୍କୁର ହସ୍ପିଟାଲର ମନସ୍ତତ୍ତ୍ୱବିତ୍ ପିଲାଙ୍କ ମୋବାଇଲ୍ ଆଡିକ୍ସନ୍' ଉପରେ, କିମ୍ସ ହସ୍ପିଟାଲର ସ୍ୱାସ୍ଥ୍ୟ ଓ ପୋଷଣ ବିଶେଷଜ୍ଞ ମିସ୍ ସୋନମ୍ ସିଂହ ପୋଷଣ ଓ ସ୍ୱାସ୍ଥ୍ୟ ଉପରେ ଅଙ୍କୁର ହସ୍ପିଟାଲର ଶିଶୁ-ସ୍ନାୟୁ ବିଶେଷଜ୍ଞ ଡ. ଦେବାଶିଷ ପାଣିଗ୍ରାହୀ 'ଅଟିଜିମ୍ ଏବଂ ଏଥିରେ ପୀଡ଼ିତ ଶିଶୁଙ୍କ ଯତ୍ନ' ସମ୍ପର୍କରେ ଆଲୋଚନା କରିଥିଲେ । ସନ୍ଧ୍ୟାବେଳେ କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

# ପାରାଦୀପ ପିଏଚ୍‌ଓ ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା



ପାରାଦୀପ(ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟ ସମସ୍ୟା ଓ ଏଥିରେ ଉନ୍ନତି ଆଣିବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅପ୍ରେଲ ୭ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥାଏ । ଚଳିତ ୨୦୨୫ ବର୍ଷ ସୁସ୍ଥ ଆରମ୍ଭ, ଆଶାନ୍ୱିତ ଭବିଷ୍ୟତ ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ ଥିଲା । ଏହି ପରିପ୍ରେକ୍ଷୀରେ ପାରାଦୀପସ୍ଥିତ ପୋର୍ଟ ହେଲଥ ଅର୍ଗାନାଇଜେସନ ବା ବନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ସ୍ଥାନୀୟ ଏନଏସି ଉଚ୍ଚବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସହ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପରେ ବକ୍ତୃତା ପ୍ରତିଯୋଗିତା, ପୋଷ୍ଟର ତିଆରି ଓ ଡ୍ରଇଁ ପ୍ରତିଯୋଗିତା ସମେତ ମେଡିକାଲ ଆଶୁ ଚିକିତ୍ସା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ଉପରେ ସମ୍ୟକ ପ୍ରଶିକ୍ଷଣ ଦିଆଯାଇଥିବା ନେଇ ପାରାଦୀପ ପିଏଚଓ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ ।

# ମା' ବାଲୁଙ୍କେଶ୍ୱରୀଙ୍କ ୯ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



କଟକ(ଭାସ୍କର ନ୍ୟୁଜ): କଟକସ୍ଥିତ ବାଲିକୁଦା ଗ୍ରାମରେ ଦୁଇଦିନ ଧରି ଚାଲିଥିବା ମହାଯଜ୍ଞ ଗତକାଲି ଶେଷ ହୋଇଛି। ଏଥିରେ ଧରିଣା ପଞ୍ଚାୟତର ଆବାଳବୃଦ୍ଧ ବନିତା ଯୋଗ ଦେଇଥିଲେ। ପ୍ରଥମଦିନ ଶତାଧିକ ମହିଳା ମହାପଟୁଆରରେ ମାଳିକା ପ୍ରସିଦ୍ଧ ରତ୍ନବଟକୁ କଳସ ଶୋଭାଯାତ୍ରାରେ କୀର୍ତ୍ତନ, ଘଣ୍ଟ, ମାଦଳ, ବାଜା, ବାଣ ସହ ଯାଇଥିଲେ। ୨ଦିନ ଧରି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିଦିନ ଗୀତା ଯଜ୍ଞ ଓ ଭଜନ କୀର୍ତ୍ତନ ହେବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତିରେ ଆନନ୍ଦ ବଜାରରେ ଭକ୍ତ ପ୍ରସାଦ ସେବନ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ଅଞ୍ଚଳର ମାନ୍ୟଗଣ ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସରପଞ୍ଚ ରତ୍ନାକର ରାଉତ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହୃଷିକେଶ ଜେନା, ପୂର୍ବତନ ସମିତି ସଭ୍ୟ କେଳୁଚରଣ ମହାଳି, ତ୍ରିନାଥ ଦାଶ, ତହସିଲଦାର, ବିଡ଼ିଓ, ସମିତି ସଭ୍ୟ ସସ୍ମିତା ଦାଶ, ବିଧାୟକ ପ୍ରତିନିଧି ଚିତ୍ତରଞ୍ଜନ ସାହୁ, ଡ କେଶବ ଚନ୍ଦ୍ର ସାହୁ, ଅଶୋକ ଦାସ, ଅଶୋକ ପଟ୍ଟନାୟକ, ଉମେଶ ବାଡ଼ି, ସରୋଜ କୁମାର ପାତ୍ର, ସର୍ବେଶ୍ୱର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । କର୍ତ୍ତା ସୁରେନ୍ଦ୍ର ପାତ୍ର ଓ ମା' ବାଲୁଙ୍କେଶ୍ୱରୀ ଗ୍ରାମ କମିଟି ସଭାପତି, ନୃସିଂହ ଭୋଇ, ସଂପାଦକ ଶେଷଦେବ ଦାଶ, କୋଷାଧ୍ୟକ୍ଷ ଭଗବାନ ଭୋଇ, ଚିତ୍ତରଞ୍ଜନ ଭୋଇ, କ୍ରିତିରଞ୍ଜନ ପାତ୍ର, ବିଶି ବାଡ଼ି, ବିକାଶ ରାଉତରାୟ, ବିକାଶ ସାହୁ, ସ୍ମୃତିରଞ୍ଜନ୍ ଦାସ, ନରେନ୍ଦ୍ର ପାତ୍ର, ବ୍ରଜକିଶୋର ଭୋଇ, ସୁକାନ୍ତ କୁମାର ଭୋଇ, ଗଜେନ୍ଦ୍ର ଭୋ. ଦିପ୍ତି ରଞ୍ଜନ ପାତ୍ର, ଅକ୍ଷୟ ସାହୁ, ଟିକି ନନା ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ଆବାହକ ସରୋଜ ପାତ୍ର ମା' ବାଲୁଙ୍କେଶ୍ୱରୀ ଗ୍ରାମ କମିଟିର ସମସ୍ତ କର୍ମକର୍ତ୍ତା ଓ ପଞ୍ଚାୟତବାସୀଙ୍କୁ ଧନ୍ୟବାଦ ଦେଇଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗରେ ଶୋକ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର ଜଣାଶୁଣା ସାମ୍ବାଦିକ ତଥା କେନ୍ଦ୍ର ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନୋଟାରୀ ପବ୍ଲିକ ରବୀନ୍ଦ୍ର କୁମାର ଜେନାଙ୍କ ମା' ରେଣୁବାଳା ଜେନା(୮୦)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ପରଲୋକ ହୋଇଯାଇଛି । ତାଙ୍କ ପାର୍ଥିବ ଶରୀରକୁ ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇ ନିକଟସ୍ଥ ନିଜ ବରେଇ ଗ୍ରାମସ୍ଥିତ ବସଭବନକୁ ଶେଷଦର୍ଶନ ପାଇଁ ଅଣାଯାଇ ପୁରୀରେ ସଂସ୍କାର କରାଯାଇଥିଲା । ସ୍ୱର୍ଗତ ରେଣୁବାଳା ଜଣେ ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଥିଲେ । ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ଭାଗିରଥି ମଲ୍ଲିକ, ରାକେଶ ପଟ୍ଟନାୟକ, ରତ୍ନାକର ସ୍ୱାଇଁ, ସୁଧାଂଶୁ ନାୟକ, ଜଗବନ୍ଧୁ ସ୍ୱାଇଁ, ଦୀପକ ଦାସ, ପ୍ରଭାକର ସାହୁ, ସନ୍ତୋଷ ଭାରତୀ, ରତ୍ନାକର ଜେନା, ସଦାନନ୍ଦ ବେହେରା, ଆଲୋକ ମହାପାତ୍ର, ସଞ୍ଜୟ ମିଶ୍ର, ଜଗନ୍ନାଥ ଶତପଥୀ, ବିବେକାନନ୍ଦ ରାଉତ, ପ୍ରଭାତ ମହାପାତ୍ର ପ୍ରମୁଖଙ୍କ ସମେତ ପାରାଦୀପ ବାର ଆସୋସିଏସନର ସଭାପତି ତପନ କୁମାର ଦାଶ, ସାଧାରଣ ସମ୍ପାଦକ ହେମନ୍ତ ସାହୁ, ଉପସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ, କୈଳାଶ ସାହୁ, ବଣିକ ସଙ୍ଘ ସଭାପତି କ୍ଷୀରୋଦ ସ୍ୱାଇଁ, ସମାଜସେବୀ ଶ୍ରୀବଲ୍ଲଭ କର ଓ ବହୁ ବୁଦ୍ଧିଜୀବୀ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ଚାରିଛକ ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ: ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ




ନିମାପଡ଼ା(ଭାସ୍କର ନ୍ୟୁଜ): ରାଜ୍ୟରେ ପୋଲିସ ଜନସାଧାରଣଙ୍କ ନିକଟତର ହୋଇ କାର୍ଯ୍ୟ କରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଥିବା ବେଳେ ଚାରିଛକ ଥାନା ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ଓ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି । ଥାନାଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ଏସ୍‌ଡ଼ିପିଓ ଜନାର୍ଦ୍ଦନ ପାଢ଼ୀ, ସମ୍ମାନୀତ ଅତିଥି ଭାବେ ଚାରିଛକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଗୋପିନାଥ କର, ସଂପାଦକ କାହ୍ନୁ ଚରଣ ବେହେରା ପ୍ରମୁଖ ଯୋଗ ଦେଇ ୩୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କୁ ତାଙ୍କର ପରିଚୟ ପତ୍ର ବଣ୍ଟନ କରିଥିଲେ । ଜନସାଧାରଣ ଓ ପୋଲିସ ମଧ୍ୟରେ ସୁସଂପର୍କ ରହିଲେ ଲୋକମାନେ ତ୍ୱରିତ ନ୍ୟାୟ ପାଇବା ସହିତ ଅଞ୍ଚଳରୁ ଚୋରୀ ରାହାଜାନୀ ହ୍ରାସ ପାଇବ ବୋଲି ମତବ୍ୟକ୍ତ କରିଥିଲେ । ଚାରିଛକ ଥାନା ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଓ ରାତ୍ର ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଏସ୍‌ଡ଼ିପିଓ ଶ୍ରୀ ପାଢ଼ୀ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚଳିତବର୍ଷ ଆସନ୍ତା ଅକ୍ଷୟ ତୃତୀୟା ଦିନ ଥାନା ପରିସରରେ ହେବାକୁ ଯାଉଥିବା ମେଳଣକୁ ଅଧିକ ସରସ ସୁନ୍ଦର କରିବାକୁ ସମସ୍ତ କମିଟି ସଦସ୍ୟମାନେ ଥାନାଧିକାରୀଙ୍କୁ କହିଥିଲେ । ପରିଶେଷରେ ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅଗ୍ନିବୀର ବୃତ୍ତି ପରାମର୍ଶ



ଆସିକା(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କଲେଜ ସ୍ତରୀୟ ଉଦ୍ଭାବନ ଏବଂ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନି ତରଫରୁ ଭାରତୀୟ ପଦାତିକ ବାହିନି ଅଗ୍ନିବୀର ବୃତ୍ତି ନିମନ୍ତେ ଏକ ଯୋଗ୍ୟତା ପରାମର୍ଶ ଶିବିର ହୋଇଯାଇଛି। ଆର୍ମି ଡିଫେନ୍ସ କଲେଜ, ଗୋପାଳପୁର, ଗଂଜାମର ନିଯୁକ୍ତି ଅଧିକାରୀ ମେଜର କଲ୍ୟାଣ କୁମାର କଲେଜ ଛାତ୍ରଛାତ୍ରୀ ମାନଙ୍କୁ ଅଗ୍ନିବୀର ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ବିବରଣୀ ଡିଜିଟାଲ ସ୍ଲାଇଡ୍ ଶୋ ମାଧ୍ୟମରେ ବୁଝାଇଥିଲେ। ଅଗ୍ନିବୀର ସାଧାରଣ କର୍ତ୍ତବ୍ୟ ଏବଂ ଟେକ୍ନିକାଲ ବୃତ୍ତିରେ କିପରି ପ୍ରବେଶ କରିପାରିବେ, ସେଥିରେ କେତେବର୍ଷ ପାଇଁ ଚାକିରି କରିପାରିବେ, ଅବସର ପରେ ଦକ୍ଷତା ଭିତ୍ତିକ ପ୍ରଣାମ ପତ୍ର ଦ୍ୱାରା କିପରି ପୁନଃ ଭାରତର ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାରେ ଚାକିରି କରିପାରିବେ, ଏଥିରେ ଆର୍ଥିକ ଲାଭ କ'ଣ ଅଛି ଇତ୍ୟାଦିର ବିସ୍ତୃତ ବିବରଣୀ ଛାତ୍ରଛାତ୍ରୀମାନଙ୍କୁ ଦେଇଥିଲେ। ଏକାଡେମିକ ବର୍ସର ଡ. ସନ୍ତୋଷ କୁମାର ଚୌଧୁରୀ ଉପସ୍ଥିତ ଥିଲେ। କଲେଜ ଏନସିସି ଅଧିକାରୀ ଶିବିର ସଂଯୋଜନା କରିଥିବା ବେଳେ ଉକ୍ତ ବୈଠକର ଆବାହକ ଇଂରାଜୀ ଅଧ୍ୟାପକ ଶୁଭେନ୍ଦୁ କୁମାର ରଥ କାର୍ଯ୍ୟ ସଂପାଦନା କରିଥିଲେ। ଯୋଗ୍ୟତା ନିରୂପଣ ଆବାହକ ସାଲ କୁମାର ସ୍ୱାମୀ, ରାଜେଶ୍ କୁମାର ସାହୁ, କୃଷ ଚନ୍ଦ୍ର ପାତ୍ର ଇତ୍ୟାଦି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାରେ ସହଯୋଗ କରିଥିଲେ। ଶିବିରରେ ପ୍ରାୟ ଦୁଇଶତ ଆଶାୟୀ ଛାତ୍ରଛାତ୍ରୀ ଉପସ୍ଥିତ ଥିବାର ନଜିର ରହିଥିଲା। ପରିଶେଷରେ ଡ. ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିମିରିରେ ୨ୟ ବାର୍ଷିକ ରାମ ନବମୀ ଉତ୍ସବ

କଣ୍ଠାପଡ଼ା(ଭାସ୍କର ନ୍ୟୁଜ): କଟକ ଜିଲ୍ଲା କଣ୍ଠାପଡ଼ା ବ୍ଲକ ଅଧିନସ୍ଥ ଡିମିରିରେ ରାମ ନବମୀ ଉତ୍ସବ ମହାଆଡମ୍ବରରେ ତିନିଦିନ ବ୍ୟାପି ପାଳନ ହୋଇଯାଇଅଛି। ସମଗ୍ର ଡିମିରି ପଞ୍ଚାୟତ ତିନିଦିନ ବ୍ୟାପି ରାମମୟ ହୋଇଛି। ଏହି ଉତ୍ସବ ଶୁକ୍ରବାରରୁ ଆରମ୍ଭହୋଇ ରବିବାର ରାମ ନବମୀରେ ଶେଷ ହୋଇଛି ପ୍ରଥମ ଦିନ କଳସ ଯାତ୍ରା ପରେ ସୂର୍ଯ୍ୟପୂଜା ଚକ୍ଷୁଦାନ ପ୍ରତିଦିନ ବିଶ୍ୱ କଲ୍ୟାଣ ପାଇଁ ହୋମଯଜ୍ଞ ସହ ଶେଷଦିନ ରାମନବମୀରେ ପୂର୍ଣ୍ଣାହୂତି ସହ ସମସ୍ତ ଗ୍ରାମବାସୀ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ସୋମବାର ଦିନ ପ୍ରଭୁ ରାମଚନ୍ଦ୍ରଙ୍କ ବିସର୍ଜନର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଛି। ପ୍ରହଲ୍ଲାଦ ଜେନା(କର୍ତ୍ତା), ବୀଣାପାଣି ଜେନା(କର୍ତ୍ତି), ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର, ରୁଦ୍ର ପ୍ରତାପ ଜେନା, ଅଭିଜିତ ମହାପାତ୍ର, ଅରୁଣ ବିକ୍ରମ ଜେନା, ଆଶିଷ ମହାପାତ୍ର, ଚିନ୍ମୟ ପଟ୍ଟନାୟକ ଆଦି ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍ ମେରାମଣ୍ଡଳୀରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



କୁସୁପଙ୍ଗା(ଭାସ୍କର ନ୍ୟୁଜ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ କୁସୁପଙ୍ଗା ସବ୍ ସେଣ୍ଟର ଏବଂ ଜୋରାଗଡିଆ ୟୁପି ସ୍କୁଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନଶୈଳୀର ମହତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ, ବିଷୟବସ୍ତୁ ଉପରେ ଆଧାରିତ ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଯେଉଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସେଥିରେ ଏକାଧିକ ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀ, ବିଭିନ୍ନ ଦଳର ସଦସ୍ୟ, ସ୍ଥାନୀୟ ଅଞ୍ଚଳର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସମେତ ପାଖାପାଖି ୧୨୦ ସ୍ଥାନୀୟବାସୀ ଯୋଗ ଦେଇଥିଲେ । ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଏବଂ ସେମାନଙ୍କୁ ନିରୋଗ ରଖିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିଆସିଥିବା ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ମାନିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସ୍ୱାସ୍ଥ୍ୟକର୍ମୀମାନେ ଅଞ୍ଚଳବାସୀଙ୍କୁ ନିଃସ୍ୱାର୍ଥପର ଭାବେ ସେବା ଯୋଗାଇ ଆସିଥିବାରୁ ଟିଏସଏଫ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁସୁପଙ୍ଗା ସରପଞ୍ଚ ଅନିତା ନାୟକ, କୁସୁପଙ୍ଗା ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରା, ସମ୍ମାନିତ ଗ୍ରାମବାସୀ ବିକଳ କୁମାର ନାୟକ, ଟାଟା ଷ୍ଟିଲ ଫାଉଣ୍ଡେସନର ଜନସ୍ୱାସ୍ଥ୍ୟ ପରିଚାଳକ ଗାୟତ୍ରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ସ୍ୱାସ୍ଥ୍ୟକର୍ମୀଙ୍କୁ କୃତଜ୍ଞତା ଜଣାଇବା ପାଇଁ ଟିଏସଏଫ ତରଫରୁ ସମ୍ମାନିତ କରାଯାଇଥିଲା । ସେହିପରି ଟାଟା ଷ୍ଟିଲ ମେରାମଣ୍ଡଳୀ କଲୋନୀ ପରିସରରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ଏକ ମେଗା ସ୍ୱାସ୍ଥ୍ୟଶିବିର ଆୟୋଜନ କରିବାକୁ ଆସନ୍ତା ୧୨ ତାରିଖରେ ଯୋଜନା ଅଛି । ଏହି ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ଡାକ୍ତରୀ ପରୀକ୍ଷା କରିବା ସହ କର୍ମଚାରୀମାନେ ସ୍ୱାସ୍ଥ୍ୟ ପରାମର୍ଶ କରିପାରିବେ ।

# ଗ୍ରାମୀଣ ମହୋତ୍ସବ ଉଦ୍‌ଯାପନ ଉତ୍ସବରେ ଯୋଗଦେଲେ ପୂର୍ବତନ ବିଧାୟକ




ନିଆଳି(ଭାସ୍କର ନ୍ୟୁଜ): ନିଆଳୀ ତଥା ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ର ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ପଞ୍ଚ ଦିନ ବ୍ୟାପି ଗାନ୍ଧୀ ଯୁବ ଶିବିର ଏବଂ ଗ୍ରାମୀଣ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ଦିବସରୁ ପଞ୍ଚମ ଦିବସ ଭିତରେ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ସ୍ୱଦେଶ ଚନ୍ଦ୍ର ଦାସ ଏବଂ ସଞ୍ଜୟ ରାଉତରାୟ, ଦ୍ୱିତୀୟ ଦିବସରେ ବାବାଜୀ ଅମୃତାନନ୍ଦ ଦାଶ ମହାରାଜ, ନିଆଳୀ ତହସିଲଦାର ଲିଲନ ପ୍ରସାଦ ସାହୁ, ନିଆଳୀ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ, ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନ, ଓଡ଼ିଆ ଅଧ୍ୟାପକ ଡ଼ ବିରଂଚି କୁମାର ସାହୁ, ସଭାପତିତ୍ୱ କରିଥିଲେ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ଼ ସେକ କଲ୍ଲିମୁଲ୍ଲା, ତୃତୀୟ ଦିବସ ନାଇଜରର କୂଳ ସଚିବ ପ୍ରଫେସର ଡ଼ ଅଭୟ କୁମାର ନାୟକ, ଏସଭି ନିରତାରର ନିର୍ଦ୍ଦେଶକ ପ୍ରଫେସର ଡ଼ ପତିତପାବନ ମହାନ୍ତି, ଓଡିଶା ସରକାରଙ୍କ ଯୁଗ୍ମ ଶାସନ ସଚିବ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟ, ବାବା ପର୍ଶୁରାମ ଦାଶ ମହାରାଜ, ଅବଧୂତ ବାବା ଆଦିତ୍ୟ ଚରଣ ଦାଶ ମହାରାଜ ଏବଂ ସଭାପତିତ୍ୱ କରିଥିଲେ ବରିଷ୍ଠ ଗାନ୍ଧିବାଦୀ ପ୍ରଫେସର ଡ଼ ଧନଦାକାନ୍ତ ମିଶ୍ର, ଚତୁର୍ଥ ଦିବସ ପୂର୍ବତନ ଅର୍ଥରାଷ୍ଟ୍ର ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ, କଂଗ୍ରେସ ମୁଖପାତ୍ର ତଥା ସୁସାହିତ୍ୟିକ ଅମୀୟ ପାଣ୍ଡବ ଏବଂ ପଞ୍ଚମ ଦିବସରେ ନିଆଳୀ ତିନି ତିନି ଥର ବିଧାୟକ ହୋଇଥିବା ପ୍ରଫେସର ଡ଼ ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇ ଥିଲେ । ମୁଖ୍ୟବକ୍ତା ରୂପେ ନିଆଳୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର, ନିଆଳୀ ବ୍ଲକ ସରପଞ୍ଚ ସଂଘ ରଂ ସଭାପତି ତ୍ରିନାଥ ମହାନ୍ତି, କସର୍ଦା ସରପଞ୍ଚ ତଥା ମହୋତ୍ସବ ଆବାହକ ସୁରେଶ ପଟ୍ଟନାୟକ, ଅନୁଷ୍ଠାନ ରଂ ନିର୍ଦ୍ଦେଶକ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ସଭା ପରିଚାଳନା କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ । ଏହି ଅବସରରେ ଦ୍ୱୀପାଞ୍ଚଳ ମହୋତ୍ସବ ଏବଂ ନାରଦ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପୂଜ୍ୟପୂଜା ଏବଂ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିଆଳିର ସୁସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ, ସ୍ୱର୍ଗତ ତ୍ରିଲୋଚନ କାନୁନଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ କଣ୍ଠୁରୀ ଚରଣ ମଲ୍ଲିକ ସେବା ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ପ୍ରଧାନ ସେବା ସମ୍ମାନ, ଗାୟକ କୁଳଭୂଷଣ ଘନ ଶ୍ୟାମ ନାୟକ ପାଲା ଶ୍ରୀ ସମ୍ମାନ, ଘନ କବି ସାହିତ୍ୟ ସମ୍ମାନ, ଦ୍ୱୀପାଞ୍ଚଳ କଳାକାର ସମ୍ମାନ ଶ୍ରୀ ନାରଦ ସମ୍ମାନ ଗ୍ରାମୀଣ ସେବା ସମ୍ମାନ ଗ୍ରାମୀଣ ଶିକ୍ଷା ସମ୍ମାନ ଏହିପରି ଅନେକ ବ୍ୟକ୍ତି ବିଶେଷଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା । ଗାନ୍ଧୀ ଦର୍ଶନ ଗାନ୍ଧୀବାଦ ଏବଂ ଅହିଂସାର ବାର୍ତ୍ତାକୁ କିପରି ସାଧାରଣ ଲୋକେ ଗ୍ରହଣ କରିବେ ସେ ନେଇ ବକ୍ତା ମାନେ ମତପୋଷଣ କରିଥିଲେ । ଏଥିରେ ଅନୁଷ୍ଠାନର ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ଉପସଭାପତି ତଥା ପ୍ରେସ ୟୁନିଟ ନିଆଳୀ ର ସଭାପତି ସାମ୍ବାଦିକ ଦ୍ୱିଜବର ମହାପାତ୍ର, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ମଲ୍ଲିକ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷ ଇଂ ଅବିନାଶ ମହାପାତ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ମଲ୍ଲିକ, ପ୍ରେସ ୟୁନିଟର ସମ୍ପାଦକ ସାମ୍ବାଦିକ ସନ୍ଦୀପ ମଲ୍ଲିକ, ମହୋତ୍ସବର ସଂଯୋଜିକା ସୁଶ୍ରୀ ମୋନାଲିସା ମୁଦୁଲି, ମହିଳା ସମ୍ପାଦିକା ପାୟଲ ପ୍ରିୟଦର୍ଶିନୀ ପରିଡା, ପ୍ରିୟଙ୍କା ସେନାପତି, ଇପିସିତା ମଲ୍ଲିକ ପ୍ରୀତି ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ପ୍ରତ୍ୟେକ ଦିବସରେ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ ସାମ୍ବାଦିକ ସୁଶ୍ରୀ ସୋନାଲି ତ୍ରିପାଠୀ । କାର୍ଯ୍ୟକ୍ରମ କୁ ପରିଚାଳନା କରୁଥିଲେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲଲାଟେନ୍ଦୁ ସାହୁ ପରିଚାଳନା କରୁଥିଲେ ।



ଝରିଗାଁ, (ଭାସ୍କର ନ୍ୟୁଜ୍ ) : ଓଡ଼ିଆ ପକ୍ଷ ପାଳନ ଅବସରରେ ଝରିଗାଁ ବ୍ଲକ ଧୋଡ୍ରା ସ୍ଥିତ ବିଡ୍ରି ଠାକୁରାଣୀ ମନ୍ଦିର ପରିସରକୁ ଝରିଗାଁ ବ୍ଲକ ପ୍ରଶାସନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀଙ୍କ ନେତୃତ୍ୱରେ ବ୍ଲକ କର୍ମଚାରୀ ମାନେ ସକାଳୁ ବିଡ୍ରି ଠାକୁରାଣୀ ମନ୍ଦିର ପହଞ୍ଚିଥିଲେ। ପରେ ଆଇସିଡ଼ିଏସ୍ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଧୋଡ୍ରା ଉଚ୍ଚ ବିଦ୍ୟାଳୟ କର୍ମଚାରୀ, ଜନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ସହ ଧୋଡ୍ରା ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମ କରିଥିଲେ। ବିଶେଷ କରି ଝରିଗାଁ ବିଡ଼ିଓ ଶ୍ରୀ ମାଝୀ ସହ ଅନ୍ୟ ମାନେ ଝାଡୁ ଧରି ମନ୍ଦିର ପ୍ରାଙ୍ଗଣରେ ପଡିଥିବା ଅଳିଆ ଆବର୍ଜନା ଗୁଡିକୁ ଗୋଟିଏ ସ୍ଥାନରେ ଜମା କରିଥିଲେ। ପରେ ଟ୍ରାକ୍ଟର ଯୋଗେ ଅନେକ ଗୋଟିଏ ସ୍ଥାନରେ ନେଇ ଫୋପାଡି ଥିଲେ। ସେହିପରି ଧୋଡ୍ରା ମନ୍ଦିର ନିକଟରେ ଥିବା ଭାସ୍କେଲ ନଦୀ କୂଳରେ ଭୋଜି ଭାତରେ ବ୍ୟବହାର ହୋଇଥିବା ଖଲି ଓ ଦନା ଗୁଡ଼ିକୁ ଏକାଠି କରି ନିଆଁ ଲଗାଇ ସଫା କରିଥିଲେ। ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧୋଡ୍ରା ପଞ୍ଚାୟତର ଲୋକ ପ୍ରତିନିଧି, ଝରିଗାଁ ବ୍ଲକ କର୍ମଚାରୀ, ଝରିଗାଁ ଓ ଉମରକୋଟ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ, ଆଇସିଡ଼ିଏସ୍ କର୍ମଚାରୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଧୋଡ୍ରା ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣି ଶିବିର

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍ ) : ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୮ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୂଳତଃ ରାସନ କାର୍ଡ, ରାସ୍ତା ନିର୍ମାଣ, ପାନୀୟ ଜଳ, ବିଦ୍ୟାଳୟ ପାଇଁ ଅଧିକ ଶ୍ରେଣୀର ବ୍ୟବସ୍ଥା, ବିଜୁଳି ସମସ୍ୟା, ନଳକୂପ ବସାଇବା, ଜମି ମାମଲା ଉପରେ ଥିଲା।

## ଖବର ପ୍ରସାରଣ ପରେ ଚାଷୀଙ୍କ ମୁହଁରେ ହସ ଫୁଟିଲା

**ଓଡ଼ିଶା ଭାସ୍କର ପ୍ରଭାବ**

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଦେଇ ପ୍ରବାହିତ ସତୀଗୁଡ଼ା ମୁଖ୍ୟ କେନାଲରୁ ବାହାରିଥିବା ପାଶ୍ୱବର୍ତ୍ତି ଟେକାଗୁଡ଼ା ମାଇନର କେନାଲଟି ପ୍ରାୟ ଚାରି କିଲୋ ମିଟର ଲମ୍ବିଛି। ଉଭୟ ପାର୍ଶ୍ୱରେ ଅଞ୍ଚଳର ବହୁ ଚାଷୀଙ୍କର ୩୦୦ଏକରରୁ ଅଧିକ ଜମିରେ ବର୍ତ୍ତମାନ ଧାନ ଚାଷ ହେଉଛି। ହେଲେ ଦୀର୍ଘ କିଛି ଦିନ ହେବ ଉକ୍ତ କେନାଲରେ ପାଣି ନଆସିବା କାରଣରୁ ଉଭୟ ପାଶ୍ୱର ଧାନ ଜମି ଖରାରେ ଫାଟି ଆଁ କରିବା ସହିତ ବହୁ ଧାନ ଗଛ ପୋଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ଗତ ୩ ଦିନ ପୂର୍ବେ 'ଓଡ଼ିଶା ଭାସ୍କର' ଖବର କାଗଜରେ ଖବର ପ୍ରକାଶ ପାଇଥିଲା। ଏ ନେଇ ସତୀଗୁଡା ଏସ୍‌ଡିଓ ଲଳିତ ମୋହନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଖବର ପ୍ରକାଶନ ପରେ ତୁରନ୍ତ ବିଭାଗୀୟ ଅଧିକାରୀ ପଦକ୍ଷେପ ଗ୍ରହଣ କରି ଉକ୍ତ କେନାଲକୁ ମରାମତି କରି ପାଣି ଛାଡ଼ିଥିଲେ। ଆଉ ଶୁଖିଲା ଜମିଗୁଡିକ ପାଣି ପାଇ ପୁଣି ଧାନ ଗଛ ପୂର୍ବ ଭଳି ଦେଖାଗଲା ଓ ଅଧିକାରୀଙ୍କ ଏପରି ପଦକ୍ଷେପ ଯୋଗୁଁ ଉକ୍ତ ଅଞ୍ଚଳରେ ଧାନ ଚାଷ କରିଥିବା ଚାଷୀଙ୍କ ମୁହଁରେ ହସ ଫୁଟିବା ସହ ବିଭାଗର ସହକାରୀ ଯନ୍ତ୍ରୀ ଶ୍ରୀ ବେହେରାଙ୍କୁ ଚାଷୀକୁଳ ଧନ୍ୟବାଦ ଜଣାଇଥିଲେ ।

## ଜନ୍ମ ଦିବସରେ ସେଚ୍ଛାକୃତ ରକ୍ତଦାନ ଶିବିର: ୫୦ ୟୁନିଟ ରକ୍ତ ସଂଗ୍ରହ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ମର୍ଯ୍ୟାଦା ପୁରୁଷ, ସତ୍ୟ, ଧର୍ମ ଦୟା, କ୍ଷମା ଓ ନ୍ୟାୟର ପ୍ରତୀକ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପବିତ୍ର ରାମନବମୀ ତଥା ବିଜେପିର ପ୍ରତିଷ୍ଠା ଦିବସ ସହ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ କୋଲାସିଙ୍ଗି ଗ୍ରାମର ଯୁବ ସମାଜ ସେବୀ ତଥା ସକ୍ରୀୟ ବିଜେପି ସଂଗଠକ ସୀତାରାମ ପାଣିଗ୍ରାହୀଙ୍କ ୫୦ ତମ ଜନ୍ମ ଦିବସକୁ ଅଭିନବ ଉପାୟରେ ପାଳନ କରିଛନ୍ତି। ତାଙ୍କର ଜନ୍ମ ଦିବସକୁ ପାଳନ କରିବା ପାଇଁ ବିଜେପି ସମର୍ଥକ ମାନେ ରକ୍ତ ଦାନ ଶିବିର ଆୟୋଜନ କରିଥିଲେ। ଶ୍ରୀ ପାଣିଗ୍ରାହୀ ରାମ ନବମୀ ପୂଜା ପାଠ କାର୍ଯ୍ୟ ଦିନ ତମାମ ନିଜ ବାସସ୍ଥାନରେ ସାରି ସନ୍ଧ୍ୟା ସମୟରେ ନିଜ ଗ୍ରାମ ରାଧାକୃଷ୍ଣ ମନ୍ଦିର କୋଠ ଘରେ ଶୁଭେଚ୍ଛୁ ମାନଙ୍କ ଦ୍ୱାରା ଆୟୋଜିତ ରକ୍ତ ଦାନ ଶିବିରରେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପଚାଶ ବର୍ଷରେ ପଦାର୍ପଣ ହୋଇଥିବାରୁ ପଚାଶ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହାକୁ ଶୁଭେଚ୍ଛୁ ମାନେ ଉପହାର ସ୍ୱରୂପ ଭେଟିଦେଇ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଓ କେକ୍ କାଟି ଜନ୍ମ ଦିବସକୁ ମହା ସମାରୋହରେ ପାଳନ କରିଥିଲେ। ଜନ୍ମ ଦିବସ ଓ ରକ୍ତ ଦାନ ଶିବିରରେ ପୁରୁଷୋତ୍ତମପୁର, କବିସୂର୍ଯ୍ୟନଗର ଓ ବେଗୁନିଆ ପଡ଼ା ଅଞ୍ଚଳରୁ ବହୁ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚ ସମିତି ସଭ୍ୟ, ବରିଷ୍ଠ ତୁଙ୍ଗ ନେତୃମଣ୍ଡଳୀ, ଛାତ୍ର, ଯୁବ, ମହିଳା ସଂଗଠକ, ଆରଏସଏସ୍, ଅଖିଳ ଭାରତୀୟ ଯୁବ ସଙ୍ଗଠକ ବୃନ୍ଦ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ପୁରୁଷୋତ୍ତମପୁର ଏସଡିପିଓ ଡ଼.ଦୀପକ କୁମାର ମିଶ୍ର ରକ୍ତ ଦାନ ଶିବିରରେ ଯୋଗ ଦେଇ ସୀତାରାମ ପାଣିଗ୍ରାହୀଙ୍କୁ ଜନ୍ମ ଦିନର ଅଭିନନ୍ଦନ ଜଣାଇ ରକ୍ତଦାତା ମାନଙ୍କୁ ସ୍ୱତନ୍ତ୍ର ଭାବେ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଛାତ୍ର ସଙ୍ଗଠକ ଜି.ଲିଙ୍ଗରାଜ ଆଚାରି(ଚିନୁ) ଅମିତ କୁମାର ରାଉଳ, ଭୀମପୁର ପୂର୍ବତନ ସରପଞ୍ଚ ନାରାୟଣ ପାଣିଗ୍ରାହୀ, ଦାଶରଥି ପାଣିଗ୍ରାହୀ, ପୁରୁଷୋତ୍ତମପୁର କାଉନସିଲର ଭାସ୍କର ବେହେରା, ଶୁଶାନ୍ତ ପାତ୍ର, ତ୍ରିଲୋଚନ ପାତ୍ର, ସଞ୍ଜୟ ନାୟକ ସହଯୋଗ କରିଥିବା ବେଳେ କବିସୂର୍ଯ୍ୟ ନଗର ପୂର୍ବତନ ବ୍ଲକ ଅଧକ୍ଷ ପିତାମ୍ବର ସେଠି, ପୁରୁଷୋତ୍ତମପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ଆତ୍ମା ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା , ବୁଢ଼ାଆମ୍ବ ପଞ୍ଚାୟତର ବରିଷ୍ଠ ନେତା ଡାକ ପ୍ରଧାନ, ବାମ ବିଷୋୟୀ, ଭୂତସରସିଙ୍ଗି ପଞ୍ଚାୟତର ସରପଞ୍ଚ ମନୋଜ ଦାସ, ବରିଷ୍ଠ ବିଜେପି ନେତା ଦିଗାମ୍ବର ପାଣିଗ୍ରାହୀ, ପବିତ୍ର ସାବତଙ୍କ ସହ ଶହ ଶହ ପ୍ରଶଂସକ ଯୋଗ ଦେଇ ଜନ୍ମଦିନ ପାଳନ ସହ ଶିବିରକୁ ଉତ୍ସାହିତ କରିଥିଲେ। ବ୍ରହ୍ମପୁର ଏମକେସିଜି ଡାକ୍ତର ରାମ ଚନ୍ଦ୍ର ମହାପାତ୍ର, ଆଲୋକ ମହାନ୍ତି, କେ.ସି ସେଠି, ଦେବାଶିଷ ପଣ୍ଡା, ରାମହରି ପଣ୍ଡା ଓ ଡି.ବି.କର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ ।

## ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଓଡ଼ିଆ ପକ୍ଷ- ୨୦୨୫ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସପ୍ତମ ଦିନ ଅର୍ଥାତ ୭ ଏପ୍ରିଲରେ ଜିଲ୍ଲାବ୍ୟାପୀ 'ବର୍ଣ୍ଣବୋଧ ଉତ୍ସବ' ପାଳନ କରାଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ବର୍ଣ୍ଣବୋଧ ଉତ୍ସବ ପାଳନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ସଦରମହକୁମା ସ୍ଥିତ ବି ବି ଗୁଡା ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶିଶୁଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଛନ୍ତି। ଓଡ଼ିଆ ପିଲାଙ୍କ ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହେବା ଓ ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ କରିବା ପାଇଁ ଆମେ ସମସ୍ତେ ପ୍ରଯତ୍ନ ହେବାର ଆବଶ୍ୟକତା ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଏହି ଅବସରରେ ପ୍ରକାଶ କରିଛନ୍ତି। ଏହି ବଣ୍ଟନ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ଶୈକ୍ଷିକ ସଂଯୋଜକ, ଶେଷ ଶଙ୍କର ମହାଲିକ, ଶୈକ୍ଷିକ ପରାମର୍ଶଦାତା ସୀତାରାମ ଗୌଡ ଓ ବାଳିକା ଶିକ୍ଷା ସଂଯୋଜିକା ଶକୁନ୍ତଳା ମାଝୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମରେ ସିନ୍ଧିମାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଟଲା ଓ ବିବି ଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିତାରାଣୀ ମଣ୍ଡଳ ସମ୍ପୃକ୍ତ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ସୀମାନ୍ତରେ ଥିବା ଚିତ୍ରକୋଣ୍ଡା, ମୋଟୁ ନିକଟବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ଅବସ୍ଥିତ ବିଦ୍ୟାଳୟରେ ଓଡ଼ିଆ ଶିକ୍ଷାର ପ୍ରସାର ଓ ପିଲାଙ୍କ ମଧ୍ୟରେ ଏହା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଜିଲ୍ଲା ଶିକ୍ଷା ବିଭାଗ ସହଯୋଗ କରିଛି। ସମସ୍ତ ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି।

## କମ୍ପ୍ୟୁଟର ସଚେତନତା ରଥ ଶୁଭାରମ୍ଭ




ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ରଘୁନାଥପୁର ବଜାର ଠାରେଥିବା କମ୍ପ୍ୟୁଟର ଷ୍ଟଡି ଆଣ୍ଡ କୋଚିଙ୍ଗ ଏକାଡେମୀ, ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଓଡିଶା ନଲେଜ୍ କର୍ପୋରେସନ ଲିମିଟେଡ଼ ପକ୍ଷରୁ କମ୍ପ୍ୟୁଟର ଶିକ୍ଷା ସଚେତନତା ରଥ ପବିତ୍ର ରାମନବମୀରେ ଶୁଭାରମ୍ଭ କରାଯାଇଥିଲା। ଏହି ରଥକୁ ସ୍ୱାମୀ ଅରୂପା ନନ୍ଦ ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ସାହୁ ଏବଂ ବରିଷ୍ଠ ଶିକ୍ଷାବିତ ତଥା ସ୍ତମ୍ଭ କାର ପ୍ରଦୀପ୍ତ କୁମାର ଆଚାର୍ଯ୍ୟ ପତକା ହଲାଇ ଶୁଭାରମ୍ଭ କରିଥିଲେ। ସୂଚନା ବିଜ୍ଞାନ ପ୍ରଯୁକ୍ତି ଓ କମ୍ପ୍ୟୁଟର ଶିକ୍ଷା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ ଅପରିହାର୍ଯ୍ୟ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ।ଏହା ମହାରାଷ୍ଟ୍ର ନଲେଜ୍ କର୍ପୋରେସନ ମିଳିତ ସହଭାଗିତାରେ ପରିଚାଳିତ ଓ କେସିଏଲ୍ ଦ୍ୱାରା ବିଭିନ୍ନ କମ୍ପ୍ୟୁଟର୍ ପାଠ୍ୟକ୍ରମର -ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ଏହାର ସମସ୍ତ ସାର୍ଟିଫିକେଟ ସରକାରୀ ଚାକିରୀ ନିମନ୍ତେ ଗ୍ରହଣୀୟ ହୋଇଥିବାରୁ ଏହାର ପ୍ରଚାର ପ୍ରସାର କରାଯିବା ଆବଶ୍ୟକ ରହିଛି। ଏହି ଉତ୍ସବରେ ସିଏସ୍‌ସି କମ୍ପ୍ୟୁଟର ଷ୍ଟଡି ଆଣ୍ଡ କୋଚିଙ୍ଗ ଏକାଡେମୀର ପରିଚାଳକ ଆଶିଷ କୁମାର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ ଶରୀତ କୁମାର ମହାପାତ୍ର, ମାନସ ରଞ୍ଜନ ଦାସ୍, କେଦାର ନାଥ ସାହୁ ଏବଂ ଛାତ୍ର ଛାତ୍ରୀ ମାନେ ସହଯୋଗ ପ୍ରଦାନ କରିଥିଲେ।

## ଧୁମ୍‌ଧାମ୍‌ରେ ଶ୍ରୀରାମ ନବମୀ ପାଳିତ

କାକଟପୁର, (ଭାସ୍କର ନ୍ୟୁଜ୍ ) : କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଡେଇ ଠାରେ ଥିବା ଶ୍ରୀରାମଙ୍କ ମନ୍ଦିରରେ ଶ୍ରୀରାମ ନବମୀ ବା ରାମ ଜନ୍ମ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ରାତ୍ର ଚାରି ଘଟିକା ଠାରୁ ମନ୍ଦିର ପହୁଡ଼ ଖୋଲି ସ୍ନାନ, ମାର୍ଜନା ଓ ଅବକାଶ ତଡପ ଲାଗି ପରେ ରାମ ଲକ୍ଷ୍ମଣ ଓ ସୀତାମାତାଙ୍କୁ ନୂତନ ବସ୍ତ୍ରରେ ଆଭୂଷଣ କରାଯାଇଥିଲା। ଦିବା ୮ ଘଟିକାରେ ବାଳଧୂପ, ଦିବା ୧ ଘଟିକା ବେଳକୁ ସକାଳ ଧୂପ କରାଯାଇ ଅନ୍ନ, ଡାଲମା, ଖିରୀ, ଖଟା, ଭଜା ଓ ଶାଗ ନୈବେଦ୍ୟ କରାଯାଇ ସନ୍ଧ୍ୟାରେ ହୋମ ଯଜ୍ଞ, ପାଲା ଓ ବିଳମ୍ବିତ ପ୍ରହରରେ ବଡ଼ସିଂହାର ନୀତି କରାଯାଇଥିଲା। ସ୍ଥାନୀୟ ବୁଦ୍ଧିଜୀବୀ ମାନଙ୍କୁ ନେଇ ରାମକୃପା ପରିଷଦ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ ସମସ୍ତ ରାମଭକ୍ତ ମାନେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ କୃପାଲାଭ କରିଥିଲେ। ମନ୍ଦିରର ପୂଜକ ସୁବାସ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି କରାଯାଇଥିଲା। ପରିଷଦର ସଭାପତି ପ୍ରଫୁଲ୍ଲ କାଣ୍ଡି, ସତ୍ୟନାରାୟଣ ଦାଶ,ରତ୍ନାକର ସ୍ୱାଇଁ, ନିରଞ୍ଜନ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିବା ବେଳେ ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ।





ଭୁବନ, (ଭାସ୍କର ନ୍ୟୁଜ୍ ) : ଭୁବନରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜୟନ୍ତୀ (ରାମ ନବମୀ) ମହାସମାରୋହରେ ପାଳିତ ହୋଇଯାଇଛି। ଏନ୍‌ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡରେ ଥିବା ଶ୍ରୀରାମ ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ନବମୀ ପୂଜା(ଜନ୍ମୋତ୍ସବ) ଶ୍ରଦ୍ଧା ଭକ୍ତି ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମାନସିକ ବ୍ରତ ଧାରି ମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଠିଆ ହୋଇ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଶ୍ରୀରାମ ନବମୀ ମହୋତ୍ସବ ସମିତି ଆବାହକ ଦିଲ୍ଲୀପ କୁମାର ଦାସଙ୍କ ନେତୃତ୍ୱରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା, ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ନଗରପାଳ ନରହରି ସାହୁ, ନଗର ମଣ୍ଡଳ ସଭାପତି ଅଜିତ ବିହାରୀଙ୍କ ସମେତ ବଜରଙ୍ଗ ଦଳ, ଆର୍‌ଏସ୍‌ଏସ୍, ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତା ରାମ ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିଥିଲେ । ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶ ଧାରୀ ଶିଶୁ ମାନେ ମୁଖ୍ୟ ଆକର୍ଷଣ ସାଜିଥିଲେ । ବାଜା, ବାଣ, ମହିଳା ସଂକୀର୍ତ୍ତନ ଓ ଡିଜେ ମ୍ୟୁଜିକ ସାଙ୍ଗକୁ ଜୟ ଶ୍ରୀରାମ ନାରାବାଜିରେ ସହର କମ୍ପିଥିଲା।

ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ତଥା ୨୬ ଗୋଟି ପଞ୍ଚାୟତରେ ମର୍ଯ୍ୟତା ପୁରୁଷ ଶ୍ରୀ ରାମଚନ୍ଦ୍ରଙ୍କ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଇଘର ସ୍ଥିତ ଜଗନ୍ନାଥ ମନ୍ଦିରରେ ହୋମ ଯଜ୍ଞ ଶହ ଯଥା ରୀତି ଅନୁସାରେ ପୂଜାଚର୍ନା କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ସଭ୍ୟ, ସାମାଜିକ ସଂଗଠନ, ଯୁବ ଗୋଷ୍ଠୀ, ସମସ୍ତେ ଏକତ୍ରିତ ହୋଇ ସହଯୋଗ କରିବା ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ, ଶହ ବଜାର ସ୍ଥିତ ହନୁମାନ ମନ୍ଦିର ନିକଟରେ ପଣା ବଣ୍ଟନର ବ୍ୟବସ୍ଥା କରାଯାଇ ଥିଲା। ତାସହ ଜଗନ୍ନାଥ ମନ୍ଦିର ଠାରୁ ହଜାର ହଜାର ଭକ୍ତଙ୍କ ଗହଣରେ ଶାନ୍ତି ଶୃଙ୍ଖଳା ସହ ଜୟ ଶ୍ରୀରାମ ନାରା ଦେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଫଳରେବଜାର ଉତ୍ସବ ମୁଖର ହୋଇ ଉଠିଥିଲା।

କୁଚିଣ୍ଡା, (ଭାସ୍କର ନ୍ୟୁଜ୍ ) : ନଅଦିନ ଧରି କୁଚିଣ୍ଡାରେ ଚାଲିଥିଲା ରାମନବମୀ ଉତ୍ସବ। ଆଧାତ୍ମିକ ପରିବେଶ ସହିତ ଉତ୍ତମ ସାଜସଜ୍ଜା, ରଙ୍ଗବେରଙ୍ଗ ଲାଇଟ, ପ୍ରତ୍ୟହ ଶହସ୍ରାଧିକଙ୍କ ସମାଗମ ଦଳନ ଓ ପ୍ରସାଦ ସେବନ ଚାଲିଥିଲା। ରବିବାର ରାମନବମୀ ଅବସରରେ ଉତ୍ସବ ମୁଖର ସହର, ପୁଣି ବିଭିନ୍ନ ବାଦ୍ୟଯନ୍ତ୍ର ଓ ଆଧାତ୍ମିକ ନୃତ୍ୟରିତରେ ବାନ୍ଧି ହୋଇଯାଇଥିଲେ ଭକ୍ତସମାଜ। ଏଣେ କୁଚିଣ୍ଡା ମଧ୍ୟ ଭାଗ ପଞ୍ଚମୁଖି ଛକ, ସ୍ଥାୟୀ ଦୁର୍ଗାମଣ୍ଡପ, ଜେଲ ହନୁମାନ ପୁରାତନ ମନ୍ଦିର, ବସଷ୍ଟାଣ୍ଡ ଦୁର୍ଗାମନ୍ଦୀର ଓ ମହାବିରହନୁମାନ ମନ୍ଦୀର ଏବଂ କୁଣ୍ଡେଶ୍ୱର ସ୍ଥିତ ହନୁମାନ ଓ ମା' ତାରିଣୀଙ୍କ ମନ୍ଦିରରେ ଚାଲିଥିଲା ଏହି ଉତ୍ସବ ପୁଣି ଆଜି ଝୁରେନପୋଲ ପାର୍ସମା ସମଲେଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି। ସେଠାରେ ମଧ୍ୟ ଆକର୍ଷଣୀୟ ସାଜସଜ୍ଜା କମିଟି ପକ୍ଷରୁ କରାଯାଇଛି। ନଅଦିନ ଧରି କୁଚିଣ୍ଡା ପୋଲିସ ଓ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ନିମନ୍ତ ବ୍ୟାପକ ପୋଲିସ ମୁତୟନ ରହି କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି।

## ରାଷ୍ଟ୍ରୀୟ ପ୍ରତିଭା ଓ ମେଧା ଛାତ୍ର-ଛାତ୍ରୀ ବୃତ୍ତି ପ୍ରାପ୍ତଙ୍କୁ ସମ୍ବର୍ଦ୍ଧନା



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ରାଷ୍ଟ୍ରୀୟ ପ୍ରତିଭା ଓ ମେଧା ଭିତ୍ତିକ ଛାତ୍ରବୃତ୍ତିରେ ଜିଲ୍ଲାର ୬୩୬ଜଣ ବିଦ୍ୟାର୍ଥୀ ଭାଗ ନେଇ ୩୨ଜଣ ବିଦ୍ୟାର୍ଥୀ କୃତିତ୍ୱ ଅର୍ଜନ କରିଥିଲେ। ସେଥିରୁ ମାଲକାନଗିରି ପୌରପାଳିକାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁମୁଟିଗୁଡାର ଅଷ୍ଟମ ଶ୍ରେଣୀର ଦୁଇଟି ଛାତ୍ର ପର୍ଶୁରାମ ସୋଡି ଏବଂ ରାଜେଶ ମାଡକାମି କୃତିତ୍ୱ ଅର୍ଜନ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର କୃତିତ୍ୱ ଅର୍ଜନ କରିଥିବା ଛାତ୍ର ମାନଙ୍କୁ ପଦକ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଜଣେ ଛାତ୍ର ୫୦ ହଜାର ବୃତ୍ତି ଅର୍ଥାତ୍ ବର୍ଷକୁ ୧୨ ହଜାର ୫ ଶହ ପାଇବେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ରାଣୀ କୀର୍ତ୍ତନିଆ ଏବଂ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବେହେରାପାଲି ନାମଯଜ୍ଞ ଉଦ୍‌ଯାପିତ



ବରଗଡ଼, (ଭାସ୍କର ନ୍ୟୁଜ୍ ) : ସୋହେଲା ବ୍ଲକ ଅନ୍ତର୍ଗତ ବେହେରାପାଲି ଗ୍ରାମଠାରେ ତିନିଦିନ ଧରି ଷୋହଳ ପ୍ରହରୀ ନାମଯଜ୍ଞ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ଏକ ଭବ୍ୟ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭକ୍ତ କୀର୍ତ୍ତନ ସହ ଏକ ଭକ୍ତିମୟ ପରିବେଶରେ ସ୍ଥାନୀୟ ପୋଖରୀରୁ କଳସ ଆଣି ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମନ୍ଦିରରେ ପୂଜା ପାଉଥିବା ଶ୍ରୀରାଧାକୃଷ୍ଣ ମୂର୍ତ୍ତିକୁ ଅଣାଯାଇ ନାମଯଜ୍ଞ ମଣ୍ଡପରେ ସ୍ଥାପନ ଯାଇଥିଲା। ପୂଜକ ରବୀନ୍ଦ୍ର ପଣ୍ଡା ଏବଂ ରାଜୀବ ଆଚାର୍ଯ୍ୟ, ସହଯୋଗୀ ବୀରବର ମହାପାତ୍ର ପୂଜା କାର୍ଯ୍ୟ ଏବଂ କର୍ତ୍ତା ଭାବରେ ଲଳିତ କୁମାର ସାହୁ ଏବଂ ତାଙ୍କ ପତ୍ନୀ ବିନୋଦିନୀ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ତିମ ଦିବସରେ ଭଟଲୀ ବିଧାୟକ ଇରାସିସ ଆଚାର୍ଯ୍ୟଙ୍କ ମାଆ ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧକ୍ଷ ଜୀବର୍ଦ୍ଧନ ବରିହା, ସୁବ୍ରତ ବେହେରା, କନଗାଁ ସରପଞ୍ଚ ପ୍ରତିନିଧି ସୁବୋଧ ପଧାନ ପ୍ରମୁଖ ନାମଯଜ୍ଞ ମଣ୍ଡପକୁ ଆସି ପୂଜାର୍ଚ୍ଚନା କରି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଏହି ନାମଯଜ୍ଞରେ ଭାଲୁପାନୀ, ବାଦିପାଲି, କେର୍ମେଲି, ଦାମପାଲି ଓ ସରକଣ୍ଡା ଗ୍ରାମର ରଙ୍ଗୀନ କୀର୍ତ୍ତନ, ବେହେରାପାଲି, ସୋନପୁର ତିନକାନୀ, ବଲାରଙ୍ଗାର ଉଦଣ୍ଡ କୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ନଗର ପରିକ୍ରମା କରି ଆଜି ପବିତ୍ର ଶ୍ରୀରାମ ନବମୀ ମଧ୍ୟ ବିଧି ବିଧାନରେ ପାଳନ କରାଯାଇଥିଲା।

## ବିଜେପିର ୪୬ ତମ ପ୍ରତିଷ୍ଠା ପାଳିତ

ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ଭାରତୀୟ ଜନତା ପାର୍ଟି ପକ୍ଷରୁ ୪୬ତମ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ପତକା ଉତ୍ତୋଳନ କରି ଦଳର ସଂଗଠନକୁ ବଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ରାଉତ, ଅମ୍ବିକା ବାରିକ, ଅନିଲ ମହାପାତ୍ର, ହିମାଂଶୁ କବାଟ, ରବିନ୍ଦ୍ର ମହାନ୍ତି, ସୁମନ୍ତ ପରିଡା, ଭାଗିରଥି ମିସ୍ତ୍ରୀ, ଦୈତାରୀ ମହାନ୍ତ, ଜଗା ଦାସ, ଚନ୍ଦ୍ର ଶେଖର ବେରା, ରାକେଶ ମହାନ୍ତ, ସଂଜୀବ ଜେନା, ତପସ୍ୱୀ ରାଉତ, ସୁବ୍ରତ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ।



## ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଜଳଛତ୍ର ଶିବିର

ତିହିଡ଼ି, (ଭାସ୍କର ନ୍ୟୁଜ୍ ) : ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବା ସଂଘ ପକ୍ଷରୁ ତିହିଡ଼ି ବଜାରରେ ଜଳଛତ୍ର ଶିବିର ଉଦ୍‌ଘାଟିତ ହୋଇ ଯାଇଛି। ଏହି ଶିବିରକୁ ସଂଗଠନର ସଭାପତି ରାଜୀବ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ରାମ ନବମୀ ଠାରୁ ଆରମ୍ଭ ହୋଇଥିବା ଏହି ଜଳଛତ୍ର ଏକମାସ ଧରି ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କମିଟି ପକ୍ଷରୁ ରାମଚନ୍ଦ୍ର ନାୟକ, ରବିଶଙ୍କର ଦାସ, କ୍ଷୀରୋଦ ଦାସ, ବସନ୍ତ କୁମାର ଦାସ, କୃତିବାସ ଜେନା, ଅଶୋକ କୁମାର ନାୟକ, ଅଭିରାମ ଦାସ, ସେକ ଲିଆକତ, ବୀରେନ ସେନାପତି, କ୍ଷୀରସିନ୍ଧୁ ଶତପଥି, ବୀରେନ୍ଦ୍ର ପାଢ଼ୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ନିରାକାର ବେହେରା ପ୍ରମୁଖ ଜଳଛ ଶିବିରରେ ଉପସ୍ଥିତ ରହି ଜଳଦାନ କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାର ଶୁଭାରମ୍ଭ




ମାଲକାନଗିରି, (ଭାସ୍କର ନ୍ୟୁଜ୍ ): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅଧୀନରେ ଆଧାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ନେବା ନିମନ୍ତେ ମାଲକାନଗିରି ଜିଲ୍ଲାରୁ ତୀର୍ଥ ଯାତ୍ରୀଙ୍କୁ ନେଇ ଏକ ବସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛି। ଏହି ତୀର୍ଥ ଯାତ୍ରୀ ବସ୍‌କୁ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ପତାକା ଦେଖାଇ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବରିଷ୍ଠ ନାଗରିକଙ୍କ ସୁଖଦ ଯାତ୍ରା ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି। କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ତୀର୍ଥଯାତ୍ରୀ ରାୟଗଡା ରେଳ ଷ୍ଟେସନରୁ ବାରାଣସୀ ଓ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ୭ତାରିଖରେ ସମସ୍ତ ୭୫ ଜଣ ତୀର୍ଥଯାତ୍ରୀ ଓ ୨ ଜଣ ସହଯୋଗୀ ଅଧିକାରୀ ରାୟଗଡ଼ା ପହଞ୍ଚିବେ ଏବଂ ତା ପର ଦିନ ବାରାଣସୀ-ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ଯାତ୍ରୀଙ୍କ ସୁଖଦ ଯାତ୍ରା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଆଯାଇଛି। ଯାତ୍ରା ଆରମ୍ଭ ପୂର୍ବରୁ ସମସ୍ତ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ତୀର୍ଥ ଯାତ୍ରୀ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ରଞ୍ଜନ ମହାନ୍ତି ଓ ହରେକୃଷ୍ଣ କିର୍ତ୍ତାନିଆ ଏଥିରେ ସହଯୋଗ କରିଥିଲେ। ସଦର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଓ ସନ୍ତୋଷ ବିଶ୍ୱାସ ଯାତ୍ରା ନିମନ୍ତେ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦେଇଥିଲେ। ଜିଲ୍ଲା ରାଜସ୍ୱ କର୍ମଚାରୀ ସରୋଜ ନାୟକ ଓ ରବୀନ୍ଦ୍ର ନାୟକ ସମସ୍ତ ତୀର୍ଥ ଯାତ୍ରୀଙ୍କ ସହାୟତା ନିମନ୍ତେ ଏସ୍କର୍ଟ ଅଧିକାରୀ ଭାବେ ଯାତ୍ରା କରିଛନ୍ତି।

## ଭାଟୁଣିଆଁରେ ୧୮ଟିକିଆ ହାତୀପଲ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସଦର ବନାଞ୍ଚଳ ପଦ୍ମପୁର ପଞ୍ଚାୟତ ଭାଟୁଣିଆଁ ଗ୍ରାମର ନାଳ ନିକଟରେ ୧୮ଟିକିଆ ହାତୀପୋଲ ଡେରା ପକାଇଛନ୍ତି। ଗତ ଶନିବାର ସଂନ୍ଧ୍ୟା ବେଳେ ଆମ୍ବଡହରାରୁ ହାତୀପଲ କୁଡିଆଘରା ଟିକରପଡା ଗ୍ରାମ ଦେଇ କାଦଗଡ ମକରମେଳା ଏବଂ ସେଠାରୁ ରେଳଲାଇନ ଅତିକ୍ରମ କରି ଭଣ୍ଡାନାଳୀ ସାହି ଆମ୍ବ ତୋଟାରେ ପହଞ୍ଚିଥିଲେ। କ୍ଷେତରେ ହୋଇଥିବା ଫସଲକୁ ସୁରକ୍ଷା ଦେବାକୁ ଟିକରପଡା, କୁଡିଆଘରା, ମହାଦେଇଯୋଡା, କାଦଗଡ, ଭାଟୁଣିଆଁ ନରସିଂହପୁର, କେନ୍ଦୁପୋଶି ଗ୍ରାମର ଚାଷୀଙ୍କ ସମେତ ପଳାସପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ, ସ୍କ୍ୱାର୍ଡ କର୍ମଚାରୀ ଓ ଶତାଧିକ ସ୍ଥାନୀୟ ଲୋକେ ହାତୀପୋଲଙ୍କୁ ଘୋଉଡାଇ ଥିଲେ। ଗତକାଲି ସକାଳେ ଭାଟୁଣିଆଁ ନାଳରେ ହାତୀପୋଲ ରହିଯାଇଥିଲେ। ତେବେ ହାତୀପୋଲ ଯେଉଁ ରାସ୍ତା ଦେଇ ଚଳାଚଳ କରିଛନ୍ତି ବାଡି ବଗିଚାରେ ହୋଇଥିବା ବିଭିନ୍ନ ପନିପରିବା ଫସଲ ଖାଇବା ସହିତ ଅଧିକ ପାଦରେ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ଦିନବେଳେ ହାତୀପୋଲଙ୍କୁ ଦେଖିବାକୁ ଜନଗହଳି ଲାଗି ରହିଥିବାବେଳେ ବନବିଭାଗ କର୍ମଚାରୀ ହାତୀପୋଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ସଂନ୍ଧ୍ୟା ହେଲେ ହାତୀ ପଲଙ୍କୁ ଘଞ୍ଚ ଜଙ୍ଗଲକୁ ଘଉଡାଇବାକୁ ଲକ୍ଷ ରଖିଛନ୍ତି ବନ କର୍ମଚାରୀ। ହାତୀ ପୋଲଙ୍କ ଦ୍ୱାରା ଚାଷୀଙ୍କ ନଷ୍ଟ ହୋଇଥିବା ପନିପରିବା ତଦନ୍ତ କରି ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳରୁ ଦାବି ହୋଇଛି।



ଗୋପ (ଭାସ୍କର ନ୍ୟୁଜ୍): ସମଗ୍ର ବିଶ୍ୱ ପ୍ରଭୁ ଶ୍ରୀରାମଙ୍କ ଜନ୍ମଦିନରେ ଉତ୍ସବ ମୁଖର ହୋଇଉଠିଥିବା ବେଳେ ଗୋପରେ ବଜରଙ୍ଗୀ ଦଳ ପକ୍ଷରୁ ରାମନବମୀ ଉତ୍ସବ ବେଶ ଧୁମଧାମରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆୟୋଜିତ ବାଇକ ଶୋଭାଯାତ୍ରାକୁ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ । ଏଥିରେ ଶତାଧିକ ଯୁବାବର୍ଗଙ୍କୁ ଦେଖିବାକୁ ମିଳିଥିଲା । ଡିଜେ ସାଉଣ୍ଡର ଜୟ ଶ୍ରୀରାମ ଶବ୍ଦରେ ଶତାଧିକ ବାଇକରେ ବଜରଙ୍ଗୀ ଦଳର କର୍ମକର୍ତ୍ତାମାନେ ଗୋପ ମା' ନାରାୟଣୀଙ୍କ ମନ୍ଦିର ନିକଟରୁ ବାହାରି ଗୋପ ବଜାର ସମେତ ଗୋପ ପଂଚାୟତ, ପୟରା ପଞ୍ଚାୟତ ଓ ତାର ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲେ । ରଘୁନାଥ ମହାପାତ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ ଶୋଭାଯାତ୍ରାଟି ସଫଳ ହୋଇଥିଲା । ଏଥିରେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ରାଜକିଶୋର ନାୟକ, ବସନ୍ତ ସେନାପତି, ଅନିଲ କୁମାର ପରମାଣିକ ପ୍ରମୁଖ କର୍ମକର୍ତ୍ତା ଏହାର ନେତୃତ୍ୱ ନେଇଥିଲେ । ଗୋପ ସେନାପତିସାହି ପାଠାଗାର ନିକଟରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପରିକ୍ରମାର ପରିସମାପ୍ତି ହୋଇଥିଲା ।

# ଶ୍ରୀରାମ ନବମୀରେ ଭକ୍ତି ସହ ଶକ୍ତି ପ୍ରଦର୍ଶନ





ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ପବିତ୍ର ଶ୍ରୀରାମ ନବମୀରେ ଭକ୍ତି ସହ ଶକ୍ତି ପ୍ରଦର୍ଶନ। ବ୍ରହ୍ମପୁରରେ ଶହ ଶହ ସଂଖ୍ୟାରେ ପ୍ରଭୁ ଶ୍ରୀରାମ ଏବଂ ହନୁମାନ ଭକ୍ତ 'ଶ୍ରୀରାମ ନବମୀ ଶୋଭାଯାତ୍ରା ସମିତି' ପକ୍ଷରୁ ଆୟୋଜିତ ଏକ ବିଶାଳ ମୋଟରସାଇକେଲ୍ ଶୋଭାଯାତ୍ରାରେ ବାହାରିଥିଲେ । ଏହି ବିଶାଳ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀନଗର ଛକ ଠାରୁ ଆରମ୍ଭ ହୋଇ ଗେଟ୍ ବଜାର,ଆସ୍କା ରୋଡ଼,ହରିଡ଼ାଖଣ୍ଡି ଛକ,ବଡ଼ ବଜାର,ସାନ ବଜାର,ହନୁମାନ ବଜାର,ଗିରି ମାର୍କେଟ,ଗିରିଜା ଛକ,ଗୌତମ ସିନେମା ହଲ୍ ରୋଡ଼,ମୋତି ହୋଟେଲ ଛକ,ପିଭିଏନ୍ ରାଓ ପେଟ୍ରୋଲ ପମ୍ପ ଛକ,ଖଲ୍ଲିକୋଟ କଲେଜ ରୋଡ଼,ସୁବାରାଓ,ଟାଟାବେଞ୍ଚ, ବିଜିପୁର ଛକ ଦେଇ ଗୋସାଇଁନୂଆଗାଁ ସ୍ଥିତ କେ.ସି.ହାଇସ୍କୁଲ୍ ଖେଳ ପଡ଼ିଆ ଠାରେ ପହଞ୍ଚିଥିଲା । ସହରର ରାଜରାସ୍ତା 'ଜୟ ଶ୍ରୀରାମ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମ,ଲକ୍ଷ୍ମଣ,ମାତା ସୀତା ଏବଂ ହନୁମାନ ବେଶରେ ଦେଖିବାକୁ ମିଳିଥିଲା । ସହରର ବିଭିନ୍ନ ଅଞ୍ଚଳ ଦେଇ ଯାଉଥିବା ଏହି ଶୋଭାଯାତ୍ରାକୁ ଛକ ଛକରେ ଜନସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଏହି ବିଶାଳ ଶୋଭାଯାତ୍ରାରେ ବିଜେପିର ବରିଷ୍ଠ ନେତା କାହ୍ନୁ ଚରଣ ପତି,ବ୍ରହ୍ମପୁର ମହାନଗରର ପୂର୍ବତନ ମେୟର ଶିବ ଶଙ୍କର ଦାସ, ଆରଏସଏସ ର ଭଗବାନ ଚୌଧୁରୀ,ବିଶ୍ୱ ହିନ୍ଦୁ ପରିଷଦର ଅରୁଣ ପ୍ରସାଦ ପାଢ଼ୀ,ବଜରଙ୍ଗ ଦଳର ଅଜୟ ବେହେରା, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ,ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ,ପିତବାସ ପଣ୍ଡା,ଏସ୍.ରାଣୀ,ଆଲୋକ ସାହୁ,ମଦନ ମୋହନ ପାତ୍ର,କୁଞ୍ଜବିହାରୀ ପଣ୍ଡା,ଗୌତମ ମହାରଣା,ଜି.ଶ୍ରୀନୁ ଆଚାରୀ,ରୋଷନ ସାହୁ,ସରୋଜ ପାତ୍ର,ଧର୍ମରାଜ ପାଣିଗ୍ରାହୀ, ଭାବଗ୍ରାହୀ ପାଳ,କୃଷ୍ଣଚନ୍ଦ୍ର ଚୌଧୁରୀ, ଗୋପାଳକୃଷ୍ଣ ସ୍ୱାଇଁ,ନନ୍ଦ କିଶୋର ସାହୁ,ବଳରାମ ମହାରଣା,କେ ରବି ରାଓ,କିଶୋର କୁମାର ସାହୁ,କମଲ ପାତ୍ର,ଶୀତଲ୍ ଜେନା,ଦେବୁନ୍ ପଟ୍ଟନାୟକ,ସଞ୍ଜୟ କୁମାର ଦାସ, ପ୍ରବୀର ପାତ୍ର,ନୀଳକଣ୍ଠ ବେହେରା,ଶକ୍ତି ପଟ୍ଟନାୟକ,ଅମିତ ସାହୁ,ଏସ୍.ଶ୍ରୀନିବାସ୍,ଅମର ସାହୁ,ସନ୍ତୋଷ ପଟ୍ଟନାୟକ, ତ୍ରିନାଥ ମହାପାତ୍ର, ପ୍ରଦୀପ ମିଶ୍ର ପ୍ରମୁଖଙ୍କ ସମେତ ଆରଏସଏସ୍, ବିଶ୍ୱ ହିନ୍ଦୁ ପରିଷଦ,ବଜରଙ୍ଗ ଦଳ,ବିଜେପି ନେତୃବୃନ୍ଦଙ୍କ ସମେତ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗ ଦଇଥିଲେ ।

# ସୀମା ନିର୍ଦ୍ଧାରଣ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଅଗସ୍ତି ନୂଆଗାଁ ଗ୍ରାମ୍ୟ କମିଟି



ଛତ୍ରପୁର(ଭାସ୍କର ନ୍ୟୁଜ୍): ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଅଗସ୍ତିନୂଆଗାଁ ଗ୍ରାମ ନିକଟସ୍ଥ ସମୁଦ୍ର ଉପକୂଳରେ ଥିବା ଓଡ଼ିଶା ସରକାରଙ୍କ ଝାଉଁ ଓ କାଜୁ ଜଙ୍ଗଲର ସଠିକ୍ ସୀମା ନିର୍ଦ୍ଧାରଣ ହୋଇନଥିବା ହେତୁ ଗ୍ରାମବାସୀ ଓ ଘରୋଇ ଜଙ୍ଗଲ ମାଲିକଙ୍କ ମଧ୍ୟରେ ଅନେକ ଥର ତିକ୍ତତା ପରିସ୍ଥିତି ଉପୁଜିଛି । ଏହି ସମସ୍ୟାର ସମାଧାନ ଓ ସୀମା ନିର୍ଦ୍ଧାରଣ ନିମନ୍ତେ ଆଜି ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟି ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟି ଓ ଏହି ଗ୍ରାମ ଅଧୀନରେ କାର୍ଯ୍ୟ କରୁଥିବା ବନ ସୁରକ୍ଷା ସମିତି, ବନ ବିଭାଗ ତରଫରୁ ସୁରକ୍ଷା ନିମନ୍ତେ ପ୍ରଦାନ କରିଥିବା ଜଙ୍ଗଲ ମଧ୍ୟରେ କୌଣସି ଉନ୍ନୟନ କାର୍ଯ୍ୟ କିମ୍ବା ରକ୍ଷଣାବେକ୍ଷଣ କରିବା କଷ୍ଟସାଧ୍ୟ ହେଉଛି । ଓଡ଼ିଶା ସରକାର ବନ ବିଭାଗ ତରଫରୁ ୨୦୦୪ ମସିହାରେ ଅଗସ୍ତି ନୂଆଗାଁ ଗ୍ରାମକୁ ବନ ସୁରକ୍ଷା ସମିତି ଗଠନ ମାଧ୍ୟମରେ ସମୁଦ୍ର ଉପକୂଳରେ ଥିବା ୫୦ ହେକ୍ଟର ଝାଉଁ ଓ କାଜୁ ଜଙ୍ଗଲର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ପ୍ରଦାନ କରଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଅଗସ୍ତିନୂଆଗାଁ ବନ ସୁରକ୍ଷା ସମିତି ଅଧିନରେ ୫୦ ହେକ୍ଟର ଥିଲେ ବି, ଜଙ୍ଗଲ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ନିକଟସ୍ଥ ନୋଳିଆନୂଆଗାଁ ଗ୍ରାମକୁ ୫୦ ହେକ୍ଟର ମଧ୍ୟରୁ ୨୪ ହେକ୍ଟର ଜଙ୍ଗଲକୁ ରକ୍ଷଣାବେକ୍ଷଣ ନିମନ୍ତେ ଦାୟିତ୍ୱ ଦେଇଥିଲେ । ଆଉ ଅବଶିଷ୍ଟାଂଶ ୨୬ ହେକ୍ଟର ଝାଉଁ ଓ କାଜୁ ଜଙ୍ଗଲକୁ ବହୁ ବର୍ଷ ଧରି ଅଗସ୍ତିନୂଆଗାଁ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ବନ ସୁରକ୍ଷା ସମିତି ରକ୍ଷଣାବେକ୍ଷଣ କରି ଆସୁଛି । କିନ୍ତୁ ୨୬ ହେକ୍ଟର ସରକାରୀ ଝାଉଁ ଓ କାଜୁ ଜଙ୍ଗଲକୁ ଲାଗି ଅଗସ୍ତିନୂଆଗାଁ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ବେସରକାରୀ ଜଙ୍ଗଲ ଜମି ମାଲିକମାନଙ୍କ ଜମି ରହିଛି । ସଠିକ୍ ଭାବେ ସୀମା ନିର୍ଦ୍ଧାରଣ ହୋଇନଥିବା ହେବା ଫଳରେ ଦୀର୍ଘ ବର୍ଷ ଧରି ବେସରକାରୀ ଜମି ମାଲିକ ଓ ଅଗସ୍ତିନୂଆଗାଁ ବନ ସୁରକ୍ଷା ସମିତିଙ୍କ ମଧ୍ୟରେ ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇଛି । ଅନେକ ସମୟରେ ଉଭୟଙ୍କ ମଧ୍ୟରେ ବଚସା ଓ ତିକ୍ତତା ପରିସ୍ଥିତି ସୃଷ୍ଟି ହୋଇଛି । ଏହି ସମସ୍ୟାକୁ ନେଇ ଗ୍ରାମ ବୈଠକରେ ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟି, ବନ ସୁରକ୍ଷା ସମିତି ଓ ୨୦ ରୁ ଉର୍ଦ୍ଧ୍ୱ ବେସରକାରୀ ଜମି ମାଲିକଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା କରାଯିବା ପରେ, ସରକାରୀ ଜଙ୍ଗଲ ଓ ବେସରକାରୀ ଜଙ୍ଗଲର ସ୍ଥାୟୀ ସୀମା ନିର୍ଦ୍ଧାରଣ କରିବା ପାଇଁ ଆଜି ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟି ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅଗସ୍ତିନୂଆଗାଁ ଗ୍ରାମ୍ୟ କମିଟିର ସଭାପତି ରଜତ୍ କୁମାର ନାୟକ, ସମ୍ପାଦକ କାଳୀ ଚରଣ ଗୌଡ଼ ଓ କୋଷାଧ୍ୟକ୍ଷ ବିଜୟ କୁମାର ଗୌଡ଼ , ସଦସ୍ୟ ତପନ କୁମାର ନାହାକ ପ୍ରମୁଖ ଉପସ୍ଥିତି ଥିଲେ ।

# ନାଇପର ପ୍ରତିଷ୍ଠା ଦାବିରେ ରାଲି




ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ଉପକଣ୍ଠରେ ନାଇପର ପ୍ରତିଷ୍ଠା ଦାବିରେ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘ ତରଫରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପରିସରରୁ ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘ ସଭାପତି ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିରାଟ ରାଲି ବାହାରି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ବାସଭବନରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ, ସାର ଓ ରସାୟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ରାଲି ଓ ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ଫାର୍ମାସୀ ଗ୍ରାଜୁଏଟ୍ ସଂଘ, ଗଞ୍ଜାମ ଔଷଧ ବ୍ୟବସାୟୀ ସଂଘ , ଭାରତିୟ ଫାର୍ମାସିଟିକଲ ଶିକ୍ଷକ ସଙ୍ଘ, ହୋମସ୍ ଚାରିଟେବୁଲ ଓ ଏଜୁକେଶନଲ ଟ୍ରଷ୍ଟ , ସିପିଏସ ମହୁଡ଼ା, ଓମ୍ ସାଇ ଫାର୍ମାସୀ କଲେଜ, ରୟାଲ ଫାର୍ମାସୀ କଲେଜ, ରୋଲାଣ୍ଡ ଫାର୍ମାସୀ କଲେଜ ଛାତ୍ରଛାତ୍ରୀ ସମେତ ବହୁ ଫାର୍ମାସିଷ୍ଟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ପ୍ରକାଶଯୋଗ୍ୟ ବ୍ରହ୍ମପୁର ଉପକଣ୍ଠରେ ୧୯୭୯ ମସିହାରେ ଫାର୍ମାସୀ କଲେଜ ପ୍ରତିଷ୍ଠା ହୋଇଥିବା ବେଳେ ବର୍ତ୍ତମାନ ବ୍ରହ୍ମପୁରରେ ୫ଟି ଫାର୍ମାସୀ କଲେଜ୍ ଅଛି । ଏଠୁ ପାଠପଢି ବାହାରିଥିବା ଛାତ୍ର ଛାତ୍ରୀ ଦେଶ ବିଦେଶରେ ବହୁ ସୁନାମ ଅର୍ଜନ କରିଛନ୍ତି । ଏଣୁ ବ୍ରହ୍ମପୁରରେ ନାଇପର ପ୍ରତିଷ୍ଠା ହେଲେ ଜିଲ୍ଲାବାସୀଙ୍କ ସମେତ ଦକ୍ଷିଣ ଓଡ଼ିଶା ଉପକୃତ ହୋଇପାରିବେ । ଆଜିର ଏହି କାର୍ଯ୍ୟକ୍ରମରେ ସୋପା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ରାଲି ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ୟୁସିଡିଏ ସଭାପତି ତଥା ଜିପିସିଡିଏ ସମ୍ପାଦକ ପି ସତ୍ୟନାରାୟଣ, ଓଟଏଇ ସଭାପତି ଡକ୍ତର ଲଳିତ କୁମାର ସାହୁ, ହୋମ୍ସ୍ ସଭାପତି ଘନଶ୍ୟାମ ପାଣିଗ୍ରାହୀ, ଏପିଟିଆଇ ପୂର୍ବତନ ସଭାପତି ଡକ୍ତର ଅଞ୍ଜନ ମହାପାତ୍ର, ପ୍ରଫେସର ଆର ସି ଦାସ, ଭଗବାନ ବିଶ୍ୱାଳ, ରବି ନାରାୟଣ ରଣା, କୃଷ୍ଣ ଚନ୍ଦ୍ର ପଣ୍ଡା, କେଦାର ନାଥ ଜେନା, ମନୋଜ ପତି, ସୁଜିତ ଭୂୟାଁ, ପ୍ରଶାନ୍ତ ଚୌଧୁରୀ, ପ୍ରମେନ୍ଦ୍ର ଗୌଡ଼, ଦେବାଶିଷ ପଣ୍ଡା, ସିତାଂଶୁ ପଣ୍ଡା, ନାରାୟଣ ମହାକୁଡ଼ ଓ ନାଗେଶ୍ୱର ପୃଷ୍ଟିଙ୍କ ସମେତ ବହୁ କର୍ମକର୍ତ୍ତା ନେତୃତ୍ୱ ନେଇଥିଲେ ।

# ରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



କରଞ୍ଜିଆ(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ୍ ଜାମୁନ୍ତି ଗ୍ରାମର ବଡ଼ହୁଡ଼ିରେ ନିର୍ମାଣ ହେବ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ଭବ୍ୟ ମନ୍ଦିର। ସେଥିପାଇଁ ଅଣ୍ଟା ଭିଡିଛନ୍ତି ଯୁବ ଗୋଷ୍ଠୀ । ଭୂମି ପୂଜନ ଉତ୍ସବରେ ଗ୍ରାମର ପୁରୁଷ ମହିଳା ମାନେ ପୁଣ୍ୟତୋୟା ବୈତରଣୀ ନଦୀରୁ ଘଟ ଆଣି ମନ୍ଦିର ନିର୍ମାଣ ସ୍ଥଳରେ ପୂଜା ଅର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି। ମନ୍ଦିର ନିର୍ମାଣ ପାଇଁ ପଞ୍ଚାୟତବାସୀ ଆଗ୍ରହୀ ଥିବା ଦେଖିବାକୁ ମିଳିଛି । ଜାମୁନ୍ତି ଗ୍ରାମ ପଞ୍ଚାୟତର କାସିଆବେଦ, ଘାଗରଦା, ଜାମୁନ୍ତି, କୁସୁନପୁର, ତିଳବେଡ଼ା, ଉପରଡିହା, ଇନ୍ଦୁପୁର, ଜମୁନାଳିଆ, ତିଳବେଡ଼ା ଘରମାବେଡ଼ା, ମହୁଲିଆସୁଳି ପ୍ରଭୃତି ଗ୍ରାମରୁ ପୁରୁଷ ମହିଳାମାନେ ଭୂମିପୂଜନ ଉତ୍ସବରେ ଯୋଗ ଦେଇଥିଲେ । ପୂର୍ଣ୍ଣଚନ୍ଦ୍ର ଶେଖର ଦାଶ ଭୂମି ପୂଜନ କରିଥିଲେ। ବୁଲୁ ଗିରି, ତ୍ରିଲୋଚନ ମହାନ୍ତ , ସୁରେନ୍ଦ୍ର ମହାନ୍ତ, ଟୁକୁ ମୁଣ୍ଡା ସଂକଳ୍ପ କରିଥିଲେ । ପଟେଲ ମହାନ୍ତ, ଭଟ ମହାନ୍ତ, ଲୁନା ଗିରି, ଗଣେଶ ଲୋହାର ପ୍ରମୁଖଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହିତ ପୂଜା ଅର୍ଚ୍ଚନା ହୋଇଯାଇଛି । ପୂଜା ପରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ର ବନ୍ଦୋବସ୍ତ କରିଥିଲେ।

# ଉଦ୍‌ଯାପିତ ହେଲା ଗ୍ରାମୀଣ ମହୋତ୍ସବ



ନିଆଳି(ଭାସ୍କର ନ୍ୟୁଜ୍ ) : ନିଆଳି ତଥା ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟର ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ପଞ୍ଚ ଦିନ ବ୍ୟାପି ଗାନ୍ଧୀ ଯୁବ ଶିବିର ଏବଂ ଗ୍ରାମୀଣ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇ ଯାଇଛି. ପ୍ରଥମ ଦିବସରୁ ପଞ୍ଚମ ଦିବସ ଭିତରେ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ସ୍ୱଦେଶ ଚନ୍ଦ୍ର ଦାସ ଏବଂ ସଞ୍ଜୟ ରାଉତରାୟ,ଦ୍ୱିତୀୟ ଦିବସରେ ବାବାଜୀ ଅମୃତାନନ୍ଦ ଦାଶ ମହାରାଜ, ନିଆଳୀ ତହସିଲଦାର ଶ୍ରୀ ଲିଳନ ପ୍ରସାଦ ସାହୁ, ନିଆଳୀ ଥାନା ଅଧିକାରୀ ବିଜୟ କୁମାର ମଲ୍ଲିକ ଇତିହାସ ବିଭାଗ ର ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ଡ଼. ପ୍ରଶାନ୍ତ ପ୍ରଧାନ, ଓଡ଼ିଆ ଅଧ୍ୟାପକ ଡ଼ ବିରଂଚି କୁମାର ସାହୁ,ସଭାପତିତ୍ୱ କରିଥିଲେ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ଼ ସେକ କଲ୍ଲୀମୁଲ୍ଲା, ତୃତୀୟ ଦିବସ ନାଇଜରର କୁଳ ସଚିବ ପ୍ରଫେସର ଡ଼ ଅଭୟ କୁମାର ନାୟକ ଏସଭି ନିରତାରରଂ ନିର୍ଦ୍ଦେଶକ ପ୍ରଫେସର ଡ଼ ପତିତପାବନ ମହାନ୍ତି, ଓଡିଶା ସରକାରଙ୍କ ଯୁଗ୍ମ ଶାସନ ସଚିବ ଡ଼ ସଂଗ୍ରାମ କେଶରୀ ସାମନ୍ତରାୟ, ବାବା ପର୍ଶୁରାମ ଦାଶ ମହାରାଜ ଅବଧୂତ ବାବା ଆଦିତ୍ୟ ଚରଣ ଦାଶ ମହାରାଜ ଏବଂ ସଭାପତିତ୍ୱ କରିଥିଲେ ବରିଷ୍ଠ ଗାନ୍ଧିବାଦୀ ପ୍ରଫେସର ଡ଼ ଧନଦାକାନ୍ତ ମିଶ୍ର। ଚତୁର୍ଥ ଦିବସରେ ପୂର୍ବତନ ଅର୍ଥରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ଶ୍ରୀ ରବୀନ୍ଦ୍ର ମଲ୍ଲିକ, କଂଗ୍ରେସ ମୁଖପାତ୍ର ତଥା ସୁସାହିତ୍ୟିକ ଅମୀୟ ପାଣ୍ଡବ ଏବଂ ପଞ୍ଚମ ଦିବସ ରେ ନିଆଳିର ତିନି ତିନି ଥର ବିଧାୟକ ହୋଇଥିବା ପ୍ରଫେସର ଡ଼ ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇଥିଲେ ମୁଖ୍ୟ ବକ୍ତା ରୂପେ ନିଆଳି ପଞ୍ଚାୟତ ସମିତି ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର, ନିଆଳୀ ବ୍ଲକ ସରପଞ୍ଚ ସଂଘର ସଭାପତି ତ୍ରିନାଥ ମହାନ୍ତି, କସର୍ଦ୍ଦା ସରପଞ୍ଚ ତଥା ମହୋତ୍ସବ ଆବାହକ ସୁରେଶ ପଟ୍ଟନାୟକ, ଅନୁଷ୍ଠାନର ନିର୍ଦ୍ଦେଶକ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ଅନୁଷ୍ଠାନର ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ସଭା ପରିଚାଳନା କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ। ଏହି ଅବସରରେ ଦ୍ୱୀପାଞ୍ଚଳ ମହୋତ୍ସବ ଏବଂ ଶ୍ରୀ ନାରଦ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୂଜ୍ୟପୂଜା ଏବଂ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିଆଳୀର ସୁସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ, ସ୍ୱର୍ଗତ ତ୍ରିଲୋଚନ କାନୁନଗୋଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ କଣ୍ଡୁରୀ ଚରଣ ମଲ୍ଲିକ ସେବା ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ପ୍ରଧାନ ସେବା ସମ୍ମାନ, ଗାୟକ କୁଳଭୂଷଣ ଘନ ଶ୍ୟାମ ନାୟକ ପାଲା ଶ୍ରୀ ସମ୍ମାନ, ଘନକବି ସାହିତ୍ୟ ସମ୍ମାନ, ଦ୍ୱୀପାଞ୍ଚଳ କଳାକାର ସମ୍ମାନ ଶ୍ରୀ ନାରଦ ସମ୍ମାନ ଗ୍ରାମୀଣ ସେବା ସମ୍ମାନ ଗ୍ରାମୀଣ ଶିକ୍ଷା ସମ୍ମାନ ଏହିପରି ଅନେକ ବ୍ୟକ୍ତି ବିଶେଷଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା। ଗାନ୍ଧୀ ଦର୍ଶନ ଗାନ୍ଧୀବାଦ ଏବଂ ଅହିଂସାର ବାର୍ତ୍ତାକୁ କିପରି ସାଧାରଣ ଲୋକେ ଗ୍ରହଣ କରିବେ ସେ ନେଇ ବକ୍ତାମାନେ ମତ ପୋଷଣ କରିଥିଲେ ଏଥିରେ ଅନୁଷ୍ଠାନ ର ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, ଉପସଭାପତି ତଥା ପ୍ରେସ ୟୁନିଟ ନିଆଳିର ସଭାପତି ସାମ୍ବାଦିକ ଦ୍ୱିଜବର ମହାପାତ୍ର, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ମଲ୍ଲିକ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ଇଂ ଅବିନାଶ ମହାପାତ୍ର, କୋଷାଧ୍ୟକ୍ଷ ହେମନ୍ତ କୁମାର ମଲ୍ଲିକ,ପ୍ରେସ ୟୁନିଟ ର ସମ୍ପାଦକ ସାମ୍ବାଦିକ ସନ୍ଦୀପ ମଲ୍ଲିକ, ମହୋତ୍ସବର ସଂଯୋଜିକା ସୁଶ୍ରୀ ମୋନାଲିସା ମୁଦୁଲି, ମହିଳା ସମ୍ପାଦିକା ପାୟଲ ପ୍ରିୟ ଦର୍ଶନୀ ପରିଡା,ପ୍ରିୟଙ୍କା ସେନାପତି, ଇପିସିତା ମଲ୍ଲିକ ପ୍ରୀତି ପ୍ରଜ୍ଞା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ଦିବସରେ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ ସାମ୍ବାଦିକ ସୁଶ୍ରୀ ସୋନାଲି ତ୍ରିପାଠୀ। କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ଅଧକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲଲାଟେନ୍ଦୁ ସାହୁକୁ ପରିଚାଳନା କରିଥିଲେ।


# ମା' ବାସନ୍ତୀ ଦୁର୍ଗାପୂଜା ପାଇଁ ତିଆଡ଼ି ସାହି ଉତ୍ସବମୁଖର




ତିହିଡ଼ି, (ଭାସ୍କର ନ୍ୟୁଜ୍ ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ଅଧୀନ ତିଆଡ଼ିସାହିରେ ମା' ବାସନ୍ତୀ ଦୁର୍ଗାପୂଜା ଧୂମଧାମରେ ପାଳିତ ହେଉଛି। ଏହି ଦୁର୍ଗାପୂଜା ପାଇଁ ତିଆଡ଼ିସାହି ଉତ୍ସବମୁଖର ହୋଇ ଉଠିଛି। ତିଆଡ଼ି ସାହି ଅଞ୍ଚଳର ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଭରିଯାଇଛି। ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ପହଞ୍ଚି ମାଙ୍କୁ ଦର୍ଶନ କରିବା ସହିତ ଭୋଗ ଲଗି କରିଛନ୍ତି। ବିଶେଷ ଭାବେ ଶହଶହ ମହିଳା ଭକ୍ତମାନେ ନବମୀରେ ମା'ଙ୍କ ପୂଜା ମଣ୍ଡପରେ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରିଛନ୍ତି। ପ୍ରତିବର୍ଷ ନବମୀ ତିଥିରେ ମା'ଙ୍କ ପୀଠରେ ଯଜ୍ଞ ଅନୁଷ୍ଠିତ ହୁଏ। ଚଳିତବର୍ଷ ନବମୀ ତିଥିରେ ଚଣ୍ଡି ସମୟରେ ଏକ ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଛି। ଚଣ୍ଡି ସମୟରେ ଯଜ୍ଞକୁଣ୍ଡ ନିକଟରୁ ସାପ ବାହାରି ମା'ଙ୍କ ଆସ୍ଥାନ ପାଖରେ ଖେଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କିଛିସମୟ ପରେ ସେହି ସାପ କେଉଁ ଆଡ଼େ ଅର୍ନ୍ତଧାନ ହୋଇଯାଇଥିଲା ବୋଲି ଉପସ୍ଥିତ ଭକ୍ତମାନଙ୍କ ନିକଟରୁ ଶୁଣିବାକୁ ମିଳିଛି। ୧୯୫୧ ମସିହାରେ ତିଆଡ଼ି ସାହିରେ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଥିଲା। ପ୍ରଥମେ ଚାଳଛପର ଘରେ ମା' ପୂଜା ପାଉଥିଲେ। ସ୍ୱର୍ଗତ ପୁରୁଷୋତ୍ତମ ମିଶ୍ର, ଈଶ୍ୱର ଚନ୍ଦ୍ର ମିଶ୍ର, ପଞ୍ଚାନନ ମହାକୁଡ଼, ଖଗେଶ୍ୱର ବିଶ୍ୱାଳଙ୍କ ଉଦ୍ୟମରେ ମା'ଙ୍କର ପୂଜା ଆରମ୍ଭ ହୋଇଥିଲା। ଏବେ ପକ୍କା ମନ୍ଦିର ନିର୍ମାଣ ହୋଇ ମା'ଙ୍କର ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି। ମା'ଙ୍କ ନିକଟରେ ଯିଏ ଯାହା ମାନସିକ ରଖନ୍ତି ତାହା ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ବିଶ୍ୱାସ ରହିଛି। ଚଳିତ ବର୍ଷ ମା'ଙ୍କ ପୂଜାରେ କର୍ତ୍ତା ଭାବେ କାର୍ତ୍ତିକ ମିଶ୍ର ଓ ପୂଜକ ଭାବେ ଶ୍ରୀକାନ୍ତ ମିଶ୍ର, ଧୁକୁଡ଼ି ମିଶ୍ର, ନଣ୍ଡା ମିଶ୍ର ପୂଜାକାର୍ଯ୍ୟ ତୁଲାଉଛନ୍ତି। ପୂଜା କମିଟିର ଉପଦେଷ୍ଟା ନୃସିଂହ ଚରଣ ମହାକୁଡ଼, ପ୍ରଦୀପ ମିଶ୍ର ଓ ଦୀନବନ୍ଧୁ ମହାକୁଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାପତି ସତ୍ୟରଂଜନ ମିଶ୍ର, ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରାଜେନ୍ଦ୍ର ମହାକୁଡ଼, ଶାନ୍ତନୁ ମହାକୁଡ଼, ମୋଚନ ପଣ୍ଡା, ବାଇଧର ସାହୁ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ଉପଲକ୍ଷେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ରାଶିଫଳ


## ମଙ୍ଗଳବାର, ୦୮ ଏପ୍ରିଲ୍ ୨୦୨୫



**ମେଷ-** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ।



**ବୃଷ-** ଶୀଘ୍ର କୈଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**ମିଥୁନ-** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ।



**କର୍କଟ-** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। ମୁଣ୍ଡବିନ୍ଧା ଏବଂ ଆଖିରେ ଉତ୍ତେଜନା ଦେଖାଦେଇପାରେ।



**ସିଂହ-** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। ସମୟ ପରେ ଆପଣ ମନ କଥା କହିବାର ସୁଯୋଗ ପାଇବ।




**କନ୍ୟା-** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ତୁଳା-** ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ଆପଣ ଟଙ୍କା ଏବଂ ପାରିବାରିକ ପରିସ୍ଥିତି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବା ଉଚିତ୍।



**ବିଛା-** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।



**ଧନୁ-** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ।



**ମକର-** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। ବିବାହିତ ଲୋକମାନେ ସୁଖ ପାଇପାରିବେ। ପ୍ରେମ ବଢିବ।



**କୁମ୍ଭ-** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ସାମାନ୍ୟ ଥକ୍କା ମଧ୍ୟ ହୋଇପାରେ।



**ମୀନ-** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ।



ଶ୍ରୀଗଣେଶ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ରୁପେ ଆଇନଜୀବୀ ତାପସ କୁମାର ସାହୁ, ସମ୍ମାନିତ ଅତିଥି ରୁପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବ୍ଲକ ଅଧକ୍ଷା ନିରୁପମା ପଟେଲ, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗ ଦେଇଥିଲେ। ପ୍ରଥମେ ମାତୃ ପତାକା ଉତ୍ତୋଳନ କରାଯାଇଥିଲା । ପରେ ଶ୍ରୀମା ଶ୍ରୀଅରବିନ୍ଦ ଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷା କେନ୍ଦ୍ରର ସଂପାଦକ ସୂର୍ଯ୍ୟକାନ୍ତ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭାପତି ନିରଞ୍ଜନ ସାହୁ,ଟ୍ରଷ୍ଟି ଭରତ ଚନ୍ଦ୍ର ସାହୁ,ଅଧକ୍ଷା ସବିତା ଭୋଇ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ କୁ ଦେବକାନ୍ତ ପାଣିଗ୍ରାହୀ ପରିଚାଳନା କରିଥିଲେ।



## ସରକାରୀ ନୋଡାଲ ହାଇସ୍କୁଲରେ ମହାଦୁର୍ନୀତି

# ଅଭିଯୋଗ ପରେ ପୁଣି ତଦନ୍ତ କଲେ ଅଧିକାରୀ



ସମ୍ବଲପୁର(ଭାସ୍କର ନ୍ୟୁଜ) : ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ବ୍ଲକ ଗୋଷ୍ଠୀଶିକ୍ଷା ଅଧିକାରୀଙ୍କ ଅଧିନସ୍ଥ ସରକାରୀ ନୋଡାଲ ହାଇସ୍କୁଲ, ପାରୁଆଭାଡି ପଞ୍ଚାୟତ ହାଇସ୍କୁଲରେ ବର୍ତ୍ତମାନର ପ୍ରଧାନଶିକ୍ଷୟିତ୍ରୀ ମହାଦୁର୍ନୀତିରେ ଲିପ୍ତ ଅନୁକ୍ରମେ, ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ୪୦ଶଯ୍ୟା ବିଶିଷ୍ଟ ହଷ୍ଟେଲ ଓଏମ୍ ଡିଏମ ଜାଲିଆତି କରି ଆତ୍ମସାତ କରିବା, ନିଜକୁ ସୁହାଇଲା ପରି ନୁତନ କମିଟୀ ବେଆଇନ ଭିତ୍ତିରେ ଗଠନ କରିବା ପରି ସଙ୍ଗିନ କାର୍ଯ୍ୟମାନ କରିଚାଲିବା ସମ୍ବନ୍ଧରେ ଏକ ବର୍ଷ ହେଲା ଅଭିଯୋଗ କରିଆସୁଛନ୍ତି। ପୂର୍ବତନ ସରପଞ୍ଚ ଜଗଦୀଶ ପ୍ରଶାଦ ଖଣ୍ଡେଲୱାଲ ଓ ପୂର୍ବତନ ସ୍କୁଲ କମିଟୀ ଏବଂ ବର୍ତ୍ତମାନ କମିଟୀ ସଦସ୍ୟ, ତଦମତେ ସମ୍ବଲପୁର ତତ୍କାଳିନ ଜିଲ୍ଲା ଶିକ୍ଷା ଅଧିକାରୀଣୀ କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦମତେ କୁଚିଣ୍ଡା ଅତିରିକ୍ତ ଶିକ୍ଷା ଅଧିକାରୀ ତଦନ୍ତ କରି ରିପୋର୍ଟ ତାଙ୍କ ସୁହାଇବା ନୀତିରେ ଦେଇଥିଲେ। ଏଥିରେ ଅଭିଯୋଗକାରୀ ଅସନ୍ତୋଷ ପ୍ରକାଶ କରି ପୁଣି ଅଭିଯୋଗ କରିବାପରେ, ନିଜେ ଜିଲ୍ଲା ଶିକ୍ଷା ଅଧିକାରୀ ଆସି ପୁନଃ ତଦନ୍ତ ମଧ୍ୟ କରିଥିଲେ। ପରେ ୩ ଜଣିଆ ପ୍ରତିନିଧି ଆସ ତଦନ୍ତ ପରେ ସିରିଏଲ ତଦନ୍ତ ଚାଲିଲା କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଯା ପରେ ଅଭିଯୋଗକାରୀ ସୂଚନା ଅଧିକାର ଆଇନରେ ସୂଚନା ମାଗିଥିଲେ । ତଦମତେ ଦୃଢ଼ ଅଭିଯୋଗ ଓ ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ଉଦ୍ଦେଶ୍ୟରେ ରେଜିଷ୍ଟ୍ରେସନ କରିଥିଲେ। ଯା ପରେ ଜିଲ୍ଲା ପ୍ରଶାସନର ଜିଲ୍ଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, କୁଚିଣ୍ଡା ବ୍ଲକ ଶିକ୍ଷାଧିକାରୀ ଗିତା ପଣ୍ଡା, ଓ ଜିଲ୍ଲା ଶିକ୍ଷା ଅଧିକାରୀ ଅଧିନସ୍ଥ ଜଣେ କିରାଣୀ ଆସି ସ୍କୁଲରେ ପହଁଞ୍ଚି ପୁନଃ ତଦନ୍ତ କରି ଫେରିଛନ୍ତି। ଏହି ତଦନ୍ତରେ ଅଭିଯୋଗକାରୀଙ୍କୁ ମଧ୍ୟ ସାମିଲ କରିବା ସହ ତଦନ୍ତ ପରେ ସେମାନଙ୍କ ଲିଖିତ ରାଜିନାମାକୁ ମଧ୍ୟ ସ୍ୱୀକାର କରିଛନ୍ତି ଅଧିକାରୀ । ଏବେ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା । କାର୍ଯ୍ୟାନୁଷ୍ଠାନ ନହେଲେ ପୁଣି ବିକଳ୍ପ ପନ୍ଥା ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ପୂର୍ବତନ ସରପଞ୍ଚ ଓ ଅଭିଯୋଗକାରୀଗଣ ।

## ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ

ନବରଙ୍ଗପୁର(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲାରେ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ସକାଳ ୯.୦୦ ଘଟିକା ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ବ୍ଲକ ଭାଲୁଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଠାରେ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ନବରଙ୍ଗପୁର ବ୍ଲକ ଖଣ୍ଡୁଗୁଡ଼ା ପ୍ରାଥମିକ ବିଦ୍ୟାଳୟ ଠାରେ, ବିଧାୟକ ଝରି ଗାଁ ନରସିଂ ଭତରା ଝରି ଗାଁ ବ୍ଲକ୍ ଏକ୍ସଡି ଏନ୍ କେ ପୂର୍ଲା ପ୍ରାଥମିକ ବିଦ୍ୟାଳୟ ଠାରେ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଛନ୍ତି। ଜିଲ୍ଲାପାଳ , ନବରଙ୍ଗପୁର ଡା. ଶୁଭଙ୍କର ମହାପାତ୍ର ନବରଙ୍ଗପୁର ସହର ସ୍ଥିତ ଆଶିଷ ଭବନ ପ୍ରାଥମିକ ବିଦ୍ୟାଳୟ ଠାରେ ସକାଳ ୭.୦୦ଘ ସମୟ ରେ ଆୟୋଜିତ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଥିଲା।

# ମଲିକେଶ୍ୱର ଶୈବ ପୀଠରେ ସଫେଇ କାର୍ଯ୍ୟକ୍ରମ



ମାଲକାନଗିରି,(ଭାସ୍କର ନ୍ୟୁଜ) : ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡିକର ସ୍ୱଚ୍ଛତା ଅଭିଯାନ ନେଇ ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ମଲିକେଶ୍ୱର ଶୈବ ପୀଠ ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ସମୂହିକ ସଫେଇ କାର୍ଯ୍ୟକ୍ରମ କରାଯାଇଛି । ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ, ଗୃହ ଏବଂ ନଗର ଉନ୍ନୟନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଶୈବ ପୀଠ ଠାରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ ଦେଶର ଦାୟିତ୍ୱବାନ ନାଗରିକ ଭାବେ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ୍। ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡିକ ସବୁଦିଗରୁ ବିଶେଷ ଗୁରୁତ୍ୱ ବହନ କରେ। ତେଣୁ ପର୍ଯ୍ୟଟନ ସ୍ଥଳୀ ଭାବେ ହେଉ କିମ୍ବା ଗୌରବମୟ ଇତିହାସ ପାଇଁ ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାର ଆବଶ୍ୟକତା ରହିଛି। ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତ ରୂପେ ଗୌରବମୟ କୀର୍ତ୍ତିରାଜିର ମୂକସାକ୍ଷୀ ସାଜିଥିବା ଐତିହ୍ୟ ସ୍ଥଳୀଗୁଡିକୁ ସ୍ୱଚ୍ଛ କରି ରଖିବା ପାଇଁ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମଲିକେଶ୍ୱର ଶୈବ ପୀଠ ଉପରକୁ ଯାଇ ମନ୍ଦିର ପରିବେଶର ସଫେଇ କରିଛନ୍ତି। ସକାଳ ୭ ଟାରୁ ଆରମ୍ଭ ହୋଇଥିବା ଏହି ସଫେଇ କାର୍ଯ୍ୟକ୍ରମରେ ପୌର ପରିଷଦର ସମସ୍ତ କର୍ମଚାରୀ ଓ ସଫେଇ କର୍ମଚାରୀ ସାମିଲ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତି, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ଅନୁରୂପ ଭାବେ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ମଧ୍ୟ ବିଭିନ୍ନ ଦେବାଳୟ ଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ଜିଲ୍ଲାସ୍ତରୀୟ 'ଅପରାହ୍ନ ସାହିତ୍ୟର ସ୍ୱର' କାର୍ଯ୍ୟକ୍ରମ

ବରଗଡ(ଭାସ୍କର ନ୍ୟୁଜ) : ସ୍ଥାନୀୟ ଆଗ୍ରଗାମୀ ଯୁବକ ସଂଘ ଠାରେ ବାଲେଶ୍ୱରରୁ ପ୍ରକାଶିତ 'ଅପରାହ୍ନ'ଦୈନନ୍ଦିନ ସମ୍ବାଦପାତ୍ର ର ସାହିତ୍ୟର ସ୍ୱର କାର୍ଯ୍ୟକ୍ରମ ଅଧ୍ୟାପକ ନବକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ମନୋଜ ଦାଶ ମୁଖ୍ୟ ଅତିଥି ,ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଯୋଗଦେଇ ସାହିତ୍ୟର ସୃଷ୍ଟି ଓ ସାହିତ୍ୟ ଚେତନା ଜାଗ୍ରତ କରିବାରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତବ୍ୟ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ଅପରାହ୍ନ ସମ୍ପାଦକ ଶ୍ରୀ ବଂଶୀଧର ଜେନା ଓ ପ୍ରକାଶିକା ଲକ୍ଷ୍ମୀପ୍ରିୟା ଦାସ, ବାଲେଶ୍ୱର ଯୋଗଦେଇ ଥିଲେ। ବରଗଡ଼ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ୍ତ ଭାନୁ ମହାନ୍ତି ଅତିଥି ପରିଚୟ କରାଇଥିଲେ।ଉକ୍ତ ସଭାରେ ଶ୍ରୀ ପ୍ରଦୀପ ପଣ୍ଡାଙ୍କ ଦ୍ୱାରା ରଚିତ ରନ୍ ପାଖୁଡା



ପୁସ୍ତକ ଉନ୍ମୋଚିତ ହେବା ସହ ସାରସ୍ୱତ ସାଧାନା ପାଇଁ ଶ୍ରୀମତୀ ସନ୍ତୋଷିନୀ ଦାଶ, ଆଶୁତୋଷ ରଥ, ଦୟାନିଧି ମହାପାତ୍ର, ଧର୍ମରାଜ ପ୍ରଧାନ, ଭୂମିସୁତା ସାହୁ ଓ ମୁନତାଜ ଖାତୁନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ପାଳିତ



ମାଲକାନଗିରି(ଭାସ୍କର ନ୍ୟୁଜ) : ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଡମ୍ବର ସହକାରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ଭୈରବୀ ମନ୍ଦିର ଠାରୁ ବିରାଟ ବାଇକ ରାଲି ଏମଭି୩ ମଙ୍ଗଳାମନ୍ଦିର ହୋଇ ଶିବାନନ୍ଦ ଆଶ୍ରମ ଶ୍ରୀରାମମନ୍ଦିରରେ ଭକ୍ତଗଣ ପହଁଚିଥିଲେ । ସମଗ୍ର ମାଲକାନଗିରି ସହରରେ ରାମଝଣ୍ଡା ଓ ଗେରୁଆମୟ ହୋଇଥିଲା । ଶିବାନନ୍ଦ ଆଶ୍ରମ ପରିସରରେ ଥିବା ଶ୍ରୀରାମ ମନ୍ଦିରରେ ଆଡମ୍ବର ସହକାରେ ଶ୍ରୀ ରାମନବମୀ ଉତ୍ସବ,ରାମଚରିତ ପରାୟଣ ଓ ରାମନାମ ପ୍ରବଚନ,ନାମ ସଂକୀର୍ତନ, ନରନାରାୟଣ ସେବା ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା । ମନ୍ଦିରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନଙ୍କର ଭିଡ ଲାଗିଥିଲା । ଶ୍ରଦ୍ଧାଳୁ ଭକ୍ତମାନେ ଶ୍ରୀରାମ ଙ୍କ ବିଗ୍ରହ ନିକଟରେ ପୂଜା ପାଠ ଓ ହୋମ ଯଜ୍ଞ କରିଥିଲେ। ଭକ୍ତମାନଙ୍କ ପାଇଁ ଭୋଗ ଓ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟାରେ ମନ୍ଦିରରେ ଭଜନ ଓ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଠିକ ସେହିପର ଜିଲ୍ଲା କାରାଗର ପରିସର ରେ ଥିବା ହନୁମାନ ମନ୍ଦିରରେ ଶ୍ରୀ ରାମ ନବମୀ ଉତ୍ସବ ସହ ଭଜନ ସମାରୋହ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଆଓମା ଗୁରୁକୁଳରେ ପାରମ୍ପରିକ ଛେନାପୋଡ଼ କଟାଯାଇ ଓଡ଼ିଆ ମିଷ୍ଟାନ ବଣ୍ଟନ କରାଯାଇ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଥିଲା ।୧୧୯ କଲୋନୀ ଗାୟତ୍ରୀ ପୀଠ, କାଲିମେଲା. ପଡିଆ, ଏମଭି ୭୯, ଏମଭି୭୨, ମୋଟୁ, କୋରୁକୁଣ୍ଡା, ବାଲିମେଲା, ଚିତ୍ରକୋଣ୍ଡା, ଖଇରପୁଟ, ଗୁଳା, ମାଥିଲି, ଗୋବିନ୍ଦପାଲି,ମାଲକାନଗିରି ଜିଲ୍ଲାର ବିଭିନ୍ନସ୍ଥାନରେ ଆଡମ୍ବର ସହକାରେ ଶ୍ରୀରାମନବମୀ ଉତ୍ସବ ପାଳିତ ହୋଇ ଯାଇଛି। ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଙ୍କ ପକ୍ଷରୁ ଦହିପଣା, ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

## ବିଜେପି ପ୍ରତିଷ୍ଠା ଦିବସ ପାଳିତ

ଝରିଗାଁ (ଭାସ୍କର ନ୍ୟୁଜ) :ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କାନାକୋଟ ପଂଚାୟତ ଅନ୍ତର୍ଗତ ପୂର୍ଲାଠାରେ ଥିବା ବିଜେପି କାର୍ଯ୍ୟାଳୟରେ ଆଜି ୪୬ତମ ପ୍ରତିଷ୍ଠା ଦିବସ ବେଶ ଧୁମଧାମରେ ପାଳିତ ହୋଇଯାଇଛି ।ଝରିଗାଁ ବିଧାୟକ ନରସିଂହ ଭତରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ପ୍ରତିନିଧି ସୁନା ମାଝୀ,ଚଚା ଜୋନର ବିଜେପି ସାଧାରଣ ସମ୍ପାଦକ ପ୍ରତାପ ଦୁରିଆ, ଉମରକୋଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖାଣ୍ଡା ମଣ୍ଡଳ ସଭାପତି ଉତ୍ତମ ହରିଜନ, ବରିଷ୍ଠ ବିଜେପି କର୍ମୀ ଶ୍ୟାମଲାଲ ବିଶ୍ୱାସ, ସୁଜନ ଭକ୍ତ, ବଳରାମ, ଚଚା ଜୋନର ଓବିସି ମୋର୍ଚା ସଭାପତି ସଗନୁ ଗୌଡ଼, କାନାକୋଟ ପଂଚାୟତର ସରପଞ୍ଚ ପ୍ରତିନିଧି ଅର୍ଜୁନ ଭତରାଙ୍କ ସମେତ ଶତାଧିକ ବିଜେପି କର୍ମୀ ଓ କର୍ମକର୍ତା ମାନେ ଉପସ୍ଥିତ ରହିଥିଲେ । ସମସ୍ତ କର୍ମକର୍ତା ଓ କର୍ମୀମାନେ କାର୍ଯ୍ୟାଳୟରେ ଏକତ୍ରିତ ହେବା ଭାରତ ମାତା,ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ମୁରଲୀ ମନୋହର ଯୋଶୀ ଓ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବିଧାୟକ ଶ୍ରୀ ଭତରା ପ୍ରତିଷ୍ଠା ଦିବସ ଉପରେ ନିଜର ଅଭିଭାଷଣ ରଖି ବିଜେପି ଦଳ କିଭଳି ଗଠିତ ହୋଇ ଏକ ସ୍ୱତନ୍ତ୍ର ଦଳ ହୋଇଥିଲା, କେଉଁମାନେ ଏହି ଦଳର ସଂଗଠକ ଥିଲେ ଓ ଏହି ଦଳର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଣ ରହିଛି ସେସବୁ ଉପସ୍ଥିତ କର୍ମକର୍ତା ଓ କର୍ମୀ ମାନଙ୍କୁ ପ୍ରାଞ୍ଜଳ ଭାବେ ବୁଝେଇବା ସହ ଝରିଗାଁ ନିର୍ବାଚନ ମଣ୍ଡଳୀରେ କିପରି ଦଳକୁ ମଜଭୁତ କରିବା ସେନେଇ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।



# ଆଜିଠାରୁ କଳସୀ ଗୁଡ଼ି ମା' ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା



ସଜେଇ ହେଉଛି ମଣ୍ଡେଇ ପଡ଼ିଆ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ଠାରେ ମାଆ କଳସୀ ଠାକୁରାଣୀଙ୍କ ଗ୍ରାମ ପରିକ୍ରମା ଆଜି ଆରମ୍ଭ ହୋଇଯାଇଛି। ଏହି ଅବସରରେ କଳସ ସ୍ଥାପନ ସହ ଗ୍ରାମର ପ୍ରତ୍ୟେକ ସାହି ବୁଲି ମା କଳସୀ ଗୁଡ଼ି ଠାକୁରାଣୀ ପୂଜା ପାଉଛନ୍ତି ।ମା' ଙ୍କ ଗ୍ରାମ ପରିକ୍ରମା ମଙ୍ଗଳବାର ଅର୍ଥାତ୍ ୧ ଏପ୍ରିଲ୍ ଠାରୁ ଆରମ୍ଭ ହୋଇ ଏପ୍ରିଲ ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୮ ତାରିଖ ଦିନ ମାଆ ନିଜର ସ୍ଥାନକୁ ଫେରି ସେଠାରେ ଥିବା କଳସୀଗୁଡ଼ି ପଡିଆକୁ ଆସିବେ। ସେଠାରେ ପାଞ୍ଚ ଦିନ ଧରି ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ। ଏହି ମଣ୍ଡେଇ ଯାତ୍ରା ପରମ୍ପରା କେଉଁ କାଳରୁ ଚାଲିଆସୁଛି। ମଣ୍ଡେଇ ଯାତ୍ରାରେ ଛତିଶ ଗଡ଼ରୁ ଆରମ୍ଭ କରି ଆନ୍ଧ୍ର ପ୍ରଦେଶ ତଥା ସ୍ଥାନୀୟ ଅଂଚଳର ବହୁ ବ୍ୟବସାୟୀ ଆସି ପସରା ମେଲାଇ ଥାଆନ୍ତି। ଏହି ଅବସରରେ ସ୍ଥାନୀୟ ଯୁବ ସମାଜ, ଭିତରଗଡ ଯୁବକ ସଂଘ ଏବଂ ସମସ୍ତଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ସହ ପାଳନ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଏକ କମିଟି ଗଠନ କରାଯାଇଛି। ଚଳିତ ବର୍ଷ ନୂତନ କମିଟି ଗଠନ କରାଯାଇଛି। ତାସହ ପ୍ରତ୍ୟେକ୍ ବର୍ଷ ଭଳି ଏହି ବର୍ଷ ମଧ୍ୟ ଶାନ୍ତି ଶୃଙ୍ଖଳା ସହ ଯେମିତି ଯାତ୍ରା ସମାପନ ହେବ ତାହା ଉପରେ କମିଟି ନଜର ରଖିଛି । ବର୍ତମାନ ମଣ୍ଡେଇ ପଡିଆ ସଜବାଜ ସହ ବାହାରୁ ବହୁ ବ୍ୟବସାୟୀ ଆସି ପସରା ମେଲାଇବା ଆରମ୍ଭ ହୋଇଗଲାଣି। ତାସହ ରାମଦୋଳି, ବ୍ରେକ ଡ୍ୟାନ୍ସ, ଛୋଟ ଛୋଟ ଛୁଆ ମାନଙ୍କ ଖେଳନା , ମିନା ବଜାର, ଝୁଲା ଦୋଳି, ସର୍କସ ଆସି ସଜାଇବାରେ ଲାଗିଛନ୍ତି। ମଣ୍ଡେଇ ଯାତ୍ରା ଦେଖିବାକୁ ଗ୍ରାମରେ ବସବାସ କରୁଥିବା ଜନସାଧାରଣ ବହୁ ବନ୍ଧୁବାନ୍ଧବ ଆସି ଜମା ହୋଇଥିବା ଦେଖିବାକୁ ମିଳିଲାଣି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି।

# ବାରମ୍ବାର ବିଜୁଳି କାଟ୍‌କୁ ନେଇ ଲୋକେ ଅତିଷ୍ଠ

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ) : ଭୀଷଣ ଗ୍ରୀଷ୍ମପ୍ରବାହ ଚାଲିଥିବାବେଳେ ଲକ୍ଷ୍ମୀପୁର ବ୍ଲକରେ ବିଜୁଳି କାଟ ବନ୍ଦ ହେବାର ନାଁ ନେଉନି। ବିଜୁଳି କାଟ୍‌ରେ ଲୋକେ ଅତିଷ୍ଠ ହେଉଥିଲେ ବି ବିଭାଗୀୟ ଅଧିକାରୀ ଚୁପ୍ ବସି ପଡୁଛନ୍ତି ।ଏନେଇ ବିଜୁଳି ବିଭାଗର ଜିଲ୍ଲାସ୍ତରୀୟ କର୍ତୃପକ୍ଷ ମଧ୍ୟ ଏଥିପ୍ରତି ପରଦା ପକାଇ ଚୁପ ରହୁଛନ୍ତି । ସେମାନଙ୍କୁ ଫୋନ ମାଧ୍ୟମରେ ଜଣାଇଲେ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ କୁହ,ନଚେତ୍ କଷ୍ଟମର କେୟାରରେ ଫୋନ୍ କର, ଆମେ କିଛି କରିପାରିବୁନି ବୋଲି କହି ଚୁପ ରହୁଛନ୍ତି। ଅପର ପକ୍ଷେ ଖରା ଦିନେ ବିଜୁଳି କାଟ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାର କହିଥିବାବେଳେ ତାଙ୍କ କଥାକୁ ବି ଟାଟା ପାୱାର ଖାତିର କରୁନି। ଲକ୍ଷ୍ମୀପୁର ବ୍ଲକରେ ବାର ବାର ବିଜୁଳି କାଟ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ବିଜୁଳି ସମସ୍ୟା ଜାରି ରହିଛି ।ଏବେବି ଅନେକ ଦୁର୍ଗମ ଅଞ୍ଚଳ ଅନ୍ଧାରରେ ଥିବା ଅଞ୍ଚଳବାସୀ କହିଛନ୍ତି। ବିଜୁଳି ବିଭାଗ କାର୍ଯ୍ୟାଳୟରେ ପଚାରିଲେ ନାହିଁ ନଥିବା ଆଳ ଦେଖାଇ ବିଭାଗୀୟ ଅଧିକାରୀ ଚୁପ ।ହେଲେ ମାସ ପୁରିବା ମାତ୍ରକେ ବିଲ୍ ତୁରନ୍ତ ନବନ୍ଧିଲେ ବିଜୁଳି ସଂଯୋଗ କାଟି ଦିଆଯିବ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା କୁହାଯାଉଛି। ବର୍ତ୍ତମାନ ବ୍ଲକରେ ଏବେ ଠାରୁ ଅତ୍ୟଧିକ ଗରମ ଅନୁଭୂତି ହେଲାଣି ରାତିରେ ସାମାନ୍ୟ ଥଣ୍ଡା ଲାଗୁଥିବା ବେଳେ ସୂର୍ଯ୍ୟ ଉଦୟ ହେବାପରେ ଗରମ ଲାଗୁଚି। ଦିନ ବାରଟା ପରଠୁ ତାପମାତ୍ରା ୩୦ ଡିଗ୍ରୀ ରହୁଛି ।ଏଇକ୍ଷେତ୍ରରେ ଏବେଠାରୁ ବିଜୁଳି ସମସ୍ୟାକୁ ନେଇ ସମସ୍ତଙ୍କୁ ଚିନ୍ତା ଘାରିଲାଣି। ନିୟମ ଅନୁଯାୟୀ ଯେଉଁ ଅଞ୍ଚଳର ବିଜୁଳି ଖରାପ ରହୁଚି ସେଇ କ୍ଷେତ୍ରରେ ସେଠାକାର ବିଜୁଳି କାଟି କାମ କରିବା କଥା ଏଠି କିନ୍ତୁ ତାହା ପାଳନ ହେଉନି ।ବ୍ଲକର ହଜାର ହଜାର ଲୋକ ବିଜୁଳି କାଟ୍‌କୁ ନେଇ ଅତିଷ୍ଠ ହୋଇ ପଡିଲେଣି ।ଛୋଟିଆ କାମ ପାଇଁ ଘଣ୍ଟା ଘଣ୍ଟା ଧରି ବିଜୁଳି ଫେଲ୍ ରହୁଛି। ବିଜୁଳି ଫେଲ ହେଉଥିବା କାରଣରୁ ଲୋକଙ୍କୁ ପାନିୟଜଳ,ସ୍ୱାସ୍ଥ୍ୟ ସେବା ସହ ପାଠ ପଢ଼ାରେ ମଧ୍ୟ ଅସୁବିଧା ହେଉଛି। ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ କଣ ପାଇଁ ବିଜୁଳି କାଟ୍ କରିଛ ବୋଲି ପଚାରିଲେ କିଛିନା କିଛି ବାହାନା ଦେଖାଇ କର୍ମଚାରୀ ବି ଚୁପ୍ ରହୁଛନ୍ତି। ଖାଲି ନିଜୁଳି କାଟ ନୁହଁ ବିଲ୍ ସମସ୍ୟା ମଧ୍ୟ ଲୋକଙ୍କୁ ଅତିଷ୍ଠ କଲାଣି ।ଟାଟା ପାୱାର ନେବା ପରଠୁ ବ୍ଲକର ହଜାର ଉପଭୋକ୍ତା ନାହିଁ ନଥିବା ସମସ୍ୟା ରେ ପଡିଛନ୍ତି ।ତେଣୁ ଆଗକୁ ଏଇ ବିଜୁଳି ସମସ୍ୟା ରୁ ଉପଭୋକ୍ତା କେମିତି ମୁକ୍ତି ପାଇବେ ସେଥିପ୍ରତି ବିଭାଗୀୟ ଅଧିକାରୀ ମାନେ ଧ୍ୟାନ ଦେବାକୁ ସବୁ ମହଲରେ ଦାବି ହୋଇଛି।

# ହରିଶଙ୍କରରେ ସଫେଇ କାର୍ଯ୍ୟକ୍ରମ



ଖପ୍ରାଖୋଲ(ଭାସ୍କର ନ୍ୟୁଜ) : ଖପ୍ରାଖୋଲ ବ୍ଲକ୍ ପବିତ୍ର ପୁଣ୍ୟକ୍ଷେତ୍ର ହରିଶଙ୍କର ଠାରେ ବ୍ଲକ୍ ପ୍ରଶାସନ ତରଫରୁ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ହରିଶଙ୍କର ମନ୍ଦିର ପରିସର, ଝରଣା ଓ ଝରଣା କୂଳକୁ ସଫେଇ କରାଯାଇଥିଲା ।ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଆ ପକ୍ଷ ପାଳନ ବେଳେ ଧର୍ମ କ୍ଷେତ୍ର, ଐତିହ୍ୟ ସ୍ଥଳୀର ସଫେଇ ପାଇଁ ନିର୍ଦ୍ଦେଶ ରହିଛି। ସଫେଇ କାର୍ଯ୍ୟକ୍ରମ ବେଳେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ,ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ସରପଞ୍ଚ ପ୍ରତିନିଧି ଉମେଶ ପୁଝାରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ଏଡିଇଓ ଦେବେଶ କୁମାର୍ ମିଶ୍ର, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଦେବୋତ୍ତର କମିଟି ସଦସ୍ୟ ଶଶି ପୁଝାରୀ, ଅଭୟ ତ୍ରିପାଠୀ ସମେତ ଏମ ବି କେ, ସି ଆର ପି, ସ୍ୱେଚ୍ଛାସେବୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଶାନ୍ତିପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ




ଖପ୍ରାଖୋଲ(ଭାସ୍କର ନ୍ୟୁଜ) : ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର , ମୁଖ୍ୟବକ୍ତା ରୁପେ ଆଇନଜୀବୀ ତାପସ କୁମାର ସାହୁ, ସମ୍ମାନିତ ଅତିଥି ରୁପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବ୍ଲକ ଅଧକ୍ଷା ନିରୁପମା ପଟେଲ, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ମାତୃ ପତାକା ଉତ୍ତୋଳନ କରାଯାଇଥିଲା। ପରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ଚିତ୍ରରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିକ୍ଷା କେନ୍ଦ୍ରର ସଂପାଦକ ସୂର୍ଯ୍ୟକାନ୍ତ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭାପତି ନିରଞ୍ଜନ ସାହୁ, ଟ୍ରଷ୍ଟି ଭରତ ଚନ୍ଦ୍ର ସାହୁ, ଅଧକ୍ଷା ସବିତା ଭୋଇ ମଂଚାସୀନ ଥିଲେ। କାର୍ଯ୍ୟକ୍ରମ କୁ ଦେବକାନ୍ତ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଉମରକୋଟର ରାମ ନବମୀ ପାଳିତ



ଉମରକୋଟ(ଭାସ୍କର ନ୍ୟୁଜ) : ଉମରକୋଟ ଦଶରାପଦା। ଠାରେ ଥିବା ରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରାମନବମୀ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ରବିବାର ସକାଳେ ଶହ ଶହ ସଂଖ୍ୟାରେ ଭକ୍ତ ରାମଙ୍କ ସୁସଜ୍ଜିତ ରଥ ଧରି ରାମ ମନ୍ଦିର ରୁ ବାହାରି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ରେ ସହର ର ବହୁ ସଂଖ୍ୟାରେ ଲୋକ ଯୋଗଦେବା ସହ ଅଲେଖ ମହିମା ସଙ୍କୀର୍ତ୍ତନ ଦଳ ଭାଗ ନେବା ସହ ପୂର୍ଣ୍ଣ କଳସ ମଧ୍ୟ ଧରିଥିଲେ। ପରେ ରାମ ମନ୍ଦିର ପରିସରରେ ହୋମ ଯଜ୍ଞ ଅନୁଷ୍ଠିତ ହେଇଥିଲା। ଯେଉଁଥିରେ କି କର୍ତ୍ତା ଭାବରେ ବ୍ୟବସାୟୀ ମନୋଜ କୁମାର ଶର୍ମା ଓ ତାଙ୍କ ପତ୍ନୀ ଦାୟିତ୍ୱ ଗ୍ରହଣ କରିଥିଲେ। କମିଟି ପକ୍ଷରୁ ମଧ୍ୟାହ୍ନରେ ପ୍ରାୟ ୧୦ ହଜାର ଭକ୍ତଙ୍କ ସକାଶେ ପ୍ରାସାଦ ସେବନର ବ୍ୟବସ୍ଥା କରା ଯାଇଥିଲା। ସନ୍ଧ୍ୟା ୭ ଟା ସମୟରେ ସ୍ଥାନୀୟ ରାମ ମନ୍ଦିର ଠାରୁ ଏକ ବିଶାଳ ରାଲି ବାହାରି ସହର ପରିକ୍ରମା କରିଥିଲା । ଏହି ରାଲିରେ ପ୍ରାୟ ୭୦୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଡିଜେ, ବାଜା, ଘଣ୍ଟ, ମୃଦୁଙ୍ଗ ଓ ଅତିଶ ବାଜିରେ ସହର ପ୍ରକମ୍ପିତ ହେଉଥିବା ବେଳେ ଜୟ ଶ୍ରୀରାମ ଧନୀ ରେ ସହରରେ କମ୍ପନ ସୃଷ୍ଟି ହେଇଥିଲା।

# ପବିତ୍ର ଶ୍ରୀରାମ ନବମୀ ପାଳିତ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ସଦର ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଜୟ ଶ୍ରୀରାମ ସଂଘ ତରଫରୁ ବହୁ ଆଡମ୍ବରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ବିଗତ ୩ ବର୍ଷ ତଳେ ଆରମ୍ଭ କରିଥିବା କୋଷାଗୁମୁଡ଼ା ସଦରର ଯୁବକମାନଙ୍କ ପ୍ରଚେଷ୍ଟା ରେ ଜୟ ଶ୍ରୀରାମ ସଂଘରେ ଉକ୍ତ କାର୍ଯ୍ୟକ୍ରମ ଟି ସଫଳତା ସହ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଯୁବକ ସଂଘଙ୍କ ସହ ବଜରଙ୍ଗ ଦଳ,ବିଶ୍ୱହିନ୍ଦୁ ପରିଷଦ ଓ ଆର୍ ଏସ୍ ଏସ୍‌ର କର୍ମୀଙ୍କ ଦ୍ୱାରା ସହର ର ସାହି ପରିକ୍ରମାର ତାଳେ ତାଳେ ଶ୍ରୀରାମଙ୍କ ନାମସଂକୀର୍ତନ, ହାତରେ ପତାକା ଧରିବା ସହ ଆତସ ବାଜି ସଂଗୀତ,ନୃତ୍ୟ ପରିବେଷଣରେ ଶୋଭାଯାତ୍ରା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋଷାଗୁମୁଡା ର ତ୍ରିଦୋଳି କର୍ମୀ ଓ ଆବାଳ ବନିତା ଙ୍କ ସହ ଗ୍ରାମ ଓ ଅଞ୍ଚଳର ସହସ୍ର ହିନ୍ଦୁଧର୍ମାବଲମ୍ବୀ ଙ୍କ ଯୋଗଦାନ କରିବା ଦେଖିବାକୁ ମିଳିଥିଲା। ପରିଶେଷରେ ଜୟ ଶ୍ରୀରାମ ସଂଘ ତରଫରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପ୍ରାୟ ୪ହଜାର ଶ୍ରଦ୍ଧାଳୁ ଙ୍କପାଇଁ ଅନ୍ନପ୍ରସାଦ ର ବ୍ୟବସ୍ଥା ସହ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଏବଂ ସାଂସଦ ପ୍ରତିନିଧି ସୁରେଶ ପାତ୍ର, ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ତ୍ରିଲୋଚନ ଧାକଡ଼,ଏମ୍ ମୋହନ ରାଓ, ବିଷ୍ଣୁ, ସନ୍ତୋଷ, ନରେନ୍ଦ୍ର, ପଙ୍କଜ,ସିଦ୍ଧାର୍ଥ,ଶାନ୍ତନୁଙ୍କ ସହ ଗ୍ରାମର ଯୁବକ ମଣ୍ଡଳୀ ଉପସ୍ଥିତ ରହି ନଗର ପରିକ୍ରମା କରିଥିଲେ। ଏପରି କୋଷାଗୁମୁଡ଼ା ବ୍ଲକର ବଜ୍ରଗୋଡ଼, କୋଡ଼ିଙ୍ଗା, ରାଜୋଡା, ମାଳି ଆଟିଗାଁ, ତାରାଗାଁ ଏବଂ ବିଭିନ୍ନ ଅଞ୍ଚଳ ରେ ମଧ୍ୟ ବହୁ ଆଡମ୍ବରରେ ପୁରୁଷୋତ୍ତମ ଶ୍ରୀରାମ ନବମୀ ପାଳନ କରାଯାଇଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ପିଟୁକୁଳି ପଞ୍ଚାୟତ ଅନ୍ତର୍ଗତ ଟିକାତାଳସ୍ଥ ଶ୍ରୀରାମକୃଷ୍ଣ ସେବାଶ୍ରମର ବାର୍ଷିକ ସାଧାରଣ ଅଧିବେଶନ ଶିକ୍ଷାବିତ୍ ବିଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଭକ୍ତବଲ୍ଲଭ ପଟ୍ଟନାୟକ ବେଦମନ୍ତ୍ର ପାଠ କରିଥିଲେ। ମନୋଜ କୁମାର ଗୁମାନସିଂହ ଶ୍ରୀରାମକୃଷ୍ଣ କଥାମୃତ ପାଠ ପୂର୍ବକ ବ୍ୟାଖ୍ୟା କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ଶିକ୍ଷାବିତ୍ ସର୍ବେଶ୍ୱର ସାହୁ ୨୦୨୪-୨୫ ବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ସେବାଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଭାଗବତାନନ୍ଦ ପୁରୀ ମହାରାଜଙ୍କ ତତ୍ତ୍ୱାବଧାନରେ ଚଳିତବର୍ଷ ଦାତବ୍ୟ ମେଡିକାଲ ଶିବିର, ଶୀତକାଳୀନ ରିଲିଫ ସହିତ ମେଧାବୀ ବିଦ୍ୟାର୍ଥୀ ସାହାଯ୍ୟ, ଦାତବ୍ୟ କୋଚିଂ କେନ୍ଦ୍ର ସହିତ ସାଧୁସେବା ଓ ସମସ୍ତ ଉତ୍ସବ ଯଥାରୀତି ଅନୁଷ୍ଠିତ ହେବା ନିମନ୍ତେ ନିଷ୍ପତ୍ତି ନିଆଗଲା। ନିର୍ମାଣାଧୀନ ଭବ୍ୟ ରାମକୃଷ୍ଣ ମନ୍ଦିରକୁ ଅଗ୍ରାଧିକାର ଦେଇ ଏଥି ନିମନ୍ତେ ଦାନ ସଂଗ୍ରହ ପାଇଁ ଗୁରୁତ୍ୱ ଆରୋପ କରାଯାଇଛି। ସମ୍ପାଦକ ଗୋଲକ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ, ଉପସଭାପତି ରାଜକିଶୋର ଛୁଆଳସିଂହ, ଆଡ଼ଭୋକେଟ ନିର୍ଭୟ କୁମାର ସାମନ୍ତରାୟ, ବରିଷ୍ଠ ସଦସ୍ୟ ବାସୁଦେବ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାମନ୍ତରାୟ, ଦିଲ୍ଲୀପ କୁମାର ପଣ୍ଡା, ବାବାଜୀ ବେହେରା, ରଣଜିତ କୁମାର ଚମ୍ପତି, ଶ୍ୟାମାକାନ୍ତ ପଟ୍ଟନାୟକ, ଆଡ଼ଭୋକେଟ ଗୋକୁଳ ଚନ୍ଦ୍ର ସାହୁ, ସୁବଳ ଛୁଆଳସିଂହ, ନଳିନୀ ସାହୁ, ରବୀନ୍ଦ୍ର ଜେନା ପ୍ରମୁଖ ଗଠନ ମୂଳକ ମତାମତ ଦେଇଥିଲେ। ଡାକ୍ତର ନିର୍ମଳ କୁମାର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଆରମ୍ଭ ହେବ ସାମାଜିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ବାଦ ପଡ଼ିଥିବା ପରିବାରମାନଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ପାଇଁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମାର୍ଚ୍ଚ ୮ ତାରିଖରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସାମାଜିକ ଅନ୍ତର୍ଭୁକ୍ତିକରଣର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ବାଦ ପଡିଥିବା ଗରିବ ଏବଂ ପଛୁଆ ଯୋଗ୍ୟ ପରିବାରଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି ) ଅଧିନକୁ ଆଣିବା ଏହି ଅଭିଯାନର ଲକ୍ଷ୍ୟ ଥିଲା। ଏହି ଅଭିଯାନ ମାଧ୍ୟମରେ ଗ୍ରାମୀଣ ପରିବାରଗୁଡିକୁ ଠାବ କରି ଯେଉଁ ଯୋଗ୍ୟ ମହିଳା ସଦସ୍ୟାମାନେ ବର୍ତ୍ତମାନ ସୁଦ୍ଧା କୌଣସି ଏସଏଚଜିର ଅଂଶ ନଥିଲେ ସେମାନଙ୍କୁ ଚିହ୍ନଟ କରି ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହାସହ ନିଷ୍କ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁନଃ ସକ୍ରିୟ କରି ତୃଣମୂଳସ୍ତରୀୟ ଅନୁଷ୍ଠାନଗୁଡିକ ସହିତ ସମ୍ପୂର୍ଣ୍ଣ ସଂଯୋଗ ସୁନିଶ୍ଚିତ କରିବା ମଧ୍ୟ ଏହି ଅଭିଯାନର ଅନ୍ୟତମ ଲକ୍ଷ୍ୟ। କିନ୍ତୁ ବିଭିନ୍ନ କାରଣ ବଶତଃ ପ୍ରାୟ ସାଢେ ଛଅ ଲକ୍ଷ ପରିବାର ଆଜି ପର୍ଯ୍ୟନ୍ତ ମଧ୍ୟ ଏହି ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇପାରି ନ ଥିଲେ ଯେଉଁଥିପାଇଁ ସେମାନଙ୍କର ଆର୍ଥିକ ଓ ସାମାଜିକ ବିକାଶକୁ ନିଶ୍ଚିତ କରାଯାଇପାରୁ ନ ଥିଲା । ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟ ଅଭିଯାନରେ ୪ ଲକ୍ଷ ୧୨ ହଜାର ୫୪୮ଟି ଯୋଗ୍ୟ ପରିବାରଙ୍କୁ ଏସଏଚଜିରେ ସାମିଲ କରାଯାଇଛି । ଏଥିରେ ଦିବ୍ୟାଙ୍ଗ ଏବଂ ବୟସ୍କ (୫୫ ବର୍ଷ ଓ ତଦୁର୍ଦ୍ଧ ବୟସ୍କ ବ୍ୟକ୍ତିଙ୍କୁ )ବ୍ୟକ୍ତିଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏଥିରେ ୧୦୮ଟି ଦିବ୍ୟାଙ୍ଗ ଏସଏଚଜି ଗଠିତ ହୋଇଛି, ଯେଉଁଥିରେ ୧୬୬୭ ଜଣ ଦିବ୍ୟାଙ୍ଗଙ୍କୁ ସାମିଲ କରାଯାଇଥିବା ବେଳେ ୩୯୩ଟି ବୟସ୍କ ଏସଏଚଜି ଗଠିତ ହୋଇଛି ଯେଉଁଥିରେ ୪୯୯୫ ଜଣ ବୟସ୍କ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି । ବାକି ରହିଯାଇଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରିବା ପାଇଁ ଓଡିଶା ଜୀବିକା ମିଶନ ଅନ୍ତର୍ଭୁକ୍ତ ସାମାଜିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ବର୍ତମାନ ଆରମ୍ଭ ହେବାକୁ ଯାଉଛି। ଏହା ଅପ୍ରେଲ ୮ ରୁ ଆରମ୍ଭ ହୋଇ ଅପ୍ରେଲ ୨୨ ପର୍ଯ୍ୟନ୍ତ ଚାଲିବ। ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ସରକାର ଏହି ଧାରାରେ ବଞ୍ଚିତ ରହିଥିବା ସମସ୍ତ ଯୋଗ୍ୟ ମହିଳାମାନଙ୍କୁ ଶତ ପ୍ରତିଶତ ସାମିଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହା ମହିଳା ଉଦ୍ୟୋଗୀମାନଙ୍କୁ ସମ୍ପୂର୍ଣ୍ଣ ପ୍ରତିଷ୍ଠାନିକ ସହାୟତା ନିଶ୍ଚିତ କରିବ ଓ ସେମାନଙ୍କର ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବ ।

# ଭୋଟ ବ୍ୟାଙ୍କ ପାଇଁ ମିଶନ ଶକ୍ତିକୁ ବ୍ୟବହାର କରୁଥିଲା ବିଜେଡି: ପ୍ରଭାତୀ ପରିଡ଼ା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତି ପରିବାରକୁ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡିବାକୁ କେନ୍ଦ୍ର ସରକାର କହିଥିଲେ। ହେଲେ ପୂର୍ବ ସରକାରରେ ବହୁତ ବଞ୍ଚିତ ପରିବାର ଅଛି। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ମହିଳାଙ୍କୁ ବାହାର କରି ଦେଇଥିଲେ। ଏବେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପ୍ରୟାସ କରି ସବୁ ଘରକୁ ଗ୍ରୁପ ସହ ଯୋଡିବାକୁ ଚେଷ୍ଟା ଆରମ୍ଭ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟ ରଖି ଲୋକଙ୍କୁ ଗ୍ରୁପ ସହ ଯୋଡି ଥିଲେ। ଏବେ ସମସ୍ତେ ଜିପିଏଲର ନିର୍ବାଚନରେ ଭାଗ ନେବାର ସୁଯୋଗ ମିଳିବ। ପୂର୍ବରୁ ଯେଉଁମାନେ ସଭାପତି ଓ ସମ୍ପାଦକ ଅଛନ୍ତି, ସେମାନଙ୍କୁ ବାହାର କରି ନୂଆ ଲୋକ ହେବେ। ତା ଅର୍ଥ ତୃଣମୂଳ ସ୍ତରରେ ନେତୃତ୍ୱ ସୃଷ୍ଟି ପାଇଁ ଚେଷ୍ଟା ହେବ। ଚଳିତ ମାସରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ରି ଅର୍ଗାନାଇଜ କରାଯିବ। ଏହା ପର ମାସରେ ଜିପିଏଲଫ ଓ ସିଏଲଫ, ବିଏଲ୍ଏଫ୍‌ଙ୍କୁ ଜିଲ୍ଲା ସ୍ତର ଓ ରାଜ୍ୟ ସ୍ତରରେ ନୂଆ ନିଯୁକ୍ତି ଦିଆଯିବ। ଯେଉଁମାନେ ୨ ଥର ୪ ବର୍ଷରୁ ଅଧିକ ରହି ସାରିଛନ୍ତି । ସେମାନେ ଆଉ ରହି ପାରିବେନି। ପୂର୍ବ ସରକାର ସେମାନଙ୍କ ଭୋଟ ପାଇଁ ରାଜନୈତିକ ଉଦ୍ଦେଶ୍ୟ ରଖି ତିଆରି କରାଯାଇଥିଲା। ସେଥିପାଇଁ ରାଜ୍ୟରେ ଏସଏଚଜିଙ୍କ ରେଜିଷ୍ଟ୍ରେସନ ନାହିଁ। ବିନା ରେଜିଷ୍ଟ୍ରେସନରେ କୋଟି କୋଟି ଟଙ୍କା ଦିଆଯାଇଛି। ରେଜିଷ୍ଟ୍ରେସନ ନ ଥିବାରୁ ଅଡ଼ିଟ ନାହିଁ। ଯେଉଁଠି ରେଜିଷ୍ଟ୍ରେସନ ନାହିଁ ଓ ଅଡ଼ିଟ ନାହିଁ ତାର ଉଦ୍ଦେଶ୍ୟ କଣ ଜଣାପଡୁଛି। କିନ୍ତୁ ଏବେ ମହିଳାଙ୍କ ବିକାଶ ପାଇଁ କାମ କରିବେ ନୂଆ ସରକାର। ପାତର ଅନ୍ତର ହେବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ପୁରୀ (ଭାସ୍କର ନ୍ୟୁଜ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି । ଏହି ବର୍ଷ ପାଇଁ ବାର୍ତା ହେଉଛି ସୁସ୍ଥ ଅୟମାରମ୍ଭ, ଆଶାଦୀପ୍ତ ଭବିଷ୍ୟତ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରୂପାଭାନୁ ମିଶ୍ର ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ । ସେ ଉଦ୍‌ବୋଧନ ଦେଇ ଏହି ଦିବସଟି ପାଳନର ମୁଖ୍ୟ ଆଭିମୁଖ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେ କହିଥଲେ ଯେ ସୁସ୍ଥ ସମାଜ ଗଠନ ପାଇଁ ମା' ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ସମସ୍ତଙ୍କର ଭୂମିକା ନିହାତି ଜରୁରୀ ଓ ଏଥି ନିମନ୍ତେ ସରକାରଙ୍କ ଠାରୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗର ଲାଭ ଉଠାଇବା ଉଚିତ । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମଧ ଉପସ୍ଥିତ ସମସ୍ତଙ୍କୁ କହିଥିଲେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସବୁବେଳେ ତତ୍ପର । ତେବେ ସରକାରୀ ସ୍ତରରେ ଅନେକ ସଚେତନତା ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ ତେଣୁ ସମସ୍ତେ ଏହିସବୁର ଫାଇଦା ଉଠାଇବା ଦରକାର । ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଡ. ବାସୁଦେବ ମହାପାତ୍ର ନିଜର ବକ୍ତବ୍ୟରେ କହିଥିଲେ ଯେ ଗର୍ଭବତୀ ମା' ଟିଏ ପାଇଁ ପରିବାରରେ ସମସ୍ତେ ଯତ୍ନବାନ ହେବା ସହ ଉପଯୁକ୍ତ ସମୟରେ ଡାକ୍ତର ପରାମର୍ଶ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଦରକାର । ଶିଶୁ ବିଭାଗର ବରିଷ୍ଠ ଡାକ୍ତର ସୂର୍ଯ୍ୟ ନାରାୟଣ ମିଶ୍ର କହିଥିଲେ ଯେ ଆଜିର ଶିଶୁ କାଲିର ଭବିଷ୍ୟତ ତେଣୁ ଶିଶୁକୁ କୁପୋଷଣରୁ ରକ୍ଷା କରିବା ନିହାତି ଦରକାର ତେଣୁ ଏଥି ନିମନ୍ତେ କେବେଳ ଯେ ସରକାରୀ ସୁବିଧା ଅଥବା ବଜାରରେ ମିଳୁଥିବା ପ୍ୟାକେଟ ଖାଦ୍ୟ ଉପରେ ନିର୍ଭର ନକରି ବରଂ ପ୍ରତ୍ୟକ ପରିବାର ଶିଶୁ ପାଇଁ ନିଜେ ଯତ୍ନବାନ ହେବ ଶିଶୁ ଉପଯୋଗୀ ପୁଷ୍ଟିକର ଖାଦ୍ୟ କରିବା ଦରକାର । ଏହି କାର୍ଯ୍ୟକ୍ରମରେ ଡାକ୍ତର ବିନୋଦ ବିହାରୀ ରଥ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ), ଡାକ୍ତର ଲଲାଟେନ୍ଦୁ ମିଶ୍ର ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ), ଡ.ପବିତ୍ର ମୋହନ ମଲ୍ଲିକ ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କିଛି ସେକେଣ୍ଡରେ...

ପାଇଛି। ଗତ ସପ୍ତାହରେ ଭାରତୀୟ ସେୟାର ବଜାରରେ ସେନସେକ୍ସ ୨,୦୫.୨୩ ପଏଣ୍ଟ ବା ୨.୬୪ ପ୍ରତିଶତ ଓ ନିଫ୍ଟି ୬୧୪.୮ ପଏଣ୍ଟ ବା ୨.୬୧ ପ୍ରତିଶତ ହ୍ରାସ ପାଇଥିଲା।

### ୨୦୨୭ ସୁଦ୍ଧା...

ଖରାପାଇଁ ଯେପରି କୌଣସି ସମସ୍ୟା ନହୁଏ ସେ ନେଇ ମଧ୍ୟ ଧ୍ୟାନ ଦିଆଯାଇଛି। ଦରକାର ପଡ଼ିଲେ ଅଧିକ ପାଣି ଟ୍ୟାଙ୍କର ମଗାଯାଇ ପାଣି ଯୋଗାଇ ଦିଆଯିବ। କୌଣସି ଯାଗାରେ ପାଣି ସମସ୍ୟାର ଅଭିଯୋଗ ଆସିଲେ ଦୁଇଘଣ୍ଟା ମଧ୍ୟରେ ସମାଧାନ କରାଯିବ ବୋଲି ସେ କହିଥିଲେ।

### ସଂଖ୍ୟାଲଘୁଙ୍କ ସହ...

ଦେଇଥିଲେ। ଯେତେବେଳେ ରାଜ୍ୟସଭାରେ ବିଲ୍ ଆସିଲା ମୁଁ ବିରୋଧ କଲି । କିନ୍ତୁ ସଂସଦୀୟ ଦଳ ନେତା ସସ୍ମିତ ପାତ୍ର ଟ୍ୱିଟ୍ କଲେ ଯେ, ବିବେକ ଅନୁସାରେ ଭୋଟ୍ ଦିଅନ୍ତୁ । ଏହାକୁ ମୁଁ ଦୃଢ଼ ଭାବେ ଖଣ୍ଡନ କରୁଛି । ଟ୍ୱିଟ୍ କରିବା ପରଠୁ ଏଯାଏଁ ତାଙ୍କୁ ମୁଁ ପାଉନି । ସେ ବିଦେଶ ଗସ୍ତରେ ଅଛନ୍ତି ଫେରିଲେ ଉତ୍ତର ଦେବେ କିଏ କହିଲା ତାଙ୍କୁ ସମର୍ଥନ କରିବାକୁ । ମୋର ବିଶ୍ୱାସ ନବୀନ ବାବୁ ଓ୍ୱାକଫ୍ ବିଲକୁ ସମର୍ଥନ କରିବାକୁ କହିନଥିବେ କାରଣ ବିଜୁ ଜନତା ଦଳ ସବୁବେଳେ ଧର୍ମ ନିରପେକ୍ଷତାକୁ ବିଶ୍ୱାସ କରେ ।

### ଆସିବ ନୂଆ...

ପଡ଼ିବ ନାହିଁ । ବଜାର ଓ ବ୍ୟାଙ୍କରେ ପୂର୍ବରୁ ଯେଉଁଭଳି ଭାବେ ଏହିସବୁ ନୋଟ୍ ବ୍ୟବହାର କରାଯାଉଥିଲା, ଠିକ୍ ସେହିପରି ଚାଲୁ ରହିବ। ଅର୍ଥାତ ନୂଆ ଓ ପୁରୁଣା ନୋଟ୍ ବିନା ଦ୍ୱନ୍ଦ୍ୱରେ ବଜାରରେ ଚଳିବ। ଏଥିରେ କୌଣସି ସମସ୍ୟା ରହିବ ନାହିଁ । ସୂଚନାଯୋଗ୍ୟ ଯେ ବର୍ତ୍ତମାନର ୫୦୦ଟଙ୍କିଆ ନୋଟ୍‌ର ରଙ୍ଗ ଷ୍ଟୋନ୍ ଗ୍ରେ ରହିଥିବାବେଳେ ଆଗକୁ ରଙ୍ଗରେ ପରିବର୍ତ୍ତନ ଘଟିବ। ଏହାର ଆକାର ମଧ୍ୟ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ତେବେ ଏହି ନୋଟ୍ ପ୍ରଚଳନ କରାଗଲେ ଲୋକଙ୍କ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ସୂଚନାଯୋଗ୍ୟ ଯେ ବିମୁଦ୍ରିକରଣ ପରେ ଆରବିଆଇ ନୂତନ ୧୦୦ ଓ ୫୦୦ ଟଙ୍କିଆ ନୋଟ୍ ଜାରି କରିଥିଲା। ଯାହାର ରଙ୍ଗ ଓ ଆକାରରେ ବଡ଼ ପରିବର୍ତ୍ତନ ଅଣାଯାଇଥିଲା। ଏବେ ପୁଣିଥରେ ରିଜର୍ଭ ବ୍ୟାଙ୍କ ନୂଆ ନୋଟ୍ ଜାରି କରିବାକୁ ଯାଉଛି।

### ୧୧ ଏମ୍‌ଓୟୁ...

ସକାରାତ୍ମକ ଓ ଫଳପ୍ରଦ ଆଲୋଚନା ମଧ୍ୟ କରିଥିଲୁ। ପରିଦର୍ଶନ ପରେ ଏଚ୍‌ସିଏଲ୍ ଟେକ୍ ଅଧିକାରୀଙ୍କୁ ଓଡ଼ିଶା ଆସିବାପାଇଁ ଆମନ୍ତ୍ରଣ କରିଥିଲି। ବିଶେଷକରି ରାଜଧାନୀ ଭୁବନେଶ୍ୱର ଓ ପୁରୀର ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବାକୁ କହିଥିଲି। ଏଥିସହ ଆମେ ସେମାନଙ୍କୁ ଭୁବନେଶ୍ୱରରେ ଏକ କ୍ୟାମ୍ପସ ସହ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲୁ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଏଚସିଏଲ ଟିମ୍ ଏହି ପ୍ରସ୍ତାବରେ ରାଜି ହେବା ସହ ଓଡ଼ିଶାରେ ତାହାର ଉପସ୍ଥିତି ସ୍ଥାପନ କରିବାକୁ ଆଗ୍ରହ ପ୍ରକାଶ କରିଛି। ସେମାନେ ଏକ ସକାରାତ୍ମକ ପ୍ରତିକ୍ରିୟା ଦେଇଥିବାରୁ ଖୁବ୍‌ଶୀଘ୍ର କ୍ୟାମ୍ପସ ପ୍ରତିଷ୍ଠା ହେବ ବୋଲି ଆମେ ଆଶାବାଦୀ। ଏଚ୍‌ସିଏଲ ଟେକ୍ ଓଡ଼ିଶାରେ ପହଞ୍ଚିବା ପରେ ଆମେ ରାଜ୍ୟରେ ସେମାନଙ୍କ ନିବେଶ ସଂପର୍କରେ ପରବର୍ତ୍ତୀ ପଦକ୍ଷେପ ନେଇ ଆଲୋଚନା କରିବୁ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଏଚ୍‌ସିଏଲ ସହ ଚୁକ୍ତିନାମା ଓଡ଼ିଶାର ପ୍ରଯୁକ୍ତି ବିଦ୍ୟା ଓ ଶିକ୍ଷାର କେନ୍ଦ୍ରଭାବେ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ। ଏଚ୍‌ସିଏଲ ଟେକ୍ ଆଗାମୀ ଦିନରେ ସ୍ଥାନୀୟ ପ୍ରତିଭାଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ । ଖୁବ୍‌ଶୀଘ୍ର ଏଚ୍‌ସିଏଲ୍‌ର ଏକ ଟିମ୍ ଓଡ଼ିଶା ଆସିବେ ବୋଲି ସେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏଥିସହ ନିବେଶକ ସମ୍ମିଳନୀରେ ଆଇଓସିଏଲ, ଆଇଏସଟିଆରଏଲ ଓ ପେଟ୍ରୋନେଟ୍ ଏଲଏନଜି ସହ ଆଲୋଚନା ମଧ୍ୟ କରିଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମା ମଧ୍ୟ ସାମିଲ ରହିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ନିବେଶକ ସମ୍ମିଳନୀରେ କ୍ଲାରୋନେକ୍ସ କେମିକାଲ୍ସ ଲିମିଟେଡର ଏମ୍‌ଡିଙ୍କୁ ସାକ୍ଷାତ କରି ପାରାଦୀପରେ ଏକ କେମିକାଲ ୟୁନିଟ୍ ସ୍ଥାପନ ପାଇଁ ଆଲୋଚନା କରିଥିଲେ। ଏଥିସହ ରୁଚି ସୋୟା ଫୁଡ୍ସର ଏମ୍‌ଡି ତଥା ସିଇଓ ସଞ୍ଜିବ ଆସ୍ଥାନା, ସରକାରୀ କାର୍ଯ୍ୟ ଏବଂ ଇକୋ ସିଷ୍ଟମ ଷ୍ଟ୍ରାଟେଜିର ନିର୍ଦ୍ଦେଶକ ଡକ୍ଟର ଅଙ୍କିତ ପାଲଙ୍କୁ ଭେଟି ମଧ୍ୟ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆଲୋଚନା କରିଥିଲେ।

### ସପକ୍ଷ-ବିପକ୍ଷ...

ପ୍ରାଥମିକତା। ଦୁଇଦିନ ଭିତରେ ରାଜ୍ୟସଭାରେ ଓ୍ୱକଫ ବିଲ୍ ସମର୍ଥନରେ ବିଜେଡିର କେତେକ ସାଂସଦ ଭୋଟ ଦେବା ଘଟଣାର ସମାଧାନ କରିବେ ବୋଲି ମଧ୍ୟ କହିଥିଲେ। ମୁନ୍ନା ଖାଁ ବିଶେଷକରି ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ସେ କହିଥିଲେ, ସଂସଦୀୟ ଗଣତନ୍ତ୍ରରେ ସମର୍ଥନ କିମ୍ବା ବିରୋଧ କରାଯାଏ, ନହେଲେ କକ୍ଷତ୍ୟାଗ ଭଳି ନିଷ୍ପତ୍ତି ନିଆଯାଇଥିଲେ। ତେବେ ସସ୍ମିତ ବାବୁ ବିବେକ ଅନୁସାରେ ଭୋଟ ଦେବାକୁ କହିବା ସଂସଦ ଇତିହାସରେ ବିରଳ ଘଟଣା ବୋଲି ସେ ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ ଯେ ଯାହାର ବିବେକ କିମ୍ବା ଆତ୍ମା ବିଜେପିକୁ ସମର୍ଥନ କରିବାକୁ ଚାହୁଁଛି ସେ ବିଜେପିକୁ ଚାଲିଯାଉନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ମୁନ୍ନା ଖାଁ ଆହୁରି କହିଥିଲେ ଯେ ବିଜୁ ବାବୁଙ୍କ ନାଁରେ ତିଆରି ହୋଇଥିବା ବିଜେଡି ହେଉଛି ଧର୍ମନିରପେକ୍ଷ ଦଳ। ନବୀନ ବାବୁ ହେଉଛନ୍ତି ଧର୍ମନିରପେକ୍ଷ ନେତା। ସଂସଦ ଅଧିବେଶନ ଆରମ୍ଭ ପୂର୍ବରୁ ଓ୍ୱକଫ୍ ବିଲ୍‌କୁ ବିରୋଧ ପାଇଁ ନବୀନ ନିବାସରେ ବୈଠକ କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଏପରିକି ବିଲ ବିରୋଧରେ ଭୁବନେଶ୍ୱରରେ ଏକ ରାଲି କରିବାକୁ ଆମ ନେତା ଅନୁମତି ଦେଇଥିଲେ। କିନ୍ତୁ ଯେତେବେଳେ ରାଜ୍ୟସଭାରେ ବିଲ୍ ଆସିଲା, ତାକୁ ମୁଁ ବିରୋଧ କରିଥିବାବେଳେ ସସ୍ମିତ ପାତ୍ର ବିବେକ ଅନୁସାରେ ଭୋଟ୍ ଦେବାକୁ ପୋଷ୍ଟ କରିଥିଲେ। ଏଥିପୂର୍ବରୁ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରି ମୁଖ୍ୟ ପରାମର୍ଶଦାତାଙ୍କ ଉପରେ ପ୍ରବଳ ବର୍ଷିଥିଲେ। ତେବେ ମୁଖ୍ୟ ପରାମର୍ଶଦାତାଙ୍କ ସପକ୍ଷରେ ଥିବା ୪ ସାଂସଦ ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମାନସ ରଞ୍ଜନ ମଙ୍ଗରାଜ ଓ ସୁଲତା ଦେଓ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ନିରଞ୍ଜନ କହିଛନ୍ତି ଯେ ଦେବାଶିଷ ବାବୁ କିଛି ଅଭିସନ୍ଧି ରଖି ଏପରି ମନ୍ତବ୍ୟ ଦେଇଛନ୍ତି। ଦେବାଶିଷଙ୍କ ମନ୍ତବ୍ୟକୁ ସେ ନିନ୍ଦା କରିବା ସହ ନବୀନ ନିବାସରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ସେହିପରି ଶୁଭାଶିଷ କହିଛନ୍ତି ଯେ ସୁପ୍ରିମୋଙ୍କ ନିର୍ଦ୍ଦେଶରେ ସବୁ ହୋଇଛି। ମୁଖ୍ୟ ପରାମର୍ଶଦାତା ୧୦ମାସ ହେବ ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି। ତେଣୁ ତାଙ୍କୁ ଟାଣିଓଟାରି ଏଥିରେ ପୁରାଇବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା ସୁପ୍ରିମୋ ଏ ନେଇ ଉତ୍ତର ରଖିବାକୁ ଦାବି କରିଛନ୍ତି। ତେବେ ଏସବୁ ଭିତରେ ସୁପ୍ରିମୋ କି ନିଷ୍ପତ୍ତି ନେଉଛନ୍ତି ତା ଉପରେ ନଜର।


## AFFIDAVIT

By virtue of an affidavit sworn before The Executive Magistrate, Sambalpur, dated: 04.04.2025, I Kamalini Nath, Address: At- Thelkoloi, Po- Thelkoloi, Ps- Thelkoloi, Dist- Sambalpur, Odisha, PIN- 768212, declare that I have changed my name from Kamlini Nath to Kamalini Nath. Henceforth I shall be known as Kamalini Nath for all purposes.

**Sd/- Kamalini Nath**

## AFFIDAVIT

By virtue of an affidavit sworn before The Executive Magistrate, Digapahandi, Ganjam, dated: 07.04.2025, I Bichitra Patra, Address: At- Jalameripalli, Po- Bhismagiri, Ps- Digapahandi, Dist- Ganjam, Odisha, PIN- 761055 declare that I have changed my daughter's name from Sunali Patro to Sonali Patra. Henceforth She shall be known as Sonali Patra for all purposes.

**Sd/- Bichitra Patra**

## AFFIDAVIT

I Rajeswari Gupta ex student of Jayshree Chemicals School, Ganjam would like to state that my father's actual name is Jay Prakash Gupta, which was mistaken to be Jayprakash Gupta. Hence, the correct name of my father is Jay Prakah Gupta not Jayprakash Gupta

## AFFIDAVIT

By virtue of an affidavit sworn before Executive Magistrate, Athgarh, dated: 04.04.2025, I Gitanjali Dash, Address: village- Rajanagar, PO- Chakada,PS- Athgarh, Dist- Cuttack, Odisha, PIN-754029 declare that I have changed my son's name from Biswa Prakash Dash to Chinmaya Das. Henceforth, He shall be known as Chinmaya Dash for all purposes.

**Sd/- Gitanjali Dash**

## AFFIDAVIT

By virtue of an affidavit sworn before Executive Magistrate, Kanas dated: 04.04.2025, I Shradhanjali Dakhinakabat, Address: village- Gaupada, PO- Trilochanpur, PS- Kanas, Dist.- Puri, Odisha, PIN- 752015 declare that I have changed my daughter's name from Gagyansini Dakhinakabata to Jangyaseni Dakhinakabat. Henceforth she shall be known as Jangyaseni Dakhinakabat for all purposes.

Sd/- Shradhanjali Dakhinakabat

## AFFIDAVIT

By virtue of an affidavit sworn before Notary Public, Pipili, dated: 04.04.2025, I Jiten Pradhan, Address: village- Khandi Mangalpur, Po- Rainsol, PS- Delang, Dist- Puri, Odisha, PIN- 752104, declare that I have changed my name from Jiten Kumar Pradhan to Jiten Pradhan. Henceforth I shall be known as Jiten Pradhan for all purposes.

**Sd/- Jiten Pradhan**

## ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ ନମ୍ବର: ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୧୭-୨୦୨୫। ଡିଭିଜନାଲ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ରାଞ୍ଚି-୮୩୪୦୦୩, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ନୋଟିସ୍ ନମ୍ବର: ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୧୭-୨୦୨୫। କାର୍ଯ୍ୟ ନାମ: ରାଞ୍ଚି-ତୋରି-ଏଡିଇଏନ୍(ବନ୍ଦୋବସ୍ତ) ହାତିଆର ଅଧିକାର କ୍ଷେତ୍ରରେ ଥିବା ଛୋଟ ସେତୁଗୁଡ଼ିକର ସୁଦୃଢ଼ୀକରଣ, ଏଡିଇଏନ୍ (ବନ୍ଦୋବସ୍ତ)/ହାତିଆ ଅନ୍ତର୍ଗତ ନାଗଜୁଆ-ଲୋହରଦଗା ସେକ୍ସନର ବ୍ରିଜ୍ ନଂ. ୧୧୫ରେ ସ୍ପାନ ନମ୍ବର ୫ ଏବଂ ୬ ରେ ଭୂକମ୍ପ ନିରୋଧକ ଯୋଗାଇ ପିଅର ନଂ.୫ ର ଭିତ୍ତିଭୂମିକୁ ପ୍ରଶସ୍ତ କରିବା ଏବଂ ଗାର୍ଡରକୁ ସୁଦୃଢ଼ କରିବା, ୟୁଆଇସିର ସଦ୍ୟତମ ବ୍ୟବସ୍ଥା ଅନୁଯାୟୀ ଏମ୍‌ଆଇଡିଏଏସ୍ ରେଳ-ଟ୍ରାକ୍ ମଡ୍ୟୁଲ୍ ବ୍ୟବହାର କରି ରେଳ ଗଠନ ପାରସ୍ପରିକ କ୍ରିୟା ବିଶ୍ଳେଷଣ ଏବଂ ରିପୋର୍ଟ ଦାଖଲ କରିବା ଏବଂ ଆର୍‌ଏସ୍‌ଆଇ ପାଇଁ ୭୭୪୩ଆର୍ ଏବଂ ଆର୍‌ଡିଏସ୍‌ଓ ନିର୍ଦ୍ଦେଶାବଳୀ ଏବଂ ପ୍ରତିକାରାତ୍ମକ ସମାଧାନ ସୁପାରିଶ... ଟେଣ୍ଡର ମୂଲ୍ୟ: ଟ.୬,୭୭,୧୬,୭୦୩.୨୯। ସର୍ବଶ୍ରେଷ୍ଠ ମୂଲ୍ୟ: ଟ. ୪,୮୮,୬୦୦/-। ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ: ୨୫.୦୪.୨୦୨୫ ଦିନ ୧୫.୦୦ ଘଣ୍ଟା। ଟେଣ୍ଡରଦାତା ମାନେ ଅନଲାଇନ୍ ଟେଣ୍ଡର ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ।

**(PR-19)**

ESAF
ESAF SMALL FINANCE BANK

REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

## GOLD AUCTION NOTICE

Notice is hereby given for the information of all concerned that Gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below:

**DATE OF AUCTION:** 22-04-2025 **TIME:** 2 PM TO 5 PM
**AUCTION VENUE:** THROUGH E-AUCTION
**AUCTION ADDRESS:** https://egold.auctiontiger.net
Contact Number: 9099013705/6351896640

To register as bidder for the e-Auction with terms and conditions, and full details of e-Auction please visit the above site.

**BRANCHES & LOAN ACCOUNT NUMBERS**

**BALANGIR**: 63240000663139, 75240000507577, 628709, **BHUBANESHWAR**: 63240000106359, 121900, 75240003009443, 3022887, 3073720, **CUTTACK**: 63240000119274, 646952, 649366, 650554, 674828, 681414, 682573, 75240000651364, 686328, 2860196, **JEYPORE**: 63240000126641, 160915, 654416, 75230001614187, 75240002983894, **NAYAGARH**: 75240000536622, 650946, 2811150, 2811930, 2838439, 2859169, 2887735, 2971037, 2990601, 2996930, 3005740, 3017087, 3026940, 3068510, 3092664, 3100811, 3105442, 3114374, **TALCHER**: 75240002856674.

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction.
Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Thrissur
Date: 08-04-2025

Sd/-
Authorized Signatory

**i-06**

PANCHAYAT SAMITI,BETNOTI
TENDER CALL NOTICE

BDO, Betnoti invites sealed tender on behalf of Govt. of Odisha for the following work in conformity with the DTCN.

BID Identification No. 1461/2025-26/BDO,BETNOTI Dt. 04.04.2025.

Name of the work:

01"Construction of One 50MT godown for Patalipura-Nadpur LAMPCS of Betnoti Block".
02. "Construction of One Office Building for Patalipura-Nadpur LAMPCS of Betnoti Block"

Date of Receipt of Tender: 07.04.2025, 10.30 A.M to 21.04.2025, 5 PM via Drop Box at Block Office.
Date of Opening of Tender: 22.04.2025, 11 A.M in the Conference Hall of BDO, Betnoti.
Terms and Conditions : Details of the Bid documents can be downloaded from the official website of the district (www.mayurbhanj.nic.in) from 07.04.2025 to 21.04.2025 .All the terms and conditions can be seen from the above website.

Block Development Officer
Betnoti

OIPR 19125/11/0002/2425

OFFICE OF THE DIVISIONAL FOREST OFFICER: DEOGARH DIVISION
Phone No. 06641-291002 (Office) Email– dfo.deogarh@odisha.gov.in

**MM-02**

Letter No. 2105 /1F (Acct.) Dated: 04th April, 2025

TENDER CALL NOTICE FOR HIRING OF VEHICLES

Sealed tenders are invited from interested Reputed Travel Agencies/ Tour Operators or private individuals to provide approximately 15 (Fifteen) Nos. of Vehicle (BS VI compliant Diesel driven AC/ Non-AC) vehicles, which shall conform to the Terms and Conditions (Annexure-III) for official use in different Ranges (Details of the vehicles to be engaged is in - Annexure-V) under Deogarh Forest Division on monthly rent basis to reach in the O/o the Divisional Forest Officer, Deogarh Forest Division, on or before **21.04.2025** up to **5.00 P.M.** through Registered/Speed Post/Courier Service and can also be dropped in the Tender Box placed in the Office of the Divisional Forest Officer, Deogarh Forest Division. The tender will be opened in the same office on **22.04.2025 at 11.30 A.M.** The Standard Bidding Documents and Terms and Conditions can be downloaded from www.deogarh.odisha.gov.in /https://angul.nic.in, https://odishaforest.in and also can be obtained from the Office of the Divisional Forest Officer, Deogarh Forest Division, Deogarh from **05.04.2025** to **21.04.2025** during office hours.

Sd/-Divisional Forest Officer
Deogarh Forest Division

OIPR 08041/11/0013/2425

OFFICE OF THE BIRAMITRAPUR MUNICIPALITY
BIRAMITRAPUR

**C-34**

No. 697 Dt. 04.04.2025

Sealed tenders are invited from the Registered Govt. contractors of 'D' & 'C' Class for execution of the following works conformity the prescribed Proforma. The sale & receipt of tender papers shall start from dt.07.04.25 to dt.21.4.25 up to 1.00 PM in the office of the Biramitrapur Municipality & will be opened on dt.22.4.25 at 11.00 AM in the presence of the tenderers or their authorized agents. In case however the tenderers or their authorized agents do not appear at the time of opening of the tender, it will be opened by the authority in their absence.

| Sl. No | Name of the work | Estimated cost in Rs. | EMD in Rs. (2%) | Cost of tender paper in Rs. | Time of completion |
|---|---|---|---|---|---|
| 1 | Repair of staff quarter No: - C/4 (sutar sir) of Biramitrapur Municipality. | 61000.00 | 1220.00 | 400.00 | 15 days |
| 2 | Earth filling at market complex infront of court in w No-10 of Biramitrapur Municipality | 100000.00 | 2000.00 | 400.00 | 15 days |

The details of information will be available at the office of the Biramitrapur Municipality. Paper cost is to be deposited in shape of Banker's Cheque /DD (Non-refundable) in favor of Executive Officer, Biramitrapur Municipality. The required EMD/Paper Cost should be deposited in shape of D.D./Bankers Cheque in favor of Executive Officer, Biramitrapur Municipality and same should be enclosed with the tender along with all necessary documents (Valid License copy, PAN Card, GSTIN etc). Failing which the tender will be liable for rejection.

The authority reserves the right either to accept or reject any tender without assigning any reason thereof.

Sd/-Executive Officer
Biramitrapur Municipality

OIPR 13139/11/0012/2425

CUTTACK MUNICIPAL CORPORATION

"e" PROCUREMENT NOTICE
Tender Call Notice No. 4588 (PW) Date.05.04.2025

**C-51**

Tender ID : 2025_ORULB_112214

Bid Value : Rs.4.70 Lakhs to Rs.49.24 Lakhs
&
Date and Time schedule: One Calendar Month to Three Calendar Month

| Start | End | Opening |
|---|---|---|
| 11.00 AM on dt. 08.04.2025 | 5.00 PM on dt.17.04.2025 | 11:00 A.M. on dt.22.04.2025 |

Tender Details : can be seen from the procurement portal : www.tendersorissa.gov.in

Sd/-Executive Engineer
City Division-III,CMC

OIPR 13031/11/0164/2425

NOTICE INVITING TENDER
OFFICE OF THE MUNICIPAL COUNCIL,NAYAGARH
NAYAGARH(ODISHA),PIN-752069
e-Mail :- nacnayagarh@yahoo.co.in
Tender Call Notice No. 810 dt.03.04.2025
E- Procurement Notice No. MUNLNGR-01/2025-26

**C-44**

| | | | |
|---|---|---|---|
| 1 | Name of the Work | : | Installation of 250 KVA Sub-Station & Extension of 11 KV line for providing power supply to Pathani Samanta Auditorium, Nayagarh . |
| 2 | Class of Bidder | : | Holder of HT License of ELBO |
| 3 | Period of Completion | : | As per DTCN |
| 4 | Date of Publication | : | Dt.07.04.2025 |
| 5 | Date and Time of availability of Document in the Portal | : | From Dt.07.04.2025 at 10.00 AM to Dt.30.04.2025 up to 5.00 PM |
| 6 | Last Date / Time for Receipt of Bids in Portal | : | Dt.30.04.2025 |
| 7 | Last date of submission of original documents in this office | : | On or before 12.00 P.M. on Dt.02.05.2025 by Registered Post / Speed Post / Drop Box available at Municipal Office |
| 8 | Date and Time of opening Bid | : | Dt.03.05.2025 at 11.00 AM at Municipality Office, Nayagarh |
| 9 | Address and address of the office inviting bid | | -Sd- Executive officer, Nayagarh Municipality |

Further details can be seen from e-Procurement portal https://tendersodisha.gov.in

OIPR 13134/11/0023/2425

**C-57**

Email ID : secretarysdasbp@gmail.com

GOVERNMENT OF ODISHA
SAMBALPUR DEVELOPMENT AUTHORITY, SAMBALPUR.
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. SDASBP- 01/2025-26 Dt. 04.04.2025

| | | |
|---|---|---|
| 01. | Name of the Work | 2 Nos of work |
| 02. | Type of Bid | Single Bid System |
| 03. | Period of Completion | 1 (One Month) |
| 04 | Class of Contractor | 'C' Class/ 'D' Class |
| 05. | Date & Time of availability of bid document in the portal | From 11.00 AM of dt.07.04.2025 to 5.00 PM of 17.04.2025 |
| 06. | Last date / time of receipt of bids in the portal | 5.00 PM of 17.04.2025 |
| 07. | Date & Time of opening of Bids | At 8.30AM of 19.04.2025 |
| 08. | Name and Address of the Officer Inviting Bid | Engineer Member, Sambalpur Development Authority, SMC & SDA Office building, Durgapali, Dist- Sambalpur-768 006. |

Further details can be seen from the web site www.sdasambalpur.com, www.smcsambalpur.nic.in, www.tendersodisha.gov.in

Sd/- Engineer Member
SDA, Sambalpur

OIPR 13240/11/0005/2425




ନୂଆଦିଲ୍ଲୀ : ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ତହବ୍ବୁର ରାଣାଙ୍କୁ ଏବେ ଭାରତ ଆଣାଯାଇ ପାରିବ । ରାଣାଙ୍କୁ ଭାରତ ପ୍ରତ୍ୟାର୍ପିତ କରିବାର ରାସ୍ତା ସଫା ହୋଇଯାଇଛି । ତହବ୍ବୁର ରାଣାର ପ୍ରତ୍ୟାର୍ପଣ ଉପରେ ରୋକ ଲଗାଇବା ପାଇଁ ଆବେଦନ ଆମେରିକା ସୁପ୍ରିମକୋର୍ଟ ଖାରଜ ହୋଇଯାଇଛି । ଆମେରିକା ସୁପ୍ରିମକୋର୍ଟର ଏହି ରାୟ ୭ ଏପ୍ରିଲ ସୋମବାର କୋର୍ଟଙ୍କ ୱେବସାଇଟରେ ପ୍ରକାଶିତ ଏକ ନୋଟିସ୍‌ରେ ଦିଆଯାଇଛି । ମୂଳ ପାକିସ୍ତାନୀ କାନାଡା ନାଗରିକ ତହବ୍ବୁର ରାଣା ବର୍ତ୍ତମାନ ଲସଏଞ୍ଜେଲସ୍ ମେଟ୍ରୋପଲିଟାନ ଡିଟେନସନ ସେଣ୍ଟରରେ ବନ୍ଦୀ ଅଛି । ସେ ଫେବୃଆରୀ ୨୭ ତାରିଖ ଦିନ ଆମେରିକା ସୁପ୍ରିମକୋର୍ଟର ଆସୋସିଏଟ ଜଜ ଓ ନବମ ସର୍କିଟର ସର୍କିଟ ଜଜ୍ ଏଲେନା କାଗନଙ୍କ ଇଜଲାସରେ 'ବନ୍ଦୀ ପ୍ରତ୍ୟକ୍ଷୀକରଣ ପିଟିସନ'ରେ ଲମ୍ବିତ ମକଦମା ଉପରେ ରୋକ ଲଗାଇବା ପାଇଁ ଜରୁରିକାଳୀନ ଆବେଦନ ଦାଖଲ କରିଥିଲା । ତେବେ ଗତମାସ ପ୍ରାରମ୍ଭରେ ଜଜ୍ କାଗନଙ୍କ କୋର୍ଟ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲା ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ: ମୋଟାପଣକୁ ନେଇ ମୋଦୀଙ୍କ ଚିନ୍ତା




ନୂଆଦିଲ୍ଲୀ: ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବା ଏବଂ ସ୍ଥୂଳକାୟତା ବା ମୋଟାପଣ ଏଡାଇବାକୁ ନିବେଦନ କରିଛନ୍ତି । ସେ କହିଥିଲେ ଯେ ବ୍ୟକ୍ତିଗତ ଫିଟନେସକୁ ପ୍ରାଥମିକତା ଦେବା ଦ୍ୱାରା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ମିଳିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇନଷ୍ଟାଗ୍ରାମରେ ପୋଷ୍ଟ କରି କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ, ଆସନ୍ତୁ ଏକ ସୁସ୍ଥ ବିଶ୍ୱ ଗଠନ ପାଇଁ ଆମର ପ୍ରତିବଦ୍ଧତା ପ୍ରକାଶ କରିବା । ଆମ ସରକାର ସ୍ୱାସ୍ଥ୍ୟସେବା ଉପରେ ଧ୍ୟାନ ଦେବା ଏବଂ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ କ୍ଷେତ୍ରରେ ନିବେଶ କରିବା ଜାରି ରଖିବ । ଉତ୍ତମ ସ୍ୱାସ୍ଥ୍ୟ ହେଉଛି ଯେକୌଣସି ସମୃଦ୍ଧ ସମାଜର ମୂଳଦୁଆ । ଏକ ଭିଡିଓ ବାର୍ତ୍ତାରେ, ପ୍ରଧାନମନ୍ତ୍ରୀ ପୁରୁଣା କଥାକୁ ମନେ ପକାଇ ଦେଇଥିଲେ ଯେ ସ୍ୱାସ୍ଥ୍ୟ ହେଉଛି ପରମ ସୌଭାଗ୍ୟ ଏବଂ ପରମ ସମ୍ପତ୍ତି ଏବଂ ଭାରତରେ ବଢି ଚାଲିଥିବା ମୋଟାପଣ ସଙ୍କଟ ଉପରେ ଚିନ୍ତା ପ୍ରକାଶ କରିଥିଲେ । ସେ କହିଥିଲେ, ଆଜିକାଲି ଆମର ଜୀବନଶୈଳୀ ଆମ ସ୍ୱାସ୍ଥ୍ୟ ପାଇଁ ଏକ ବଡ଼ ବିପଦ ପାଲଟିଛି । ସେ ଲୋକମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟସୂଚୀରେ ନିୟମିତ ଶାରୀରିକ କାର୍ଯ୍ୟକଳାପ ଯେ ଯୋଗ ଓ ବ୍ୟାୟାମ ଯୋଡ଼ିବାକୁ ମଧ୍ୟ ଉତ୍ସାହିତ କରିଥିଲେ । ଏହା ବ୍ୟତୀତ, ଆମକୁ ବ୍ୟାୟାମକୁ ଆମ ଜୀବନଶୈଳୀର ଏକ ଅଂଶ କରିବାକୁ ପଡିବ ବୋଲି ସେ କହିଥିଲେ । ଯଦି ଆମେ ନିଜକୁ ଫିଟ ରଖିବା, ତେବେ ଏହା ବିକଶିତ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

## ଆଇପିୟୁରେ ଅଧ୍ୟକ୍ଷତା କଲେ ଅପରାଜିତା





ନୂଆଦିଲ୍ଲୀ: ଇଣ୍ଟର ପାର୍ଲାମେଣ୍ଟାରୀ ୟୁନିଅନ ଅଫ ନେସନସ୍ (ଆଇପିୟୁ)ରେ ଅଧ୍ୟକ୍ଷତା କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ଆଇପିୟୁର ୧୫୦ତମ ଜେନେରାଲ ଆସେମ୍ବ୍ଲୀ ବା ସାଧାରଣ ଅଧିବେଶନରେ ଅପରାଜିତା ଅଧ୍ୟକ୍ଷତା କରି ରାଜ୍ୟ ତଥା ଦେଶ ପାଇଁ ଗର୍ବ ଆଣିଛନ୍ତି । ଉଜବେକିସ୍ତାନର ତାସକେଣ୍ଟରେ ଆଇପିୟୁର ଗଭର୍ଣ୍ଣିଙ୍ଗ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା । ୧୮୩ଟି ଦେଶର ବାଚସ୍ପତି ଓ ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ । ଭାରତରୁ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ, ସାଂସଦ ସସ୍ମିତ ପାତ୍ର ଓ ଅନ୍ୟ ସାଂସଦମାନେ ଏଥିରେ ସାମିଲ ହୋଇଛନ୍ତି । ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଆଇପିୟୁର ଉପସଭାପତି ଭାବେ ନିର୍ବାଚିତ ହେବା ପରେ ଗତ ଦୁଇ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି । ତେବେ ଆଇପିୟୁ ଜେନେରାଲ ଆସେମ୍ବ୍ଲୀରେ ପ୍ରଥମଥର ପାଇଁ ଉପସଭାପତି ଅଧ୍ୟକ୍ଷତା କରିବାର ସୁଯୋଗ ପାଇଛନ୍ତି । ଗତ ୩ ତାରିଖରୁ ୬ ତାରିଖ ଯାଏ ବୈଠକ ଚାଲିଥିଲା । ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ।

## ସୀମା ଆଉଟପୋଷ୍ଟ 'ବିନୟ' ପରିଦର୍ଶନ କଲେ ଶାହ



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ସୋମବାର ତାଙ୍କ ଜାମ୍ମୁ-କାଶ୍ମୀର ଗସ୍ତ ସମୟରେ କାଠୁଆ ସୀମା ଆଉଟପୋଷ୍ଟ 'ବିନୟ' ପରିଦର୍ଶନ କରିଥିଲେ ଏବଂ ସେଠାରେ ନିୟୋଜିତ ସୀମା ସୁରକ୍ଷା ବଳ (ବିଏସଏଫ) ର ଯବାନମାନଙ୍କ ସହ ଭାବ ବିନିମୟ କରିଥିଲେ । ଏହି ଅବସରରେ ଜାମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ, କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଇଣ୍ଟେଲିଜେନ୍ସ ବ୍ୟୁରୋର ନିର୍ଦ୍ଦେଶକ ଏବଂ ସୀମା ସୁରକ୍ଷା ବାହିନୀର ମହାନିର୍ଦ୍ଦେଶକଙ୍କ ସମେତ ଅନ୍ୟ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ତାଙ୍କ ଗସ୍ତ ସମୟରେ, କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ସୀମା ସୁରକ୍ଷା ବାହିନୀର ସହିତ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିନୟ ପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ସୀମାରେ ନବନିର୍ମିତ ସୁବିଧାଗୁଡ଼ିକର ଉଦଘାଟନ କରିଥିଲେ, ଯେଉଁଥିରେ ୮ଟି ମହିଳା ବ୍ୟାରେକ, ହାଇ-ମାଷ୍ଟ ଲାଇଟ୍, ଏକ ଜି + ୧ ଟାୱାର ଏବଂ ଏକ କମ୍ପୋଜିଟ ବିଓପି ଅନ୍ତର୍ଭୁକ୍ତ, ଯାହା କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହି ପଦକ୍ଷେପଗୁଡ଼ିକ ସୀମା ସୁରକ୍ଷା ବାହିନୀ କର୍ମଚାରୀଙ୍କ କର୍ତ୍ତବ୍ୟ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଛି ଏବଂ ସେମାନଙ୍କ ଜୀବନଧାରଣ ସ୍ଥିତିରେ ମଧ୍ୟ ଉନ୍ନତି ଆଣିଛି । ଜାମ୍ମୁ ଅଞ୍ଚଳରେ ଅନ୍ତର୍ଜାତୀୟ ସୀମା ଉପରେ ନଜର ରଖିବାରେ ବିଏସ୍ଏଫ୍ କର୍ମୀ ଏବଂ ଅଧିକାରୀମାନଙ୍କ ଉଦ୍ୟମକୁ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ପ୍ରଶଂସା କରିଥିଲେ । ଶ୍ରୀ ଶାହ କହିଥିଲେ ଯେ ଦେଶର ସୁରକ୍ଷା ପ୍ରସଙ୍ଗରେ ବିଏସ୍ଏଫର ଏକ ଗୌରବମୟ ଇତିହାସ ରହିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ସୀମାରେ ଟ୍ରେଞ୍ଚ ପାଇଁ ଇଲେକ୍ଟ୍ରୋନିକ ନିରୀକ୍ଷଣ ବ୍ୟବସ୍ଥାର ଦୁଇଟି ମଡେଲ ବିକଶିତ କରାଯାଇଛି । ଶ୍ରୀ ଶାହ କହିଥିଲେ ଯେ ଡ୍ରୋନ ବିରୋଧୀ ପ୍ରଯୁକ୍ତି, ସୁଡ଼ଙ୍ଗ ଚିହ୍ନଟ ପ୍ରଯୁକ୍ତି ଏବଂ ବୈଦ୍ୟୁତିକ ନିରୀକ୍ଷଣ ସମେତ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ୨୬ଟି ଅଧିକ ପଦକ୍ଷେପର ପ୍ରଯୁକ୍ତିଗତ ପରୀକ୍ଷଣ କରାଯାଉଛି । କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ମୋଦି ସରକାର ନିଜ କର୍ତ୍ତବ୍ୟ ସମ୍ପାଦନରେ ସୈନିକମାନେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ହ୍ରାସ କରିବା ପାଇଁ କାର୍ଯ୍ୟ କରୁଛନ୍ତି ଏବଂ ଏହା ଜାରି ରଖିବେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସୁରକ୍ଷା ବାହିନୀ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ।

## ଯଶପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ଛତିଶଗଡର ଯଶପୁର ଜିଲ୍ଲାରେ ୬୩କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲା ମୁଖ୍ୟାଳୟରେ ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟରେ ଶ୍ରୀ ସାଏ ୫୯.୭୫କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଭୂମିପୂଜନ ସହ ୩.୬୪କୋଟିର ୫ଟି ପ୍ରକଳ୍ପର ଲୋକାର୍ପଣ କରିଥିଲେ । ଏହି ୫ଟି ପ୍ରକଳ୍ପ ମଧ୍ୟରେ ଜୟସ୍ତମ୍ଭ ଚୌକର ସୌନ୍ଦର୍ଯ୍ୟକରଣ ଛାତ୍ରାବାସ ନିର୍ମାଣ, ସାମୁଦାୟୀକ ଭବନ, କମ୍ପୋଷ୍ଟ ସେଣ୍ଟର ଏବଂ ଆର୍‌ଆର୍ ସେଣ୍ଟର ରହିଛି । ସେହିପରି ଶିଳାନ୍ୟାସ କରିଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ନଗରପାଳିକ ପରିଷଦର ଭବନ, ପୋଲିସ ବିଭାଗ, ଛତିଶଗଡ ଗୃହନିର୍ମାଣ ମଣ୍ଡଳ ଏବଂ ପଞ୍ଚାୟତ ଏବଂ ଗ୍ରାମୀଣ ସଡ଼କ ବିକାଶ ବିଭାଗର ୨୨ଟି ପ୍ରକଳ୍ପ ରହିଛି । ଏହା ମଧ୍ୟରେ ବିଟି ରୋଡ, ସିସି ରୋଡ, ନାଲିଆ ଷ୍ଟର୍ମ, ୱାଟର ଡ୍ରେନ୍, ସାମୁଦାୟିକ ଭବନ, ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଷ୍ଟ୍ରିଟ୍ ଲାଇଟ୍, ପାର୍କର ବିକାଶ, ଛାତ୍ରାବାସ ଭବନ ଓ ସଡ଼କ ନିର୍ମାଣ କାର୍ଯ୍ୟ ସାମିଲ ରହିଛି ।

## ମମତାଙ୍କ ଉପରେ ବର୍ଷିଲେ ଶିକ୍ଷକ ସଂଘ

କୋଲକାତା: ପଶ୍ଚିମବଙ୍ଗରେ ଶିକ୍ଷକ ନିଯୁକ୍ତି ଦୁର୍ନୀତିକୁ ନେଇ ମମତା ସରକାର ଫସିଯାଇଛନ୍ତି । ଏହି ଠକେଇ ଯୋଗୁ ଚାକିରି ହରାଇଥିବା ଶିକ୍ଷକମାନେ ସୋମବାର କୋଲକାତାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଥିଲେ । ମମତା ବାନାର୍ଜୀଙ୍କୁ ଭେଟିବା ପରେ ଶିକ୍ଷକମାନଙ୍କ ମଧ୍ୟରେ ପ୍ରବଳ କ୍ରୋଧ ପ୍ରକାଶ ପାଇଥିଲା । ସେମାନେ କହିଥିଲେ, ରାଜ୍ୟ ସରକାର ଏହି ସମ୍ପୂର୍ଣ୍ଣ ମାମଲାର ଦାୟିତ୍ୱ ନେବା ଉଚିତ । ଟିଏମସି ମୁଖ୍ୟ ଆମକୁ ଯାହା ଦେଥଛନ୍ତି ତାହା କେବଳ ଏକ ଲଲିପପ ବ୍ୟତୀତ ଆଉ କିଛି ନୁହେଁ । ରାଜ୍ୟର ମୁଖ୍ୟମନ୍ତ୍ରୀ, ତାଙ୍କ କ୍ୟାବିନେଟ ଏବଂ କମିଶନ ସମସ୍ତେ ଶିକ୍ଷକ ନିଯୁକ୍ତି ଦୁର୍ନୀତିରେ ସମ୍ପୃକ୍ତ । ଅନ୍ୟମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଠକେଇରେ ସାମିଲ ଅଛନ୍ତି । ଲୋକଙ୍କୁ ଚାକିରି ଦେବା ବଦଳରେ ଲାଞ୍ଚ ନିଆଯାଉଥିଲା ଏବଂ ଆଜି ସେ (ମମତା ବାନାର୍ଜୀ) ଆମକୁ ଏକ ଲଲିପପ ଦେଇଛନ୍ତି । ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ତାଙ୍କ ସରକାର ୨୫,୦୦୦ ଲୋକଙ୍କୁ ସ୍ୱେଚ୍ଛାକୃତ ନିଯୁକ୍ତି ପ୍ରଦାନ କରିବ ଏବଂ ଏହି ଘଟଣାର ତଦନ୍ତ କରିବ । ପଶ୍ଚିମବଙ୍ଗରେ ୨୫ ହଜାରରୁ ଅଧିକ ଶିକ୍ଷକ/ଅଣଶିକ୍ଷକଙ୍କ ଚାକିରି ବାତିଲ କରିବା ପାଇଁ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି । ଏହା ବ୍ୟତୀତ ଏହି ବିଷୟକୁ ନେଇ ୧୨୦ରୁ ଅଧିକ ଆବେଦନ ଦାଖଲ ହୋଇଥିଲା । ହାଇକୋର୍ଟ ତାଙ୍କ ନିଷ୍ପତ୍ତିରେ ସମସ୍ତ ଚାକିରି ବାତିଲ କରିଥିଲେ ଏବଂ ଏହି ଲୋକଙ୍କଠାରୁ ସୁଧ ସହିତ ସମ୍ପୂର୍ଣ୍ଣ ଦରମା ଆଦାୟ କରିବାକୁ କହିଥିଲେ । ସେହିପରି, ଏହି ମାମଲାରେ ସୁପ୍ରିମକୋର୍ଟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି, ହାଇକୋର୍ଟର ସମ୍ପୂର୍ଣ୍ଣ ନିର୍ଦ୍ଦେଶ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ । ଯେଉଁମାନେ ଏପର୍ଯ୍ୟନ୍ତ ହୋଇଥିବା ତଦନ୍ତରେ ଭୁଲ ପଦ୍ଧତି ଗ୍ରହଣ କରିବା ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, କିନ୍ତୁ ଯେଉଁମାନେ ବିଶେଷ ଭାବରେ ଦାଗୀ ହୋଇନାହାଁନ୍ତି, ସେମାନଙ୍କୁ ସେମାନଙ୍କର ଦରମା ଫେରାଇବାର ଆବଶ୍ୟକତା ନାହିଁ ।

## ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥର ରେକର୍ଡ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଛି । ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ସଫଳତାର ସହିତ ମୋଟ ୨୮୧.୫ କିଲୋମିଟର ନୂତନ ରେଳ ଲାଇନ ଏବଂ ମଲ୍ଟି-ଟ୍ରାକିଂ ସଂଯୋଗ କରିଛି ଯାହା ପୂର୍ବ ଆର୍ଥିକ ବର୍ଷର ୧୮୭.୨ କିଲୋମିଟର ତୁଳନାରେ ୫୦% ବୃଦ୍ଧି ଘଟାଇଅଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ସଫଳତାରେ ସାମିଲ ଥିବା ସମଗ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ପୂର୍ବତଟ ରେଳପଥ ଅଞ୍ଚଳର ରେଳ ନେଟୱାର୍କକୁ ବୃଦ୍ଧି କରିବା, ସୁଗମ ଗମନାଗମନ କାର୍ଯ୍ୟ ସୁନିଶ୍ଚିତ କରିବା ଏବଂ ପଣ୍ୟ ପରିବହନ ଏବଂ ଯାତ୍ରୀ ସେବା ଉଭୟ ପାଇଁ ପରିବହନ ଦକ୍ଷତା ଉନ୍ନତ କରିବା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଅଛି । ୨୦୨୪-୨୫ ଆର୍ଥିକ ବର୍ଷରେ ୨୮୧.୫ କିଲୋମିଟର ନୂତନ ରେଳ ଲାଇନ ଏବଂ ମଲ୍ଟି-ଟ୍ରାକିଂ ଯୋଡାଯାଇଛି । ପୂର୍ବ ଆର୍ଥିକ ବର୍ଷ (୨୦୨୩-୨୪) ରେ ହାସଲ ହୋଇଥିବା ୧୮୭.୨ କିଲୋମିଟର ତୁଳନାରେ ୫୦% ବୃଦ୍ଧି । କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ଦୋହରୀକରଣ ପ୍ରକଳ୍ପର ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ-ଟିକିରି ମଧ୍ୟରେ ୨୨.୯୪ କିମି ଦୈର୍ଘ୍ୟ ରେଳ ଲାଇନ; କିରାଣ୍ଡୁଲ-ଜଗଦଲପୁର ଦୋହରୀକରଣ ପ୍ରକଳ୍ପର ଦନ୍ତେୱାଡା-କମଲୁର ଏବଂ ବଛେଲି-କିରାଣ୍ଡୁଲ ରେଳ ସେକ୍ସନ ମଧ୍ୟରେ ମୋଟ ୨୩.୬୪ କିମି ଦୈର୍ଘ୍ୟ ରେଳ ଲାଇନ; ବୁଢାପଙ୍କ-ଶାଳଗାଁ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ମଧ୍ୟରେ ୪୦.୬୨ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ; ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ମଧ୍ୟରେ ସୋନପୁର-ପୁରୁନାକାଟ ୭୩.୧୬ କିମି ଦୈର୍ଘ୍ୟ ରେଳ ଲାଇନ; କୋଟାଭାଲାସା-କୋରାପୁଟ ଦୋହରୀକରଣ ପ୍ରକଳ୍ପ ମଧ୍ୟରେ ଦର୍ଲିପୁଟ-ଗୋରାପୁର ମଧ୍ୟରେ ୧୨.୬୫ କିମି ଦୈର୍ଘ୍ୟ ରେଳ ଲାଇନ; ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ ପ୍ରକଳ୍ପ ମଧ୍ୟରେ ରାଣୀତାଲ (ଭଦ୍ରକ) ଜଙ୍କସନ କ୍ୟାବିନ୍-ଭଦ୍ରକ ମଧ୍ୟରେ ୫ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି ।

# ବାଣିଜ୍ୟ



ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୬ ପ୍ରତିଶତ ପାଲଟା ଶୁଳ୍କ ଲଗାଇଛନ୍ତି । ଦେଶର ଅନେକ ସେକ୍ଟରରେ ଏହାର ପ୍ରଭାବ ପଡ଼ିବା ନେଇ ସମ୍ଭାବନା ରହିଛି । ଏମିତିକି ଦେଶର 'ମାଛ ମାର୍କେଟ' ଅର୍ଥାତ ସାମୁଦ୍ରିକ ଉତ୍ପାଦ ରପ୍ତାନୀ ବ୍ୟବସାୟ ଉପରେ ମଧ ଏହାର ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି । ସୂଚନାଥାଉକି, ଭାରତ ପ୍ରତି ବର୍ଷ ଆମେରିକାକୁ କୋଟି କୋଟି ଟଙ୍କାର ସାମୁଦ୍ରିକ ଉତ୍ପାଦ ରପ୍ତାନୀ କରିଥାଏ । ଆର୍ଥିକ ବର୍ଷ ୨୦୨୩-୨୪ରେ ଭାରତ ଆମେରିକାକୁ ୨.୫ ବିଲିୟନ ଡଲାରର ସାମୁଦ୍ରିକ ଉତ୍ପାଦ ରପ୍ତାନୀ କରିଥିଲା । ଏବେ ଟ୍ରମ୍ପ ଟାରିଫ୍ କାରଣରୁ ଏହି ବ୍ୟବସାୟ ଉପରେ ପ୍ରଭାବ ପଡ଼ିପାରେ । ଭାରତରୁ ଆମେରିକାକୁ ଯେଉଁ ସାମୁଦ୍ରିକ ଉତ୍ପାଦ ରପ୍ତାନୀ ହେଉଛି ସେଥିରେ ପ୍ରାୟ ୯୨ ପ୍ରତିଶତ କେବଳ ଚିଙ୍ଗୁଡ଼ି ରହିଛି । ଆମେରିକାକୁ ଚିଙ୍ଗୁଡ଼ି ଯୋଗାଉଥିବା ବଡ଼ ଦେଶଙ୍କ ମଧ୍ୟରେ ରହିଛି ଭାରତ । ଭାରତୀୟ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ସଂଘର ଅଧ୍ୟକ୍ଷ ପବନ କୁମାରଙ୍କ କହିବା ଅନୁଯାୟୀ, ଟ୍ରମ୍ପ ଟାରିଫ୍ କାରଣରୁ ଭାରତର ରପ୍ତାନୀ ଉପରେ ପ୍ରାୟ ୬୦୦ କୋଟି ଟଙ୍କାର ବୋଝ ବଢ଼ିବ । ଭାରତର ସାମୁଦ୍ରିକ ଉତ୍ପାଦ ରପ୍ତାନୀ ଉପରେ ଏହି ଟାରିଫ୍‌ର ପ୍ରଭାବ ଏପ୍ରିଲ ୯ ତାରିଖରୁ ଦେଖିବାକୁ ମିଳିପାରେ ।

## ଆମାଜନ୍ ପକ୍ଷରୁ ଆକର୍ଷଣୀୟ ଉପହାର

ନୂଆଦିଲ୍ଲୀ : ଚଳିତ ନ୍ୟାସନାଲ ପେଟ ଡେ ଅବସରରେ ଆମାଜନ.ଇନ ଏକ ଉତ୍ସର୍ଗୀକୃତ ଷ୍ଟୋରଫ୍ରଂଟ ନେଇଆସିଛି, ଯେଉଁଥିରେ ଗୃହପାଳିତ ପଶୁମାନଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀର କଲେକ୍ସନ ଉପଲବ୍ଧ ରହିଛି । ଏହା ଏପ୍ରିଲ ୧୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଗୋଟିଏ ସ୍ଥାନରେ ପୁଷ୍ଟିକର ଖାଦ୍ୟ ଏବଂ ମଜାଦାର ଖେଳନାଠାରୁ ଆରମ୍ଭ କରି ପ୍ରିମିୟମ୍ ଗ୍ରୁମିଂ ଉତ୍ପାଦ ଏବଂ ଆରାମଦାୟକ ବାସସ୍ଥାନ ଅତ୍ୟାବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ଉପଲବ୍ଧ ରହିଛି । ଏହି ଷ୍ଟୋରଫ୍ରଂଟରେ ଟପ୍ ବ୍ରାଣ୍ଡ ଯଥା ପେଡିଗ୍ରି, ଡ୍ରୁଲ୍‌ସ, ରୟାଲ୍ କ୍ୟାନିନ୍, ମୁଚି, ଫାର୍ମିନା, ହିମାଲୟା ଓ ଆହୁରି ଅନେକ ସାମଗ୍ରୀ ରହିଛି । ଦ୍ରୁତ ଓ ବିଶ୍ୱସନୀୟ ଡେଲିଭରି ସହିତ ଏହା ଅଧିକ ମଜାଦାର ଏବଂ ସୁବିଧାଜନକ ହୋଇପାରିଛି । ଗ୍ରାହକମାନେ ଆମାଜନ ପେ ଜରିଆରେ ବହୁତ ଭଲ ସଂଚୟ ଉପଭୋଗ କରିପାରିବେ ଏବଂ ପ୍ରାଇମ ମେମ୍ବରଙ୍କ ପାଇଁ ହଜାର ହଜାର ପେଟ ପ୍ରଡକ୍ଟ ଉପରେ ସମାନ ଦିନର ଡେଲିଭରି ସୁବିଧା ରହିଛି । ଗ୍ରାହକମାନେ ସର୍ବନିମ୍ନ ୫୦୦୦ ଟଙ୍କା ଅର୍ଡର ଉପରେ ଏସବିଆଇ କ୍ରେଡିଟ କାର୍ଡ ଉପରେ ୧୦% ରିହାତି ପାଇପାରିବେ । ଏଠାରେ ଶୀର୍ଷ ସୁପାରିଶ ସାମଗ୍ରୀ ଗୁଡ଼ିକ ମଧ୍ୟରେ ରହିଛି କ୍ୟୁପେଟ୍ସ କ୍ୟାଟ୍ ୱାଟର- ବେଡ୍ ଇନଫ୍ଲାଟେବଲ୍ ୱାଟର ମ୍ୟାଟ, ଡ୍ରୁଲ୍ସ ଆଡଲ୍ଟ ଡ୍ରେଟ୍ ଡଗ୍ ଫୁଡ, ବୋଲର୍ସ ନ୍ୟୁଟ୍ରିମାକ୍ସ ଆଡଲ୍ଟ ଡଗ୍ ଫୁଡ, ଏମିଲି ପେଟ ବାଥଟବ, ଏମିଲି ପେଟ୍ସ କୋଲାପ୍‌ସିବଲ୍ ବାଥଟବ, ପିଲ୍ ନିମ୍ ପ୍ଲସ୍ ହର୍ବାଲ୍ ପେଟ୍ ସାମ୍ପୁ, କୁକୁରଙ୍କ ପାଇଁ ଏମଆଇ ରେପ୍ଲିକା ଆଇପିଏଲ୍ ଜର୍ସି, ଆମାଜନ୍ ବେସିକ୍ସ କୁକୁର ବିସ୍କୁଟ, ଶିବା ରିଚ୍ ପ୍ରିମିୟମ୍ ଆଡଲ୍ଟ ୱେଟ୍ ବିଲେଇ ଖାଦ୍ୟ, ଫୁଡି ପପିଜ୍ ଇଂଟରାକ୍ଟିଭ୍ ଟାୱାର ଟ୍ରାକ୍ ରୋଲର, ରୟାଲ କାନିନ ମିନି କୁକୁର ଡ୍ରାଏ ଡଗ୍ ଫୁଡ୍ ଭଳି ଆହୁରି ଅନେକ ସାମଗ୍ରୀ ।

## ସୋନାଲିକାର ରେକର୍ଡ ସଂଖ୍ୟକ ଟ୍ରାକ୍ଟର ବିକ୍ରି



ନୂଆଦିଲ୍ଲୀ: ସୋନାଲିକା ଓ ସୋଲିସ୍‌ର ମାଲିକାନା କମ୍ପାନୀ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ (ଆଇଟିଏଲ) ୨୦୨୪-୨୫ ଆର୍ଥିକ ବର୍ଷକୁ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ଆର୍ଥିକ ବର୍ଷରେ କମ୍ପାନୀ ସର୍ବାଧିକ ୧୫୩,୭୬୪ଟି ଟ୍ରାକ୍ଟର ବିକ୍ରି କରିଥିବା ବେଳେ ୧୪.୮%ର ମୋଟ ବଜାର ଅଂଶ ହାସଲ କରିଛି । ଏହି ଆର୍ଥିକ ବର୍ଷରେ ଆଇଟିଏଲ ଗ୍ରୁପ ଫର୍ଚ୍ୟୁନ ୫୦୦ ଇଣ୍ଡିଆ ଦ୍ୱାରା ଭାରତର ଶୀର୍ଷ ୧୦ଟି ଅଟୋ ବ୍ରାଣ୍ଡ ମଧ୍ୟରେ ସ୍ଥାନିତ ହୋଇଛି । କମ୍ପାନୀ ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ତାଲିକାରେ ପ୍ରବେଶ କରିଛି । ଏହା ଭାରତର ଶୀର୍ଷ ୫୦୦ଟି ସର୍ବବୃହତ କମ୍ପାନୀଗୁଡିକ ମଧ୍ୟରେ ୨୩୭ତମ ର୍ୟାଙ୍କରେ ରହିଛି । ଆଇଟିଏଲର ଏହି ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, '୨୦୨୫ ଆର୍ଥିକ ବର୍ଷରେ କୃଷକଙ୍କ ପ୍ରକୃତ ସାଥୀ ହେବା ପାଇଁ ଆମର ସଙ୍କଳ୍ପବଦ୍ଧତା ଆମକୁ ୧୫୩,୭୬୪ର ସର୍ବୋଚ୍ଚ ବାର୍ଷିକ ଟ୍ରାକ୍ଟର ବିକ୍ରି ଓ ୧୪.୮%ର ମୋଟ ବଜାର ଅଂଶ ହାସଲ କରିବାରେ ସାହାଯ୍ୟ କରିଛି । ଏହି ସଫଳତା ଏଭଳି ଏକ ବର୍ଷର ଶେଷକୁ ଚିହ୍ନିତ କରିଛି ଯାହା ଆମକୁ ଫର୍ଚ୍ୟୁନ ୫୦୦ ଇଣ୍ଡିଆର ସର୍ବବୃହତ କମ୍ପାନୀ ତାଲିକା ଓ ଭାରତରେ ଶୀର୍ଷ ୧୦ଟି ଅଟୋ ବ୍ରାଣ୍ଡ ତାଲିକାରେ ସ୍ଥାନିତ କରିଛି । ଅଭିନବ ଟେକ୍ନୋଲୋଜି ଟ୍ରାକ୍ଟର, ମଜବୁତ ଉତ୍ପାଦ ଅପ୍‌ଗ୍ରେଡ ଓ କୃଷକଙ୍କ ସହ ସଂଯୋଗ ସହିତ ଆମେ ନିଶ୍ଚିତ ରୂପେ ବିଭିନ୍ନ ଅଂଚଳରେ କୃଷକଙ୍କ ପାଇଁ ଶୀର୍ଷ ବିକଳ୍ପରେ ପରିଣତ ହୋଇଛି । ଗ୍ରାହକଙ୍କୁ ପ୍ରାଥମିକତା ଦେବା ଓ ଉଦ୍ଭାବନ ଜାରି ରଖିବାର ଆଇଟିଏଲର ଅନ୍ତର୍ନିହିତ ମୂଲ୍ୟବୋଧ କମ୍ପାନୀକୁ ନିରନ୍ତର ଆଗକୁ ବଢାଉଛି । ୱାନ ନ୍ୟାଶନ-ୱାନ ଟ୍ରାକ୍ଟର-ୱାନ ପ୍ରାଇସ ଓ କମ୍ପାନୀ ୱେବସାଇଟରେ ଟ୍ରାକ୍ଟର ମୂଲ୍ୟ ପ୍ରଦର୍ଶିତ କରିବା ଭଳି ସୋନାଲିକାର ବୈପ୍ଲବିକ ପଦକ୍ଷେପଗୁଡିକ ଏହାର ଗ୍ରାହକଙ୍କ ପାଇଁ ନିରପେକ୍ଷତା, ବିଶ୍ୱାସ ଓ ସ୍ୱଚ୍ଛତା ସୁନିଶ୍ଚିତ କରିଛି । ସେହିପରି ଆଇଟିଏଲ୍ ପାବର ହୋସିଆରପୁରରେ ଥିବା ଏହାର ବିଶ୍ୱର ଏକ ନମ୍ବର ଇଂଟିଗ୍ରେଟେଡ ଓ ରୋବୋଟିକ ଟ୍ରାକ୍ଟର ପ୍ଲାଂଟରୁ ଉତ୍ପାଦନ କରୁଥିବା ସମସ୍ତ ପ୍ରକାରର ଟ୍ରାକ୍ଟରଗୁଡିକ କୃଷକଙ୍କ ପାଇଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟି ପ୍ରଦାନ କରୁଛନ୍ତି ।

## ପୁଣି କମିଲା ସୁନା ଓ ରୁପା ଦର

ନୂଆଦିଲ୍ଲୀ : ଟ୍ରମ୍ପ ଟାରିଫ୍ ଆଟାକ୍ ପରେ ଦୋହଲିଯାଇଛି ବିଶ୍ୱ ଅର୍ଥନୀତି ।ମାତ୍ର କିଛି ସମୟରେ ବୁଡିଯାଇଛି କୋଟି କୋଟି ଟଙ୍କା । ତେବେ ମାର୍କେଟ କ୍ରାସ୍ ହେବା ପରେ ସୁନା ଓ ରୂପା ଅଳଙ୍କାରରେ ବି ହ୍ରାସ ପାଇଛି । ଅଳଙ୍କାର ମୂଲ୍ୟ କମିବା ପରେ ଦେଶ ଓ ରାଜ୍ୟରେ ଜାରି ହୋଇଛି ନୂଆ ଦର । ପ୍ରତିଦିନ ସୁନା ଓ ରୂପା ଦର ନିର୍ଦ୍ଧାରଣ କରାଯାଇଥାଏ । କେଉଁ ଦିନ ଦର କମିଥାଏ ତ କେବେ ବଢିଥାଏ ଆଉ ପୁଣି କେବେ ସମାନ ରହିଥାଏ । ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ଦଶ ଗ୍ରାମ ପ୍ରତି ୮୭,୯୯୧ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ମୂଲ୍ୟ ଦଶ ଗ୍ରାମ ପ୍ରତି ୯୦,୩୮୦ ଟଙ୍କା ରହିଛି । ରବିବାର ଅପେକ୍ଷା ସୋମବାର ଦର ଅପେକ୍ଷାକୃତ କମିଛି । ଲଗାତାର ତୃତୀୟ ଦିନରେ ହ୍ରାସ ପାଇଛି ସୁନା ଓ ରୂପା ଦର । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ହ୍ରାସ ପାଇଛି । କେବଳ ସୁନା ଦର ନୁହେଁ ରୂପା ଦରରେ ବି ଅହେତୁକ ହ୍ରାସ ପାଇଛି । ରୂପା କେଜି ପ୍ରତି ୮୮,୬୯୮ ରହିଛି । ପୂର୍ବରୁ ଏହାର ମୂଲ୍ୟ ୧ ଲକ୍ଷ ପାର୍ କରିଥିଲା । ଦେଶର ପ୍ରମୁଖ ସହରମାନଙ୍କରେ ବି ସୁନା ଓ ରୂପା ଦର କମିଥିବା ଦେଖିବାକୁ ମିଳିଛି ।

## ୫୦୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିବ ଆଇଆଇଏଫ୍‌ଏଲ ଫାଇନାନ୍ସ

ନୂଆଦିଲ୍ଲୀ: ଏକ ଅଗ୍ରଣୀ ଅଣବ୍ୟାଙ୍କିଙ୍ଗ ଫାଇନାନ୍ସିଆଲ କମ୍ପାନୀ (ଏନବିଏଫସି) , ଆଇଆଇଏଫଏଲ ଫାଇନାନ୍ସ ଲିମିଟେଡ ପ୍ରକାଶ କରିଛି ଯେ, ଏହା ବାର୍ଷିକ ୧୦.୨୫% ପର୍ଯ୍ୟନ୍ତ କୁପନ ପ୍ରଦାନ କରୁଥିବା ବଣ୍ଡଗୁଡିକର ସାର୍ବଜନିନ ଇସ୍ୟୁ ମାଧ୍ୟମରେ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହ କରିବ । ଏହି ସଂଗୃହୀତ ପାଣ୍ଠିକୁ ଭବିଷ୍ୟତର ଋଣ, ବିତୀୟ ଓ ସାଧାରଣ କର୍ପୋରେଟ ଉଦ୍ଦେଶ୍ୟଗୁଡିକ ପାଇଁ ବ୍ୟବହାର କରାଯିବ । ଏନସିଡିଗୁଡିକୁ କ୍ରିସିଲ ରେଟିଂସ ଲିମିଟେଡ ଓ ଆଇସିଆରଏ ଲିମିଟେଡ (ଆଇସିଆରଏ) ଏଏ (ଷ୍ଟେବୁଲ) ଦ୍ୱାରା 'କ୍ରିସିଲ ଏଏ/ଷ୍ଟେବୁଲ' ରେଟିଂ ଦିଆଯାଇଛି । ଏହି ରେଟିଂଗୁଡିକ ସହ ଋଣସ୍ୱୀକାର ପତ୍ରଗୁଡିକୁ ଆର୍ଥିକ ନିୟମଗୁଡିକର ଧାର୍ଯ୍ୟ ସମୟରେ ଅନୁପାଳନ ସମ୍ପର୍କରେ ସର୍ବାଧିକ ସୁରକ୍ଷା ଭାବେ ବିବେଚନା କରାଯାଇଥାଏ । ଏଭଳି ଋଣପତ୍ରଗୁଡିକ ଖୁବ କମ କ୍ରେଡିଟ ରିସ୍କ ବହନ କରିଥାନ୍ତି । ଏହି ଇସ୍ୟୁ ଆସନ୍ତା ସୋମବାର ଏପ୍ରିଲ ୭ ତାରିଖ ୨୦୨୫ରେ ଖୋଲିବ ଏବଂ ବୁଧବାର ଏପ୍ରିଲ ୨୩ ତାରିଖ ୨୦୨୫ରେ ବନ୍ଦ ହେବ । ଆଇଆଇଏଫଏଲ ଫାଇନାନ୍ସ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ (ଗ୍ରୀନ ସୁ ଅପ୍‌ସନ) ଓଭର-ସବ୍‌ସ୍କ୍ରିପଶନ ବଜାୟ ରଖିବା ପାଇଁ ଏକ ବିକଳ୍ପ ସହିତ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ (ବେସ ଇସ୍ୟୁ ସାଇଜ) ଏନ୍‌ସିଡି ଇସ୍ୟୁ କରିବ, ଯାହାର ମୋଟ ମୂଲ୍ୟ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । ସିରିଜ ଆଇଏକ୍ସ ଅଧିନରେ ଏହି ଏନସିଡିଗୁଡିକ ୬୦ ମାସ ଅବଧି ପାଇଁ ବାର୍ଷିକ ୧୦.୨୪%ର ସର୍ବାଧିକ ପ୍ରଭାବୀ ରିଟର୍ଣ୍ଣ ପ୍ରଦାନ କରୁଛନ୍ତି । ଏନସିଡିଗୁଡିକ ୧୫ ମାସ, ୨୪ ମାସ, ୩୬ ମାସ ଓ ୬୦ ମାସର ଅବଧିରେ ଉପଲବ୍ଧ ରହିଛି । ସୁଧ ପରିଶୋଧର ବାରମ୍ବାରତା ମାସିକ, ବାର୍ଷିକ ଓ କ୍ରମବର୍ଦ୍ଧନଶୀଳ ଆଧାରରେ ଉପଲବ୍ଧ ରହିଛି । ଆଇଆଇଏଫଏଲ ଫାଇନାନ୍ସ ଓ ଏହାର ସହାୟକ କମ୍ପାନୀଗୁଡିକ ଗୃହ ଋଣ, ସୁନା ଋଣ, ଏମଏସଏମଇ ସିକ୍ୟୋର୍ଡ଼ ଲୋନ, ଏମଏସଏମଇ ଅନସିକ୍ୟୋର୍ଡ଼ ଲୋନ, ପର୍ସନାଲ ଲୋନ, ସପ୍ଲାଇ ଚେନ ଫାଇନାନ୍ସ, ମାଇକ୍ରୋଫାଇନାନ୍ସ, କନ୍‌ଷ୍ଟ୍ରକଶନ ଓ ରିଅଲ ଇଷ୍ଟେଟ ଫାଇନାନ୍ସ ଏବଂ କ୍ୟାପିଟାଲ ମାର୍କେଟ ଫାଇନାନ୍ସ ଆଦି ପ୍ରଦାନ କରୁଛି ଯାହା ଉଭୟ ରିଟେଲ ଓ କର୍ପୋରେଟ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିଥାଏ । ଏହି ଇସ୍ୟୁ ପାଇଁ ଲିଡ ମ୍ୟାନେଜର ହେଉଛନ୍ତି ଟ୍ରଷ୍ଟ ଇନ୍‌ଭେଷ୍ଟମେଣ୍ଟ ଆଡଭାଇଜର୍ସ ପ୍ରାଇଭେଟ ଲିମିଟେଡ, ନୁଭାମା ୱେଲଥ ମ୍ୟାନେଜମେଂଟ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ (ପୂର୍ବରୁ ଆଇଆଇଏଫଏଲ୍ ସିକ୍ୟୁରିଟିଜ ଲିମିଟେଡ ଭାବେ ପରିଚିତ) । ଏହାର ଏନସିଡିଗୁଡିକୁ ନିବେଶକଙ୍କୁ ତରଳତା ପ୍ରଦାନ କରିବା ପାଇଁ ବିଏସଇ ଲିମିଟେଡ (ବିଏସଇ) ଓ ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ)ରେ ତାଲିକାଭୁକ୍ତ କରାଯିବ । ଏହି ଏନସିଡିଗୁଡିକୁ ୧୦୦୦ ଟଙ୍କାର ଫେସ୍ ଭାଲ୍ୟୁରେ ଇସ୍ୟୁ କରାଯିବ ଏବଂ ସମସ୍ତ ବର୍ଗରେ ସର୍ବନିମ୍ନ ଆପ୍ଲିକେଶନ ସାଇଜ ୧୦,୦୦୦ ଟଙ୍କା ରହିଛି ।

## ଏଜ୍ ୬୦ ଫ୍ୟୁଜନର ଶୁଭାରମ୍ଭ କଲା ମୋଟୋରୋଲା

ନୂଆ ଦିଲ୍ଲୀ : ମୋଟୋରୋଲା ସୋମବାରଏହାର ନୂଆ ଏବଂ ବହୁ ପ୍ରତୀକ୍ଷିତ ୬୦ ଲାଇନ୍ ଅପ୍ ରୁ ପ୍ରଥମ ସ୍ମାର୍ଟଫୋନ୍ ଶୁଭାରମ୍ଭ କରିଛି । ନୂତନ ଲାଇନଅପ୍ ର ପ୍ରାଥମିକ ସଂଯୋଗ ଭାବରେ, ମୋଟୋରୋଲା ଏଜ୍ ୬୦ ଫ୍ୟୁଜନ ଏହାର ଅତ୍ୟନ୍ତ ଲୋକପ୍ରିୟ ପୂର୍ବବର୍ତୀ - ମୋଟୋରୋଲା ଏଜ୍ ୫୦ ଫ୍ୟୁଜନ ତୁଳନାରେ ଏକ ପ୍ରକୃତ ଅପଗ୍ରେଡ୍ ଅଟେ । ମୋଟୋରୋଲା ଏଜ୍ ୬୦ ଫ୍ୟୁଜନ ଦୈନନ୍ଦିନ କାର୍ଯ୍ୟଗୁଡ଼ିକୁ ସରଳ ଏବଂ ଅଧିକ ସହଜ କରି ଉପଭୋକ୍ତାଙ୍କ ଅଭିଜ୍ଞତାକୁ ବଢ଼ାଇଥାଏ । ଏହି ସ୍ମାର୍ଟଫୋନର କେତେକ ପ୍ରମୁଖ ବୈଶିଷ୍ଟ୍ୟ ମଧ୍ୟରେ ରହିଛି ବିଶ୍ୱର ମୋଷ୍ଟ ଇମର୍ସିଭ୍ ୧.୫କେ ଟ୍ରୁ କଲର୍ ଞ୍ଜ ସହ ସମସ୍ତ ୪ ଟି ସାଇଡ୍ କର୍ଭଡ ଡିସ୍ପ୍ଲେ, ବିଶ୍ୱର ପ୍ରଥମ ଏବଂ ସେଗମେଂଟର ଶ୍ରେଷ୍ଠ ୧୦୦% ଟ୍ରୁ କଲର ସୋନି ଲାଇଟ୍ ୭୦୦ସି କ୍ୟାମେରା ସିଷ୍ଟମ ସହିତ ଉନ୍ନତ ଏଆଇ ଲିଡ୍ ଇମେଜିଂ ବୈଶିଷ୍ଟ୍ୟ, ବିଭିନ୍ନ ଜେନେରେଟିଭ୍ ଏଆଇ ତଥା ସେଗମେଂଟର ଶ୍ରେଷ୍ଠ ଏଆଇ ବୈଶିଷ୍ଟ୍ୟ, କ୍ୟାମେରା ଏବଂ ମୋଟୋ ଏଆଇର ଆସିଷ୍ଟ ଫିଚର୍ସ ରହିଛି । ଶୁଭାରମ୍ଭ ଅବସରରେ ମୋଟୋରୋଲା ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଟି.ଏମ୍. ନରସିଂହନ କହିଛନ୍ତି ଯେ 'ମୋଟୋରୋଲାରେ ଆମେ ପ୍ରତ୍ୟେକ ନୂତନ ଉନ୍ମୋଚନ ସହିତ ଆମର ଜୀବନଶୈଳୀ-ଜ୍ଞାନକୌଶଳ ଉଦ୍ଭାବନକୁ ଆଗକୁ ବଢ଼ାଇବାକୁ ପ୍ରତିଶ୍ରୁତିବଦ୍ଧ । ମୋଟୋରୋଲା ଏଜ୍ ୬୦ ଫ୍ୟୁଜନ ବିଶ୍ୱର ସବୁଠାରୁ ଇମର୍ସିଭ ଅଲ-କର୍ଭ୍ଡ ଡିସପ୍ଲେ, ବିଶ୍ୱର ପ୍ରଥମ ଟ୍ରୁ କଲର ସୋନି-ଲିଟିଆ ୭୦୦ସି କ୍ୟାମେରା, ସେଗମେଂଟ ଲିଡିଂ ଏଆଇ ବୈଶିଷ୍ଟ୍ୟ ଏବଂ ଅନ୍ୟାନ୍ୟ ଭଳି ଅନେକ ସେଗମେଂଟର ଅଗ୍ରଣୀ ବୈଶିଷ୍ଟ୍ୟ ସହିତ ଆସିଛି - ଯାହା ଆମ ଉପଭୋକ୍ତାଙ୍କ ଜୀବନରେ ମୂଲ୍ୟ ଯୋଡ଼ିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ।

## ଆର୍‌ଏସ୍‌ପିର ଉତ୍କୃଷ୍ଟ ପ୍ରଦର୍ଶନକାରୀ ୟୁନିଟ ପୁରସ୍କୃତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅପ୍ରେଲ ୧ ତାରିଖରେ ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ବାର୍ଷିକ ପ୍ରଦର୍ଶନ ସମୀକ୍ଷା ଏବଂ ପୁରସ୍କାର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି । ଆରଏସପିର ଡ଼ିଆଇସି ଆଲୋକ ବର୍ମା ବିଭିନ୍ନ କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଭାଗୀୟ ଦଳଗୁଡ଼ିକୁ ସମ୍ମାନଜନକ ଡ଼ିଆଇସିଙ୍କ ସ୍ୱତନ୍ତ୍ର ସ୍ୱୀକୃତି ପୁରସ୍କାର ପ୍ରଦାନ କରିଥିଲେ ଯାହା ସେମାନଙ୍କର ନବସୃଜନ, ଦକ୍ଷତା ଏବଂ ରଣନୈତିକ କାର୍ଯ୍ୟାନ୍ୱୟନରେ ଉତ୍କର୍ଷତାକୁ ପ୍ରଦର୍ଶନ କରିଥିଲା । ସିଣ୍ଟରିଂ ପ୍ଲାଣ୍ଟ-୩, କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ ଏବଂ ଡିଜାଇନ୍ ବିଭାଗକୁ କୋକ୍ ବ୍ରିଜ୍ ହ୍ରାସ କରିବାରେ ସହାୟକ ହୋଇଥିବା ଅପଚୟ ଉତ୍ତାପ ପୁନରୁଦ୍ଧାର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପୁରସ୍କୃତ କରାଯାଇଥିଲା । ସେହିପରି ବ୍ଲାଷ୍ଟ ଫର୍ଣ୍ଣେସ୍ ଏବଂ ଶକ୍ତି ପରିଚାଳନା ବିଭାଗକୁ ବିଏଫ-୧ର ହଟ୍ ବ୍ଲାଷ୍ଟ ଷ୍ଟୋଭ୍ସରେ ମିଶ୍ରିତ ଗ୍ୟାସ୍ ସମୃଦ୍ଧି ଏବଂ ବିଏଫ-୫ ର ପିସିଆଇ ସିଷ୍ଟମରେ ଅତିରିକ୍ତ ନାଇଟ୍ରୋଜେନ୍ ଲାଇନ କମିଶନିଂ ପାଇଁ ପୁରସ୍କୃତ କରାଯାଇଥିଲା । ଏମଏମ କାର୍ଯ୍ୟଧାରା ପାଇଁ ଖଣିରେ ୧୦୦% ଏସଏପି କାର୍ଯ୍ୟାନ୍ୱୟନ ପାଇଁ ସାମଗ୍ରୀ ପରିଚାଳନା ବିଭାଗ, ବରସୁଆ ଲୌହ ଖଣି, ବୋଲାଣି ଲୌହ ଖଣି ଏବଂ ସି ଆଣ୍ଡ ଆଇଟି ବିଭାଗକୁ ପୁରସ୍କୃତ କରାଯାଇଥିଲା । ଉଚ୍ଚ ମଜୁରୀ ଉପରେ ପେନସନକୁ ସୁଗମ କରିବା ପାଇଁ ବିତ୍ତ ଓ ଲେଖା, ମାନବ ସମ୍ବଳ ଏବଂ ସି ଆଣ୍ଡ ଆଇଟି ଦଳଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମସ୍ତ ସ୍ୱୀକୃତି ଆରଏସପିର କାର୍ଯ୍ୟ ଦକ୍ଷତାରେ ଉନ୍ନତି, ଡିଜିଟାଲାଇଜେସନ୍ ଏବଂ କର୍ମଚାରୀ କଲ୍ୟାଣ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି ।

## ୬୧ ହଜାର କୋଟିର ୫ଜି ସ୍ପେକ୍ଟ୍ରମ୍ ହାସଲ କଲା ବିଏସ୍‌ଏନ୍‌ଏଲ୍

ନୂଆଦିଲ୍ଲୀ: ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)କୁ ଟେଲିକମ୍ ବିଭାଗ ୬୧ ହଜାର କୋଟି ଟଙ୍କାର ୫ଜି ସ୍ପେକ୍ଟ୍ରମ୍ ଆବଣ୍ଟନ କରିଛି । ରିପୋର୍ଟ ଅନୁଯାୟୀ, ବିଏସଏନଏଲ ପାଖରେ ଏବେ ପ୍ରିମିୟମ (୭୦୦ ମେଗାହର୍ଜ) ଏବଂ ମିଡ୍ ବ୍ୟାଣ୍ଡ (୩୩୦୦ ମେଗାହର୍ଜ) ସ୍ପେକ୍ଟ୍ରମ ରହିଛି । ବିଏସଏନଏଲ ମଧ୍ୟ ଏହାର ୫ଜି ନେଟୱାର୍କର ପରୀକ୍ଷଣ ନୂଆଦିଲ୍ଲୀରେ ଆରମ୍ଭ କରିଥିବା କୁହାଯାଉଛି । ଏଥିମଧ୍ୟରୁ କିଛି ଟାୱାର ୨୦୨୫ ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ସୂଚନା ଅନୁଯାୟୀ, କମ୍ପାନୀ ସମଗ୍ର ଦେଶରେ ଏକ ଲକ୍ଷରୁ ଅଧିକ ୪ଜି ଟାୱାର ସ୍ଥାପନ କରିବା ପ୍ରକ୍ରିୟାରେ ଅଛି, ଯେଉଁଥିରୁ ୮୦ ହଜାର କାର୍ଯ୍ୟକ୍ଷମ ହୋଇସାରିଛି । ଆଗାମୀ ଦିନରେ ୫ଜି ପାଇଁ ସଂପୃକ୍ତ ଟାୱାରଗୁଡ଼ିକୁ ଅପଗ୍ରେଡ୍ କରାଯିବ । ବିଏସଏନଏଲ 'ନେଟୱାର୍କ ଆଜ ଏ ସର୍ଭିସ୍' ମଡେଲ୍ ଜରିଆରେ ୫ଜି ନେଟୱାର୍କ ଆରମ୍ଭ କରିସାରିଛି । ସେପଟେ ଟାଇଡାଲ ୱେଭ୍ ନିକଟରେ କୋଲ ଇଣ୍ଡିଆ ପାଇଁ ୩୫୦୦ ମେଗାହାର୍ଟଜ ବ୍ୟାଣ୍ଡରେ ଏକ ଘରୋଇ ୫ଜି ନେଟୱାର୍କ ନିୟୋଜିତ କରିଛି । ଉଭୟ ଏୟାରଟେଲ ଏବଂ ଜିଓ ବର୍ତ୍ତମାନ ସାରା ଦେଶରେ ୫ଜି ସେବା ପ୍ରଦାନ କରୁଥିବା ବେଳେ ଭୋଡାଫୋନ ନିକଟରେ ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଦିଲ୍ଲୀ ଭଳି ବଛାବଛା ସହରରେ ଏହାର ୫ଜି ନେଟୱାର୍କ ଆରମ୍ଭ କରିଛି । ୨୦୨୪ରେ ୩ଟି ଘରୋଇ ଟେଲିକମ୍ କମ୍ପାନିର ମୂଲ୍ୟ ବୃଦ୍ଧି ପରେ ବିଏସଏନଏଲର ଉପଭୋକ୍ତା ବୃଦ୍ଧି ପାଉଛି । ଘରୋଇ କମ୍ପାନି ତୁଳନାରେ ବିଏସଏନଏଲ ଅଧିକ ଡାଟା ସୁବିଧା ସହ ଅଧିକ ସୁଲଭ ରିଚାର୍ଜ ପ୍ଲାନ୍ ପ୍ରଦାନ କରୁଛି ।



ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ୍ ଟିମ୍‌ର ପିଛା ଛାଡୁନି ବିବାଦ। ଆଇସିସି ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରି ବୁଡ଼ିଯାଇଥିବା ପାକ୍ ଟିମ୍ ପାଇଁ ପୁଣି ଥରେ ଅଡୁଆ ବଢ଼ିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ସ୍ଲୋ-ଓଭର ରେଟ୍ ପାଇଁ ଫାଇନ୍ ଲାଗିଛି। ମ୍ୟାଚ୍ ଫି' ଉପରେ ପାଞ୍ଚ ପ୍ରତିଶତ ଜରିମାନା ଲଗାଇଛି ଆଇସିସି। ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ପାକିସ୍ତାନ କ୍ରିକେଟ୍ ଟିମ୍ ନୈରାଶ୍ୟଜନକ ପ୍ରଦର୍ଶନ ରହିଛି । ପାକିସ୍ତନ ଦଳ ପ୍ରଥମେ ପାଞ୍ଚ ଟିକିଆ ଟି-୨୦ ସିରିଜ୍ ୧-୪ରେ ପରାସ୍ତ ହେବା ପରେ ତିନୋଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ହ୍ୱାଇଟ୍ ୱାସ୍ ହୋଇଛି । ତେବେ ଏହି ଦ୍ୱିପାକ୍ଷିକ ସିରିଜରେ ସ୍ଲୋ-ଓଭର ରେଟ୍ ପାଇଁ ଦଳ ଉପରେ ଫାଇନ୍ ଲାଗିଛି। ମ୍ୟାଚ୍ ଫି'ରେ ୫ ପ୍ରତିଶତ ଜରିମାନା ଲଗାଇଛି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ । ଏହି ଫାଇନ୍ ନ୍ୟୁଜିଲାଣ୍ଡ ବିରୋଧରେ ମାଉଁଣ୍ଟ ମାଉଁଗାନୁଇରେ ଖେଳାଯାଉଥିବା ତୃତୀୟ ଦିନିକିଆରେ ପାକିସ୍ତାନ ଟିମ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଗୋଟିଏ ଓଭର କମ୍ ବୋଲିଂ କରିଥିଲା। ସୂଚନା ଅନୁଯାୟୀ, ଖେଳାଳି ଓ ଖେଳାଳିଙ୍କ ସହଯୋଗୀ ଷ୍ଟାଫଙ୍କ ପାଇଁ ଆଇସିସି ଆଚାର ସଂହିତାର ସ୍ଲୋ-ଓଭର ରେଟ୍ ସହିତ ଜଡ଼ିତ ଅନୁଛେଦ ୨.୨୨ ଅନୁସାରେ ଏହି ନିୟମ ଲାଗୁ ହୋଇଛି । ନିର୍ଦ୍ଧାରିତ ସମୟ ଭିତରେ ବୋଲିଂ ଶେଷ ନହେଲେ ପ୍ରତି ଓଭର ଦରରେ ମ୍ୟାଚ୍ ଫି' ୫ ପ୍ରତିଶତ ଲାଗିବ । ଟିମ୍ ରିଜୱାନ ନ୍ୟୁଜିଲାଣ୍ଡ ସହିତ ତୃତୀୟ ଦିନିକିଆରେ ଧିମା ଓଭର ବୋଲିଂ କରିବାରୁ ଏହି ଜରିମାନା ଲାଗିଛି। ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ମଧ୍ୟ ଏହାକୁ ସ୍ୱିକାର କରିଛନ୍ତି।




୨୦ତମ ମ୍ୟାଚ୍ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

# ଆର୍‌ସିବି ୧୨ରନ୍‌ରେ ବିଜୟୀ



ମୁମ୍ବାଇ : ମୁମ୍ବାଇଠାରେ ସୋମବାର ଖେଳାଯାଉଥିବା ଆଇପିଏଲର ୨୦ତମ ମ୍ୟାଚ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଆର୍‌ସିବି ୧୨ରନ୍‌ରେ ଜିତି ନେଇଛି। ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ଆରମ୍ଭରୁ ଫିଲିପ ସଲ୍ଟଙ୍କ ୱିକେଟ ହରାଇ ସଂକଟରେ ପଡ଼ିଥିଲା। ତେବେ ବିରାଟ କୋହଲି ଓ ଦେବଦତ୍ତ ପଡ଼ିକଲ୍ଲଙ୍କ ମଧ୍ୟରେ ଏକ ଲକ୍ଷୁଆ ଭାଗିଦାରୀ ହୋଇଥିଲା। ବିରାଟ ୬୭ ରନ କରିଥିବାବେଳେ ପଡିକଲ୍ଲ ୩୭ ରନ କରିଥିଲେ । ସେହିପରି ରଜତ ପଟିଦାର ୬୪ ରନର ଉପଯୋଗୀ ପାଳି ଖେଳିଥିଲେ। ଶେଷ ଓଭରଗୁଡ଼ିକରେ ଜିତେଶ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ମାତ୍ର ୧୯ଟି ବଲରେ ୪୦ ରନ କରିବା ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୨୧ ରନ କରିଥିଲା। ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏଁ ୱିକେଟ ନେଇଥିଲେ । ସେହିପରି ବିଗ୍ନେଶ ପୁଥୁର ଗୋଟିଏ ୱିକେଟ ନେଇଥିଲେ। ୨୨୨ରନ୍‌ର ଟାର୍ଗେଟ ନେଇ ମୁମ୍ବାଇ ମୈଦାନକୁ ଓହ୍ଲାଇଥିଲା। ରୋହିତ ଶର୍ମା ଓ ୱିକେଟ କିପର ରିଆନ୍ ରିକ୍ଲେଟନ ପାଳି ଆରମ୍ଭ କରିଥିଲେ। ରୋହିତ ପୁଣି ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ସେ ମାତ୍ର ୧୭ରନ୍ କରି ଆଉଟ ହୋଇଥିଲେ। ସେହିପରି ରିଆନ୍ ରିକ୍ଲେଟନ ୧୭କରିଥିଲେ। ୱିଲ ଜାକ୍ସ ୨୨ ଓ ସୂର୍ଯ୍ୟକୁମାର ଯାଦବ ୨୮ରନ୍ କରି ଆଉଟ୍ ହୋଇଥିଲେ। ଯାହାଫଳରେ ମୁମ୍ବାଇ ବ୍ୟାକ୍‌ଫୁଟ୍ ଚାଲିଯାଇଥିଲା। ତିଳକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମଧ୍ୟରେ ଭଲ ପାର୍ଟନରସିପ୍ ହେବାରୁ ଦଳ ଜିତିବ ବୋଲି ଆଶା ହେଉଥିଲା। ଦୁଇଜଣ ବିସ୍ଫୋରକ ବ୍ୟାଟିଂ କରିଥିଲେ। ତିଳକ ବର୍ମା ୨୯ ବଲ୍‌ରୁ ୫୬ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ ବଲ୍‌ରୁ ୪୨ରନ୍ କରିଥିଲେ। କିନ୍ତୁ ସେ ଆଉଟ ହେବା ପରେ ଆଉ କୌଣସି ଖେଳାଳି ଆଖିଦୃଶିଆ ରନ୍ କରି ପାରିନଥିଲେ। ନମନ ଧିର ୧୧, ମିଚେଲ ସାଣ୍ଟନର ୮, ଟ୍ରେଣ୍ଟ ବ୍ଲୋଟ ୧ ରନ୍ କରିଥିବା ବେଳେ ଦୀପକ ଚହର ଯଶପ୍ରୀତ୍ ବୁମ୍‌ରା ଖାତା ଖୋଲି ପାରିନଥିଲେ। ଯାହାଫଳରେ ଦଳ ୯ୱିକେଟରେ ୨୦୯ରନ୍‌ରେ ଆଉଟ୍ ହୋଇ ମ୍ୟାଚ୍ ହାତଛଡା କରିଥିଲା। ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର ୧ୱିକେଟ୍, ୟାଶ ଦୟାଲ ଓ ଯୋଶ୍ ହାଜଲଉଡ୍ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। କ୍ରୁଣ୍ଡାଲ ପାଣ୍ଡ୍ୟା ସର୍ବାଧିକ ୪ୱିକେଟ ଅକ୍ତିଆର କରିଥିଲେ।

## ଇଶାନ୍ତଙ୍କୁ ଜରିମାନା



ହାଇଦ୍ରାବାଦ: ରବିବାର ରାତିରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ ବେଳେ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଂଘନ କରିଥିବା ଅଭିଯୋଗରେ ଗୁଜରାଟ ଟାଇଟନ୍ସ ପେସର ଇଶାନ୍ତ ଶର୍ମାଙ୍କୁ ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏହାଛଡ଼ା ତାଙ୍କ ଶୃଙ୍ଖଳାଗତ ଖାତାରେ ଏକ ଡିମେରିଟ୍ ଯୋଗ କରାଯାଇଛି। ଇଶାନ୍ତ ଆଇପିଏଲ୍ ଆଚରଣବିଧି ଲେଭଲ-୧ର ଧାରା ୨.୨ର ଉଲ୍ଲଂଘନ କରିଛନ୍ତି। ମ୍ୟାଚ ସମୟରେ କ୍ରିକେଟ ଉପକରଣ କିମ୍ବା ପୋଷାକ, ଗ୍ରାଉଣ୍ଡ ଉପକରଣ କିମ୍ବା ଫିକ୍ସର ଓ ଫିଟିଙ୍ଗ୍‌ର ଦୁରୁପଯୋଗ କ୍ଷେତ୍ରରେ ଏହି ଦଣ୍ଡବିଧାନ କରାଯାଇଥାଏ। ଇଶାନ୍ତ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ଆଚରଣ ସଂହିତାର ଲେଭଲ-୧ ଉଲ୍ଲଂଘନ କଲେ ମ୍ୟାଚ ରେଫରିଙ୍କ ନିଷ୍ପତ୍ତିଙ୍କ ଚୂଡ଼ାନ୍ତ ଏବଂ ପାଳନ କରିବା ବାଧ୍ୟତାମୂଳକ ବୋଲି ଆଇପିଏଲ୍ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଭାରତର ପୂର୍ବତନ ପେସ୍ ବୋଲର ମ୍ୟାଚରେ ୪ ଓଭର ବୋଲିଂ କରି ୫୩ ରନ ଦେଇଥିଲେ ମଧ୍ୟ ଗୋଟିଏ ହେଲେ ଉଇକେଟ ସଫଳତା ପାଇ ନ ଥିଲେ। ଓଭରଅଲ ୩ଟି ଗେମ୍‌ରେ ସେ ୧୦୭ ରନ ଦେଇଥିଲେ ମଧ୍ୟ ଗୋଟିଏ ୱିକେଟ ପାଇଥିଲେ।

## ଅରେଞ୍ଜ କ୍ୟାପ୍ ଓ ପର୍ପଲ କ୍ୟାପ୍ ପାଇଁ ପ୍ରୟାସ ଜୋରଦାର



ନୂଆଦିଲ୍ଲୀ : ଆଇପିଏଲ୍‌ରେ ଖେଳାଯାଇଛି ୧୯ ଟି ମ୍ୟାଚ୍ । ଗୋଟିଏ ପଟେ ୧୦ଟି ଦଳ ଟାଇଟଲ ପାଇଁ ଲଢେଇ କରୁଥିବା ବେଳେ ଅନ୍ୟପଟେ କିଛି ପ୍ଲେୟର ଅରେଞ୍ଜ ଏବଂ ପର୍ପଲ୍ କ୍ୟାପ ପାଇଁ ଜୋରଦାର କରୁଛନ୍ତି ପ୍ରୟାସ । ବର୍ତ୍ତମାନ ଅରେଞ୍ଜ କ୍ୟାପ୍ ଲକ୍ଷ୍ନୌ ସୁପରଜାଏଣ୍ଟସର ନିକୋଲାସ୍ ପୁରନ୍ ଏବଂ ପର୍ପଲ୍ କ୍ୟାପ୍ ଚେନ୍ନାଇ ସୁପର କିଙ୍ଗ୍ସର ନୁର ଅହମ୍ମଦଙ୍କ ପାଖରେ ରହିଛି । କିନ୍ତୁ ଏ ଚିତ୍ର ଆଗକୁ ବଦଳିପାରେ। ଅରେଞ୍ଜ କ୍ୟାପ୍ ତାଲିକାରେ ବର୍ତ୍ତମାନ ଲକ୍ଷ୍ନୌ ସୁପର ଜାଏଣ୍ଟସପର ବିସ୍ଫୋରକ ବ୍ୟାଟର ନିକୋଲାସ ପୁରନ ପ୍ରଥମ ସ୍ଥାନରେ ଅଛନ୍ତି। ଏପର୍ଯ୍ୟନ୍ତ ସେ ୪ଟି ମ୍ୟାଚରେ ୨୦୧ ରନ୍ ସ୍କୋର କରିଛନ୍ତି । ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୧୮ ଚୌକା ଏବଂ ୧୬ଟି ଛକା ଆସିଛି। ଚଳିତ ସିଜିନରେ ସାଇ ସୁଦର୍ଶନଙ୍କର ଏକ ଭିନ୍ନ ଅବତାର ଦେଖିବାକୁ ମିଳିଛି । ସେ ଲଗାତାର ଗୁଜୁରାଟ ଟାଇଟାନ୍ସ ପାଇଁ ରନ୍ ସ୍କୋର କରୁଛନ୍ତି । ସାଇ ସୁଦର୍ଶନ ଚଳିତ ସିଜିନ୍‌ରେ ୧୯୧ ରନ୍ ସ୍କୋର କରିଛନ୍ତି । ୧୫୦.୩୯ ଷ୍ଟ୍ରାଇକ୍ ହାରରେ ସୁଦର୍ଶନ ରନ୍ ସ୍କୋର କରି ଏହି ଲିଷ୍ଟର ୨ୟରେ ରହିଛନ୍ତି। ଏହାପଛକୁ ରହିଛନ୍ତି ମିଚେଲ ମାର୍ଶ । ଚଳିତ ସିଜନରେ ଏପର୍ଯ୍ୟନ୍ତ ଲକ୍ଷ୍ନୌ ସୁପରଜାଏଣ୍ଟସ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି । ସେ ୪ଟି ମ୍ୟାଚରେ ୧୮୪ ରନ୍ ସଂଗ୍ରହ କରିଛନ୍ତି । ଅରେଞ୍ଜକ୍ୟାପ୍ କ୍ୟାପ୍ ପାଇଁ ଲିଷ୍ଟର ୪ର୍ଥରେ ରହିଛନ୍ତି ସୂର୍ଯ୍ୟକୁମାର ଯାଦବ । ଏହି ବ୍ୟାଟର ୪ଟି ମ୍ୟାଚ୍‌ରେ ୧୭୧ ରନ୍ ସଂଗ୍ରହ କରିଛନ୍ତ। ଚଳିତ ସିଜିନରେ ଜୋସ୍ ବଟଲର୍ ଏ ପର୍ଯ୍ୟନ୍ତ ୧୬୬ ରନ୍ କରିଛନ୍ତି । ଗୁଜରାଟ ଟାଇଟନ୍ସର ଏହି ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଆଇପିଏଲ୍ ୨୦୨୫ରେ ୩ ନମ୍ବରରେ ଖେଳୁଛନ୍ତି । ତେବେ ବର୍ତ୍ତମାନ ପର୍ପଲ କ୍ୟାପ୍‌କୁ କବ୍‌ଜା କରିଛନ୍ତି ନୁର ଅହମ୍ମଦ । ଚେନ୍ନାଇ ସୁପର କିଙ୍ଗ୍ସର ନୁର ଅହମ୍ମଦ ୧୦ ୱିକେଟ୍ ସହ ଶୀର୍ଷରେ ଅଛନ୍ତି। କିନ୍ତୁ ପର୍ପଲକ୍ୟାପ୍ ଦୌଡ଼ରେ ଅଛନ୍ତି ସିରାଜ ଏବଂ ଷ୍ଟାର୍କ । ଗୁଜୁରାଟ ଟାଇଟାନ୍ସର ମହମ୍ମଦ ସିରାଜ ମଧ୍ୟ ୪ଟି ମ୍ୟାଚ୍‌ରେ ୯ ୱିକେଟ୍ ନେଇଛନ୍ତି । ମାତ୍ର ଗୋଟିଏ ୱିକେଟ୍ ନୁରଙ୍କ ପଛରେ ରହିଛନ୍ତି ସିରାଜ। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସର ମିଚେଲ ଷ୍ଟାର୍କ ମଧ୍ୟ ପର୍ପଲ କ୍ୟାପ୍ ରେସ୍‌ରେ ରହିଛନ୍ତି । ସେ ୩ଟି ମ୍ୟାଚ୍‌ରେ ୯ ୱିକେଟ୍ ନେଇଛନ୍ତି।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଖଇରପୁଟ (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଠାରେ ଚୈତ ପର୍ବ ଅବସରରେ ରାତ୍ରି କାଳୀନ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଟିମ୍ ଭାଗ ନେଉଥିବା ବେଳେ ପ୍ରଥମ ଦିନରେ ପାଣ୍ଡରାଗୁଡା ସହିତ ଚାଲାଣଗୁଡା ଟିମ୍ ମଧ୍ୟରେ ଖେଳ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଖଇରପୁଟ ବ୍ଲକ ଅଧକ୍ଷ୍ୟ ବିଘ୍ନ କିର୍ଶନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି, ଖଇରପୁଟ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ, ଗୋବିନ୍ଦପାଲ୍ଲୀ ଫାଣ୍ଡି ଅଧିକାରୀ ପଦ୍ମନ ପୂଜାରୀ, ବଡଦୁରାଲ ଏବଂ ମାଡ଼କାପାଦର ସରପଞ୍ଚ ଉପସ୍ଥିତ ରହି ଖେଳର ଉଦଘାଟନ କରିଥିଲେ। ଏହି ଉଦଘାଟନ କାର୍ଯ୍ୟକ୍ରମକୁ ସମାଜସେବୀ ରିତୁ ପରିଛା ପରିଚାଳନା କରିଥିବା ବେଳେ ଶୁକ୍ରା ଦୁର୍ଲିଆ, ରାଜୁ ନାୟକ, ମୋହନ ରାଉଳ, ତୁଳା ନାୟକ, ପିଣ୍ଟୁ ପଟ୍ଟନାୟକ, ଖଗ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କ୍ରିକେଟ୍‌କୁ ଫେରିଲେ ନାସିର

ଢାକା: ଦୁଇ ବର୍ଷର ବାସନ୍ଦାଦେଶ ଶେଷ କରିବା ପରେ ବାଂଲାଦେଶ କ୍ରିକେଟର ନାସିର ହୋସେନ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଇସିସିର ଦୁର୍ନୀତି ନିବାରଣ ନିୟମ ଭଙ୍ଗ କରିବା ଲାଗି ତାଙ୍କୁ ୨୦୨୩ ସେପ୍ଟେମ୍ବରରେ ବାସନ୍ଦ କରାଯାଇଥିଲା। ବାସନ୍ଦାଦେଶର ସର୍ତ୍ତ ମୁତାବକ, ବାଧ୍ୟତାମୂଳକ ଦୁର୍ନୀତି ନିବାରଣ ଶିକ୍ଷା ସେଶନ ନେବା ସହ ହୋସେନ ସମସ୍ତ ମାନଦଣ୍ଡ ପୂରଣ କରିଛନ୍ତି। ଏହା ତାଙ୍କ ପାଇଁ ଏପ୍ରିଲ ୭ ତାରିଖରୁ ଆନୁଷ୍ଠାନିକ ଭାବେ କ୍ରିକେଟରେ ପୁନଃ ପ୍ରବେଶ କରିବାର ବାଟ ଖୋଲି ଦେଇଛି ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପକ୍ଷରୁ କୁହାଯାଇଛି। ୩୩ ବର୍ଷୀୟ ହୋସେନ ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ ବାଂଲାଦେଶ ପାଇଁ ସମସ୍ତ ଫର୍ମାଟରେ ୧୧୫ ମ୍ୟାଚ ଖେଳିଥିଲେ। ନାସିର ଚଳିତ ଢ଼ାକା ପ୍ରିମିୟର ଲିଗ ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବାକୁ କହିଛନ୍ତି।



**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨
IDFC FIRST Bank

**ସର୍ବସାଧାରଣ ନୋଟିସ୍**
**ସୁନା ନିଲାମ ତଥା ଆମନ୍ତ୍ରଣ ନୋଟିସ୍**

ନିମ୍ନଲିଖିତ ଋଣଗ୍ରହୀତାମାନେ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡରୁ ସୁନା ବଦଳରେ ନେଇଥିବା ଋଣ ବାରମ୍ବାର ନୋଟିସ୍ ସତ୍ତ୍ୱେ ପରିଶୋଧ କରୁନାହାନ୍ତି। ଯେହେତୁ ଋଣଗ୍ରହୀତା ଏହି ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ଆମେ ଆସନ୍ତା ୧୫.୦୪.୨୦୨୫ରେ ସେହି ସୁନାଗହଣାଗୁଡ଼ିକୁ ନିଲାମ କରିବା ପାଇଁ ନିଷ୍ପତ୍ତି ନେଇଛୁ। ଯଦି ନିଲାମ ସମୟରେ ଅଧିକ ଅର୍ଥ ମିଳେ ତେବେ ଋଣଗ୍ରହୀତାଙ୍କୁ ବଳକା ଅର୍ଥ ଫେରସ୍ତ କରାଯିବ, ଯଦି ନିଲାମ ଅର୍ଥରେ କମ୍ ଆସେ ତେବେ ବାକିତକ ଅର୍ଥ ଆଇନଗତ ଉପାୟରେ ଋଣଗ୍ରହୀତାଙ୍କଠାରୁ ଆଦାୟ କରାଯିବ। ଆଇଡିଏଫସି ଫାଷ୍ଟବ୍ୟାଙ୍କ କୌଣସି ବିନା ସୂଚନାରେ ତାଙ୍କର ଏକାଉଣ୍ଟକୁ ରିମୁଭ୍ କରିପାରନ୍ତି। ସେହିପରି ଆଇଡିଏଫସି ଫାଷ୍ଟବ୍ୟାଙ୍କ ବିନା ନୋଟିସରେ ନିଲାମ ତାରିଖକୁ ପରିବର୍ତ୍ତନ କରିବାର ଅଧିକାର ରଖିଛନ୍ତି।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ବ୍ରାଞ୍ଚର ନାମ |
|---|---|---|
| ୧୪୧୭୦୦୯୮୩୫ | ଗିରିଧାରୀ କାଣ୍ଡ | ଭବାନୀପାଟଣା ବ୍ରାଞ୍ଚ |
| ୧୪୧୮୫୫୬୨୩ | ପ୍ରଶାନ୍ତ କୁମାର ବଗର୍ତ୍ତୀ | ବଲାଙ୍ଗୀର ବ୍ରାଞ୍ଚ |

୧୫.୦୪.୨୦୨୫ ପୂର୍ବାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିଲାମ ପ୍ରକ୍ରିୟା https://idfcegold.auctiontiger.net/ ଏବଂ ୧୫.୦୪.୨୦୨୫ର ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ https://egold.samil.in ମାଧ୍ୟମରେ କରାଯିବ। ତେଣୁ ଏହି ନୋଟିସ ପ୍ରକାଶନ ଜରିଆରେ ଋଣଗ୍ରହୀତାମାନଙ୍କୁ ଶେଷ ନୋଟିସ ଓ ଶେଷ ସୁଯୋଗ ପ୍ରଦାନ କରାଯାଉଅଛି ଯେ ସେମାନେ ଋଣ ପରିଶୋଧ କରିବାର ସୁବିଧା ନିଅନ୍ତୁ, ଯାହାକି ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ରହିଛି। ତେବେ ଯଦି ଋଣଗ୍ରହୀତା ବିଫଳ ହୁଅନ୍ତି ତାଙ୍କ ବନ୍ଧକ ଗହଣାକୁ ନିଲାମ କରାଯିବ। ଦୟାକରି ନୋଟ୍ କରନ୍ତୁ: ଯଦି କୌଣସି କାରଣ ପାଇଁ ଉକ୍ତଦିନ ଏହି ନିଲାମ ସଂପୂର୍ଣ୍ଣ ହୋଇନପାରେ ତେବେ ପରବର୍ତ୍ତୀ ୭ଦିନ ମଧ୍ୟରେ ସମାନ ନିୟମ ଓ ସର୍ତ୍ତ ଅନୁଯାୟୀ ଆଉଥରେ ନିଲାମ ତାରିଖ ଘୋଷଣା କରାଯିବ। ଯଦି ଋଣଗ୍ରହୀତାଙ୍କର ମୃତ୍ୟୁ ହୋଇଥାଏ ତେବେ ଏହି ସମସ୍ତ ନିୟମ ତାଙ୍କର ଉତ୍ତରାଧିକାରୀଙ୍କ କ୍ଷେତ୍ରରେ ଲାଗୁ କରାଯିବ।
**ତାରିଖ: ୦୮.୦୪.୨୦୨୫, ସ୍ଥାନ: ଓଡ଼ିଶା**

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ: ରେନ୍‌ବୋ କ୍ଲବ୍ ଚାମ୍ପିଅନ୍



ଗୋପ (ଭାସ୍କର ନ୍ୟୁଜ) : ଗୋପ ମା ଭବାନୀ ଭଲିବଲ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟରେ ଗୋପ ଭବାନୀ ଭଲିବଲ କ୍ଲବକୁ ହରାଇ ରେନ୍ବୋ କ୍ଲବ, ଭୁବନେଶ୍ୱର ଚମ୍ପିଆନ୍ ହୋଇଛି। ଏଥିରେ ବାଲେଶ୍ୱର ଭଲିବଲ ଟିମ, ପୁରୀ ସାଇ ହଷ୍ଟେଲ ଭଲିବଲ ଟିମ, ଭୁବନେଶ୍ୱର ରେନବୋ ଭଲିବଲ କ୍ଲବ ପରସ୍ପର ମଧ୍ୟରେ ଲିଗ୍ ମ୍ୟାଚ ଏବଂ ପରେ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚରେ ରେନ୍‌ବୋ ଭୁବନେଶ୍ୱର ୨-୧ ସେଟ୍‌ରେ ପୁରୀକୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ପ୍ରଥମ ସେଟ୍‌ରେ ଗୋପ ୨୫-୧୯ରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସେଟ୍‌ରେ ଭୁବନେଶ୍ୱର ୧୫-୧୧ ପଏଣ୍ଟରେ ଗୋପକୁ ହରାଇ ବିଜୟୀ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଗୋପ ଥାନା ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ପଢ଼ିହାରୀ, ସମ୍ମାନୀତ ଅତିଥି ଭାବେ ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ ନିଗମାନନ୍ଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପ୍ରଧାନ ଓ ବରିଷ୍ଠ କ୍ରୀଡ଼ାବିତ କୃଷ୍ଣଚନ୍ଦ୍ର ପୃଷ୍ଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପରବର୍ତ୍ତୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ଗୋପ ପଞ୍ଚାୟତ ସରପଞ୍ଚ ସୁଲୋଚନା ଦାସ, ଯୁବନେତା ମନ୍ଦୀପ ପାଇକରାୟ, ଗୋପ ବ୍ଲକ କଂଗ୍ରେସ ଯୁବନେତା ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ରେନବୋ କ୍ଲବ ଭୁବନେଶ୍ୱର ଗୋପକୁ ହରାଇ ଚମ୍ପିଆନ ଟ୍ରଫି ସହିତ ୧୦ ହାଜର ଏକ ଟଙ୍କା ଗ୍ରହଣ କରିଥିବା ବେଳେ ରନର୍ସ ଅପ ଦଳ ମା ଭବାନୀ ଭଲିବଲ ଟିମକୁ ୮ ହାଜର ଏକ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ ମ୍ୟାଚକୁ ଦୁଇଜଣ ଜାତୀୟ ସ୍ତରୀୟ ରେଫରୀ ଶ୍ରୀକାନ୍ତ ନାୟକ ଓ ବିଦ୍ୟୁତଭୂଷଣ ରଥ, ପ୍ରିୟ ରଂଜନ ସାହୁ, ସୁକାନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ କ୍ରୀଡ଼ାବିତ ଗୋପ ଭଲିବଲ ଟିମର ପିଣ୍ଟୁଙ୍କୁ ପ୍ରଦାନ କରାଯାଇଥିବା ବେଳେ ଶ୍ରେଷ୍ଠ ସେଣ୍ଟର ମ୍ୟାନ ଭୁବନେଶ୍ୱରର ରେନବୋ , ଶ୍ରେଷ୍ଠ ପ୍ରତିରକ୍ଷା ଖେଳାଳି ଗୋପ ଟିମର ଅନିଲ କୁମାର ସେନାପତିଙ୍କୁ ଏବଂ ବେଷ୍ଟ ଲିବ୍ରୋ ଭାବେ ଭୁବନେଶ୍ୱରର ରେନବୋ ଦଳକୁ ସମ୍ମାନିତ କରାଯାଇଥିଲା।

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER,**
**DRINKING WATER & SANITATION DIVISION, PAKUR.**

**E- Short Procurement Notice (2nd Call)**
**Tender Notice Reference No.- DWSD/PKR/02/2025-26 Dated : 07.04.2025**

| | | |
|---|---|---|
| 1 | Name of the Department | Drinking Water and Sanitation Department, Jharkhand, Ranchi. |
| 2 | Name of the Advertiser | Executive Engineer, Drinking Water & Sanitation, Division, Pakur. |
| 3 | Date of Publication of Tender on Web site | 09.04.2025/ 01.00 PM |
| 4 | Date of Pre- bid Meeting | 15.04.2025 / 01.00 PM |
| 5 | Last date /Time for receipt of Bid | 22.04.2025/11.00 A.M |
| 6 | Last date/time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 22.04.2025/ 11.00A.M |
| 7 | Date of opening of Tender | 23.04.2025/11.00 A.M |
| 8 | Name & address of office inviting tender | Executive Engineer, Drinking Water & Sanitation Division, Pakur, Jharkhand. |
| 9 | Contact no of Procurement office | 9110073326 |

| Sl. No | Name of Work | Block | Group No. | Estimated Cost (In Lakh.) | Earnest money (In Rs.) | Cost of BOQ (In Rs.) | Time of Completion |
|---|---|---|---|---|---|---|---|
| 1 | Remaining Work of Urban Water Supply Scheme, Pakur | Pakur | 1 | 431.6216 | 450000.00 | 10000.00 | 06 Month (Including 3 moth trail & Run) |

➢ Note:- The Work order will be given only after sanction of Administrative Approval.
- अन्य किसी प्रकार की सूचना http://jharkhandtenders.gov.in पर देखा जा सकता है।
- प्राक्कलित राशि घट–बढ़ सकती है, तदनुसार अग्रधन की राशि एवं परिमाण विपत्र का मूल्य देय होगा।
- आवंटन प्राप्त होने के उपरान्त ही भुगतान किया जायेगा।
- उपरोक्त वर्णित समयावधि के अन्दर ही कार्य करना अनिवार्य है। समय सीमा के अन्दर कार्य पूर्ण नहीं करने पर काली सूची में दर्ज करने की कार्रवई की जायेगी।
- परिमाण विपत्र की राशि लौटाई नहीं जायेगी।

Executive Engineer,
Drinking Water & Sanitation
Division, Pakur.

PR 349829 Drinking Water and Sanitation(25-26).D

## ରୋଶନ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଏମ୍‌ଏମ୍‌ସିଟି ଲତାହରଣ ଚାମ୍ପିଅନ୍



କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ପୁର ବ୍ଲକ ଅନ୍ତର୍ଗତ ଲତାହରଣ ହାଇସ୍କୁଲ ପଡିଆରେ ରୋଶନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ (ନାଇଟ୍ ମ୍ୟାଚ) ର ଫାଇନାଲ ଫାଇନାଲ ମ୍ୟାଚରେ ଖାନପୁର କ୍ରିକେଟ କ୍ଲବକୁ ହରାଇ ଏମ.ଏମ. ସି. ଟି ଲତାହରଣ ଚମ୍ପିୟାନ ହୋଇଛି। ୭ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ଖାନପୁର କ୍ରିକେଟ କ୍ଲବ ବ୍ୟାଟିଂ କରି ୩୯ ରନ କରିଥିଲା। ଜବାବରେ ଏମଏମସିଟି ଲତାହରଣ ୬ ୱିକେଟ ହରାଇ ୪୦ ରନ କରି ମ୍ୟାଚକୁ ଜିତି ନେଇଥିଲା। ଏହି ଫାଇନାଲ ଦିବସରେ ଅତିଥି ଭାବେ ରଞ୍ଜୀତ ବିଶ୍ୱାଳ, ସାମ୍ବାଦିକ ଭାଗବତ ସ୍ୱାଇଁ, କମଳ ଲୋଚନ ଦୀକ୍ଷିତ ଯୋଗଦେଇଥିଲେ। ଚମ୍ପିୟାନ ଦଳକୁ ଟ୍ରଫି ୨୫୦୦୦ ହଜାର ଟଙ୍କା ଏବଂ ରନର୍ସ ଦଳକୁ ୧୫୦୦୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଗୁଲଫାମ ଖାନ, ଜାଭେର ହୁସେନ, ଓବେଦ ଖାନ ମାହିର ହୁସେନ ପ୍ରମୁଖ ସହଯୋଗ କରିଥିଲେ।

**कार्यपालक अभियंता का कार्यालय** प्रपत्र संख्या—1
**पेयजल एवं स्वच्छता प्रमंडल, झुमरीतिलैया**
**ई— निविदा**
निविदा संख्या :- 02/JMT/2025-26 दिनांक 07-04-2025

| क्र0 स0 | विवरणी: कार्य का नाम | विस्तृत विवरणी: प्राक्कलित राशि (लाख में) | अग्रिम जमानत की राशि (लाख में) | परिमाण विपत्र का मूल्य | कार्य पूर्ण करने का समय |
|---|---|---|---|---|---|
| 1 | Left out work of detailed survey, designing and drawing, Construction of 10.0 M dia R.C.C. Intake well cum pump house, Gangway 75.1 mtr. length and 3.95 mtr. wide, Pipe Bridge 70.0 mtr. length and 2.00 mtr. wide, Pipe Bridge 50 mtr. length and 2 mtr. wide, Pipe Bridge 100 mtr. length and 2 mtr. wide Pipe Bridge 60 mtr. length and 2 mtr. wide. 19.50 MLD capacity Water Treatment Plant, Compound wall, Supplying and laying Raw/Clear Water rising main & Laying Distribution Network, , Supplying and Installation of Vertical turbine and Centrifugal pump motor, and Five years Operation and Maintenance with allied works etc. all complete job for work of **Jainagar ,Domchanch & Koderma** Block MVS Rural Water Supply Scheme under Drinking Water & Sanitation Division, **Jhumritelaiya** on turnkey basis. Year 2025-2026. | **18305.22624** | **183.06** | **10,000/-** | 24 Months + 3 months (trial and run) |
| 2 | वेबसाइट पर निविदा प्रकाशन की तिथि :– | 17-04-2025 at 5.00 बजे अपराह्न | | | |
| 3 | निविदा के पूर्व बैठक की तिथि एवं समय | 22-04-2025 at 1.00 अपराह्न, अभियंता प्रमुख, पेयजल एवं स्वच्छता विभाग, झारखंड, राँची | | | |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय:– | 03-05-2025 को 5.00 बजे अपराह्न | | | |
| 5 | सरकार के सचिव, सूचना प्रौद्योगिकी एवं ई– गवर्नेस, झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 03-05-2025 को 5.00 बजे अपराह्न | | | |
| 6 | तकनीकी बीड खोलने की तिथि एवं समय :– | 05-05-2025 को 3.00 बजे अपराह्न | | | |
| 7 | तकनीकी बीड खोलने का स्थान :– | कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया | | | |
| 8 | निविदा आमंत्रित करने वाले पदाधिकारी का नाम एवं पदनाम :– | ई0 अनुज कुमार सिन्हा कार्यपालक अभियंता, पेयजल एवं स्वच्छता प्रमंडल, झुमरीतिलैया | | | |
| 9 | निविदा आमंत्रित करनेवाले कार्यालय का :– | 0800253646 0, Email -id eedwsd.jhumaritellaiya@gmail.com | | | |
| 10 | ई प्रोक्युरमेंट सेल का हेल्प लाईन नं0 | 0651-2480345 | | | |

- परिमाण विपत्र की राशि घट–बढ़ सकती है।
- स्वीकृति की प्रत्याशा में निविदा की जा रही है। कार्यादेश स्वीकृति के उपरान्त ही निर्गत किया जायेगा।
- विस्तृत विवरणी बेबसाईट **http://jharkhand tenders.gov.in** पर देखा जा सकता है।

जल ही जीवन है !स्वच्छता प्राण है !
(ई0 अनुज कुमार सिन्हा) कार्यपालक अभियंता,
पेयजल एवं स्वच्छता प्रमंडल, झुमरीतिलैया।
PR.NO.349862 Drinking Water and Sanitation(25-26):D

**Office of the Executive Engineer**
**Drinking Water & Sanitation Division, Ranchi West, Ranchi**

**EoI No- 1/CDO/Ranchi/Empanelment/2025-26 Dated: - 04.04.2025**

**Expression of Interest**

Inviting Expression of interest for empanelment of only indigenous manufacturers of HDPE / MDPE pipe to be included as recommended makes to be used in ongoing and forthcoming Water Supply Schemes funded by Jal Jeevan Mission / 15th Finance Funds / Funds from other sources in Jharkhand through Online bidding.

1. Date of uploading of EOI On http://jharkhandtenders.gov.in : 09.04.2025 at 3.00 PM
2. Pre-Bid meeting at CDO, DW&SD, Jharkhand, Doranda, Ranchi-834002 : 15.04.2025 at 3.00 PM.
3. Last date & time of online submission : 05.05.2025 up to 04.00 PM
4. Opening Date of Technical Bid : 06.05.2025 at 5.00 PM
5. EOI application Fee : Rs. 10,000/- only (non-refundable)
7. Helpline No. : +91 9430725642 /8709958093
8. EoI application Fee should be Paid Rs 10,000/- (Rupees Ten Thousand Only) (Non- Refundable) through Online Gateway Facilities two mode- Net Banking (SBI & 61 Others Bank) as well as NEFT/RTGS Challan Mode in favour of **Executive Engineer, Drinking Water & Sanitation Division, Ranchi West** payable at **Ranchi**. **(As per IT & e-governance Department Letter-120, Date-03.10.2023 attached Annexure-1) Payment gateway of designated bank i.e. SBI for all Govt. Department.**
9. Performance Guarantee should be Rs 2,50,000/- (Rupees Two Lakhs Fifty Thousand Only) through Online Gateway Facilities two mode- Net Banking (SBI & 61 Others Bank) as well as NEFT/RTGS Challan Mode in favour of **Executive Engineer, Drinking Water & Sanitation Division, Ranchi West** payable at **Ranchi**. Performance Guarantee will be returned after the expiry of Seven years, extendable as and when required from the date of empanelment and after satisfactory completion of work. **(As per IT & e-governance Department Letter-120, Date-03.10.2023) Payment gateway of designated bank i.e. SBI for all Govt. Department.** EoI application fee, Performance Guarantee & Bid Documents separately in Online Mode shall be deposited. Only those applications will be entertained whose EoI application fee, Performance Guarantee & bid documents is being received separately and properly superscribed in Online Mode. The office of Executive Engineer, D.W. & S. Division, Ranchi West Ranchi will not be held responsible for any failure in payment by online Method.
10. In the event date specified for receipt / opening of technical bid is declared a holiday, the due date for submission and opening, will be the following next working day at the appointed time.
11. Bid validity shall be 180 days from the date of opening bid.
12. The Department reserves the right to cancel, revise or amend this notice or bid documents fully or partly prior to the last date notice for submission of offers or on any subsequent date.
13. All legal disputes will be entertained within the jurisdiction of Jharkhand High Court, Ranchi.
14. Bid Documents/ Any changes & Further details can be seen on website: http://jharkhand tenders.gov.in

Sd/-
Executive Engineer
D.W. & S. Division, Ranchi West, Ranchi
PR 349864 Drinking Water and Sanitation(25-26).D



ବର୍ତ୍ତମାନ ସମୟରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ହୁହୁ ହୋଇ ବଢ଼ିବାରେ ଲାଗିଛି । ତେବେ ଏକ ରିସର୍ଚ୍ଚରୁ ଜଣାପଡିଛି ଯେ, ସକାଳର ଗୋଟିଏ ଭୁଲ ଏହି ବିପଦକୁ ବୃଦ୍ଧି କରିପାରେ । ନିୟମିତ ଭାବରେ ଦାନ୍ତ ଘଷିବା ଏବଂ କୁଳି କରିବା ଦ୍ୱାରା ମୁଣ୍ଡ ଏବଂ ଗଳା କର୍କଟ ରୋଗ ହେବାର ଆଶଙ୍କା କମିଯାଏ । ଆମେରିକୀୟ ବୈଜ୍ଞାନିକଙ୍କ ଅଧ୍ୟୟନ ଅନୁଯାୟୀ, ପାଟି ସଫା ନକରିବା ଦ୍ୱାରା କେବଳ ମଧୁମେହ ଏବଂ ଉଚ୍ଚ ରକ୍ତଚାପର ଆଶଙ୍କା ବୃଦ୍ଧି ହେବ ତାହା ନୁହେଁ ବରଂ ମୁଣ୍ଡ ଏବଂ ବେକ କର୍କଟ ରୋଗ ମଧ ବଢ଼ିଥାଏ । ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ପ୍ରତିଦିନ ସକାଳୁ ଶୀଘ୍ର ବ୍ରସ କରିବା ଜରୁରୀ ଅଟେ । କର୍କଟ ରୋଗର ଆଶଙ୍କା ଏବଂ ପାଟିରେ ଥିବା କେତେକ ଜୀବାଣୁ ମଧରେ ଥିବା ସମ୍ପର୍କକୁ ଚିହ୍ନିବା ପାଇଁ ଏହି ଅଧ୍ୟୟନ କରାଯାଇଥିଲା । ଘଣଟ ଲାଙ୍ଗୋନ୍ ହେଲଥ ଏବଂ ଏହାର ପର୍ଲମୁଟର କର୍କଟ କେନ୍ଦ୍ରର ଅନୁସନ୍ଧାନକାରୀଙ୍କ ନେତୃତ୍ୱରେ ହୋଇଥିବା ଏହି ଅଧ୍ୟୟନରୁ ଜଣାପଡିଛି ଯେ ପାଟିରେ ରହୁଥିବା ଶହ ଶହ ପ୍ରକାରର ଜୀବାଣୁ ମୁଣ୍ଡ ଏବଂ ବେକ ସ୍କ୍ୱାମସ୍ କୋଷ ବୃଦ୍ଧି ହେବାର ଆଶଙ୍କା ୫୦ ପ୍ରତିଶତ ବଢାଇଥାଏ । ଏଥିରୁ ସ୍ପଷ୍ଟ ହୋଇଛି ଯେ, ପାଟିରେ ଥିବା ଜୀବାଣୁ କ୍ୟାନ୍ସର ଆଶଙ୍କା ବୃଦ୍ଧି କରିପାରେ ।

# ରିଆଲିଟି ଶୋ'ରେ ଏଣ୍ଟ୍ରି କରିବେ ଧନଶ୍ରୀ



ସୋସିଆଲ୍ ମିଡିଆ ଷ୍ଟାର ଓ ଡ୍ୟାନ୍ସର ଧନଶ୍ରୀ ବର୍ମା ରିଆଲିଟି ଶୋ'ରେ ଏଣ୍ଟ୍ରିକୁ ନେଇ ଚର୍ଚ୍ଚାରେ ଅଛନ୍ତି । ତାଙ୍କୁ ଅନେକଗୁଡ଼ିଏ ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ଲଗାତର ଅଫର ଆସୁଛି । ସେଥିମଧ୍ୟରୁ କିଛି ପ୍ରଡକ୍ସନ୍ ହାଉସ୍ ସହିତ ସେ ଆଲୋଚନା ଜାରି ରଖିଛନ୍ତି । କିନ୍ତୁ ଅଦ୍ୟାବଧି କୌଣସି ଶୋ' ଲାଗି ହଁ ଭରିନାହାନ୍ତି । ସୂତ୍ର ମୁତାବକ, ଧନଶ୍ରୀ 'ଖତରୋଁ କେ ଖିଲାଡି' ଭଳି ଶାରୀରିକ ଟାସ୍କଭିତ୍ତିକ ଶୋ'କୁ ନେଇ ଉତ୍ସାହିତ ଅଛନ୍ତି । ତାଙ୍କୁ ବିଗ୍ ବସ୍ ହାଉସ୍ ପକ୍ଷରୁ ବି ଅଫର ମିଳିଛି । ଧନଶ୍ରୀ କିନ୍ତୁ ସେଥିନେଇ ଦ୍ୱନ୍ଦ୍ୱରେ ଅଛନ୍ତି । ଯଦି ସେ ବିଗ୍‌ବସ୍‌କୁ ଆସନ୍ତି ତେବେ ନିଜର ବ୍ୟକ୍ତିଗତ ଜୀବନ ବିଶେଷକରି କ୍ରିକେଟର ଯୁଝବେନ୍ଦ୍ର ଚହଲଙ୍କୁ ବିବାହ ଓ ଛାଡ଼ପତ୍ର ନେଇ ଖୋଲାଖୋଲି ଭାବେ କହିବାକୁ ଶୋ'ର ଟିମ୍ ଚାହୁଁଛି । ଏହି ସର୍ତ୍ତ ଧନଶ୍ରୀଙ୍କୁ ଅଡୁଆରେ ପକାଇଛି । ଏପରିସ୍ଥଳେ ସେ 'ଖତ୍‌ରୋଁ କେ ଖିଲାଡି'କୁ ବାଛିପାରନ୍ତି ବୋଲି ତାଙ୍କ ସହ ଘନିଷ୍ଠ ବ୍ୟକ୍ତି ପ୍ରକାଶ କରିଛନ୍ତି । ପୂର୍ବରୁ ଧନଶ୍ରୀ ୨୦୨୩ରେ 'ଝଲକ ଦିଖଲାଜା-୧୧'ରେ ପ୍ରତିଯୋଗୀ ଭାବେ ନଜର ଆସିଥିଲେ । ସେତେବେଳେ ପୂର୍ବତନ ସ୍ୱାମୀ ଚହଲ ତାଙ୍କୁ ସମର୍ଥନ କରିବାକୁ ଥରେ ଶୋ'କୁ ମଧ୍ୟ ଆସିଥିଲେ । ୨୦୨୦ରେ ଦମ୍ପତିଙ୍କର ବିବାହ ଅନୁଷ୍ଠିତ ହୋଇଥିଲା । ତେବେ ଗତ ମାର୍ଚ୍ଚରେ ଉଭୟଙ୍କର ଛାଡ଼ପତ୍ର ହୋଇଛି ।

# ଦୁଃଖରେ ଭାଙ୍ଗିପଡିଛନ୍ତି ଜ୍ୟାକ୍‌ଲିନ୍



ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି । କିଛିଦିନ ହେବ ରୋଗରେ ପୀଡ଼ିତ ଥିବା ଜ୍ୟାକଲିନଙ୍କ ମା'ଙ୍କ ଦେହାନ୍ତ ହୋଇଯାଇଛି । ଜ୍ୟାକଲିନଙ୍କ ମା' କିମ ଫର୍ଣ୍ଣାଣ୍ଡିଜଙ୍କ ହାର୍ଟ ଷ୍ଟ୍ରୋକ ହୋଇଥିଲା । ଯେଉଁ କାରଣରୁ ତାଙ୍କୁ ଚିକିତ୍ସା ପାଇଁ ଲିଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମା'ଙ୍କ ମୃତ୍ୟୁ ଖବର ପାଇବା ପରେ ଜ୍ୟାକଲିନ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି । କାରଣ ତାଙ୍କ ତାଙ୍କ ମା' ସବୁବେଳେ ତାଙ୍କ ସାଥୀରେ ଥାଆନ୍ତି । ପ୍ରତି ମୁହୂର୍ତ୍ତରେ ଜ୍ୟାକଲିନଙ୍କ ସହିତ ରହି ପ୍ରେରଣା ଦେଇଥାନ୍ତି । ତାଙ୍କୁ ପ୍ରତିଟି କାମ ପ୍ରତି ସଜାଗ ରହିବାକୁ ଚେତାଇବା ସହିତ ସମର୍ଥନ ବି କରିଥାଆନ୍ତି ।

# ପୁଣି ତାହିରାଙ୍କୁ କ୍ୟାନ୍‌ସର




ପୁଣି ଥରେ ସ୍ତନ କର୍କଟର ଶିକାର ହୋଇଛନ୍ତି ଆୟୁଷ୍ମାନ ଖୁରାନାଙ୍କ ପତ୍ନୀ ତାହିରା କଶ୍ୟପ । ସେ ୨୦୧୮ରୁ ସ୍ତନ କର୍କଟ ସହ ସଂଘର୍ଷ କରିଥିଲେ । ତାହିରାଙ୍କୁ ପୁଣି ଥରେ ସ୍ତନ କର୍କଟ ହୋଇଥିବା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏହି ପୋଷ୍ଟ ପରଠାରୁ, ଅନେକ ସେଲିବ୍ରିଟି ଓ ଫ୍ୟାନ୍ସମାନେ ତାଙ୍କୁ ସାହସ ଓ ପ୍ରେମ ଦେଉଛନ୍ତି । ତାଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା ମଧ୍ୟ କରୁଛନ୍ତି । କର୍କଟ ବିଷୟରେ ଜଣାଇ ତାହିରା କଶ୍ୟପ ଲେଖିଛନ୍ତି, 'ସାତ ବର୍ଷର ନିୟମିତ ଚେକଅପ୍ ପରେ ଏବେ ପୁଣି ମୁଁ ସ୍ତନ କର୍କଟ ରୋଗରେ ପୀଡ଼ିତ ହୋଇଛି ।' ଏଭଳି ଲେଖାଥିବା ଫଟୋ ସେୟାର କରି ସେ ପୋଷ୍ଟର କ୍ୟାପସନରେ ଲେଖିଛନ୍ତି, 'ଯେତେବେଳେ ଜୀବନ ତୁମକୁ ଲେମ୍ବୁ ଦିଏ, ଲେମ୍ବୁ ପାଣି ତିଆରି କର । ଯେତେବେଳେ ଜୀବନ ଅତ୍ୟଧିକ ଉଦାର ହୋଇଯାଏ ଏବଂ ସମସ୍ୟାକୁ ବାରମ୍ବାର ତୁମ ଉପରେ ଅଜାଡି ଦିଏ, ସେତେବେଳେ ଶାନ୍ତ ଭାବରେ ଲେମ୍ବୁକୁ କାଳା ଖଟ୍ଟା ପାନୀୟ ମିଶାଇ ଭଲ ଉଦ୍ଦେଶ୍ୟ ସହ ଏହାକୁ ପିଅ । କାରଣ ପ୍ରଥମତଃ ଏହା ଭଲ ଏବଂ ଦ୍ୱିତୀୟତଃ ତୁମେ ଜାଣ ଯେ ତୁମେ ପୁଣି ଥରେ ତୁମର ଶ୍ରେଷ୍ଠ ପ୍ରଦର୍ଶନ କରିବ । ନିୟମିତ ସ୍କ୍ରିନିଂ କରାନ୍ତୁ । ମାମୋଗ୍ରାମକୁ ଭୟ କରନ୍ତୁ ନାହିଁ । ଯଥାସମ୍ଭବ ନିଜର ଯତ୍ନ ନେବାକୁ ଚେଷ୍ଟା କରନ୍ତୁ ।

# ମାନସୀ 'ଇଣ୍ଡିଆନ୍ ଆଇଡଲ ୧୫' ବିଜେତା



ଲୋକପ୍ରିୟ ସଙ୍ଗୀତ ରିୟଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ୧୫'ର ବିଜେତା ହୋଇଛନ୍ତି କୋଲକାତାର ମାନସୀ ଘୋଷ (୨୪) । ଟାଇଟଲ ହାସଲ କରିଥିବା ମାନସୀଙ୍କୁ ଏକ ନୂତନ ବ୍ରାଣ୍ଡ କାର ଏବଂ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି । ସୋନି-ଟିଭିର ଅଫିସିଆଲ ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରାଯାଇ କୁହାଯାଇଛି, ମାନସୀ କେବଳ 'ଇଣ୍ଡିଆନ୍ ଆଇଡଲ ୧୫'ର ଟାଇଟଲ ଜିତି ନାହାନ୍ତି ବରଂ ସେ ଅନେକ କୋଟି ଲୋକଙ୍କ ହୃଦୟରେ ରାଜ୍ କରିବାରେ ସଫଳ ହୋଇଛନ୍ତି । ମାନସୀ ଏହି ସଫଳତା ପାଇଁ ନିଜ ପରିବାରକୁ ଶ୍ରେୟ ଦେଇଛନ୍ତି । ଏହାସହ ସେ ତାଙ୍କର ପ୍ରଥମ ବଲିଉଡ୍‌ଗୀତକୁ ରେକର୍ଡ କରିସାରିଥିବା ମାନସୀ କହିଛନ୍ତି । ପ୍ରକାଶ ଯେ, 'ଇଣ୍ଡିଆନ୍ ଆଇଡଲ ୧୫'କୁ ଗାୟକ ଆଦିତ୍ୟ ନାରାୟଣ ହୋଷ୍ଟ କରୁଥିବା ବେଳେ ପ୍ରସିଦ୍ଧ ସଙ୍ଗୀତଜ୍ଞ ବିଶାଲ ଡଡ୍‌ଲାନୀ, ଶ୍ରେୟା ଘୋଷାଲ ଏବଂ ରାପର ବାଦଶାହ ଏହି ରିୟଲିଟି ଶୋ' ଚଳିତ ସିଜନ୍‌ରେ ବିଚାରପତି ରହିଥିଲେ । ଗତବର୍ଷ ଅକ୍ଟୋବର ୨୬ରୁ 'ଇଣ୍ଡିଆନ୍ ଆଇଡଲ ୧୫' ଆରମ୍ଭ ହୋଇଥିଲା ।

# ପାଣିରେ ଭିଜାଇ ଖାଆନ୍ତୁ ଅଞ୍ଜିର



*ଅଞ୍ଜିର ଏକ ହାଇଫ୍ରୁଟ୍ । ଯାହା ହାଲ୍‌କା ହଳଦିଆ ଓ ଗାଢ଼ା ସୁନେଲୀ ରଙ୍ଗର । ପୋଷକ ତତ୍ତ୍ୱରେ ଭରା ଏହି ଫଳ । ଖାଇବାକୁ ବେଶ୍ କୁରକୁରା ମଧ ଲାଗିଥାଏ । ଏହା ଅନେକ ରୋଗର ଉପଚାର ମଧ କରିଥାଏ । ଅଞ୍ଜିର ଜିଙ୍କ୍, ମାଙ୍ଗାନିଜ୍, ମ୍ୟାଗ୍ନେସିୟମ୍, ଆଇରନ୍ ପରି ପୋଷକ ତତ୍ତ୍ୱରେ ଭରା । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଫାଇବର ମଧ ରହିଛି । ଅଞ୍ଜିରରେ ବହୁ ମାତ୍ରାର ପୋଟାସିୟମ୍ ରହିଥାଏ ।*

### ଶର୍କରା ନିୟନ୍ତ୍ରଣ କରେ

ଶର୍କରାସ୍ତରକୁ ନିୟନ୍ତ୍ରିତ ରଖିଥାଏ ଅଞ୍ଜିର । ଅଞ୍ଜିର ଖାଇବା ଦ୍ୱାରା ଟାଇପ୍-୨ ମଧୁମେହ ରୋଗୀର ଶର୍କରାସ୍ତର ନିୟନ୍ତ୍ରିତ ରହିଥାଏ । କେବଳ ମଧୁମେହ ନୁହେଁ, ଅନ୍ୟାନ୍ୟ କେତେକ ରୋଗକୁ ମଧ ଅଞ୍ଜିର ନିୟନ୍ତ୍ରିତ କରିଥାଏ ।

### ପାଚନତନ୍ତ୍ରକୁ ସୁସ୍ଥ ରଖେ

ଫାଇବରରେ ଭରା ଅଞ୍ଜିର ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । ଫଳରେ କବ୍ଜ ପରି ସମସ୍ୟା ଦୂର ହୋଇଥାଏ । କବ୍ଜ ଦୂର କରିବା ପାଇଁ ଅଞ୍ଜିରକୁ ଦୁଗ୍ଧରେ ଫୁଟାଇ ଖାଇପାରିବେ ।

### ହାଇପରଟେନ୍‌ସନ୍‌କୁ ନିୟନ୍ତ୍ରିତ କରେ

କମ୍ ପୋଟାସିୟମ୍ ଓ ଅଧିକ ସୋଡିୟମ୍ ଯୋଗୁଁ ହାଇପରଟେନ୍‌ସନ୍ ସମସ୍ୟା ଦେଖାଦେଇଥାଏ । ଅଞ୍ଜିରରେ ଅଧିକ ପୋଟାସିୟମ୍ ଓ କମ୍ ସୋଡିୟମ୍ ରହିଥାଏ । ତେଣୁ ଏହା ହାଇପରଟେନ୍‌ସନରୁ ରକ୍ଷା କରିଥାଏ ।

### ହାଡ଼କୁ ମଜଭୁତ୍ କରାଏ

ଅଞ୍ଜିରରେ ବହୁ ମାତ୍ରାରେ କ୍ୟାଲସିୟମ୍ ରହିଥାଏ, ତେଣୁ ଏହାକୁ ନିୟମିତ ଖାଇବା ଦ୍ୱାରା ହାଡ଼ ମଜଭୁତ ହୋଇଥାଏ । ଏହାକୁ ଦୁଗ୍ଧ ସହ ଖାଇପାରିବେ ।

### ଆସ୍ଥମା ପାଇଁ ଉପଯୋଗୀ

ଆସ୍ଥମା ରୋଗୀଙ୍କ ପାଇଁ ଖୁବ୍ ଉପଯୋଗୀ । ଏହା କଫକୁ ସହଜରେ ବାହାରକୁ ବାହାର କରିଥାଏ । ଫଳରେ ରୋଗୀକୁ ଆରାମ ମିଳେ । ୨/୪ଟି ଶୁଖିଲା ଅଞ୍ଜିରକୁ ସକାଳ-ସଂଧ୍ୟାରେ ଦୁଗ୍ଧ ସହ ଗରମ କରି ପିଇବା ଦ୍ୱାରା କଫ କମିଥାଏ ।

### ଥଣ୍ଡାର ଚିକିତ୍ସା କରେ

ପାଣିରେ ୫ ଖଣ୍ଡ ଅଞ୍ଜିର ପକାଇ ଏହାକୁ ଫୁଟାଇ ନିଅନ୍ତୁ । ଏହି ପାଣିକୁ ଛାଣି ସକାଳେ ଓ ସଂଧ୍ୟାରେ କିଛିଦିନ ପାଇଁ ପିଅନ୍ତୁ । ଧୀରେ ଧୀରେ ଶରୀରରୁ ଥଣ୍ଡା ଦୂର ହୋଇଯିବ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଜଳ କସର୍ଦା ପଂଚାୟତରେ ଥିବା ବଢ଼ିଆ ସାହି ଶିଶୁ ବିଦ୍ୟା ମନ୍ଦିରରେ ଶୋଡଶିଂଶ ତମ ବାର୍ଷିକ ଉତ୍ସବ ଗତ ୬ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଉପାଚାର୍ଯ୍ୟ ପ୍ରମୋଦ କୁମାର ସାହାଣୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନିଆଳିର ବିଧାୟକ ଛବି ମଲିକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗେଶ ଚନ୍ଦ୍ର ମହାପାତ୍ର, ଲକ୍ଷ୍ମୀ ନୃସିଂହ ବିଦ୍ୟାଳୟର ମୁଖ୍ୟବକ୍ତା ଭାବେ ସଂସ୍କୃତ ଶିକ୍ଷକ ବାପୁଜୀ ମହାରଣା ଯୋଗଦେଇ ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଢ଼ିବା ନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମ୍ପାଦକ ଭରତ ଚନ୍ଦ୍ର ପାଇଟାଳ, ଶକ୍ତି ପ୍ରସାଦ ଦାଶ (ପ୍ରଧାନ ଆଚାର୍ଯ୍ୟ) ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦନା, ସ୍ୱାଗତ ସଂଗୀତ, ଅତିଥି ପରିଚୟ ପ୍ରଦାନ, ବାର୍ଷିକ ବିବରଣୀ ପଠନ, ସମ୍ମାନିତ ଅତିଥି ଓ ମୁଖ୍ୟ ଅତିଥି ମାନଙ୍କ ଅଭିଭାଷଣ ଓ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ଉତ୍ସବରେ ସମସ୍ତ ଗୁରୁଜୀଗୁରୁମା, ଅଭିଭାବକ, ସେବକସେବିକା ଓ ବାହନ ଚାଳକ ଭାଇ ଭାବେ ଉପସ୍ଥିତ ରହିଥିଲେ ।

## ମା'ବାସନ୍ତୀ ଦୁର୍ଗାପୂଜାରେ ଅଁଳକୁଡା ଉତ୍ସବମୁଖର

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକର ଅଁଳକୁଡା ଠାରେ ୪୫ତମ ସାର୍ବଜନୀନ ମା' ବାସନ୍ତୀ ଦୁର୍ଗାପୂଜା-ରୌପ୍ୟ ଜୟନ୍ତୀ ୫ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକସଜ୍ଜା ସମସ୍ତଙ୍କୁ ବେଶ ଆକୃଷ୍ଟ କରିଥିଲା । ପ୍ରତ୍ୟେକ ଦିନ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ପୂଜା ମଣ୍ଡପକୁ ଆସି ମାଆଙ୍କ ପୂଜାର୍ଚ୍ଚନା କରି ପ୍ରସାଦ ସେବନ କରିଥିଲେ । ସନ୍ଧ୍ୟାରେ କମିଟି ପକ୍ଷରୁ ମେଲୋଡି, ଛଉ ନୃତ୍ୟର ଆୟୋଜନ କରାଯାଇଥିଲା । ପୂଜା କମିଟିର ସଭାପତି ସରୋଜ କୁମାର ଦେଓ, ସୁମନ କୁମାର ସାହୁ, ସମ୍ପାଦକ ଗଣେଶ୍ୱର ସାହୁ ଓ ବିନୋଦ କୁମାର ସାହୁ, କୋଷାଧ୍ୟକ୍ଷ ଚଣ୍ଡି କୁମାର ଦେଓ, ସୁଚିତ୍ର କୁମାର ସାହୁ ପୂଜାରେ ସହଯୋଗ କରିଥିଲେ । ହରିଶ ଚନ୍ଦ୍ର ସାହୁ, ନେହେରୁ ଦାନ, ବୁଲା, କାହ୍ନା ଓ ଭାନୁ ଉଡ଼ାଚାର୍ଯ୍ୟଙ୍କ ସମେତ ଗ୍ରାମର ଆବାଳ, ବୃଦ୍ଧ ବନିତାଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହୋଇପାରିଥିଲା ।

## ବ୍ରଜରାଜନଗର ମହାବିଦ୍ୟାଳୟରେ ବ୍ୟକ୍ତିତ୍ୱ ବିକାଶ ଆଲୋଚନାଚକ୍ର



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କ ସମଗ୍ର ବ୍ୟକ୍ତିତ୍ୱ ବିକାଶ କରିବା ଉଦ୍ଦେଶ୍ୟରେ ସୋମବାର ମହାବିଦ୍ୟାଳୟ ପକ୍ଷରୁ ଶ୍ରୀ ସତ୍ୟ ସାଇ ସେବା ସଂଘ ସହଯୋଗରେ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ସମଗ୍ର ବ୍ୟକ୍ତିତ୍ୱ ବିକାଶ ବିଷୟ ସମ୍ପର୍କିତ ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱ ଏବଂ ପ୍ରତ୍ୟକ୍ଷ ମାର୍ଗଦର୍ଶନ ତଥା ଯୁବ ଅଧ୍ୟାପିକା ନଗମା ନିଶା ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବରେ ଉପସ୍ଥିତ ବରିଷ୍ଠ ଶିକ୍ଷାବିତ ତଥା ସାଇ ସେବା ସଂଘ ଝାରସୁଗୁଡ଼ାର ପୂର୍ବତନ ଜିଲ୍ଲା ସଭାପତି ଅବସର ପ୍ରାପ୍ତ ପ୍ରଫେସର ହରେକୃଷ୍ଣ ଦାସ ବ୍ୟକ୍ତିତ୍ୱ ବିକାଶ ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଜୀବନରେ ସଫଳତା ପାଇବା ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ଏକାଗ୍ରତା, ମାନବତା ପ୍ରତି ପ୍ରେମ ଏବଂ ସେବା ମନୋଭାବ ଆବଶ୍ୟକ ବୋଲି କହିଥିଲେ । ପ୍ରତ୍ୟେକ ଛାତ୍ରଛାତ୍ରୀ ଆଗାମୀ ଦିନରେ ସ୍ୱାମୀ ବିବେକାନନ୍ଦ ପରି ଦେଶର ସୁନାମ ଅର୍ଜନ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଆଲୋଚନା ଚକ୍ରକୁ ସତ୍ୟ ସାଇ ସେବା ସଂଘ ଝାରସୁଗୁଡ଼ା ଜିଲ୍ଲା ସଭାପତି ଭକ୍ତ ପ୍ରସାଦ ବାବୁ, ବ୍ରଜରାଜନଗର ସଂଯୋଜକ ଶିବ ପ୍ରକାଶ ସି, ବରିଷ୍ଠ ସଦସ୍ୟ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଦସ୍ୟ ସୁରେଶ ହରିପାଲ ମଧ୍ୟ ସମ୍ବୋଧିତ କରି ଛାତ୍ରୀଛାତ୍ରୀଙ୍କ ଉନ୍ନତି ପାଇଁ ବିଭିନ୍ନ ମନ୍ତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ନନ୍ଦ ମଧ୍ୟ ମଞ୍ଚାସିନ ରହିଥିଲେ । ସଭା ଆରମ୍ଭରେ ମୁଖ୍ୟ ବକ୍ତା ତଥା ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରାଯାଇଥିବା ବେଳେ ସତ୍ୟ ସାଇ ସେବା ସମିତି ମହିଳା ସଦସ୍ୟଙ୍କ ଦ୍ୱାରା ସ୍ୱାଗତ ଗାନ କରାଯାଇଥିଲା । ସଭା ଆରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ଚାନ୍ଦନି ବିଶ୍ୱାଳଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିବା ବେଳେ ମଙ୍ଗଳ ଆଳତି ସହ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ସମାପନ ହୋଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ତଥା ଇତିହାସ ବିଭାଗ ମୁଖ୍ୟ ଡକ୍ଟର ଋତୁପର୍ଣ୍ଣା ମହାନ୍ତି, ବାଣିଜ୍ୟ ବିଭାଗ ମୁଖ୍ୟ ବିକ୍ରମ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ଅଧ୍ୟାପକ ଶିବା ତ୍ରିବେଦୀ, ସୌମ୍ୟ ରଂଜନ ସାହୁ, ମୃତ୍ୟୁଞ୍ଜୟ ମେହେର, ଆଶିଷ ଅବସ୍ଥି, ପ୍ରକାଶ ପଟ୍ଟନାୟକ, ଚଣ୍ଡୀ ପ୍ରସାଦ ଦାସ, ଦୀପକ ରାୟ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

## ଟାଟାଷ୍ଟିଲ୍ ପକ୍ଷରୁ ଯୋଡ଼ାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ୍ ପକ୍ଷରୁ ଯୋଡାଠାରେ ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍ ହସ୍ପିଟାଲ ପକ୍ଷରୁ ଯୋଡା ଇଷ୍ଟ ଖଣି, ଖଣ୍ଡବନ୍ଧ ଖଣି, ଫେରୋ ପ୍ଲାଣ୍ଟ, ସିକ୍ୟୁରିଟି ବାରାକ୍, ବିଚାକୁଣ୍ଡି, ସ୍ୱଞ୍ଜ ପ୍ଲାଣ୍ଟ ଏବଂ ଲେବର କଲୋନୀ ଠାରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କମ୍ପାନୀ ଅଧିକାରୀମାନଙ୍କ ବ୍ୟତୀତ ପ୍ରାୟ ୨୦୦ରୁ ଅଧିକ କର୍ମଚାରୀ ଏବଂ ଶ୍ରମିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଲୋକମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ଦୈନନ୍ଦିନ ଜୀବନରେ କିପରି ରୋଗଠାରୁ ଦୂରେଇ ରହିହେବ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏହା ବ୍ୟତୀତ, ପୁଷ୍ଟିକର ଖାଦ୍ୟ ସହ ନିତିଦିନ ବ୍ୟାୟାମ କରିବା ଦ୍ୱାରା କିପରି ତା'ର ଲାଭ ମିଳିଥାଏ, ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନନ୍ଦିନ ଜୀବନଶୈଳୀକୁ ଆମେ କିପରି ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି, ତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ବିଶେଷକରି ଖଣି ଖାଦାନ ଅଞ୍ଚଳରେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବା ପାଇଁ କେଉଁ ଖାଦ୍ୟ ଗ୍ରହଣ କରିବା ଉଚିତ ଏବଂ କେଉଁ ବିଷୟ ପ୍ରତି ଆମେ ଅଧିକ ଯତ୍ନଶୀଳ ହେବା ଦରକାର, ତା ଉପରେ ଆଲୋଚନା କରାଯାଇଥିଲା । ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡାର ଚିଫ ମେଡିକାଲ ଅଫିସର ଡକ୍ଟର ସୁଚିସ୍ମିତା ଦାସ, ଡକ୍ଟର ରେହମାନ୍ ଖାନ, ଡକ୍ଟର ରାଜା ସରିଫ, ଡକ୍ଟର ରାୟ, ଡକ୍ଟର ଭଗବାନ ପାଣିଗ୍ରାହୀ, ଡକ୍ଟର ଟୁକୁଲୁ ଟୁଡୁ ଏବଂ ଡକ୍ଟର ରାହୁଲ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମଗୁଡିକୁ ପରିଚାଳନା କରିଥିଲେ ।

## ଶ୍ରୀରାମ ଜନ୍ମୋତ୍ସବ, ମାତା ବୈଷ୍ଣୋଦେବୀ ମନ୍ଦିର ବାର୍ଷିକ ଉତ୍ସବ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସଦର ମହକୁମା ଗୋପବନ୍ଧୁ ବିହାର ସ୍ଥିତ ମହାବୀର ହନୁମାନ ଓ ମାତା ବୈଷ୍ଣୁଦେବୀ ମନ୍ଦିରର ବାର୍ଷିକ ଉତ୍ସବ ପବିତ୍ର ରାମନବମୀ ତିଥିରେ ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁ ବିକାଶ ପରିଷଦ ଆନୁକୁଲ୍ୟରେ ଆୟୋଜିତ ହୋଇଥିବା ଏହି ବାର୍ଷିକ ଉତ୍ସବ ଅବସରରେ ମନ୍ଦିରରେ ପ୍ରଭୁ ଶ୍ରୀ ରାମଙ୍କ ସପ୍ତଦଶ ବାର୍ଷିକ ଜନ୍ମୋତ୍ସବ ଓ ମାତା ବୈଷ୍ଣୁଦେବୀ ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏଥିନେଇ ଆୟୋଜିତ ଯଜ୍ଞ ଅନୁଷ୍ଠାନ ପାଇଁ ଶନିବାର ସନ୍ଧ୍ୟା ସମୟରେ ନୀତି ନିଷ୍ଠାର ସହ ଅଧିବାସ, ଅଙ୍କୁରାରୋପଣ ଓ ବେଦୀ ମଣ୍ଡନ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ରବିବାର ପ୍ରାତଃ ୬ ଘଣ୍ଟା ସମୟରେ ସ୍ଥାନୀୟ ଅଂଚଳର ମହିଳାପୁରୁଷ ଶ୍ରଦ୍ଧାଳୁମାନେ ଶୁଦ୍ଧପୁତ ଭାବେ କଳସଯାତ୍ରାରେ ଯାଇ ପୂଜାର୍ଚ୍ଚନା ପରେ ନିକଟସ୍ଥ ନୂଆ ପୋଖରୀର ପବିତ୍ର ଜଳପୂର୍ଣ୍ଣ କଳସ ମୁଣ୍ଡାଇ ଆଣି ଯଜ୍ଞବେଦୀ ନିକଟରେ ଘଟ ସ୍ଥାପନ କରିଥିଲେ । ପରେ ବ୍ରାହ୍ମଣ ପଣ୍ଡିତମାନେ ଯଜ୍ଞ ଅନୁଷ୍ଠାନ ପରିଚାଳନା କରିଥିଲେ । ଏହି ଯଜ୍ଞରେ କର୍ତ୍ତା ଭାବେ ପରିଷଦର ସଭାପତି ବୈଦ୍ୟନାଥ ହୋତା ଉପବିଷ୍ଟ ଥିଲେ । ଯଜ୍ଞ ପୂର୍ଣ୍ଣାହୁତି ପରେ ପୁଷ୍ପାଞ୍ଜଳି ଅବସରରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ବିଭୁ କୃପାଭିକ୍ଷା କରିଥିଲେ । ସନ୍ଧ୍ୟା ପରେ ନାମ ସଙ୍କୀର୍ତ୍ତନ ଓ ଭାଗବତ ପରାୟଣ ଆଦି ଧାର୍ମିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଚାଲୁ ରହିଥିଲା ବେଳେ ସୋମବାର ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଗୋପବନ୍ଧୁ ବିକାଶ ପରିଷଦର କାର୍ଯ୍ୟକର୍ତ୍ତା କୃତିବାସ ସାଥୁଆ, ଜନାର୍ଦ୍ଦନ ସାହୁ, ଅନ୍ନଦା ପ୍ରସାଦ ପଟ୍ଟନାୟକ, ଧନଞ୍ଜୟ ମାଝୀ, ତପନ ଜେନା, ଜିତେନ୍ଦ୍ରସାହୁ, ଶୁଭ୍ରାଂଶୁ ସାହୁ, ବିଭୂତି ଭୂଷଣ ଜେନା ପ୍ରମୁଖଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାମନବମୀ ପାଇଁ ବାହାରିଲା ବିଶାଳ ଶୋଭାଯାତ୍ରା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପବିତ୍ର ରାମନବମୀ ପାଇଁ କରଞ୍ଜିଆ ସହରରେ ମଧ୍ୟ ରବିବାର ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କରଞ୍ଜିଆ ଶ୍ରୀ ରାମନବମୀ ଉତ୍ସବ ସମିତି ସଂଯୋଜନାରେ ଉପଖଣ୍ଡ ସ୍ତରୀୟ ଶ୍ରୀ ରାମନବମୀ ଉତ୍ସବ ସହରରେ ଦିବସ ବ୍ୟାପି ଅନୁଷ୍ଠିତ ହୋଇଥିଲା । ଦିବା ୧୧ ଘଟିକା ୩୦ ମିନିଟ ସମୟରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଦୋଳ ପଡ଼ିଆ ଠାରୁ ବାହାରି ମଣ୍ଡୁଆ ଦେଇ ସହର ପରିକ୍ରମା କରିଥିଲେ । ସେହିପରି ଅପରାହ୍ନ ୫ ଘଟିକା ଠାରୁ ଦୋଳ ପଡ଼ିଆ ଠାରେ ହଜାର ହଜାର ଭକ୍ତଙ୍କ ସମାଗମ



ମଧ୍ୟରେ ଏକ ବିଶାଳ ହନୁମାନ ଝଣ୍ଡା ଶୋଭାଯାତ୍ରା ବାହାରିଥିଲା । ସହରର ବିଭିନ୍ନ ମନ୍ଦିର ମାନଙ୍କରୁ ମଧ୍ୟ ହନୁମାନ ଝଣ୍ଡା ବାହାରି ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ । ଏହି ବିଶାଳ ଶୋଭାଯାତ୍ରା ଦୋଳ ପଡ଼ିଆ ଠାରୁ ବାହାରି ବଜାର ରାସ୍ତା, ମାଣିକ ଛକ, ବଡଦାଣ୍ଡ, ସିନେମହଲ ଛକ ଦେଇ ସହର ପରିକ୍ରମା କରିଥିଲା । ଚଳିତ ବର୍ଷ ଏହି ଶୋଭାଯାତ୍ରାରେ ହଜାର ହଜାର ଭକ୍ତ ଯୋଗଦେଇ ସହର ପରିକ୍ରମା କରିବା ସମୟରେ ଜୟ ଶ୍ରୀ ରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା । ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ କମିଟିର ସଭାପତି ତ୍ରିଲୋଚନ ସେଠି, ସମ୍ପାଦକ ମହେଶ୍ୱର ସାହା, ସଂଯୋଗ ସଂଜୀବ ସାହୁ, ପୁଷ୍ପି ସରାଫ, ଭାଗବତ ଚନ୍ଦ୍ର ଦାସ, ତପନ ସାହୁ, ସୁଧୀର ଭାରୁକାଙ୍କ ସମେତ ସଦସ୍ୟ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ।

## ଭଦ୍ରକରେ ବର୍ଣ୍ଣବୋଧ ଉତ୍ସବ ପାଳିତ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକ ମଠସାହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ସକାଳେ ବର୍ଣ୍ଣବୋଧ ବଣ୍ଟନ ଓ ବର୍ଣ୍ଣବୋଧ ଉତ୍ସବ ପାଳନ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାକୁ ସୁଦୃଢ଼ କରିବା ପାଇଁ ବର୍ଣ୍ଣବୋଧର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ଦାସ, ଜିଲ୍ଲା ସଂସ୍କୃତି ଅଧିକାରି ତନୁଜା ସିର୍କା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ କୁମାର ସାମଲ ଓ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଉପସ୍ଥିତ ରହି ବର୍ଣ୍ଣବୋଧର ଗୁରୁତ୍ୱ ବିଷୟରେ କହିଥିଲେ । ପରେ ପରେ ୧୦ଟି ବିଦ୍ୟାଳୟରୁ ଆସିଥିବା ପ୍ରଥମରୁ ପଞ୍ଚମ ପିଲାମାନଙ୍କୁ ମଧୁସୂଦନ ରାଓଙ୍କର ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଥିଲା । କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଡାମରପୁର ଗ୍ରାମର ବହୁ ପୁରାତନ ମା' ବାସନ୍ତୀ ଦୁର୍ଗପୂଜା

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ଗ୍ରାମର ବହୁ ପୁରାତନ ମା' ବାସନ୍ତି ଦୁର୍ଗା କମିଟ ଆନୁକୂଲ୍ୟରେ ଆଜକୁ ୧୦୦ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ୫ ଦିନ ବ୍ୟାପି ପୂଜାରେ ପଟ୍ଟାମୁଣ୍ଡାଇ ସମେତ ବିଭିନ୍ନ ବ୍ଲକରୁ ବହୁ ଭକ୍ତ ଉପସ୍ଥିତ ହୋଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଅବସରରେ ମା'ବାସନ୍ତୀ ପୂଜା କମିଟର ସଭାପତି ନୃସିଂହ ଚରଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ତଥା ପଟ୍ଟାମୁଣ୍ଡାଇର ବହୁ ଗଣମାଧ୍ୟମର ପ୍ରତିନିଧି ଓ ସମାଜସେବୀ ମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଜିଲ୍ଲା ସଂଘର ଉପସଭାପତି ସଞ୍ଜୟ ପଣ୍ଡା ବ୍ଲକ ସଂଘର ସଭାପତି ଉପେନ୍ଦ୍ର ନାୟକ ଉପଦେଷ୍ଟା ବ୍ରଜବନ୍ଧୁ ଦାଶ ସମ୍ପାଦକ ସନ୍ତୋଷ ପତି ଓଡିଶାର ଅଗ୍ରଣି ସ୍ୱେଚ୍ଛାସେବି ଅନୁଷ୍ଠାନ ଧ୍ରୁବ ଅନୁପୂର୍ଣ୍ଣା ସେବା ଓ କଳା ପରିଷଦର ସଭାପତି ଯୁବ ସମାଜସେବୀ ନଳିନୀ କାନ୍ତ ସ୍ୱାଇଁ, ଆୱାଜ ଓଡ଼ିଶା ନ୍ୟୁଜ୍ ଜିଲ୍ଲା ବିରୋ ଚିଫ ହିମାଶୁ ମହାନ୍ତି, ବ୍ଲକ ସଂଘର କୋଷାଧ୍ୟକ୍ଷ ଶିଶିର ସେଣ, ଯୁବ ସାମ୍ବାଦିକ ଅଶୋକ କୁମାର ସାହୁ, ଅଭିମନ୍ୟୁ ସେଠୀ, ସରପଞ୍ଚ ଅନୁସୟା ନାଥ, ସମିତି ସଭ୍ୟ ନିରୁପମା ସାହୁ, ଯୁବସମାଜ ସେବି ବସନ୍ତ ନାଥ, ଯୁବ ନେତା ପ୍ରାକ୍ତନ ସରପଞ୍ଚ ନୃସିଂହ ସାହୁ, ବୈକୁଣ୍ଠ ନାୟକ, ସରପଞ୍ଚ ସୁବାଷ ଦାଶ, ପ୍ରାକ୍ତନ ପ୍ରଧାନଶିକ୍ଷକ କିଶୋର ସେନ, ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅନୁଷ୍ଠାନର ସଭାପତି ବର୍ଷିଆନ ନେତା ମା'ବାସନ୍ତି ଦୁର୍ଗାପୂଜା କମିଟି ତରଫରୁ ସମ୍ମାନିତ କରାଯାଇଥିଲା । ୫ ଦିନ ବ୍ୟାପି ମା'ଙ୍କ ଉତ୍ସବରେ ଧ୍ରୁବ ଅନ୍ନପୂର୍ଣ୍ଣା । ସେବା ଓ କଳା ପରିଷଦର କଳାକାର ମାନଙ୍କଦ୍ୱାରା ଭଜନ ସମାରୋହ । ଅନୁଷ୍ଠାନ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଅଜୟ ସେନ ବରିଷ୍ଠ ସଭ୍ୟ ନରହରି ନାଥ ବାସୁଦେବ କର, ଯୁବନେତା ମୂରଲୀ ସେଠୀ, ପର୍ଶୁରାମ ସାହୁ, ଗୟାଧର ବେହେରା, ବଟକୃଷ୍ଣ ସେଠୀ ଓ ସମସ୍ତ ପୂଜା କମିଟସଭ୍ୟ ସଭ୍ୟା ସହଯୋଗ କରିଥିଲେ ।

## ଉଭିଦ ବିଜ୍ଞାନ ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଏକ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ସଭାଗୃହରେ 'ଇମ୍ପ୍ଲିକେସନ୍ ଅଫ୍ ମାଇକ୍ରୋ ବାୟୋଲୋଜିକାଲ ଟେକନିକ୍ସ୍ ଫର ନୋଭେଲିଟି ଇନ୍ ବାୟୋଲୋଜିକାଲ ସାଇନ୍ସ' ଶୀର୍ଷକରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଉଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା ପୌରହିତ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, ମୁଖ୍ୟବକ୍ତା ଭାବେ ଆଇସିଏଆର ସିଫାର ୟଙ୍ଗ



ପ୍ରଫେସନାଲ ଡକ୍ଟର କ୍ରୀଷ୍ଣା କୁମାର ଦାସ ଏବଂ ଅନ୍ୟତମ ବକ୍ତା ଭାବେ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ମୁଖ୍ୟ ମିନାକ୍ଷୀ ପ୍ରଧାନ ଯୋଗଦେଇ ଉପରୋକ୍ତ ପ୍ରସଙ୍ଗରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ନିକଟରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ ଉପରୋକ୍ତ ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ମାନେ ଅଂଶଗ୍ରହଣ କରିଥିଲେ । ମହାବିଦ୍ୟାଳୟର କର୍ମଚାରୀ ତଥା ଅନ୍ୟାନ୍ୟ ବିଭାଗର ଅଧ୍ୟାପକମାନେ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଭାଗୀୟ ଅଧ୍ୟାପିକା ସୁଭାସିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ବୃତ୍ତଙ୍କ ଦ୍ୱାରା କାର ପୋଡ଼ି

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡ଼ମୋଳ ପଞ୍ଚାୟତ ଗଡଡକାଟେଣି ଗାଁ'ରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଥିବା ଜଣାପଡିଛି । ଗ୍ରାମର ରାଜନ ପରିଡ଼ାଙ୍କ ପୁଅ ରାମ ଚନ୍ଦ୍ର ପରିଡାଙ୍କ ନିଜର ଓଡି ୨୯ ଏଚ ୨୬୬୬ ନମ୍ବର ବିଶିଷ୍ଟ କାର ଗାଡ଼ିକୁ ଘର ବାହାରେ ସବୁଦିନ ପରି ରବିବାର ଦିନ ରଖିଥିଲେ । ରାତି ପ୍ରାୟ ୨ଟା ସମୟରେ କେହି ଅଜଣା ଦୁର୍ବୃତ୍ତ ଆସି କିରୋସିନ ଢାଳି କାରରେ ନିଆଁ ଲଗେଇ ପଳାଇ ଯାଇଥିଲା ଏବଂ ପାଖରେ ବୋତଲଟି ପଡିଥିଲା । ଗାଡିଟି ଜଳିବା ପରେ ଗାଡ଼ିରେ ଲାଗିଥିବା ନିଆଁର ଦୁର୍ଗନ୍ଧ ହେବାରୁ ପରିବାର ଲୋକେ ଉଠିପଡି ଏପରି ଦୃଶ୍ୟ ଦେଖି ସେଥିରେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ । ସକାଳେ ରାମଚନ୍ଦ୍ର ପରଜଙ୍ଗ ଥାନାକୁ ଆସି ଏ ସମ୍ବନ୍ଧେ କିରୋସିନ ଢ଼ାଳି ପୋଡି ଦେଇଥିବା ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।

## ନାବାଳିକା ଅପହରଣକାରୀକୁ ୨ବର୍ଷ ଜେଲ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ସୋମବାର ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ତେଲକୋଇ ଥାନା ଅନ୍ତର୍ଗତ ଭୀମକାଣ୍ଡ ଗ୍ରାମର ଅଭିଯୁକ୍ତ ଅଭିମନ୍ୟୁ ପାତ୍ର( ୨୩ବର୍ଷ)କୁ ପିଙ୍ଗଳକୋର୍ଡ ଧାରା ୩୬୩ ଅନୁଯାୟୀ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ହଜାର ଟଙ୍କା ଏବଂ ଜୋରିମାନା ଅନାଦେୟ ଅଧିକ ୧ ମାସ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ତା ୫।୦୧।୨୦୨୨ ରିଖ ନାବାଳିକା ପୀଡିତା ( ୧୬ ବର୍ଷ) କଲେଜ ଯିବା ସମୟରେ ରାସ୍ତାରୁ ଅଭିଯୁକ୍ତ ଜଣକ ନାବାଳିକାକୁ ଅପହରଣ କରି ନେଇ କଟକ ଜିଲ୍ଲା ଘଂଟିଖାଲରେ ଏକ ଭଡା ଘରେ ରଖିଥିଲା । ଝିଅକୁ ଖୋଜିବା ପରେ ନପାଇବାରୁ ପୀଡିତାର ବାପା ତେଲକୋଇ ଥାନାରେ ତା.୧୨।୦୧।୨୦୨୨ ରିଖରେ ଏକ ଲିଖିତ ଅଭିଯୋଗ କରିବା ପରେ ତେଲକୋଇ ପୋଲିସ ଅନୁସନ୍ଧାନ କରି ପୀଡିତା ଓ ଅଭିଯୁକ୍ତକୁ ଘଂଟିଖାଲରୁ ଉଦ୍ଧାର କରି ଥାନାକୁ ଆଣି ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲା । ସୋମବାର କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ୧୭ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତକୁ ପୀଡିତାକୁ ଅପହରଣ କରିଥିବା ଦୋଷରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ।

## ସତୀଗୁଡ଼ା ଜଳଭଣ୍ଡାରରେ ୫୪୫୮୦ଚିଙ୍ଗୁଡି ଜାଆଁଳ ଛଡ଼ାଗଲା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ବଳିମେଳା ବୃହତ ଜଳ ଭଣ୍ଡାର, ଏବଂ ସତିଗୁଡା ମଧ୍ୟମ ଜଳଭଣ୍ଡାରରେ ୩୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ସୋସାଇଟି ମାଧ୍ୟମରେ ମାଛ ବ୍ୟବସାୟ କରି ଆସୁଛନ୍ତି। କିନ୍ତୁ ଅନେକ ଅସାଧୁ ବ୍ୟକ୍ତି ଜଳଭଣ୍ଡାର ଗୁଡିକୁ ଜବରଦସ୍ତି ରାତ୍ରରେ ଭଣ୍ଡାରରୁ ମାଛ ଚୋରି କରୁଥିବା ଯୋଗୁଁ ମାଛଚାଷୀ ମାନେ ସେମାନଙ୍କର ଦୈନନ୍ଦିନ ବ୍ୟବସାୟରେ ବାଧାପ୍ରାପ୍ତ ହେଉଛି । ମତ୍ସ୍ୟଜୀବୀମାନେ ସଚେତନ ହୋଇ ମାଛ ଜାଆଁଳର ସୁରକ୍ଷା ଏବଂ ଚୋରି କରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖି ସଚେତନ ହେଲେ ସେମାନଙ୍କର ଆର୍ଥିକ ଉନ୍ନତି ହେବା ସହ ଖାଉଟିମାନେ ମଧ୍ୟ ସ୍ଥାନୀୟ ତଟକା ଦେଶୀ ମାଛ ପାଇ ଉପକୃତ ହେବେ ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ସହ ସମସ୍ତ ମତ୍ସ୍ୟଜୀବି, ବିଭିନ୍ନ ବିଭାଗର ପଦାଧିକାରୀ ଙ୍କ ଉପସ୍ଥିତିରେ ୫୪୫୮୦ ଚିଙ୍ଗୁଡି ଜାଆଁଳ ସତୀଗୁଡା ଜଳଭଣ୍ଡାରରେ ଛାଡିଛନ୍ତି । ମାଲକାନଗିରି ଜିଲ୍ଲାର ତିନିଗୋଟି ଫାର୍ମ କୁ ମାଛ ଜାଆଁଳ ଛାଡିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଏହି ଉପଲକ୍ଷେ ମାଥିଲିର ରେଣୁ ଫିସ୍ ଫାର୍ମର ଏନ୍. ଲକ୍ଷ୍ମଣ ରାଓ ମୋଟ ୫୪୫୮୦ ଚିଙ୍ଗୁଡି ଜାଆଁଳ ଆଜି ସତିଗୁଡା ଜଳଭଣ୍ଡାରରେ ଛାଡିଥିବା ବେଳେ ବାଲିମେଳା ଜଳଭଣ୍ଡାରରେ ୧,୪୦,୦୦୦ ଚିଙ୍ଗୁଡି ଜାଆଂଳ ଛାଡିଛନ୍ତି । ଯେଉଁ ଜାଆଁଳକି ୬ ମାସ ମଧ୍ୟରେ ୨୦୦ ଗ୍ରାମରୁ ଉର୍ଦ୍ଧ୍ୱ ଓଜନ ହେବା ସହ ଏହା ପୁଷ୍ଟିକର ଓ ସ୍ୱାଦିଷ୍ଟ ମାଛ ବୋଲି ମତ୍ସ୍ୟ ଅଧିକାରୀ ଗୌଡ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଆହୁରି ଅଧିକ ମାଛ ଜାଆଂଳ ଛଡା ଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିନ୍ଧ୍ରିମାଳ ସମିତିସଭ୍ୟ ରୁକୁ କୁରାମୀ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ମାଲକାନଗିରି କେସମାସ୍ ଟାକ୍ରୀ, ସହକାରୀ ମତ୍ସ୍ୟ ଅଧିକାରୀ ମୁକେଶ ମାଝୀ, ଆଇ.ସି.ଏସ୍. ସଂଗ୍ରାମ କିଶୋର ବିଶ୍ୱାଳଙ୍କ ସହ ବହୁ ମତ୍ସ୍ୟଜୀବୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ଶ୍ରୀଶ୍ରୀ ହରିହର ସିଦ୍ଧ ରଘୁନାଥଙ୍କ ୧୦ମ ବାର୍ଷିକ ଉତ୍ସବ ଆରମ୍ଭ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ଗୋଠିଣା ମଧୁବନପଡିଆ ଠାରେ ଥିବା ଶ୍ରୀ ଶ୍ରୀ ହରିହର ସିଦ୍ଧ ରଘୁନାଥଙ୍କ ୧୦ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପଞ୍ଚଦିନାତ୍ମକ ପୂଜାକାର୍ଯ୍ୟ ଯଥାବିଧିରେ ଆରମ୍ଭ କରାଯାଇଛି । ଏହି ଅବସରରେ ରବିବାର ଅଙ୍କୁରାରୋପଣ କରାଯାଇ ସୋମବାର ଶିର୍ଲୋ ମହାନଦୀ ପାଣ୍ଡବ ଘାଟରୁ ଗ୍ରାମର ମହିଳା ଓ ପୁରୁଷମାନେ ୧୦୮ କଳସଯାତ୍ରାରେ ଜଳଆଣିବା ପରେ ଘଟସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଘଟମଣ୍ଡାଳାଧି ପୂଜା, ଅଗ୍ନୀସ୍ଥାପନ ଓ ଶ୍ରୀ ରାମଙ୍କ ସହସ୍ରନାମରେ ଆହୂତି ପ୍ରଦାନ କରାଯାଇଥିଲା । ସେହିପରି ମଙ୍ଗଳବାର ସୂର୍ଯ୍ୟପୂଜା, ମଣ୍ଡଳପୂଜା, ରୁଦ୍ରାଭିଷେକ, ଶ୍ରୀ ରାମଙ୍କ ଲିଳାମତ ଆହୁତି, ହନୁମାନଙ୍କ ସହସ୍ର ନାମରେ ଆହୂତି ପ୍ରଦାନ, ବୁଧବାର ସୂର୍ଯ୍ୟପୂଜା, ମଣ୍ଡଳପୂଜା, ଶତରୁଦ୍ର ମନ୍ତ୍ରରେ ଆହୂତି ଏବଂ ଶପ୍ତଚଣ୍ଡୀ ଓ ଚଣ୍ଡି ଆହୂତି । ଗୁରୁବାର ସୂର୍ଯ୍ୟପୂଜା, ମଣ୍ଡଳପୂଜା, ଗୋ ପୂଜା, ରୁଦ୍ରାଭିଷେକ, ଶ୍ରୀ ଭଗବତ ଗୀତା ଆହୂତି ପ୍ରଦାନ ପରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ପରିଚାଳନା ସମିତିର ସଭାପତି ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡାକ୍ତର ପ୍ରକାଶ ଚନ୍ଦ୍ର ନନ୍ଦ ଯୋଗଦେଇ ସମ୍ପ୍ରତି ଶିଶୁମାନଙ୍କ ସ୍ୱାସ୍ଥ୍ୟର ଯତ୍ନରେ ପ୍ରାକୃତିକ ଚିକିତ୍ସା ଓ ଦୈନନ୍ଦିନ ଖାଦ୍ୟଶୈଳୀର ପ୍ରଭାବ ଏବଂ ଜଙ୍କ ଫୁଡ୍ ଶାରୀରିକ ଓ ମାନସିକ ବିକାଶରେ କିପରି କୁପ୍ରଭାବ ପଡୁଛି, ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ପରିଚାଳନା କମିଟିର ସମ୍ପାଦକ ସନ୍ତୋଷ କୁମାର ସାହୁ, ରୋଟାରିଆନ ନିରଞ୍ଜନ ପାତ୍ର ଯୋଗ ଦେଇଥିଲେ । ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଥମେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଡାକ୍ତର ନନ୍ଦଙ୍କୁ ଉପଢ଼ୌକନ ଓ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟମାନଙ୍କ ସହିତ ଶିଶୁମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ନୂତନ ଆଇନଗତ ଧାରକ ନିଯୁକ୍ତିରେ ବିଳମ୍ବ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ପତ୍ର ସଂଖ୍ୟା ୨୮୭୯୩, ୨୦୨୦ ମସିହା ଡିସେମ୍ବର ମାସ ୩୧ ତାରିଖ ଅନୁସାରେ ପ୍ରତ୍ୟେକ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟକୁ ଆଇନଗତ ପରାମର୍ଶ ଦେବା ପାଇଁ ଜଣେ ଆଇନଗତ ଧାରକ(ଲିଗାଲ ରିଟେନର) ନିଯୁକ୍ତି କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହି ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱଜିତ ରାଉତଙ୍କୁ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ ରାଉତ ତାଙ୍କ ଆଇନଗତ ଧାରକ କାର୍ଯ୍ୟଧାରାରୁ ବିଚ୍ୟୁତ ହୋଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କେତେକ ବେନିୟମ କାର୍ଯ୍ୟରେ ସାମିଲ ହୋଇ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କର ବ୍ୟକ୍ତିଗତ କାର୍ଯ୍ୟ କରିଦେବାକୁ ମଧ୍ୟସ୍ଥତା କରି ଉତ୍କୋଚ ଆଦାୟ କରୁଥିବା ଅଭିଯୋଗ ହୋଇଥିଲା । ତାଙ୍କ ବିରୋଧରେ ଏଭଳି ଅଭିଯୋଗ ହେବାରୁ ସ୍ଥାନୀୟ ଜନପ୍ରତିନିଧି ରାଉତଙ୍କ ବ୍ୟତୀତ କେନ୍ଦ୍ରାପଡ଼ା ଜିଲ୍ଲା କୋର୍ଟରେ ଓକିଲାତି ବୃତ୍ତି କରୁଥିବା ଯେକୌଣସି ବରିଷ୍ଠ ଆଇନଜୀବୀଙ୍କୁ ଲିଗାଲ ରିଟେନର ଭାବେ ଅବସ୍ଥାପିତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ଦେଇଛନ୍ତି । ଏହା ମଧ୍ୟରେ ରାଉତ ମଧ୍ୟ ଗତ ମାସରେ ତାଙ୍କ ପଦରୁ ଇସ୍ତଫା ଦେଇସାରିଛନ୍ତି । କିନ୍ତୁ ଜିଲ୍ଲା ଶିକ୍ଷାଧିକାରୀ କେଉଁ ଅଦୃଶ୍ୟ କାରଣ ପାଇଁ ଆବେଦନ କରିଥିବା ନୂତନ ଆଇନଜୀବୀଙ୍କ ମଧ୍ୟରୁ ଜଣଙ୍କୁ ନୂତନ ଆଇନଗତ ଧାରକ (ଲିଗାଲ ରିଟେନର) ଭାବେ ଅବସ୍ଥାପିତ କରିବାରେ ବିଳମ୍ବ କରୁଛନ୍ତି ତାହା ବୁଝାପଡୁନି । ଏତଦ୍ ବ୍ୟତୀତ ରାଉତ ଇସ୍ତଫା ଦେବା ପରେ ବି କେଉଁ ଉଦ୍ଦେଶ୍ୟ ରଖି ଏବେ ବି କାର୍ଯ୍ୟାଳୟକୁ ଅବାଧ ପ୍ରବେଶ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ରାମ ନବମୀ ଅବସରରେ ଚାନ୍ଦପୁର ଠାରେ ଥିବା ଶ୍ରୀରାମ ମନ୍ଦିର ପରିସରରେ ମନ୍ଦିର ପ୍ରତିଷ୍ଠାତା ମୁରଲୀଧର ରଥଙ୍କ ଜନ୍ମ ଉତ୍ସବ ଓ ଦାତବ୍ୟ ସେବା ପରିଷଦର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି, ଏସପି ଭବାନୀ ଶଙ୍କର ଉଦଗାତା, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ପ୍ରମୁଖ ଯୋଗଦେଇ ମୁରଲୀଧର ରଥଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଭାରତ ଗୌରବ ସମ୍ମାନରେ ସମ୍ମାନିତ ମୁରଲୀଧର ରଥଙ୍କୁ ବହୁ ସମାଜସେବୀ, ଆଇନଜୀବୀ ଓ ରାଜନେତା ମାନେ ନାଗରିକ ସମ୍ମାନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁରଲୀଧର ରଥଙ୍କ ଜୀବନୀ କାଳ ଉପରେ ଜୀବିତ ଥିବା ବିଶିଷ୍ଟ ବ୍ୟକ୍ତି, ସମାଜସେବୀ, ରାଜନେତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ବିନାୟକ ପଟ୍ଟନାୟକ, ନାଟ୍ୟକାର କୈଳାଶ ମଲ୍ଲିକ, ଆଇନଜୀବୀ ରବିନାରାୟଣ ମହାନ୍ତି, ବିଷ୍ଣୁ ଚରଣ ବାରିକଙ୍କ ସମେତ ବହୁ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ କାର୍ଯ୍ୟକ୍ରମ ସଭାପତି ସୂର୍ଯ୍ୟରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମ୍ପାଦକ ବିରନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଲକଡିପଲା ଠାରେ ଚତୁର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ଅବିନଶ ସାହୁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା କ୍ରୀଷ୍ଣା ମଞ୍ଜରୀ ବିଷୋୟୀ, ତେନ୍ତୁଳି ଖୁଣ୍ଟି ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଅଞ୍ଚଳ ଗୁମା ସରପଞ୍ଚ କୁସୁମା ପୂଜାରୀ, କଂରା ସରପଞ୍ଚ ରୁକୁଣୀ ମାଝୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିଶ୍ୱ ରଞ୍ଜନ ସାହୁ ମଞ୍ଚାସିନ ଥିଲେ। ମୁଖ୍ୟ ବ୍ୟକ୍ତା ଭାବେ ନବରଙ୍ଗପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଉପସ୍ଥିତ ଅତିଥି ମାନଙ୍କୁ ଉପଢୌକନ ଦେଇ ଓ ଫୁଲ ତୋଡା ଦେଇ ସମ୍ମାନିତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରି ଥିଲା। ଅଧ୍ୟକ୍ଷ ଅବିନାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମାନ୍ୟବର ବିଧାୟକ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ କରି ଭଲ ପାଠ ପଢି ନିଜ ପିତାମାତା, ବିଦ୍ୟାଳୟ, ଜିଲ୍ଲା ତଥା ଦେଶ ର ନାମ ରଖିବା ପାଇଁ କହି ଥିଲେ। ବର୍ତ୍ତମାନ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସରକାର ବହୁତ୍ ସୁବିଧା କରାଯାଉଛି। ନୂତନ ଶିକ୍ଷା ନୀତି ରେ ଶିକ୍ଷାଦାନ କରିବା ସହିତ ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ସକାଶେ ସରକାର ସମସ୍ତ ସୁବିଧା କରୁଛନ୍ତି। ଏହା ସହିତ ନିଜ ରୁଚି ଅନୁଯାୟୀ ପାଠ ପଢି ଗୌରବ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ମାନେ ପରିଶ୍ରମ କରି ବିଭିନ୍ନ କୃତିତ୍ୱ ହାସଲ କରି ବିଦ୍ୟାଳୟର ଗୌରବ ଆଣିଛନ୍ତି। ତେବେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ମାନଙ୍କୁ ନିମନ୍ତ୍ରଣ କରି ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ସମସ୍ତ ମାନଙ୍କ ମଧ୍ୟରେ ଦ୍ୱାଦଶ ଟପର ଗାତୁ କର୍କରା, ମାଟ୍ରିକ ଟପରେ ହର୍ଷିତା, ବେଷ୍ଟ ଛାତ୍ରୀ ଅନେଷା ସ୍ୱାଇଁ, ଆଇକୋନିକ ପାଇ ଥିବା ଛାତ୍ର ଶିବମ ନାୟକ, ବିଦ୍ୟାଳୟ ଟପର ଅନୁପ୍ରଭା ଓ ସ୍ୱାଙ୍ଗଶ୍ରୀ ପଣ୍ଡା, ଦଶମ ଶ୍ରେଣୀରେ ଗଣିତରେ ଭଲ ନମ୍ବର ରଖି ପାସ କରିଥିବା ଛାତ୍ର ଆୟୁଷ ପଟ୍ଟନାୟକ, ଜାତୀୟ ସ୍ତରରେ ଖେଳ ରେ କୃତିତ୍ୱ ଲାଭ କରିଥିବା ଏଲ ସ୍ମିଗ୍ଧା, ଅଙ୍କିତ ସ୍ୱାଇଁ ଆଶୁତୋଷ ଦେହୁରୀ, ଅତିଥି ପ୍ରଧାନ, ଅର୍ଜୁନ ଖୁରା ପ୍ରମୁଖ ରହିଛନ୍ତି। ଶେଷରେ ମନୋରଞ୍ଜନ ପାଇଁ ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ ପାଣିଗ୍ରାହୀ ଓ ଶିକ୍ଷୟିତ୍ରୀ ସ୍ୱାତି ସ୍ୱାଙ୍ଗଶ୍ରୀ ଭୋଇ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ରିନା ଏକା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବୋଲଗଡ଼ରେ ବଳିଦାନ ଦିବସ ପାଳିତ



ବୋଲଗଡ଼, (ଭାସ୍କର ନ୍ୟୁଜ): ସହୀଦ ଭୁଇଁମୁଳ କାଳିଆ ମଙ୍ଗରାଜ ଓ ସହୀଦ ସଚ୍ଚିଦାନନ୍ଦ ପଟ୍ଟନାୟକ ସ୍ମୃତି ସଂସଦ ଆନୁକୂଲ୍ୟରେ ଏବଂ ସହୀଦଙ୍କ ଦାୟାଦ ଶିକ୍ଷାବିତ ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଆବାହନରେ ରବିବାର ଦିନ ୨୦୭ତମ ସ୍ୱାଧୀନତା ସଂଗ୍ରାମୀ ବଳିଦାନ ଦିବସ ବୋଲଗଡ଼ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ଐତିହାସିକ ରବୀନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବୋଲଗଡ଼ ବ୍ଲକ ଅଧ୍ୟକ୍ଷ ଇଞ୍ଜିନିୟର ଅକ୍ଷୟ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ହରିବନ୍ଧୁ ସାହୁ ଓ ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ମାଧବ ବିଶ୍ୱାଳ, ସମାଜସେବୀ ହରିବନ୍ଧୁ ସାହୁ ଲାଲାଟେନ୍ଦୁ କେଶରୀ ସିଂହ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଭାପତି ରବୀନ୍ଦ୍ର ପରିଡ଼ା ସ୍ୱାଗତ ଭାଷଣ ଦେଇ ସହୀଦ ଭୁଇଁମୁଳ କାଳିଆ ମଙ୍ଗରାଜ ସମ୍ପର୍କରେ ଐତିହାସିକ ସୂଚନା ପ୍ରଦାନ କରିଥିଲେ। ପ୍ରାକ୍ତନ ଶିକ୍ଷକ ବୈକୁଣ୍ଠ ନାଥ ମହାରଣା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସହୀଦ କାଳିଆ ଭୁଇଁ ମୁଳ ମଙ୍ଗରାଜଙ୍କ ଦାୟାଦ ଶିକ୍ଷାବିତ ଡାକ୍ତର କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ବେଦ ପାଠ କରି ୧୮୧୭ ମସିହା ଖୋର୍ଦ୍ଧା ପାଇକ ବିଦ୍ରୋହରେ ଦେଶ ଓ ଜାତି ପାଇଁ ଇଂରେଜ ମାନଙ୍କ ଦ୍ୱାରା ଫାସୀ ପାଇ ନିଜ ଜୀବନକୁ ସଚ୍ଚିଦାନନ୍ଦ ପଟ୍ଟନାୟକ ଓ କାଳିଆ ଭୁଇଁ ମୁଳ ମଙ୍ଗରାଜ ବଳିଦାନ ଦେଇଥିଲେ ବୋଲି ମତ ପ୍ରକାଶ କରିଥିଲେ। ସମସ୍ତ ନିମନ୍ତ୍ରିତ ଅତିଥି ମାନେ ପ୍ରଥମେ ସହୀଦ କାଳିଆଭୁଇଁମୁଳ ମଙ୍ଗରାଜଙ୍କ ସ୍ମୃତି ସ୍ତମ୍ଭକୁ ସମ୍ମାନ ଜଣାଇ ଫୁଲ ମାଳ ପ୍ରଦାନ କରି ଦୁଇ ଜଣ ଅମର ସହୀଦ ବଳିଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଦିବସରେ ଦୁଇଜଣ ଅମର ସହୀଦଙ୍କର ଅମର ଆତ୍ମା ର ସଦଗତି ନିମନ୍ତେ ଜୟଦୀପ ପ୍ରଜ୍ୱଳନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସମାଜସେବୀ ଦୟା ମଙ୍ଗରାଜ ସହଯୋଗ କରି ପରିଚାଳନା କରିଥିଲେ। ସମସ୍ତ ଭାରତୀୟ ନାଗରିକ ଓ ଓଡ଼ିଶାବାସୀ ଦେଶ ଆଜାଦୀକୁ ଭଲ ପାଇ ଏହାର ସୁରକ୍ଷା ଓ ଆଖଣ୍ଡତା ରକ୍ଷା କରିବାକୁ ମୁଖ୍ୟ ବକ୍ତା ଶିକ୍ଷାବିତ ହରିବନ୍ଧୁ ସାହୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ପରିଶେଷରେ ସହିଦଙ୍କ ଦାୟାଦ ଅନିଲାଭ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରାକୁ ଡାକ୍ତର ବିନୋଦ ବିହାରୀ ମିଶ୍ର, ଜିଲ୍ଲା ଚିକିତ୍ସାଧିକାରୀ (ଚିକିତ୍ସା ସେବା) ଅଧିକ୍ଷକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଚିକିତ୍ସା ଅଧିକାରୀ (ଚିକିତ୍ସା ସେବା) ଅଧିକ୍ଷକ ଏହି ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଓ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ସୁସ୍ଥ ଅୟମାରମ୍ଭ, ଆଶାଦୀପ୍ତ ଭବିଷ୍ୟତ ଉପରେ ଆଲୋଚନା କରିଥିଲେ। ଡାକ୍ତର ପିକେ ମିଶ୍ର (ଭେଷଜ ବିଶେଷଜ୍ଞ) ମା' ଓ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଏକ ସ୍ୱାସ୍ଥ୍ୟକର ପରିବାର ଓ ଗୋଷ୍ଠୀର ହିତ୍ତିଭୂମି ଯାହା ଆମ ସମସ୍ତଙ୍କର ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସାହାଯ୍ୟ କରେ। ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସେମାନଙ୍କ ପାଇଁ ନିବେଶ କଲେ ଅର୍ଥନୈତିକ ବିକାଶ ସହିତ ଏକ ସୁସ୍ଥସବଳ ସମାଜ ଗଠନ ସମ୍ଭବ। ଉକ୍ତ କାର୍ଯ୍ୟକ୍ରମରେ ଡାକ୍ତର ବସନ୍ତ କୁମାର ପାତ୍ର, (ଡିସି) ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ନୀଲମ ମହାନ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି), ନିତ୍ୟରଞ୍ଜନ ବରାଳ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଭରତ କୁମାର ସାହୁ ଓ ବୃନ୍ଦାବନ ସାହୁ(ଏସଏ) ସଞ୍ଚାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏଏନଏମ ଛାତ୍ରୀ ନର୍ସିଂ ଅଫିସର ପାରାମେଡିକାଲ କର୍ମଚାରୀ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ଯୁବକର ମୃତ୍ୟୁ

ଭଞ୍ଜନଗର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଧୀନ ବଦାଙ୍ଗି ଗ୍ରାମ ନିକଟରେ ଥିବା ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସେହି ଗ୍ରାମର ଲବଣି ନାୟକ(୪୫)। ଖବର ନେବାରେ ରବିବାର ସନ୍ଧ୍ୟା ସମୟରେ ଲବଣି ଗାଁ' ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ତାଙ୍କର ଅସାବଧାନତା ଯୋଗୁଁ ସେ ପୋଖରୀରେ ବୁଡି ଯାଇଥିଲେ। ଗ୍ରାମବାସୀ ତୁରନ୍ତ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ଖବର ପାଇଁ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତକରି ବ୍ୟବଚ୍ଛେଦ ଗୃହକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏ ସଂକ୍ରାନ୍ତରେ ତାରସିଂ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବର୍ଣ୍ଣବୋଧ ଉତ୍ସବରେ ବହି ବଣ୍ଟନ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, କଳା, ଇତିହାସ ଭଳି ଅନେକ ସମ୍ବେଦନଶୀଳ ପ୍ରସଙ୍ଗକୁ ସମୃଦ୍ଧ କରିବା ଲକ୍ଷ୍ୟ ନେଇ ପାଳନ ହେଉଛି ଓଡ଼ିଆ ପକ୍ଷ। ଏହାର ପ୍ରଚାର ପ୍ରସାର ସହ ବିଶ୍ୱ ଦରବାରରେ ପରିଚୟକୁ ସୁଦୃଢ଼ କରିବା ପାଇଁ ଚଳିତ ମାସ ଏକ ତାରିଖ ଓଡିଶା ଦିବସ ଠାରୁ ଚଳିତ ମାସ ୧୪ତାରିଖ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଆୟୋଜନ ହେଉଛି। ଏହି କ୍ରମରେ ଚଳିତ ମାସ ୭ତାରିଖ ସୋମବାର ଦିନ ପାଳନ ହୋଇଛି ବର୍ଣ୍ଣବୋଧ ଉତ୍ସବ। ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ପ୍ରତିଟି ଓଡ଼ିଆଙ୍କ ଆଦ୍ୟ ପୁସ୍ତକ। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଜିଲ୍ଲାଶିକ୍ଷାଅଧିକାରୀ ଦୀପକ କୁମାର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ବିଡ଼ିଓ, ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରିଣୀ ସୁଧାଂଶୁ ବାଳା ଶତପଥୀ, ଉପଦେଷ୍ଟା ଶିକ୍ଷା ପରାମର୍ଶ କମିଟି ଦିବାକର ଛାଟୋଇ, ସାଧନସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ, ରବୀନ୍ଦ୍ର ପରିଡା, ଅସ୍ତରଙ୍ଗ ନୋଡାଲ ବିଦ୍ୟାପୀଠ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ବର୍ଣ୍ଣବୋଧ ଉତ୍ସବ ଅବସରରେ ବର୍ଣ୍ଣବୋଧ ବହି ବଣ୍ଟନ କରିଥିଲେ। ଏହାକୁ ସ୍ୱାଗତ କରିଛନ୍ତି ଅସ୍ତରଙ୍ଗ ବାସିନ୍ଦା। ବିଦ୍ୟାଳୟରେ ବର୍ଣ୍ଣବୋଧ ଶିକ୍ଷା ପ୍ରବାହ ପକାଇବ ବୋଲି କହିଛନ୍ତି ବୁଦ୍ଧିଜୀବୀ। ଓଡ଼ିଆ ପକ୍ଷ ପାଳନ ଅବସରରେ ଶିକ୍ଷାର ବିକାଶ ହେବ। ମଧୁବାବୁ ଛବିଳ ବର୍ଣ୍ଣବୋଧ ବଣ୍ଟନ, ବର୍ଣ୍ଣବୋଧ ଉତ୍ସବ ପାଳନ ଭଳି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଛନ୍ତି।

# ଦୀର୍ଘ ୨୫ବର୍ଷର ସବର୍ଣ୍ଣ ଅସବର୍ଣ୍ଣ ବିବାଦ ଉପରେ ପଡ଼ିଲା ପୂର୍ଣ୍ଣଚ୍ଛେଦ



ଆସିକା, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ବାଲିଛାଇ ଗ୍ରାମରେ ଦିର୍ଘ ୨୫ ବର୍ଷ ଧରି ଲାଗି ରହିଥିବା ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦ ଉପରେ ପଡ଼ିଲା ପୂର୍ଣ୍ଣଚ୍ଛେଦ। ପୋଲିସ ପ୍ରଶାସନ, ତହସିଲଦାର ଓ ବିଡିଓଙ୍କ ଉପସ୍ଥିତିରେ ଆଜି ବିବାଦୀୟ ଜମିର ଚିହ୍ନଟ ପକ୍ରିୟା ଜାରି ରହିଛି। ଦୀର୍ଘ ୨୫ ବର୍ଷ ତଳେ ସବର୍ଣ୍ଣ ଅସବର୍ଣ୍ଣ ଜାତି ପ୍ରଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତିକ୍ତତା ଯୋଗୁଁ ବିସ୍ଥାପିତ ହୋଇଥିଲେ ୫୦ ପରିବାର। ହେଲେ ଆଜି ୨୫ ବର୍ଷ ପରେ ପୁଣି ଗାଁ'କୁ ଫେରିବାକୁ ନେଇ ବିସ୍ଥାପିତମାନଙ୍କ ମନରେ ଖୁସି। ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ବାଲିଛାଇ ଗ୍ରାମରେ ଦୀର୍ଘ ୨୫ ବର୍ଷ ହେଲା ସବର୍ଣ୍ଣ ଓ ଅସବର୍ଣ୍ଣକୁ ନେଇ ଲାଗି ରହିଥିଲା ବିବାଦ। ୨୫ ବର୍ଷ ତଳେ ଏହି ବିବାଦ କୁ ନେଇ ଗ୍ରାମରୁ ୫୦ଟି ଅସବର୍ଣ୍ଣ ପରିବାର ଗାଆଁ ରୁ ବିତାଡିତ ହୋଇଥିଲେ। ତେବେ ଦୀର୍ଘ ୨୫ବର୍ଷ ହେଲା ଗ୍ରାମରୁ ବିତାଡିତ ହୋଇଥିବା ଅସବର୍ଣ୍ଣମାନେ ଦୁଃଖ କଷ୍ଟରେ ଅନ୍ୟତ୍ର ଜୀବନ ବିତାଉଥିବା ବେଳେ ନିଜ ଭିଟା ମାଟିକୁ ଫେରିବା ପାଇଁ ସଂଘର୍ଷ ଜାରି ରଖିଥିଲେ। ଏନେଇ ଅସବର୍ଣ୍ଣମାନେ ତହସିଲଦାର ଠାରୁ ଆରମ୍ଭ କରି, ଜିଲ୍ଲାପାଳ, ଏସ. ପି, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଜାତୀୟ ମାନବ ଅଧିକାର କମିଶନରଙ୍କ ପାଖରେ ଦ୍ୱାରସ୍ଥ ହୋଇଥିଲେ। ତେବେ ଜାତୀୟ ମାନବ ଅଧିକାର କମିଶନର ସ୍ଥାନୀୟ ପ୍ରଶାସନ ଏହି ବିବାଦର ସମାଧାନ କରି ଅସବର୍ଣ୍ଣ ମାନଙ୍କୁ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଗରୁ ବିସ୍ଥାପିତ ମାନଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନ ଅନେକ ଥର ପ୍ରୟାସ କରି ତାଙ୍କ ଜମିକୁ ଚିହ୍ନଟ କରିବାକୁ ଗାଁ'କୁ ଯାଇଥିବା ବେଳେ ସବର୍ଣ୍ଣମାନେ ପ୍ରଶାସନକୁ ବିରୋଧ କରିଥିଲେ। ହେଲେ ଆଜି ସବୁ ସମସ୍ୟାର ସମାଧାନ ହୋଇଛି। ଗାଁ'ଲୋକଙ୍କର ଆପୋସ ବୁଝାବଣାରେ ପ୍ରଶାସନ ଉପସ୍ଥିତିରେ ବିସ୍ଥାପିତ ମାନଙ୍କ ଜମି ଚିହ୍ନଟ ପକ୍ରିୟା ଜାରି ରହିଛି। ଦୀର୍ଘ ୨୫ବର୍ଷର ବ୍ୟବଧାନ ପରେ ଆଜି ବିସ୍ଥାପିତ ୫୦ ପରିବାର ଗାଁ'କୁ ଫେରିବାକୁ ନେଇ ବହୁତ୍ ଖୁସି ଅଛନ୍ତି। ବିସ୍ଥାପିତ ମାନେ ୨୫ ଗାଁ'ରେ ପହଞ୍ଚିବା ପରେ ତଳଦିନର ସ୍ମୃତିକୁ ମନେ ପକେଇ ଭାବ ବିହ୍ୱଳ ହୋଇଛନ୍ତି। ତେବେ ଅନେକ ପ୍ରୟାସ ପରେ ଦୀର୍ଘ ୨୫ ଧରି ଲାଗି ରହିଥିବା ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦକୁ ବହୁ ଚେଷ୍ଟା ପରେ ଆପୋସ ବୁଝାମଣା ସହ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଛି ପ୍ରଶାସନ। ଆଜି ପୋଲିସ ପ୍ରଶାସନ, ତହସିଲଦାର ଓ ବିଡିଓ ଙ୍କ ଉପସ୍ଥିତିରେ ଆଜି ବିବାଦୀୟ ଜମିର ଚିହ୍ନଟ ପକ୍ରିୟା ଜାରି ରହିଛି। ଆର. ଆଇ, ଅମିନ, ଓ ରେଭ୍ୟୁନ ସୁପର ଭାଇଜର ଉପସ୍ଥିତିରେ ବିସ୍ଥାପିତ ମାନଙ୍କ ଜମି ମାପଜୁପ ଚାଲିଛି। ତେବେ ଜମି ଚିହ୍ନଟ ପରେ ବିସ୍ଥାପିତ ମାନଙ୍କୁ ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର କରାଯିବ। ବିସ୍ଥାପିତ ମାନଙ୍କୁ ନିଜର ଭିଟା ମାଟିକୁ ଫେରାଇ ଆଣିବା ସହ ସେମାନଙ୍କ ଥଇଥାନ ଓ ମୌଳିକ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ ନେଇ ପ୍ରତିକ୍ରିୟା ରଖିଛନ୍ତି ଆସିକା ତହସିଲଦାର। ପ୍ରଶାସନର ପ୍ରୟାସ ଫଳରେ ଦିର୍ଘ ୨୫ ବର୍ଷର ସବର୍ଣ୍ଣ ଅସବର୍ଣ୍ଣ ବିବାଦର ସମାଧାନର ବାଟ ଖୋଲିଛି। ୨୫ବର୍ଷ ପରେ ୫୦ବିସ୍ଥାପିତ ପରିବାର ନିଜ ଗାଁ'କୁ ଫେରୁଥିବା ନେଇ ପ୍ରଶାସନ ଓ ଗ୍ରାମ ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଶାସନର ନିଷ୍ପତି ପରେ ନିଜର ଆଗାମୀ ଭବିଷ୍ୟତଙ୍କୁ ନେଇ ଏବେ ଖୁସି ଅଛନ୍ତି ବିସ୍ଥାପିତ ଅସବର୍ଣ୍ଣ ମାନେ।

# ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ



ନବରଙ୍ଗପୁର, (ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ନବରଙ୍ଗପୁର ଜିଲ୍ଲାରେ ବର୍ଣ୍ଣବୋଧ ବଣ୍ଟନ - ବର୍ଣ୍ଣବୋଧ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭାଲୁଗୁଡା ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ସରକାର ଦ୍ୱାରା ମୁଦ୍ରିତ ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟ ସରକାର ପାଠ ପଢ଼ାକୁ ବହୁତ ଗୁରୁତ୍ୱ ଦେଉଛନ୍ତି, ପିଲାମାନଙ୍କ ପାଠପଢ଼ା ଆରମ୍ଭରେ ଅକ୍ଷର ଚିହ୍ନିବା, ଲେଖିବା ଏବଂ ଭାଷା ଜ୍ଞାନକୁ ବୃଦ୍ଧି କରିବାରେ ବର୍ଣ୍ଣବୋଧର ବହୁତ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଲୋକସଭା ସଦସ୍ୟଙ୍କ ଉମରକୋଟ ପ୍ରତିନିଧି ରାମକୃଷ୍ଣ ନାୟକ, ବ୍ଲକ ଅଧ୍ୟକ୍ଷ ରାଧା ଭତରା, ଉମରକୋଟ ପୌରପାଳିକା ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ଥିଲେ। ସେଭଳି ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝୀ ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଚୁଟିଆଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପୁସ୍ତକକୁ ବଣ୍ଟନ କରିଥିଲେ। ବିଧାୟକ ଝରିଗାଁ ନରସିଂହ ଭତରା ଝରିଗାଁ ବ୍ଲକ୍ ଅନ୍ତର୍ଗତ ଏକ୍ସଡିଏନ୍‌କେ ପ୍ରାଥମିକ ବିଦ୍ୟାଳୟ ଠାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପୁସ୍ତକକୁ ବଣ୍ଟନ କରିଥିଲେ। ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ନବରଙ୍ଗପୁର ସହର ସ୍ଥିତ ଆଶିଷ ଭବନ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପୁସ୍ତକକୁ ବଣ୍ଟନ କରିଥିଲେ।

# ସୁନ୍ଦରପୁର ୧୮ତମ ଶମ୍ଭୁ ମେଳଣ



ଟାଙ୍ଗୀ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ସୁନ୍ଦରପୁର ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ହୋଇଥିଲା ୧୮ତମ ଶମ୍ଭୁ ମେଳଣ କାର୍ଯ୍ୟକ୍ରମ। ଚୈତ୍ରମାସ ଉପଲକ୍ଷେ ଗାଁ-ଗାଁ'ରେ ଦେଖାଦେଇଛି ଦଣ୍ଡଯାତ୍ରା। ଏହି ଦଣ୍ଡ ଠାକୁରଙ୍କ ମହା-ମେଳଣ କାର୍ଯ୍ୟକ୍ରମ ସୁନ୍ଦରପୁର ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରପୁର ଗ୍ରାମର ଶ୍ରୀ ଶ୍ରୀ ମୁକ୍ତେଶ୍ୱର ଦେବ ଦଣ୍ଡ ଠାକୁରଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଦଣ୍ଡ ଠାକୁର (ବେଣ୍ଟ ଗ୍ରାମ), ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଦଣ୍ଡ ଠାକୁର (ଚମ୍ପାଗଡ଼ ଗ୍ରାମ), ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ଦଣ୍ଡ ଠାକୁର (ମଙ୍ଗଳାଯୋଡି ଗ୍ରାମ), ଶ୍ରୀ ଶ୍ରୀ ବାଙ୍କନିଧୀ ଦେବ ଦଣ୍ଡ ଠାକୁର (ଅରିସଲ ଗ୍ରାମ), ଶ୍ରୀ ଶ୍ରୀ ହଟକେଶ୍ୱର ଦେବ ଦଣ୍ଡ ଠାକୁର (ନାଲସିଂହ ଗ୍ରାମ), ଶ୍ରୀ ଶ୍ରୀ କୁମୁଦେଶ୍ୱର ଦେବ ଦଣ୍ଡ ଠାକୁର (ବାଦୁରାବର ଗ୍ରାମ), ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ ଦଣ୍ଡ ଠାକୁର (ବାଉଁଶମୂଳ ଗ୍ରାମ), ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ଦେବ ଦଣ୍ଡ ଠାକୁର (ରଣ୍ଡା ଗ୍ରାମ) ଏକତ୍ରିତ ହେବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଗୋଟିଏ ସ୍ଥାନରେ ଶମ୍ଭୁମାନଙ୍କର ଏହି ମହା-ମେଳଣ ଦୃଶ୍ୟ ଦେଖି ଠାକୁରଙ୍କ ଆଶୀର୍ବାଦ ନେବାପାଇଁ ହଜାର ହଜାର ଭକ୍ତ-ଶ୍ରଦ୍ଧାଳୁମାନଙ୍କର ମହାସମାଗମ ହୋଇଥିଲା। ଠାକୁରଙ୍କ ଆଶୀର୍ବାଦ ପାଇ କୋଟି ପୂର୍ଣ୍ୟ ଅର୍ଜନ ହୋଇଥିବା ଭକ୍ତମାନେ କହିଛନ୍ତି। ଆୟୋଜକ କମିଟି ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

# ଜଗନ୍ନାଥପୁର-ପାରାଚକରେ ବାସନ୍ତୀ ଦୁର୍ଗାପୂଜା



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର-ପାରାଚକ ଠାରେ ୭୨ତମ ବାର୍ଷିକ ମା'ବାସନ୍ତୀକ ଦୂର୍ଗାଦେବୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ଦେବୀଙ୍କ ଷଷ୍ଠାଦି କଳ୍ପାରମ୍ଭ, ବିଲ୍ୱାଧିବାସ,ବୋଧନ, ଦେବୀ ଆମନ୍ତ୍ରଣ ଓ ଘୃତାହୂତି କରାଯାଇଥିବା ବେଳେ ଶୁକ୍ରବାର କ୍ଷୋତ୍ତର ଶତକଳସ ଯାତ୍ରା, ଘଟନିମର୍ଜନ,ଜଳାଭିଷେକ, ନବପତ୍ରିକା ଦୋଳାରୋହଣ, ଶୋଭାଯାତ୍ରା, ନଗର ପରିକ୍ରମା, ମହାସ୍ନାନ, ସହସ୍ରଧାରା ସ୍ନାନ, ଘଟ କଳସ ଓ ନବପତ୍ରିକା ମନ୍ଦିର ପ୍ରବେଶ ପରେ ଦେବୀଙ୍କ ମହାସପ୍ତମୀ ବିହିତ ପୂଜାରମ୍ଭ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଚକ୍ଷୁଦାନ ପରେ ପ୍ରାଣ ପ୍ରତିଷ୍ଠା କରାଯାଇ ଷୋଡଶ ଉପଚାର ପୂଜା କରାଯାଇଥିଲା। ପରେ ଶ୍ରୀଚଣ୍ଡୀ ପାଠ, ଘୃତାହୂତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଶନିବାର ମହାଷ୍ଟମୀ ଜନିତ ବିହିତ ପୂଜାରମ୍ଭ, ଷୋଡଶ ଉପଚାର ପୂଜା ପରେ ଶ୍ରୀଚଣ୍ଡୀ ପାଠ, ଘୃତାହୂତି ଓ ପୁଷ୍ପାଞ୍ଜଳି ଅର୍ପଣ ପରେ ସନ୍ଧିବଳି ପ୍ରେକ୍ଷଣ ପରେ ଅଷ୍ଟୋତ୍ତର ଶତ ଦୀପ ଉତ୍ସର୍ଗ ଓ ଝୁଣାଦାନ କରାଯାଇଥିଲା। ରବିବାର ମହାନବମୀ ଜନିତ ବିହିତ ପୂଜା ପରେ ଚଣ୍ଡିପାଠ, ନବକୁମାରୀ ପୂଜା, ଅଷ୍ଟୋତ୍ତର ଶତ ଦୀପ ଉତ୍ସର୍ଗ, ଗୀତାହୂତି, ଚଣ୍ଡି ଆହୂତି,ପୂର୍ଣ୍ଣାହୂତି ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ଥିଲା। ସୋମବାର ମା' ବାସନ୍ତୀକ ବିଜୟାଦଶମୀରେ ଅପରାଜିତା ପୂଜା, ଉତ୍ତର ପୂଜନ, ସମୂହ ପୁଷ୍ପାଞ୍ଜଳି, ପୂର୍ଣ୍ଣ ଆଳତି, ବଳୟଧାରଣ, ଆଳତୀ ଓ ସିନ୍ଦୁର ଲାଗି, ସପ୍ତଦୀପ ବନ୍ଦାପନା, ଦେବୀଙ୍କ ପୁନଃ ଆଗମନ ପାଇଁ ମେଲାଣୀ, ଘଟ କଳସ ଓ ନବ ପତ୍ରିକା ବିସର୍ଜନ କରାଯାଇଥିଲା। ସେହିଭଳି ନୃତ୍ୟ ସଂଗୀତ ଆସର, ପରିବ୍ରାଜକ ପ୍ରମୋଦ କୁମାର ପୃଷ୍ଟିଙ୍କ ଦ୍ୱାରା ପ୍ରବଚନ, ମ୍ୟାଜିକସିଆନ ଜେ.ପି.କ୍ରିଷ୍ଣାଙ୍କ ଦ୍ୱାରା ମ୍ୟାଜିକ ସୋ, ବାସନ୍ତୀ ଜ୍ୟୋତି ସମ୍ମାନ ସମ୍ବର୍ଦ୍ଧନା ସଭା, ମହିଷାସୁର ପୋଡି ଓ ଅପେରା ରାଜମହଲ ପକ୍ଷରୁ ଅପେରା ପରିବେଷଣ କରାଯାଇଥିଲା।

# ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଦ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ଦାବି

ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଇନ୍ଦାଳୋ ପଂଚାୟତ ଅନ୍ତର୍ଗତ ଅଢ଼ଙ୍ଗା ରାଜସ୍ୱ ଗ୍ରାମର ୧୫, ୧୬, ଓ ୧୭ ନଂ ୱାର୍ଡ଼ର କୋମଳମତି ଶିଶୁଙ୍କୁ ପ୍ରାକ୍ ଶିକ୍ଷା ଦେବା ପାଇଁ ଅଢ଼ଙ୍ଗା - କ ଅଙ୍ଗନୱାଡ଼ି କେନ୍ଦ୍ର ରହିଅଛି। ଏହି କେନ୍ଦ୍ରଟି ଆରମ୍ଭରୁ ଅଢ଼ଙ୍ଗା ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୦୧୮ ମସିହା ଯାଏ ଚାଲିଆସୁଥିଲା । ୨୦୧୮ମସିହା ଠାରୁ ଏହି କେନ୍ଦ୍ରଟିକୁ ଖାନନଗର ମାଇନର କେନାଲ୍ କୂଳରେ ଥିବା ଏକ ଭଡ଼ା ଘରେ ଚାଲିଆସୁଅଛି। ପ୍ରଥମତଃ ଏହି ଘରର ଗୋଟିଏ ପଟେ ଖାନନଗର ମାଇନର କେନାଲ୍ ଓ ଅନ୍ୟପଟେ ଗଛଲଟା ପୂର୍ଣ୍ଣ ଜଙ୍ଗଲ ରହିଛି । ପରିବେଶ ଦୃଷ୍ଟିରୁ ଏହା କୋମଳମତି ଶିଶୁମାନଙ୍କ ପାଇଁ ଆଦୌ ନିରାପଦ ନୁହେଁ ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ସରକାରଙ୍କର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକା ଶ୍ରେଣୀ ଖୋଲା ଯାଇଛି । ସେ ଦୃଷ୍ଟିରୁ ଏହି କେନ୍ଦ୍ରଟି ପୂର୍ବପରି ଅଢ଼ଙ୍ଗା ପ୍ରାଥମିକ ବଦ୍ୟାଳୟ ଗୃହକୁ ଫେରାଇ ଆଣିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଅଢ଼ଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ଶ୍ରେଣୀଗୃହ ରହିଅଛି ଯେଉଁଥିପାଇଁ ଅନାୟସରେ ଏହି ବିଦ୍ୟାଳୟରେ ଅଙ୍ଗନୱାଡ଼ି କେନ୍ଦ୍ର ଚଳାଇ ହେବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

# ଲକ୍ଷାଧିକ ଟଙ୍କାର ନଡ଼ା ଭାଡ଼ି ପୋଡ଼ି ଭସ୍ମୀଭୂତ

ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣି ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗାଁର ଜନୈକ ବ୍ୟକ୍ତିଙ୍କର ରବିବାର ବିଳମ୍ବିତ ରାତିରେ ନଡ଼ା ଭାଡ଼ିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ନଡ଼ା ପୋଡ଼ିଯାଇ ପାଉଁଶରେ ପରିଣତ ହୋଇଯାଇଥିବା ଜଣାପଡିଛି। ନିଆଁ ଅଧିକ ପ୍ରଖର ଯୋଗୁଁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇନଥିଲା ବେଳେ କାମାକ୍ଷାନଗର ଓ ପରଜଙ୍ଗ ଅଗ୍ନିଶମ ବାହିନୀର କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ପ୍ରାପ୍ତ ସୂଚନା ମୁତାବକ ଉକ୍ତ ଗ୍ରାମର ଶ୍ରୀପତି ଦେହୁରୀଙ୍କ ପୁଅ ସୁଧାଂଶୁ ଦେହୁରୀ ଛତୁ ଚାଷ କରିବା ପାଇଁ ଲକ୍ଷାଧିକ ଟଙ୍କାର ନଡ଼ା ସଂଗ୍ରହ କରିଥିଲେ। ଗାଁ'ରେ ରାମ ନବମୀ ଉତ୍ସବ ଚାଲିଥିବା ବେଳେ କେହି ଅଜଣା ଦୂର୍ବୃତ୍ତ ଏହାର ସୁଯୋଗ ନେଇ ରାତି ଅଢେଇଟା ପରେ ନଡ଼ା ଗଦାରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ପ୍ରତ୍ୟେକ ବର୍ଷ ନଡ଼ା କ୍ରୟ କରି ଛତୁ ଚାଷ କରି ପରିବାର ଭରଣ ପୋଷଣ କରୁଥିବା ସୁଧାଂଶୁଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ଖବର ପାଇ ମୁକ୍ତାପଶି ଆର୍ ଆଇ ପହଞ୍ଚି କ୍ଷୟକ୍ଷତି ଉପରେ ଅନୁଧ୍ୟାନ କରିଥିବା ଜଣାପଡିଛି।



# ଆମ କଳାହାଣ୍ଡି







## ଜିଲ୍ଲାପାଳଙ୍କ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ 'ଓଡ଼ିଆ ପକ୍ଷ' ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ୨୪ ଏପ୍ରିଲ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆଜି ଜିଲ୍ଲାର ସମସ୍ତ ଦେବାଳୟ ଓ ଐତିହ୍ୟସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ନେତୃତ୍ୱରେ ଭବାନୀପାଟଣା ସ୍ଥିତ ମଦନମୋହନ ମନ୍ଦିର ପରିସରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡାଙ୍କ ସହ ବହୁ ଜିଲ୍ଲାସ୍ତରର ଅଧିକାରୀ, ସମାଜସେବୀ, ମନ୍ଦିର ପରିଚାଳନା କମିଟିରର ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## ସାଇ ଶ୍ରଦ୍ଧାଳୁଙ୍କ ଶୋଭାଯାତ୍ରାରେ ବାବାଙ୍କ ଚଭାଡି ଯାତ୍ରା





ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ରେଡକ୍ରସ୍ କଲ୍ୟାଣ ମଣ୍ଡପ ସମ୍ମୁଖ ଭାଗରେ ଥିବା ଶ୍ରୀ ଶିରିଡି ସାଇବାବାଙ୍କ ଓମ୍ ସାଇ ଦ୍ୱାରିକାମାୟୀ ଆଶ୍ରମ ଠାରେ ୬ ତାରିଖ ରବିବାର ଦିନ ପବିତ୍ର ରାମନବମୀ ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଶ୍ରୀ ଶିରିଡି ସାଇବାବାଙ୍କ କାକଡ ଆରତୀ ସହ ମହାସ୍ନାନ, ସକାଳପୂଜା, ଘୃତଯଜ୍ଞ, ମଧ୍ୟାହ୍ନ ଆରତୀ ଆଦି ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ପବିତ୍ର ରାମନବମୀ ଶିରିଡି ସାଇ ବାବାଙ୍କର ପ୍ରିୟ ଉତ୍ସବ ହୋଇଥିବାରୁ ଏଠାରେ ମଧ୍ୟ ରାମନବମୀ ଉପଲକ୍ଷେ ୬ ତାରିଖ ରବିବାର ସଂଧ୍ୟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ବାବାଙ୍କ ଚଭାଡି ଯାତ୍ରା ଓମ୍ ସାଇ ଆଶ୍ରମରୁ ବାହାରି ସ୍ଥାନୀୟ ଷ୍ଟେଚ୍ୟୁଛକ, ମାଣିକେଶ୍ୱରୀ ମନ୍ଦିର ଛକ, ସତ୍ୟସାଇ ମନ୍ଦିର ଛକ, ସତ୍ୟମ ସିନେମା ଓ ଗାନ୍ଧୀଛକ ହୋଇ ସହର ପରିକ୍ରମା କରି ଆଶ୍ରମକୁ ଫେରି ଆସିଥିଲେ। ଏଥି ସହିତ ଶ୍ରୀରାମଙ୍କରଥ, ରାମ ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବେଶରେ ସଜ୍ଜିତ ଛୋଟପିଲାମାନଙ୍କ ରଥ ମଧ୍ୟ ଏହି ଯାତ୍ରାରେ ସାମିଲ ହୋଇଥିଲା। ଏହି ବିଶାଳ ଧାର୍ମିକ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା ପୁରୁଷ ସାଇ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଏହି ପବିତ୍ର ଯାତ୍ରାକୁ ସହରର ଉଭୟ ପାର୍ଶ୍ୱରେ ଭକ୍ତମାନେ ଶୁଭେଚ୍ଛା ଜଣାଇବା ସହ ସାଇ କରୁଣା ଲାଭ ପାଇଁ ପ୍ରାର୍ଥନା ଜଣାଉଥିଲେ। ଅନେକ ପରିବାରଙ୍କ ପକ୍ଷରୁ ରଥକୁ ଅଟକାଇ ଆରତୀ ଓ ପ୍ରସାଦ ପ୍ରଦାନ କରାଯାଉଥିବା ବେଳେ ଅନେକ ସ୍ଥାନରେ ଶୋଭାଯାତ୍ରାକାରୀ ଭକ୍ତମାନଙ୍କୁ, ଥଣ୍ଡା ପାଣି, ସରବତ୍, କୋଲ୍ଡ ଡ୍ରିଙ୍କ୍ ଓ ଜଳଖିଆ ଆଦି ପ୍ରଦାନ କରା ଯାଇଥିଲା। ଶେଷରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଓମ୍ ସାଇ ଦ୍ୱାରିକାମାୟୀ ଆଶ୍ରମ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ସହର ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ବ୍ୟାହତ ନ ହେବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ଜୟ ଶ୍ରୀରାମ ଧ୍ୱନିରେ ଗୁଞ୍ଜରିତ ଗଗନପବନ



କୋକସରା, (ଭାସ୍କର ନ୍ୟୁଜ୍ ) : ଶ୍ରୀରାମ ନବମୀ ପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ଚାରିଆଡ଼େ ସୃଷ୍ଟି ହୋଇଛି ଆଧ୍ୟାତ୍ମିକ ପରିବେଶ। ଜୟ ଶ୍ରୀରାମ ଧ୍ୱନିରେ ଗୁଞ୍ଜରିତ ଗଗନପବନ। ଏହି କ୍ରମରେ ରବିବାର କୋକସରା ଶ୍ରୀରାମ ସେନା କ୍ଲବ୍ ପକ୍ଷରୁ ବ୍ଲକ ସଦର ମହକୁମାଠାରୁ ଶହ ଶହ ସଂଖ୍ୟକ ଶ୍ରୀରାମ ଭକ୍ତମାନେ ମଟର ସାଇକେଲ ଶୋଭାଯାତ୍ରାରେ ବାହାରି ସିର୍ଲିଗୁଡା, ଗମ୍ଭାରୀଗୁଡା, ବଙ୍ଗୋମୁଣ୍ଡା, ଟେମରା, ଖୁର୍ସେଲଗୁଡା, ଖାଲିଗଡ଼ ଆଦି ବିଭିନ୍ନ ଗାଁ ପରିକ୍ରମା କରି ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଶହ ଶହ ଲୋକଙ୍କ ଗହଣରେ ସେମାନଙ୍କୁ ସ୍ୱାଗତ କରାଯାଇଥିବାବେଳେ ଜୟ ଶ୍ରୀରାମ ଧ୍ୱନିରେ ଗୁଞ୍ଜରିତ ହୋଇ ଉଠିଥିଲା ଗଗନପବନ। ଏହି ବିଶାଳ ଶୋଭାଯାତ୍ରାରେ ଶ୍ରୀରାମ ସେନାର ସଭାପତି କ୍ଷୀରସିନ୍ଧୁ ନେଗୀ, ସମ୍ପାଦକ ମହେଶ କୁମାର ଗୁପ୍ତା, କୋଷାଧ୍ୟକ୍ଷ ଅମୂଲ୍ୟ ବିଶି, ମାନସ ବେହେରା, ଜିତାମିତ୍ର ପ୍ରଧାନୀ, କିସନ ନାଏକ, ମାନସ ପ୍ରଧାନୀ, ବିଶାଳ ପ୍ରଧାନୀ, ସୁରଜ ନାଏକ, ତିଲକୋ ପ୍ରଧାନୀ, ଅଜିତ କୁମାର ପ୍ରଧାନୀ, ପପୁ ଦଣ୍ଡସେନା, ଗୁଲଚନ ପ୍ରଧାନୀ, ଅଙ୍କିତ ପ୍ରଧାନୀ, ସୁରେନ୍ଦ୍ର ମାଝୀ, ସୋମ୍ୟ ପ୍ରଧାନୀ, ଚିତ୍ରସେନ ବେହେରା, କମଳା ଚିନ୍ଦା, ବିଜୁ ଶବର ସମେତ ଶ୍ରୀରାମ ଭକ୍ତମାନେ ସାମିଲ ହୋଇଥିଲେ।

## ଷୋହଳ ପ୍ରହର ନାମ ଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମାଁ ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରେ ୧୪ ତମ ଝାମୁଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ମା'ଙ୍କ ମନ୍ଦିର ସାମ୍ନାରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଭଜନ ସଂକୀର୍ତ୍ତନ ସହିତ ନାମ ଯଜ୍ଞ ପାଇଁ ସୋମବାର ଶୁଭଖମ୍ବ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଶକ୍ତି ମନ୍ଦିର ପରିଚାଳନା କମିଟି ସଭାପତି କୈଳାସ କୁମୁରା ସଂପାଦକ ସୁଶାନ୍ତ ମଲ୍ଲିକ, ସେବାୟତ ମହେନ୍ଦ୍ର ପ୍ରଧାନୀ, ସେଷଦେବ ରଣା, ହୃଦାନନ୍ଦ ମଲ୍ଲିକ, ମହିମା ରଣା ପ୍ରଶନ୍ନ ରଣା, ରଞ୍ଜନ ରଣା, ହରି ବାରିକ, ରାଧେଶ୍ୟାମ ପଟ୍ଟନାୟକ,ବୃହସ୍ପତି ରଣା,ମଥୁରାମ ରଣା, ଫୋଟୋ ରଣା, ତାରା ଭୋଇ, କୁନି ଭୋଇ, ଲେଭା ଭୋଇ, ନାମ ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣା, ଯଜ୍ଞ କର୍ତ୍ତା ଦାୟିତ୍ୱରେ କୈଶଲ୍ୟା ରଣା, ଜନକ ରଣା, ପୂଜକ ରୁଦ୍ରମଣି ଦାସଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଯାତ୍ରାର ବିଭାଗ ଶାନ୍ତିଶୃଙ୍ଖଳା ଏବଂ ଅନ୍ୟାନ୍ୟ ଦାୟିତ୍ୱ ନେଇଥିଲେ। ପ୍ରଥମ ଦିନ ଦେବୀଙ୍କ ନଗର ପରିକ୍ରମା ଶତରଯାତ୍ରା, ଦ୍ୱିତୀୟ ଦିବସରେ ଝାମୁଯାତ୍ରା, ତୃତୀୟ ଦିବସରେ ହନୁମାନ ଜୟନ୍ତି ଏବଂ ଚତୁର୍ଥ, ପଞ୍ଚମ ଷଷ୍ଠ ଦିବସରେ ନାମଯଜ୍ଞ ମହାସମାରୋହରେ ଉତ୍ସବ ଆସନ୍ତା ୧୦ ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଯାତ୍ରାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ମିନାବଜାରର ବ୍ୟବସ୍ଥା କରାଯାଇଥିଲା।

## ଏଟିଏମ୍ ଅଚଳ, ଗ୍ରାହକ ହନ୍ତସନ୍ତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସଦରରେ ଥିବା ଦୁଇଟି ଏଟିଏମ୍ ଦୀର୍ଘ ଦିନ ଧରି ଅଚଳ ହୋଇ ପଡିଥିବାରୁ ଲୋକେ ଟଙ୍କା ଉଠାଇ ନ ପାରି ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଛି। କିଛି ଦିନ ତଳେ ବ୍ୟାଙ୍କ ଲଗାତାର ତିନି ଦିନ ଧରି ବନ୍ଦ ହେବ। ଫଳରେ ଅନେକ ଲୋକ ହଇରାଣ ହୋଇଥିବାର ଲକ୍ଷ୍ୟ କରାଯାଇଥିଲା। ତେବେ ସୂଚନା ଥାଉ କି ଗୋଲାମୁଣ୍ଡାରେ ଏସବିଆଇ ଏବଂ ଏକ୍ସିସ ବ୍ୟାଙ୍କ ଏଟିଏମ ଥିଲେ ସୁଦ୍ଧା ଦୁଇଟି ଯାକ ଅଚଳ ହୋଇ ପଡିଛି । ଗୋଲାମୁଣ୍ଡା ସମେତ ଆଖ ପାଖ ପ୍ରାୟ କୋଡିଏ ଟି ଗାଁର ଲୋକମାନେ ଏହି ଏଟିଏମ ଉପରେ ନିର୍ଭର କରନ୍ତି । ନିତାନ୍ତ ଆବଶ୍ୟକ ସମୟରେ ଲୋକେ ଟଙ୍କା ଉଠାଇବାରୁ ବଞ୍ଚିତ ହେଉଛନ୍ତି। ତେବେ କିଛି ଦିନ ପୂର୍ବେ ଏସବିଆଇ ଏଟିଏମର ମରାମତି କାର୍ଯ୍ୟ କରୁଥିବାର ଲକ୍ଷ୍ୟ କରାଯାଉଥିବା ବେଳେ ଏକ୍ସିସ ବ୍ୟାଙ୍କ ଏଟିଏମ ବିନା କାରଣରୁ ଅଚଳ ହୋଇ ପଡିବା ଗ୍ରାହକଙ୍କ ପାଇଁ ଦୁର୍ଭାଗ୍ୟ ଜନକ ହୋଇ ପଡିଛି ।

## ଓଡିଆ ପକ୍ଷ ପାଳନ ଅବସରରେ ସଫେଇ ଅଭିଯାନ

କୋକସରା, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା ଦିବସଠାରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି କ୍ରମରେ କୋକସରା ପଞ୍ଚାୟତ ସମିତି ପକ୍ଷରୁ ଦେବାଳୟ ଓ ଐତିହାସିକ ସ୍ଥଳୀ ଗୁଡିକର ସ୍ୱଚ୍ଛତା ପାଇଁ ଅଭିଯାନ ଆରମ୍ଭ ହୋଇଛି। ରବିବାର ବ୍ଲକ ସଦର ମହକୁମା ହନୁମାନ ମନ୍ଦିର ନିକଟରୁ ଏହି ଅଭିଯାନ ଆରମ୍ଭ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବ୍ଲକ ଯୋଗାଣ ନିରୀକ୍ଷକ ଜଗରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ସେନାପତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଓ ବ୍ଲକ କର୍ମଚାରୀ ମାନେ ସାମିଲ ହୋଇ ସ୍ଥାନୀୟ ଠାକୁରାଣୀ ମନ୍ଦିର, ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର ଆଦି ଦେବାଳୟକୁ ସଫେଇ କରିଥିଲେ। ଏଥି ସହିତ ଜନସାଧାରଣଙ୍କୁ ମଧ୍ୟ ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି କରାଇଥିଲେ।




## କ୍ଷତ୍ରୀୟ ପାଇକ ସମାଜ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ପାଳିତ



କୋକସରା, (ଭାସ୍କର ନ୍ୟୁଜ୍ ) : ରାଜପୁତ କ୍ଷେତ୍ରୀୟ ପାଇକ ସମାଜ, ପଶ୍ଚିମ ମଣ୍ଡଳ ସମିତି ଭଁଇରୀଗୁଡା ପକ୍ଷରୁ କୋକସରା ବ୍ଲକ ଡହଗାଁ ପଞ୍ଚାୟତର ସର୍ଗିଗୁଡାଠାରେ ରବିବାର ସର୍ଗିଗୁଡା ଉପମଣ୍ଡଳ ସମିତି ଆନୁକୂଲ୍ୟରେ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ପ୍ରଥମେ ସର୍ଗିଗୁଡା ଗ୍ରାମ୍ୟ ପୁଝାରୀଙ୍କ ଘରୁ ମଶାଳ ଅଣାଯାଇ ନଗର ପରିକ୍ରମା କରିବା ପରେ ମଶାଳ ସ୍ଥାପନ କରାଯାଇ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଥିଲା। ଏହାପରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ରଜନୀ କାନ୍ତ ବିଶି, ପରମାନନ୍ଦ ପୁଝାରୀ, ନରୋତ୍ତମ ପୁଝାରୀ, ଶେଷଦେବ ପାତ୍ର, ନୀଳକଣ୍ଠ ପାତ୍ର, ପାରେଶ୍ୱର ପୁଝାରୀ, ଘନଶ୍ୟାମ ଗୁରୁ, ଇନ୍ଦ୍ରଜିତ ଧ.ମାଝୀ, ବ୍ରଜମୋହନ ନାଏକ, ଶୁକଦେବ ଧ.ମାଝୀ ପ୍ରମୁଖ ମଞ୍ଚାସୀନ ହୋଇ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଅନୁସରଣ କରି କାର୍ଯ୍ୟ କରିବା ପାଇଁ ବିଭିନ୍ନ ଉପଦେଶ ଦେଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା ଗୁଣନିଧି ଧ.ମାଝୀ, ମୁଖିରାମ ଦଣ୍ଡସେନା, ଅଶୋକ ଚନ୍ଦ୍ର ପ୍ରଧାନୀ, ଗୁଣନିଧି ଧମାଝୀଙ୍କ ସମେତ ୩୬ ଗୋଟି ପଲ୍ଲୀର କର୍ମକର୍ତ୍ତା ଯୋଗଦେଇଥିଲେ। ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃପାସିନ୍ଧୁ ନାଏକ ମଞ୍ଚ ସଂଯୋଜନା କରିଥିବାବେଳେ ସର୍ଗିଗୁଡା ଉପମଣ୍ଡଳ ସମିତିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଆମ୍ବେଦକର ଜୟନ୍ତୀ ପାଇଁ ଜନସଚେତନତା



ନର୍ଲା,(ଭାସ୍କର ନ୍ୟୁଜ୍ ): ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୪ତମ ଜନ୍ମଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଜୋରଦାର କରିଛି ଅଲ୍ ଓଡିଶା ସିଡ୍ୟୁଲକାଷ୍ଟ ଫେଡେରେସନ (ଏଓଏସସିଏଫ) ନର୍ଲା। ଅପ୍ରେଲ ୧୪ ଆମ୍ବେଦକର ଜୟନ୍ତୀ ଅବସରରେ ନର୍ଲା ମାଉଣ୍ଟେନ କିଡସ ସ୍କୁଲ ଠାରେ ମହାବିଦ୍ୟାଳୟ ସ୍ତରରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ନର୍ଲା ବ୍ଲକ ଅଞ୍ଚଳରେ ଥିବା ମହାବିଦ୍ୟାଳୟ +୨ ଓ +୩ ଛାତ୍ରଛାତ୍ରୀମାନେ ଭାଗ ନେଇପାରିବେ। ଏହି ପ୍ରତିଯୋଗିତାର ବିଜୟୀମାନଙ୍କୁ ଏଓଏସସିଏଫ ପକ୍ଷରୁ ନଗଦ ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଲ୍ ଓଡିଶା ସିଡ୍ୟୁଲ କାଷ୍ଟ ଫେଡେରେସନ ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପଙ୍କ ନେତୃତ୍ୱରେ ଫେଡେରେସନର କାର୍ଯ୍ୟକର୍ତ୍ତାମାନେ ଗାଁ ଗାଁକୁ ଯାଇ ଜନସଚେତନତା ସୃଷ୍ଟି କରୁଥିବା ଦେଖାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସେମାନେ ସାକ୍ଷାତ କରି ପ୍ରତିଯୋଗିତାରେ ସାମିଲ ହେବାପାଇଁ ଆମନ୍ତ୍ରଣ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ, ବିଇଓ, ଏବିଇଓ, ବିଆରସି ପ୍ରମୁଖଙ୍କ ସହ ଅନେକ ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିବା ସୂଚନା ଦେଇଛନ୍ତି ନର୍ଲା ବ୍ଲକ ଏଓଏସସିଏଫ ସଭାପତି ରଘୁନାଥ ଦୀପ।

## ଅଷ୍ଟପ୍ରହାର ନାମ ଯଜ୍ଞ ଓ ମଣ୍ଡପ ଉଦ୍‌ଘାଟିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ବ୍ଲକ ପର୍ଲା ଠାରେ ଅଷ୍ଟ ପ୍ରହାର ନାମ ଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇଛି। ଶନିବାର ଦିନ ନୂତନ ଭାବେ ନିର୍ମାଣ ହୋଇଥିବା ପୂଜା ମଣ୍ଡପର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀ, ଜିଲ୍ଲାପରିଷଦ ଜୋନ-୨ ସଭ୍ୟ ଶଙ୍କର ଜୁଏଡ଼ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ ଉତ୍ସବରେ ସାମିଲ ହୋଇଥିଲେ। ପରେ ସନ୍ଧ୍ୟା ବେଳା କଳସି ଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାର ସକାଳ ୬ଘଂଟିକାରେ ନାମ ଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ଦିନ ପୂର୍ଣ୍ଣାହୁତି ହେବା ସହ ଦହି ହାଣ୍ଡି ଭଗ୍ନ, ନନ୍ଦ ଉତ୍ସବ ପାଳନ ହୋଇଛି। ଜନସାଧାରଣଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଏହି ନାମ ଯଜ୍ଞରେ ମୋଟ ୧୨ଟି ସଂକୀର୍ତ୍ତନ ଦଳ ସାମିଲ ହୋଇ ନାମ ସଂକୀର୍ତ୍ତନ କରିଥିଲେ। ଆଧ୍ୟାତ୍ମିକ ପରିବେଶରେ ସହ ସହ ସାଧାରଣ ଭକ୍ତ ଦର୍ଶକଙ୍କ ଭିଡ଼ ଲାଗି ରହିଛି।


## ଦଶ ବର୍ଷ ଧରି ରାସନ୍ ଚାଉଳରୁ ବଞ୍ଚିତ ବୈଷ୍ଣବ ମାଝୀ

ନର୍ଲା. (ଭାସ୍କର ନ୍ୟୁଜ୍ ) : କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ମାଗଣାରେ ଚାଉଳ ଯୋଗାଇ ଦେଉଥିବା ବେଳେ ତାର ବ୍ୟତିକ୍ରମ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଗିଗିନା ପଞ୍ଚାୟତର ସିନାଙ୍ଗ ଗାଁରେ। ଦୀର୍ଘ ଦଶ ବର୍ଷ ହେଲା ରାସନ୍ ଚାଉଳରୁ ବଞ୍ଚିତ ଅଛନ୍ତି ଏହି ଗାଁର ବୈଷ୍ଣବ ମାଝୀଙ୍କ ପରିବାର। ୨୦୧୫ ପୂର୍ବରୁ ଉକ୍ତ ପରିବାର ରାସନ୍ ଚାଉଳ ପାଉଥିଲେ କିନ୍ତୁ ସର୍ଭେ ପର ଠାରୁ ତାଙ୍କୁ ଆଉ ରାସନ୍ କାର୍ଡ ମିଳିନାହିଁ। ଫଳରେ ଚାଉଳ ପାଇବାରୁ ବଞ୍ଚିତ ହେବା ସହିତ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡରୁ ମଧ୍ୟ ବଞ୍ଚିତ ଅଛନ୍ତି। କୋଭିଡ୍ ସମୟରେ ତାଙ୍କ ବାହା ହୋଇ ଥିବା ଏକ ମାତ୍ର ପୁଅର ଅକାଳ ବିୟୋଗ ପରେ ବୋହୂ ମଧ୍ୟ ବାପା ଘରକୁ ଚାଲିଯାଇଛି। ଏବେ ରୋଗିଣା ପତ୍ନୀ ଓ ଗୋଟିଏ ଅବିବାହିତ ଝିଅ ସାଥିରେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ନଜରକୁ ଆସିଛି। ଏଥିପାଇଁ ସେ ଅନେକ ଥର ବ୍ଲକ୍ ଅଫିସ୍ ସହିତ ଜିଲ୍ଲାପାଳଙ୍କ ଅଫିସର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ସେପଟେ ନର୍ଲା ବିଡ଼ିଓ ଉକ୍ତ ଘଟଣାକୁ ତଦନ୍ତ କରି ତାଙ୍କୁ ଏହି ଯୋଜନାରେ ସାମିଲ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।




## ରାଶିଫଳ


ମଙ୍ଗଳବାର, ୦୮ ଏପ୍ରିଲ୍ ୨୦୨୫



**ମେଷ-** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ।




**ବୃଷ-** ଶୀଘ୍ର କୈଣସି କାମ କରନ୍ତୁ ନାହିଁ । ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**ମିଥୁନ-** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ।



**କର୍କଟ-** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଯଦି ଆପଣ ଜିଦ୍ କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। ମୁଣ୍ଡବିନ୍ଧା ଏବଂ ଆଖିରେ ଉତ୍ତେଜନା ଦେଖାଦେଇପାରେ।



**ସିଂହ-** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। ସମୟ ପରେ ଆପଣ ମନ କଥା କହିବାର ସୁଯୋଗ ପାଇବ।




**କନ୍ୟା-** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ। ଆପଣ କିଛି ଭଲ ଖବରକୁ ଅପେକ୍ଷା କରିବେ।



**ତୁଳା-** ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ। ଆପଣ ଟଙ୍କା ଏବଂ ପାରିବାରିକ ପରିସ୍ଥିତି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେବା ଉଚିତ୍।




**ବିଛା-** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।




**ଧନୁ-** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ । ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ । ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ।




**ମକର-** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ। ଆପଣଙ୍କୁ ପରିବାର ସମ୍ବନ୍ଧୀୟ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। ବିବାହିତ ଲୋକମାନେ ସୁଖ ପାଇପାରିବେ। ପ୍ରେମ ବଢିବ।



**କୁମ୍ଭ-** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ସାମାନ୍ୟ ଥକ୍କା ମଧ୍ୟ ହୋଇପାରେ।



**ମୀନ-** ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ।




ଜ୍ୟୋତିଷ ରତ୍ନ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯